

ମେ ୧୫ରେ 'ପତି, ପତ୍ନୀ ଔର ଓ ଵୋ'

ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-295 •THURSDAY •23 APRIL 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୨୯୫ •ଗୁରୁବାର •୨୩ ଏପ୍ରିଲ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦





# ଏମ୍‌କେସିଜି ଷ୍ଟୋରରୁ ପୁଣି ଦାମୀ ଇଞ୍ଜେକ୍ସନ ଚୋରି





ବ୍ରହ୍ମପୁର,୨୨।୪(ସମିସ)

ଏମକେସିଜି ମେଡିକାଲରେ ପୁଣିଥରେ ଦାମୀ ଇଞ୍ଜେକ୍ସନ ଚୋରି ଘଟଣା ସାମ୍ନାକୁ ଆସିଛି। ମେଡ଼ିକାଲ ପରିସରରେ ଥିବା ମେଡିକାଲ ଷ୍ଟୋରରୁ ଦାମୀ ଇଞ୍ଜେକ୍ସନ ଚୋରି କରାଯାଇଛି। ପରେ ଏହାକୁ ଷ୍ଟୋର ବାହାରେ ଥିବା ଏକ ଡଷ୍ଟବିନରେ ଲୁଚାଇ ରଖାଯାଇଥିବା ଜଣାପଡ଼ିଥିଲା। ଏହି ଘଟଣା ସମ୍ନାକୁ ଆସିବା ପରେ ଚୋରି ଘଟଣାର ତଦନ୍ତ କରିବା ସହ ଏଥିରେ ସାମିଲ ଥିବା ଅସାଧୁ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମେଡ଼ିକାଲ ଷ୍ଟୋର ପକ୍ଷରୁ ପଦେକ୍ଷପ ଗ୍ରହଣ ରାଯାଇଛି। ଏମକେସିଜି ମେଡ଼ିକାଲରେ ବିଭିନ୍ନ ବିଭାଗରେ ଚିକିତ୍ସିତ ରୋଗୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ 'ନିରାମୟ' ଯୋଜନାରେ ଔଷଧ ପ୍ରଦାନ କରାଯାଉଛି। ଉକ୍ତ ଔଷଧ ଯୋଗାଣ ନିମନ୍ତେ ଓଡ଼ିଶା ରାଜ୍ୟ ମେଡିକାଲ କର୍ପୋରେସନ ଲିମିଟେଡ(ଓଏସଏମସିଲ)କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଯଦି କୌଣସି କାରଣରୁ ଓଏସଏମସିଲ ପକ୍ଷରୁ ଔଷଧ ଯୋଗାଇ ଦିଆନଯାଏ। ତେବେ ମେଡ଼ିକାଲ ପକ୍ଷରୁ ଡ଼ାକ୍ତରଙ୍କ ପରାମର୍ଶ କ୍ରମରେ ରୋଗୀଙ୍କ ଆବଶ୍ୟକ ମୁତାବକ ଔଷଧ ଲୋକାଲ ପର୍ଚେଜ କରାଯାଇ ଚିକିତ୍ସା କରାଯାଏ। ସେହିକ୍ରମେ ମଧୁମେହ ରୋଗୀଙ୍କ ଚିକିତ୍ସା ନିମନ୍ତେ ମେଡ଼ିକାଲ ଷ୍ଟୋର ପକ୍ଷରୁ ଇନସୁଲିନ୍ ଗ୍ଲାର୍ଜିନ୍ ଇଞ୍ଜେକ୍ସନ୍ ୧୦୦ ଏମଏଲ ଲୋକାଲ ପର୍ଚେଜ କରାଯାଇଛି। ଡାକ୍ତରଙ୍କ ପରାମର୍ଶ କ୍ରମରେ

**ସନ୍ଦେହ ଘେରରେ ଷ୍ଟୋର କର୍ମଚାରୀଙ୍କ ଭୂମିକା**

**ବାହାରେ ବିକ୍ରି ହେଉଛି ମେଡିକାଲର ଲୋକାଲ ପର୍ଚେଜ୍ ଔଷଧ!**

ଟାଇପ୍-୧ ମଧୁମେହରେ ପୀଡିତ ବୟସ୍କ ଓ ପିଲାମାନଙ୍କୁ ଏବଂ ଟାଇପ୍-୨ ମଧୁମେହରେ ପୀଡିତ ବୟସ୍କମାନଙ୍କୁ ଚିକିତ୍ସାରେ ବ୍ୟବହାର କରାଯାଏ। କିନ୍ତୁ ଏଭଳି କିଛି ଦାମୀ ଇଞ୍ଜେକ୍ସନ ବିଭିନ୍ନ ସମୟରେ ଷ୍ଟୋରରୁ ଗାୟବ ହୋଇଯାଇଥିବା ଅଭିଯୋଗ ହୋଇଛି। ଏମକେସିଜି ମେଡ଼ିକାଲ ଷ୍ଟୋର ପକ୍ଷରୁ ଲୋକାଲ ପର୍ଚେଜ ଇନସୁଲିନ୍ ଗ୍ଲାର୍ଜିନ୍ ଇଞ୍ଜେକ୍ସନ୍ ମୂଲ୍ୟ ୭୬୯ ଟଙ୍କା ରହିଥିବା ବେଳେ ବୁଧବାର ଷ୍ଟୋର ବାହାରେ ଥିବା ଏକ ଡଷ୍ଟବିନରେ ଲୁଚାଇ ରଖାଯାଇଥିଲା। ଖବର ପାଇ ମେଡ଼ିକାଲ ଷ୍ଟୋର ଅଫିସର ଡ଼ା. ଚିନ୍ମୟ ଦେବାଶିଷ ପଣ୍ଡା ଓ କିଛି ଫାର୍ମାସୀ ଅଫିସର ପହଞ୍ଚି ଡଷ୍ଟବିନରେ ଲୁଚାଇ ୧୫ଟି ଇନସୁଲିନ୍ ଗ୍ଲାର୍ଜିନ୍ ଇଞ୍ଜେକ୍ସନ୍‌କୁ ଜବତ କରିଥିଲେ। ମେଡ଼ିକାଲ ଷ୍ଟୋରରେ ଏହି ଦାମୀ ଇଞ୍ଜେକ୍ସନକୁ କେହି କ୍ରର୍ମଚାରୀ ଚୋରି କରି ଡଷ୍ଟବିନରେ ଲୁଚାଇ ରଖିଥିବା ସନ୍ଦେହ କରାଯାଉଛି।

ଘଟଣା ସମ୍ନାକୁ ଆସିବା ପରେ ଇନସୁଲିନ୍ ଗ୍ଲାର୍ଜିନ୍ ଇଞ୍ଜେକ୍ସନ୍ କେତେ ଲୋକାଲ ପର୍ଚେଜ କରାଯାଇଛି। ସେଥିମଧ୍ୟରୁ କେତୋଟି ଇଞ୍ଜେକ୍ସନ୍ ବିଭିନ୍ନ ୱାଡର୍‌କୁ ପ୍ରଦାନ କରାଯାଇଛି। ଏହାର ସମ୍ପୂର୍ଣ୍ଣ ବିବରଣି ଦେବାକୁ ଦାୟିତ୍ୱରେ ଥିବା ଷ୍ଟୋର ଫାର୍ମାସୀ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଉକ୍ତ ଘଟଣାର ତଦନ୍ତ କରାଯିବା ସହ ଷ୍ଟୋର ସମସ୍ତ ସିସିଟିଭି ଯାଞ୍ଚ କରାଯିବ। ଏଥିରେ ସାମିଲ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ଆବାଶ୍ୟକ ସ୍ଥଳରେ ଥାନାରେ ମାମଲା ରୁଜୁ କରାଯିବ ବୋଲି ମେଡ଼ିକାଲ ଷ୍ଟୋର ଅଫିସର ଡ଼ା. ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ସମୟରେ ମେଡ଼ିକାଲ ପକ୍ଷରୁ କ୍ରୟ କରାଯାଉଥିବା ଦାମୀ ଲୋକାଲ ପର୍ଚେଜ ଔଷଧ ଚୋରି କରାଯାଇ ପରେ ଏହାକୁ ସହରର ବିଭିନ୍ନ ଘରୋଇ ହସ୍ପିଟାଲ ଓ ଔଷଧ ଦୋକାନରେ ବିକ୍ରି ହୋଉଥିବା ଅଭିଯୋଗ ରହିଛି। ମେଡ଼ିକାଲରେ କାର୍ଯ୍ୟରତ କିଛି ଅସାଧୁ କର୍ମଚାରୀ ଏଭଳି କାର୍ଯ୍ୟରେ ଲିପ୍ତ ରହିଥିବା ନେଇ ଅଭିଯୋଗ ରହିଛି। ଏଭଳି ଘଟଣା ସମ୍ନାକୁ ଆସିବା ପରେ ମେଡ଼ିକାଲ ଷ୍ଟୋରରେ କାର୍ଯ୍ୟରତ କିଛି କର୍ମଚାରୀଙ୍କ ଭୂମିକା ଏବେ ସନ୍ଦେହ ଘେରରେ ରହିଛି।

ସୂଚନାଯୋଗ୍ୟ ଯେ, ଦେଢ଼ ବର୍ଷ ପୂବେ ମେଡ଼ିକାଲ ଷ୍ଟୋରୁ ଲକ୍ଷାଧିକ ଟଙ୍କାର ଇଞ୍ଜେକ୍ସନ ଚୋରି ହୋଇଥିଲା। ଘଟଣାକୁ ନେଇ ମେଡ଼ିକାଲ ପ୍ରଶାସନ ଓ ବୈଦ୍ୟନାଥପୁର ଥାନା ପୁଲିସ ତଦନ୍ତ କରିଥିଲା। କିନ୍ତୁ ମେଡ଼ିକାଲରେ ବାରମ୍ବାର ଏପରି ଘଟଣା ଘଟିବା ମେଡିକାଲ ପ୍ରଶାସନର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ତେଣୁ ଜିଲ୍ଲା ପ୍ରଶାସନ, ପୁଲିସ ଓ ମେଡ଼ିକାଲ ପ୍ରଶାସନ ପକ୍ଷରୁ ଏକ ମିଳିତ ଟମ ଗଠନ କରି ଏହି ଚୋରି ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ବିଭିନ୍ନ ମହଲରେ ଦାବି ଜୋରଦାର ହୋଇଛି।

## ଶିକ୍ଷକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବୁଗୁଡ଼ା,୨୨।୪(ସମିସ): ବୁଗୁଡ଼ା ଥାନା ଅନ୍ତର୍ଗତ ପଙ୍କଳସାହି ଗାଁର ବିଲମାଳରେ ଥିବା ଏକ ନିମଗଛରୁ ଜନୈକ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଉଦ୍ଧାର କରିଛି। ମୃତବ୍ୟକ୍ତି ଜଣକ ହେଲେ କରଚୁଲି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ସେଠୀ (୪୨)। ଏନେଇ ପୁଲିସ କେସ୍ ନଂ୧୨/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ସୂଚନା ମିଳିଛି। ପ୍ରକାଶଯୋଗ୍ୟ ଯେ, ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଝାଡଭୂଇଁ ଗ୍ରାମରେ ପରିବାର ସହ ରହି ରାଜେନ୍ଦ୍ର କରଚୁଲି ଗ୍ରାମସ୍ଥ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ନିଜ ଗାଁ ପଙ୍କଳସାହିକୁ ବେଳେବେଳେ ବୁଲାବୁଲି କରିବାକୁ ଆସୁଥିଲେ। ତେବେ ବୁଧବାର ସକାଳେ ରାଜେନ୍ଦ୍ରଙ୍କ ମର ଶରୀର ତାଙ୍କର ପଙ୍କଳସାହି ଘର ବାରିପଟ ବିଲମାଳସ୍ଥ ଏକ ନିମଗଛରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲା। ଜବତ ଶବକୁ ବ୍ୟବଛେଦ ପାଇଁ ପଠାଇ ଯାଇଥିବା ତଦନ୍ତ ଦାୟିତ୍ୱରେ ଏଏସଆଇ ରାଜକୁମାର ମହାପାତ୍ର ରହିଥିବା ଜଣାଯାଇଛି।

# ଜିଲ୍ଲାସ୍ତରୀୟ ସିଏମ୍ କପ୍ ଉଦ୍‌ଯାପିତ

ବ୍ରହ୍ମପୁର,୨୨।୪(ସମିସ): ସ୍ଥାନୀୟ ମହତ୍ମାଗାନ୍ଧୀ ଷ୍ଟାଡିୟମ୍‌ରେ ଚଳିତ ମାସ ୧୦ତାରିଖରୁ ଆରମ୍ଭ ହୋଇଥିବା ଜିଲ୍ଲାସ୍ତରୀୟ ସିଏମ୍ କପ ବୁଧବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଓ ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ପଣ୍ଡା ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ କବାଡିରେ ବାଳକ ବର୍ଗରେ ଛତ୍ରପୁର ଦଳ ବିଜୟୀ ହାସଲ କରିଥିବା ବେଳେ ଧରାକୋଟ ଦଳ ଉପବିଜେତା ହୋଇଛନ୍ତି। ସେହିପରି ବାଳିକା ବର୍ଗରେ ପୁରଷୋତ୍ତମପୁର ଦଳ ବିଜୟ ହୋଇଥିବା ବେଳେ ସାମନ୍ତିଆପାଲ୍ଲୀ ବାଳିକା ଦଳ ଉପ ବିଜେତା ହୋଇଛନ୍ତି। ଖୋ-ଖୋ ବାଳକ ବର୍ଗରେ ହିଞ୍ଜିଳିକାଟୁ ବିଜୟୀ ହୋଇଥିବା ବେଳେବ ସାନଖେମୁଣ୍ଡି ଉପ ବିଜେତା ହୋଇଛନ୍ତି। ବାଳିକା ବର୍ଗରେ ଗ୍ରାମ ବିକାଶ ସ୍କୁଲ ବିଜୟୀ ଓ ଚିକିଟି ଉପ ବିଜେତା ହୋଇଛନ୍ତି। ଭଲିବଲ ବାଳକ ବର୍ଗରେ ଅନଙ୍ଗପୁର



ବିଜୟୀ ଏବଂ ଓଏଭି ସିଦ୍ଧେଶ୍ୱର ଉପ ବିଜେତା ହୋଇଛନ୍ତି। ବାଳିକା ବର୍ଗରେ ଗ୍ରାମ ବିକାଶ କଙ୍କିଆ ବିଜେତା ଓ କୁକୁଡାଖଣ୍ଡି ଉପ ବିଜେତା ହୋଇଛନ୍ତି। ଫୁଟବଲ ବାଳିକାରେ ସେଣ୍ଟ ଜାଭିୟର୍ ହାଇସ୍କୁଲ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ ହୋଇଛି। ଫୁଟବଲର ଫାଇନାଲ ମ୍ୟାଚ ଡ଼ିପିଏସ୍ ସ୍କୁଲ ବାଳକ ବର୍ଗ ଓ ବାରକ ଗୋଲ୍ସ ଏଫସି ମଧ୍ୟରେ ଖେଳା ଯାଇଥିଲା। ବାରକ ଗୋଲ୍ସ ଏଫସି ୬-୦ ଗୋଲରେ ବିଜୟୀ ହୋଇଥିଲା। ଡ଼ିପିଏସ୍ ସ୍କୁଲ ଉପ ବିଜେତା ହୋଇଥିଲା। ସଫଳ ହୋଇଥିବା ଦଳକୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଇଥିଲା। ଟୁର୍ଣ୍ଣାମେଣ୍ଟରେ ଫୁଟବଲ ସମେତ ଖୋ-ଖୋ, କବାଡି ଏବଂ ଭଲିବଲ ଖେଳ ଆୟୋଜିତ ହୋଇଥିଲା। ଏଥିରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଖେଳାଳି ଯୋଗ ଦେଇଥିଲେ। ରେଫରୀ ଦାୟୀତ୍ୱରେ ବିଚିତ୍ର ଜେନା ଓ ସହଯୋଗୀ ୱାଇ. ପୂର୍ଣ୍ଣ ଚନ୍ଦ୍ର ରାଓ, ପି. ରମେଶ, ଭିନସେଣ୍ଟ ଦାସ ଏବଂ ସୁଜିତ କୁମାର ପାତ୍ର ମ୍ୟାଚ କମିସନର ଥିବା ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘ ସଦସ୍ୟ ଓ ବରିଷ୍ଠ ଖେଳାଳି ଏଲ. କେ ରାଓ, ଡି. ଅପ୍ପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି ଗନ୍ତାୟତ, ଜିଏମ. ବାବୁ, ସୀତାରାମ ବେବର୍ତ୍ତା, ପ୍ରମୋଦ ମହାରଣା ଓ ରାଜ ନାରାୟଣ ପାତ୍ର ଉପସ୍ଥିତ ଥିଲେ।

## କାଠଫାଳିଆ ମାଡ଼ରେ ସ୍ତ୍ରୀ ଗୁରୁତର, ସ୍ୱାମୀ ଗିରଫ

ବ୍ରହ୍ମପୁର,୨୨।୪(ସମିସ): ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ହାଉସିଂବୋର୍ଡ ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ କାଠ ଫାଳିଆ୍ରେ ଆକ୍ରମଣ କରିବାରୁ ସେ ଗୁରୁତର ହୋଇପଡିଛନ୍ତି। ଏନେଇ ଅଭିଯୋଗ ପରେ ପୁଲିସ ସଂପୃକ୍ତ ମହିଳାଙ୍କ ସ୍ୱାମୀ ଶଙ୍କର ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାପ୍ରକାରେ, ଅଭିଯୋଗକରୀ ମହିଳା ମୀରା ନାୟକଙ୍କ ପ୍ରଥମ ସ୍ୱାମୀ ତାଙ୍କୁ ଛାଡି ଚାଲିଯିବା ପରେ ସେ ଶଙ୍କର ସାହୁଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ମୀରାଙ୍କର ପ୍ରଥମ ସ୍ୱାମୀଙ୍କ ପକ୍ଷରୁ ଦୁଇଟି ପୁଅ



ଅଛନ୍ତି। ମୀରା ଓ ଶଙ୍କର ନିଜ ପୁଅମାନଙ୍କ ସହ ହାଉସିଂବୋର୍ଡରେ ରହୁଥିଲେ। ଶଙ୍କର ସାହୁ ପେସାରେ ଜଣେ ଡ୍ରାଇଭର ହୋଇଥିବା ପ୍ରତିଦିନ ମଦ୍ୟପାନ କରି ମୀରାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ପରିବାର ପ୍ରତିପୋଷଣ ପାଇଁ ଟଙ୍କା ପଇସା ମଧ ଦେଉନଥିଲେ। ଗତକାଲି ଅପରାହ୍ନରେ ମୀରା ତାଙ୍କ ପଡୋଶୀଙ୍କ ଘରେ ବସିଥିବା ବେଳେ ତାଙ୍କ ସ୍ୱାମୀ ଶଙ୍କର ମଦ୍ୟପାନ କରି ସେଠାରେ ପହଞ୍ଚିଥିଲେ । ସେ ମୀରାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଏକ କାଠ ଫାଳିଆରେ ତାଙ୍କ ମୁଣ୍ଡକୁ ଶକ୍ତ ଆଘାତ କରିଥିଲେ । ଆକ୍ରମଣରେ ମୀରାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହେବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲ। ବାରମ୍ବାର ସ୍ୱାମୀଙ୍କ ଦ୍ୱାରା ନିର୍ଯାତନାର ଶିକାର ହେଉଥିବା ମୀରା ଘଟଣାକୁ ନେଇ ଗୋସାଇଁନୂଆଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୧୪୪/୨୬) ରୁଜୁ କରି ତଦନ୍ତ କରିଥିଲା।

## ଚା ଦୋକାନକୁ ପିଟି ହେଲା କାର୍



ବ୍ରହ୍ମପୁର,୨୨।୪(ସମିସ): ସ୍ଥାନୀୟ କଂଗ୍ରେସ ଭବନ ନିକଟରେ ଥିବା ଏକ ଚା ଦୋକାନକୁ ପିଟି କାର୍। ଏକ କାର୍ ଦ୍ରୁତ ଗତିରେ ଆସି ଭାରସାମ୍ୟ ହରାଇ ନିକଟରେ ବନ୍ଦ ରହିଥିବା ଏକ ଚା ଦୋକାନକୁ ପିଟି ହୋଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ଏନେଇ ଟ୍ରାଫିକ ଥାନାକୁ ଖବର ଦେବା ପରେ ପୁଲିସ ଘଟଣା ସ୍ଥଳରୁ ଦୁର୍ଘଟଣା ଗ୍ରସ୍ତ କାରକୁ ଜବତ କରିଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡିଛି।

## ଯୁବକକୁ ହାଣିବା ଘଟଣା: ୩ ଗିରଫ

ବ୍ରହ୍ମପୁର,୨୨।୪(ସମିସ): ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କୁ ହତ୍ୟା ଉଦ୍ୟମ ମାମଲାରେ ନିମଖଣ୍ଡି ଥାନା ପୁଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲୋଚାପଡା ଅଞ୍ଚଳର କେ. ରାହୁଲ ପାତ୍ର(୧୯), ବୈକୁଣ୍ଠ ନଗରର ଉମେଶ ସାହୁ(୨୪) ଏବଂ ବଡବଜାର ଅଞ୍ଚଳର ସୁନୀଲ ଓରଫ ସନ୍ତୋଷ ନାୟକ(୨୬) । ସୂଚନାପ୍ରକାରେ, ୧୭ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତ ରାହୁଲ ପାତ୍ର ଏବଂ ତାର ସହଯୋଗୀମାନେ ମିଶି ଲୋଚାପଡା ବାସୁଦେବନଗରର କାର୍ତ୍ତିକେଶ୍ୱର ମେହେରଙ୍କୁ ହତ୍ୟା କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ଅଭିଯୁକ୍ତମାନେ



ଲୋଚାପଡ଼ା ମୁଖ୍ୟ ରାସ୍ତା ସ୍ଥିତ ଆଶୀର୍ବାଦ କଲ୍ୟାଣ ମଣ୍ଡପ ନିକଟରେ ଏକତ୍ରିତ ହୋଇଥିଲେ। କାର୍ତ୍ତିକେଶ୍ୱର ସେଠାରେ ପହଞ୍ଚିବା ପରେ ଅଭିଯୁକ୍ତମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଅତର୍କିତ ଆକ୍ରମଣ କରିଥିଲେ। ଏହି ସମୟରେ ଏମ. ପ୍ରେମ ନାମକ ଜଣେ ଯୁବକ ଏକ କାତି ସାହାଯ୍ୟରେ କାର୍ତ୍ତିକେଶ୍ୱରଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ସେ ଗୁରୁତର ହୋଇଥିଲେ। ଘଟଣାକୁ ନେଇ କାର୍ତ୍ତିକେଶ୍ୱରଙ୍କ ପତ୍ନୀ ସିଗ୍ମାରାଣୀ ମେହେର ନିମଖଣ୍ଡି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୧୦୭/୨୬) ରୁଜୁ କରି ତଦନ୍ତ କରିଥିଲା। ପୁଲିସ ପର୍ଯ୍ୟାୟକ୍ରମେ ଉପରୋକ୍ତ ୩ ଅଭିଯୁକ୍ତ ଗିରଫ କରିବା ସହ ଘଟଣାରେ ବ୍ୟବହୃତ ଏକ ସ୍କୁଟି ଜବତ କରିଥିଲା। ଆକ୍ରମଣରେ ସମ୍ପୃକ୍ତ ଥିବା ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ନେଇ ଥାନା ଅଧିକାରୀ କୃଷ୍ଣ ଶାହା ସୂଚନା ଦେଇଛନ୍ତି।

## ସବୁଜ ବାହିନୀ ପକ୍ଷରୁ ପୃଥିବୀ ଦିବସ



ବ୍ରହ୍ମପୁର,୨୨।୪(ସମିସ): ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ବୁଧବାର ପୃଥିବୀ ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ସଂଗଠନ ପକ୍ଷରୁ ଚିକିଟି ଅଞ୍ଚଳରେ ବିଭିନ୍ନ ପ୍ରଜାତିର ୪୦ଟି ଚାରା ରୋପଣ କରାଯାଇଥିଲା।

ଉକ୍ତ ଅଞ୍ଚଳରେ ବହୁ ପକ୍ଷୀ ବସବାସ କରୁଥିବା ବେଳେ ଏହି ଚାରାରୁ ପରବର୍ତ୍ତି ସମୟରେ ଯେଉଁ ଫଳ ଫଳିବ ତାହା ପକ୍ଷୀଙ୍କ ଖାଦ୍ୟଭାବେ ବ୍ୟବହାର ହୋଇପାରିବ। ଏହା ସହ ଜଙ୍ଗଲ ସମେତ ପଶୁପକ୍ଷୀଙ୍କ ସୁରକ୍ଷା ନେଇ ସ୍ଥାନୀୟ ଲୋକଙ୍କୁ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ସବୁଜ ବାହିନୀ ପକ୍ଷରୁ ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ସାଗର ପ୍ରସାଦ ପାତ୍ର, ଡ଼ା. ପିଏନଆର ସୁବୁଦ୍ଧି, ସଞ୍ଜୟ ସାମନ୍ତରାୟ, ଏ. ପ୍ରକାଶ, ସ୍ୱାଧୀନ କୁମାର ସାହୁ, ଅନୀଲ ଚୌଧୁରୀ, ଅଜୟ କୁମାର ସାହୁ, ସୁଜାତା ମହାରଣା, ସୁଶୀଲ କୁମାର ଓ ନବୀନ ସାହୁ ସହ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ବ୍ରହ୍ମପୁର ରେଳ ଷ୍ଟେସନର ରୂପାନ୍ତରଣ ପାଇଁ ୩୦୦ କୋଟି

## ଷ୍ଟେସନର ଆଧୁନିକୀକରଣ ସହ ୩ଟି ନୂଆ ଲାଇନ

ବ୍ରହ୍ମପୁର,୨୨।୪(ସମିସ)

ଦକ୍ଷିଣ ଓଡ଼ିଶାର ମୁଖ୍ୟ ତଥା ବ୍ରହ୍ମପୁର ରେଳ ଷ୍ଟେସନର ଆଧୁନିକୀକରଣ ପାଇଁ ରେଳ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଉକ୍ତ ଷ୍ଟେସନର ଦେଇ ପ୍ରତିଦିନ ୧୬୨ରୁ ଅଧିକ ଟ୍ରେନ୍ ଚଳାଚଳ କରୁଥିବା ବେଳେ ୨୫ହଜାରରୁ ଅଧିକ ଯାତ୍ରୀ ଯାତାୟାତ କରନ୍ତି। ଏହାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ୩୦୦ କୋଟିର ଏକ ବହୁମୁଖୀ ପୁନର୍ବିକାଶ ଯୋଜନାକୁ ଅନୁମୋଦନ କରାଯାଇଛି। ଉକ୍ତ ଟଙ୍କାରେ ଷ୍ଟେସନର କ୍ଷମତା ବୃଦ୍ଧି ଏହି ପୁନର୍ବିକାଶର ମୁଖ୍ୟ ଲକ୍ଷ୍ୟ ରଖାଯାଇଛି। ଷ୍ଟେସନରେ ୩ଟି ଅତିରିକ୍ତ ରେଳ ଲାଇନ ଏବଂ ୪ଟି ନୂଆ ପ୍ଲାଟଫର୍ମ ନିର୍ମାଣ କରାଯିବ, ଯାହାଦ୍ୱାରା ଅଧିକ ସଂଖ୍ୟକ ଟ୍ରେନ୍ ଚଳାଚଳ ସହଜ ହୋଇପାରିବ। ଏହା ସହିତ ଦ୍ୱିତୀୟ ପ୍ରବେଶ ପାଶ୍ୱର୍ରେ ଏକ ନୂତନ ଷ୍ଟେସନ ବିଲ୍ଡିଂ ଏବଂ ୟାର୍ଡର ଆଧୁନିକୀକରଣ କରାଯିବ। ସେବା ଭବନ ଏବଂ ରେଳ କ୍ୱାର୍ଟର୍ସଗୁଡ଼ିକୁ ସ୍ଥାନାନ୍ତର କରାଯାଇ ଯାତ୍ରୀମାନଙ୍କ ପାଇଁ ଅଧିକ ଖୋଲା ସ୍ଥାନର ବ୍ୟବସ୍ଥା କରାଯାଉଛି। ସେହିପରି ଯାତ୍ରୀମାନଙ୍କ ଯାତାୟାତ ପାଇଁ ଏକ ସମନ୍ୱିତ ବ୍ୟବସ୍ଥା ପ୍ରସ୍ତୁତ କରାଯାଇଛି। ଯାହା ଷ୍ଟେସନର ଉଭୟ ପାଶ୍ୱର୍ ଏବଂ ସମସ୍ତ ପ୍ଲାଟଫର୍ମକୁ ସହଜରେ ଯୋଡ଼ିବ। ପାରମ୍ପରିକ ବ୍ୟବସ୍ଥା ବଦଳରେ ଏକ ଏଲିଭେଟେଡ୍ ଷ୍ଟ୍ରକଚର ନିର୍ମାଣ କରାଯିବ। ଏହା ସହିତ ବର୍ତ୍ତମାନର ଫୁଟ୍ ଓଭର ବ୍ରିଜର ସମ୍ପ୍ରସାରଣ କରାଯାଇ ଯାତ୍ରୀମାନଙ୍କ ଗମନାଗମନକୁ ଅଧିକ ସୁଗମ କରାଯିବ। ବ୍ରହ୍ମପୁର ଷ୍ଟେସନକୁ ପୂର୍ବତଟ ରେଳପଥର ଅନ୍ୟତମ 'ସୁଗମ୍ୟ' ଷ୍ଟେସନ ଭାବେ ଗଢ଼ି ତୋଳାଯିବା ପାଇଁ ରେଳ ବିଭାଗ ପ୍ରୟାସ କରୁଛି। ଏଥିପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ଲିଫ୍ଟ ଏବଂ ଏସ୍କାଲେଟର ସ୍ଥାପନ କରାଯିବ। ଦିବ୍ୟାଙ୍ଗ ଅନୁକୂଳ ଭିତ୍ତିଭୂମି, ଟ୍ୟାକ୍ଟାଇଲ୍ ପାଥୱେ ବା ସ୍ପର୍ଶକାତର ରାସ୍ତା ଏବଂ ବାଧାମୁକ୍ତ ଯାତାୟାତର ବ୍ୟବସ୍ଥା କରାଯିବ। ସେହିପରି ପ୍ଲାଟଫର୍ମଗୁଡ଼ିକର ଚଟାଣ ଏବଂ ସେଡ୍‌ର ନବୀକରଣ ସହ ବର୍ଷା ଓ ଖରା ସମୟରେ ଯାତ୍ରୀଙ୍କ ସୁରକ୍ଷା ପାଇଁ କଭର ସେଡ୍‌ର ସମ୍ପ୍ରସାରଣ କରାଯାଉଛି। ଟ୍ରେନ୍‌ଗୁଡ଼ିକରେ ଶୀଘ୍ର ଜଳ ଯୋଗାଣ ପାଇଁ "କୁଇକ୍ ୱାଟରିଂ ସିଷ୍ଟମ' ସ୍ଥାପନ କରାଯିବ, ଯାହାଦ୍ୱାରା ବଗିଗୁଡ଼ିକରେ ଅତି ଦ୍ରୁତ ଓ ଦକ୍ଷତାର ସହ ପାଣି ଭର୍ତ୍ତି କରାଯାଇପାରିବ। ଏହା ଏକ ପ୍ରମୁଖ ପରିଚାଳନାଗତ ଉନ୍ନତି, ଯାହା ଟ୍ରେନର "ଟର୍ଣ୍ଣାଉରାଉଣ୍ଡ' ସମୟ (ଷ୍ଟେସନରେ ରହିବା ସମୟ)କୁ ହ୍ରାସ କରିବ ଏବଂ ଶୀଘ୍ର ଟ୍ରେନ୍ ଛାଡ଼ିବାରେ ସହାୟକ ହେବ ଏବଂ ଟ୍ରେନ୍ ଛାଡ଼ିବାର ସମୟ ବଞ୍ଚିପାରିବ। ସେହିପରି ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧା ପାଇଁ ଏଠାରେ ଅତ୍ୟାଧୁନିକ ବ୍ୟବସ୍ଥା ରହିବ ଯେପରିକି ସିସିଟିଭି ନିରୀକ୍ଷଣ, ପ୍ରବେଶ ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ବ୍ୟାଗେଜ୍ ସ୍କାନର, ଉନ୍ନତ ଯାତ୍ରୀ ସୂଚନା ପ୍ରଣାଳୀ ଏବଂ ସିଗନାଲିଂ ବ୍ୟବସ୍ଥା ସହିତ ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀ ଭାଷାରେ ବହୁଭାଷୀ ସୂଚନା ଫଳକର ବ୍ୟବସ୍ଥା କରାଯିବ। ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ, ଏହା ଯାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ଅନୁଭୂତି ପ୍ରଦାନ କରିବ ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଦକ୍ଷିଣ ଓଡ଼ିଶା ରେଳ ପଥର ଓ ବ୍ରହ୍ମପୁର ଷ୍ଟେସନର ବିକାଶ ନିମନ୍ତେ ବିଭିନ୍ନ ସମୟରେ ବହୁ ସଂଗଠନ ପକ୍ଷରୁ ଦାବି କରାଯାଇଥିଲା।

# ଜଳେଶ୍ୱରରେ ବିବାହ ପ୍ରମାଣପତ୍ର ଜାଲିଆତି

ବାଲେଶ୍ୱର,୨୨।୪(ରୁଚିକ ରଞ୍ଜନ ମହାପାତ୍ର)

ବାଲେଶ୍ୱର ଜିଲ୍ଲାରେ ପୁଣି ଏକ ବଡ଼ କେଳେଙ୍କାରୀ ସାମ୍ନାକୁ ଆସିଛି। ଜଳେଶ୍ୱର ବ୍ଲକ୍‌ରେ ବିବାହ ପ୍ରମାଣପତ୍ର ପ୍ରଦାନ କରାଯାଇ ଏହି ପ୍ରକ୍ରିୟା ମାଧ୍ୟମରେ ସରକାରୀ ଧନ ଲୁଟିବାକୁ ସୁଚିନ୍ତିତ ଯୋଜନା ହୋଇଛି। ବଦଳି ହୋଇ ଦାୟିତ୍ୱ ଛାଡ଼ିଦେଇଥିବା ଜଣେ ଅଧିକାରିଣୀ ମାତ୍ର ୫ ଦିନ ମଧ୍ୟରେ ୩୩୪ ଜଣଙ୍କୁ ବିବାହ ପ୍ରମାଣପତ୍ର ଜାରି କରିଥିବା ଘଟଣା ଏହି ମହାଘୋଟାଲାର ଗଭୀରତାକୁ ସ୍ପଷ୍ଟ କରୁଛି। ଏହି ଘଟଣାର ସମ୍ପୃକ୍ତ ଅଛନ୍ତି ପୂର୍ବତନ ଜଳେଶ୍ୱର ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରିଣୀ ଏବଂ ବିବାହ ପଞ୍ଜୀକରଣ ଅଧିକାରୀ ତଥା ବର୍ତ୍ତମାନର ନୀଳଗିରି ବ୍ଲକ ଏବଂ ବାହାନଗା ବ୍ଲକର ସାମାଜିକ ସୁରକ୍ଷା ଅଧିକାରିଣୀ ସାଲିମା ରାଉତ। ସରକାରୀ ନିର୍ଦ୍ଦେଶ ଅନୁଯାୟୀ ପତ୍ରସଂଖ୍ୟା ୮୧ ମୂଳେ ୧୦ ନଭେମ୍ବର ୨୦୨୫ରେ ଜଳେଶ୍ୱରରୁ ତାଙ୍କୁ ବଦଳି କରାଯାଇଥିଲା। ସେ ଜଳେଶ୍ୱର ବ୍ଲକ୍‌ରୁ ରିଲିଭ୍ ହୋଇଥିଲେ। କିନ୍ତୁ ରିଲିଭ୍ ପରେ ମଧ୍ୟ ସେ ୧୭ ଠାରୁ ୨୧ ତାରିଖ ମଧ୍ୟରେ ଓଡ଼ିଶା ଷ୍ଟେଟ ହିନ୍ଦୁ ମ୍ୟାରେଜ ରେଜିଷ୍ଟ୍ରେସନ ରୁଲ -୧୯୬୦ ମୁତାବକ ୩୩୪ଟି ବିବାହ ପଞ୍ଜୀକରଣ କରି ସାର୍ଟିଫିକେଟ ଜାରି କରିଦେଇଥିଲେ। ଏହି ପ୍ରମାଣପତ୍ର ପ୍ରଦାନ ସମୟରେ ଆବଶ୍ୟକ ଡକ୍ୟୁମେଣ୍ଟ ଭେରିଫିକେସନ ପ୍ରକ୍ରିୟା ଓ ଅନୁମୋଦନ ସବୁକିଛିକୁ ଅବହେଳା କରାଯାଇଥିଲା। ବ୍ଲକ କାର୍ଯ୍ୟାଳୟରେ ଦମ୍ପତିଙ୍କ ଡକ୍ୟୁମେଣ୍ଟ ମିଳୁନଥିବା ବେଳେ କେବଳ ରେଜିଷ୍ଟରରେ ଦସ୍ତଖତ କରାଇ ପ୍ରମାଣପତ୍ର ଜାରି କରାଯାଇଥିବା ଅଭିଯୋଗ ହୋଇଛି। ସବୁଠାରୁ ଗୁରୁତର ବିଷୟ ହେଲା ଏହି କାରବାର ସମୟରେ ବିଡିଓଙ୍କୁ ସମ୍ପୂର୍ଣ୍ଣ ଅନ୍ଧାରରେ ରଖାଯାଇଥିଲା। ଏହି






ଜାଲିଆତି କେବଳ ଜଳେଶ୍ୱରରେ ସୀମିତ ନୁହେଁ। ନିୟମ ମୁତାବକ ବିବାହ ପ୍ରମାଣପତ୍ର ପାଇବାକୁ ହେଲେ ଦମ୍ପତିଙ୍କ ମଧ୍ୟରୁ ବର କିମ୍ବା କନ୍ୟାର

**ବଦଳି ପରେ ବି ଦିଆଯାଇଛି ୩୩୪ ସାର୍ଟିଫିକେଟ୍**

**୧.୬୭ କୋଟି ଲୁଟ୍ ପାଇଁ ହୋଇଥିଲା ଚକ୍ରାନ୍ତ**

ଘର ଏହି ବ୍ଲକର ବାସିନ୍ଦା ହୋଇଥିଲେ ହିଁ ତାଙ୍କ ଆବେଦନ ପତ୍ରକୁ ଯାଞ୍ଚ କରାଯାଇ ସେହି ବ୍ଲକରୁ ବିବାହ ପ୍ରମାଣ ପତ୍ର ପ୍ରଦାନ କରାଯାଇ ପାରିବାର ନିୟମ ରହିଛି। ହେଲେ ନିୟମକୁ ଜଳାଞ୍ଜଳି ଦେଇ ଜଳେଶ୍ୱର ବ୍ଲକ୍‌ରୁ ବାଲେଶ୍ୱର ସଦର ବ୍ଲକ, ବସ୍ତା ବ୍ଲକ୍ ବାଲିଆପାଳ ବ୍ଲକ, ଭୋଗରାଇ ବ୍ଲକ ସହିତ ଅନ୍ୟ ଜିଲ୍ଲା ଓ ପଶ୍ଚିମବଙ୍ଗର ବ୍ୟକ୍ତିମାନଙ୍କୁ ମଧ୍ୟ ବେଆଇନ ଭାବେ ବିବାହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହାର ଅର୍ଥ ଏହି ଘଟଣା କେବଳ ସ୍ଥାନୀୟ ଘଟଣା ନୁହେଁ, ବରଂ ଏକ ବ୍ୟାପକ ନେଟୱର୍କ ରୂପେ କାମ କରୁଥିଲା। ଏହି ସମଗ୍ର ଘଟଣା ପଛରେ ଥିଲା ଲେବର କାର୍ଡ ହିତାଧିକାରୀଙ୍କ ନିଜର ଏବଂ ତାଙ୍କ କନ୍ୟା ବିବାହ ପାଇଁ ଯୋଜନା ମାଧ୍ୟମରେ ସରକାରୀ ଟଙ୍କା ହଡ଼ପ କରିବାର ଚକ୍ରାନ୍ତ। ଯୋଜନା ଅନୁଯାୟୀ ଲେବର କାର୍ଡ ହିତାଧିକାରୀ ନିଜେ ବିବାହ କଲେ କିମ୍ବା ତାଙ୍କ କନ୍ୟା ସନ୍ତାନଙ୍କ ବିବାହ କରାଇଲେ ପ୍ରତ୍ୟେକ ହିତାଧିକାରୀଙ୍କୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ମିଳୁଥିବା ବେଳେ ୩୩୪ ଜଣଙ୍କୁ ନକଲି ପ୍ରମାଣପତ୍ର ଦେଇ ପ୍ରାୟ ୧ କୋଟି ୬୭ ଲକ୍ଷ ଟଙ୍କା ଲୁଟିବା ପାଇଁ ଏକ ମାଷ୍ଟର ପ୍ଲାନ ତିଆରି କରାଯାଇଥିଲା। ଦଲାଲ ମାଧ୍ୟମରେ ଅନ୍ୟ ବ୍ଲକ ଓ ଜିଲ୍ଲାର ଲୋକଙ୍କୁ ଏହି ଯୋଜନାରେ ଯୋଡ଼ି ଟଙ୍କା ହାତେଇବା ପ୍ରୟାସ ସ୍ପଷ୍ଟ ହୋଇଛି। ଉଦାହାରଣ ସ୍ୱରୂପ ମୟୁରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ କଣ୍ଡରାଶୁଳ ଗ୍ରାମର ଗୋବିନ୍ଦ ପରମାଣିକ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବଡ଼ କସବା ଗାଁର ଲିପିକା ପରମାଣିକ ୧୮/୮/୨୦୨୫ ରେ ବିବାହ କରିଥିବା ଲେଖାଥିବା ବେଳେ ଜଳେଶ୍ୱର ବ୍ଲକରୁ ଅଧିକାରିଣୀ ସାଲିମା ରାଉତ ବଦଳି ପରେ ଅର୍ଥାତ ୨୦/୧୧/୨୦୨୫ ରେ ତାଙ୍କୁ ବିବାହ ପ୍ରମାଣ ପତ୍ର ରେଜିଷ୍ଟ୍ରେସନ ନମ୍ବର ୧୨୮୭/୨୦୨୫ ରେ ବିବାହ ପ୍ରମାଣ ପତ୍ର ପ୍ରଦାନ କରିଥିବା ସ୍ପଷ୍ଟ ହୋଇଛି। ଭାତ ହାଣ୍ଡିରୁ ଚାଉଳ ଚିପିବା ଭଳି ଏ ସେଥିରୁ ଗୋଟିଏ। ଶତାଧିକ ଦମ୍ପତିଙ୍କ ଘର ଜଳେଶ୍ୱର ବ୍ଲକ୍ ହୋଇନଥିବା ବେଳେ ତାଙ୍କୁ ଜଳେଶ୍ୱର ବ୍ଲକ୍‌ରୁ ବିବାହ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ମଧ୍ୟ ସ୍ପଷ୍ଟ ହୋଇଛି। ଘଟଣାକୁ ଗୁରୁତ୍ୱ ଦେଇ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ପତ୍ର ସଂଖ୍ୟା ୧୧୩ ମୂଳେ ଗତ ଜାନୁଆରୀ ୧୨ ତାରିଖରେ ଜିଲ୍ଲାପାଳଙ୍କୁ ବିସ୍ତୃତ ରିପୋର୍ଟ ଦେଇଛନ୍ତି। ଏହି ଘଟଣାରେ ତତ୍କାଳ ତଦନ୍ତ ଓ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେହିଭଳି ସମ୍ପୃକ୍ତ ଥିବା ଅଧିକାରିଣୀ ସାଲିମା ରାଉତଙ୍କୁ ପତ୍ର ସଂଖ୍ୟା ୧୦୮ ରେ ଜାନୁଆରୀ ୯ ତାରିଖରେ ଜଳେଶ୍ୱର ବ୍ଲକ୍ ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେ କୌଣସି ସ୍ପଷ୍ଟୀକରଣ ଦେଇନଥିବା ଜଣାପଡ଼ିଛି। ଏହା ସହିତ ବଦଳି ପରେ ମଧ୍ୟ ଷ୍ଟ୍ରଙ୍ଗ ରୁମ ଚାବି ଫେରାଇ ନଥିବା ଘଟଣା ପ୍ରଶାସନତନ୍ତ୍ରକ ଅବ୍ୟବସ୍ଥାକୁ ଦୁର୍ବଳ କରିଛି। ସମ୍ପୃକ୍ତ ଅଧିକାରୀ ନିଜକୁ ସ୍ୱଚ୍ଛ ଦେଖାଇବା ପାଇଁ ସମ୍ପୃକ୍ତି ନାହିଁ ଏବଂ ସେ ବିବାହ ପ୍ରମାଣପତ୍ର ବଣ୍ଟନ କରିନଥିବା କହୁଥିବା ବେଳେ ଶହ ଶହ ଲୋକଙ୍କ ନିକଟରେ ରେଜିଷ୍ଟ୍ରାର ମୁତାବକ ଅଧିକାରିଣୀ ସାଲିମା ରାଉତଙ୍କ ଦସ୍ତଖତ ଥିବା ସାର୍ଟିଫିକେଟ୍ ଲୋକଙ୍କ ନିକଟକୁ ଆସିଲା କେମିତି ବୋଲି ପ୍ରଶ୍ନ ଉଠୁଛି। ସତ୍ୟ ପଦାକୁ ଆସିବା ପରେ ଏହି ମହାଘୋଟାଲା ପରେ ବଡ଼ ପ୍ରଶ୍ନ ଉଠୁଛିଏହି ଚକ୍ରକତାରେ ଆଉ କିଏ କିଏ ଜଡ଼ିତ କେଉଁ ମହଲରୁ ମିଳୁଥିଲା ସମର୍ଥନ ସରକାରୀ ଯୋଜନାକୁ ଏପରି ଭାବରେ ଦୁର୍ବ୍ୟବହାର କରିବାର ସାହସ କିପରି ଆସିଲା। ଯଦି ତଦନ୍ତ ଗଭୀର ହୁଏ, ତେବେ ଏହି ଘଟଣା ଏକ ବଡ଼ ଘୋଟାଲାର ରୂପ ନେଇପାରେ।

## ସେମାନେ ଯାହା କୁହନ୍ତି

◆ ପୂର୍ବତନ ଅଧିକାରୀ ସାଲିମା ରାଉତ ବଦଳି ପରେ ମୋ ଅଗୋଚରରେ ୫ ଦିନ ମଧ୍ୟରେ ଭିନ୍ନଭିନ୍ନ ବ୍ଲକ୍‌ରେ ୩୩୪ ଜଣଙ୍କୁ ବିବାହ ପ୍ରମାଣପତ୍ର ପ୍ରଦାନ କରିଥିବା ଜାଣିବା ପରେ ଜିଲ୍ଲାପ୍ରଶାସନ ସହ ଶ୍ରମ ବିଭାଗର ଅଧିକାରୀଙ୍କୁ ଅବଗତ କରିଛି। ଏଥିସହ ତଦନ୍ତ କରି ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଜଣାଇଛି।

**ଗୌରାଙ୍ଗ ଚରଣ ଘୋଷ, ବିଡିଓ**

◆ ମୁଁ କେବଳ ରେଜିଷ୍ଟାର ଲେଖିଛି, ମୁଁ ବଦଳି ପରେ କୌଣସି ବି ପ୍ରମାଣପତ୍ର ଇସ୍ୟୁ କରିନାହିଁ, ଲୋକଙ୍କର କୌଣସି ଅଭିଯୋଗ ନାହିଁ, ମୋର କିଛି ଭୁଲ ନାହିଁ କି ମୁଁ ସେଭଳି କାର୍ଯ୍ୟରେ ସମ୍ପୃକ୍ତି ନାହିଁ।

**ସାଲିମା ରାଉତ, ପୂର୍ବତନ ବିବାହ ପଞ୍ଜିକରଣ ଅଧିକାରୀ**

◆ ଶ୍ରମ କାର୍ଡରେ ହିତାଧିକାରୀ ବିବାହ ସହାୟତା ପାଇଁ ଆବେଦନ ପରେ ଆମେ ବିଡିଓଙ୍କୁ ବିବାହ ସାର୍ଟିଫିକେଟ ଯାଞ୍ଚ ପାଇଁ ଦେଇଥାଉ, ଜଳେଶ୍ୱରରେ ୩୦୦ରୁ ଊର୍ଦ୍ଧ୍ୱ ବିବାହ ପ୍ରମାଣପତ୍ର ଜାଲ ହୋଇଥିବା ନେଇ ବିଡିଓଙ୍କ ନିକଟରୁ ଚିଠି ପାଇଛୁ। ସେହି ଆବେଦନକାରୀଙ୍କ ବିବାହ ସହାୟତା ଟଙ୍କା ପ୍ରଦାନକୁ ବନ୍ଦ କରି ରଖିଛୁ। ଭେରିଫିକେସନ ରିପୋର୍ଟ ବିଡିଓ ଦେବାପରେ ଆମେ ବିବାହ ସହାୟତା ପ୍ରଦାନ ନିମନ୍ତେ ପଦକ୍ଷେପ ନେବୁ।

**ସଞ୍ଜୟ କେଶରୀ ପ୍ରଧାନ, ଜିଲ୍ଲା ଶ୍ରମ ଅଧିକାରୀ, ବାଲେଶ୍ୱର**

◆ ମୁଁ ଏବାବଦରେ ଅବଗତ ନାହିଁ, ବିଡିଓଙ୍କ ସହ ଘଟଣା ବାବଦରେ ଆଲୋଚନା କରି ଯଦି ସେମିତି ହୋଇଥାଏ, ତେବେ ବିଧିବଦ୍ଧ ପଦକ୍ଷେପ ଗ୍ରହଣ କରାଯିବ

**ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲାପାଳ**

## ତୁଡ଼ିଗଡ଼ିଆ ବଜାରରେ ଜବରଦଖଲ ଉଚ୍ଛେଦ

ଖଇରା,୨୨।୪(ସମିସ): ବାଲେଶ୍ୱର ଜିଲ୍ଲା ଖଇରା ତହସିଲ ଅଧୀନ ତୁଡ଼ିଗଡ଼ିଆ ବଜାରରେ ସୋର-କୁପାରୀ ରାସ୍ତାକଡ଼ରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ରାସ୍ତା ଓ ଡ୍ରେନ୍ ସମ୍ପ୍ରସାରଣ ପାଇଁ ପୂର୍ତ୍ତ ବିଭାଗ ତରଫରୁ ରାଜସ୍ୱ ବିଭାଗକୁ ଅବଗତ କରାଯିବା ପରେ ସୋର-କୁପାରୀ ଓ ତୁଡ଼ିଗଡ଼ିଆ-ଡାଲଙ୍ଗ ରାସ୍ତା କଡ଼ରେ ଥିବା ୧୯୨ ଦୋକାନୀଙ୍କ ଉପରେ ନୋଟିସ ଜାରି କରାଯାଇଥିଲା। ବୁଧବାର ତହସିଲଦାର ଅମିତ ରଞ୍ଜନ ହୋତା, ଅତିରିକ୍ତ ତହସିଲଦାର ସଞ୍ଜୀବ କୁମାର ପାତ୍ର ଓ ଖଇରା ପୁଲିସ ଉପସ୍ଥିତିରେ ସୋର-କୁପାରୀ ରାସ୍ତା କଡ଼ରୁ ଶତାଧିକ ଦୋକାନ ଘର ଭଙ୍ଗା ଯାଇଥିଲା। ଗୁରୁବାର ତୁଡ଼ିଗଡ଼ିଆ-ଡାଲଙ୍ଗ ରାସ୍ତା କଡ଼ରେ ସରକାର ଜମିରେ ଥିବା ବାକି ଦୋକାନ ଘର ଉଚ୍ଛେଦ କରାଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି।



## ବ୍ଲକ୍ ପ୍ରଶାସନ ଅଧୀନକୁ ଫେରିଲା ମଠସାହି ସ୍କୁଲ୍ ଗୃହ

ଭଣ୍ଡାରିପୋଖରୀ,୨୨।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବୟାବନାପୁର ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରଭାନୁପୁର ଗାଁର ମଠସାହି ସ୍କୁଲ୍ ଗୃହଗୁଡ଼ିକ ଦୀର୍ଘଦିନ ହେବ ଠିକାଦାରମାନଙ୍କ କବ୍‌ଜାରେ ରହିଆସୁଥିବା ଦେଖିବାକୁ ମିଳିଥିଲା। ଏନେଇ ପ୍ରଥମେ ଗତ ମାର୍ଚ୍ଚ ମାସ ଶେଷ ସପ୍ତାହରେ ଦୈନିକ "ସକାଳ"ରେ ଖବର ପ୍ରକଶିତ ହୋଇଥିଲା। ଜିଲ୍ଲା ପ୍ରଶାସନ ଖବରକୁ ଗୁରୁତ୍ୱର ସହ ନେଇଥିବାବେଳେ ଚାନ୍ଦ୍ରଭାନୁପୁର ଗ୍ରାମର ମଠସାହି ସ୍କୁଲ୍ ଗୃହ ଜବରଦଖଲ ବିଷୟରେ ତଦନ୍ତ ପାଇଁ ବ୍ଲକ୍ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଡିଓ ଦେବଦତ ଦାଶଙ୍କ ଆଦେଶ ଅନୁଯାୟୀ ବୟାବନାପୁର ପଞ୍ଚାୟତର ପଞ୍ଚାୟତ ଅଧିକାରୀଙ୍କ ସମେତ ଦୁଇ ଜଣିଆ ଏକ ଟିମ୍ ଗଠନ କରି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଟିମ୍ ମଠସାହି ସ୍କୁଲ୍ ଘର ନିକଟରେ ପହଞ୍ଚି ସତ୍ୟାସତ୍ୟ ଜାଣିବାକୁ ପାଇଥିଲେ। ସ୍କୁଲ୍ ଗୃହଗୁଡ଼ିକ ବ୍ଲକ୍ ପ୍ରଶାସନ ଅଧୀନକୁ ଆସିଥିବା ହେତୁ ବିଡିଓ ଦେବଦତ ଦାଶଙ୍କୁ ବୁଦ୍ଧିଜୀବୀ ମହଲରେ ଧନ୍ୟବାଦ ଜଣାଇଛନ୍ତି।


'ସକାଳ' ପ୍ରଭାବ

## ବେପରୁଆ ଡମ୍ଫର ଚାଳନା; ଅଳ୍ପକେ ବର୍ତ୍ତିଲେ ସ୍କୁଟି ଚାଳକ

ରାଜଘାଟ,୨୨।୪(ସମିସ): ବସ୍ତା ଥାନା ତଥା ଅମର୍ଦାରୋଡ ଫାଣ୍ଡି ଅନ୍ତର୍ଗତ ଅମର୍ଦାରୋଡ ଶିବ ମନ୍ଦିର(ହାଟ ବଜାର) ନିକଟରେ ଆଜି ଦିନ ପ୍ରାୟ ସାଢ଼େ ଗୋଟାଏ ସମୟରେ ଜଣେ ବେପରୁଆ ଡମ୍ଫର ଚାଳକ ଏକ ସ୍କୁଟିକୁ ଧକ୍କା ଦେଇଛନ୍ତି। ମାତ୍ର ସୌଭାଗ୍ୟକୁ ସ୍କୁଟି ଆରୋହୀ ଜଣଙ୍କ ବର୍ତ୍ତି ଯାଇଛନ୍ତି। ମୟୂରଭଞ୍ଜ ଅଭିମୁଖେ ଯାଉଥିବା ଏହି ଡମ୍ଫରର ଚାଳକ ମଦ୍ୟପାନ କରି ବେପରୁଆ ଭାବେ ଗାଡ଼ି ଚଳାଉଥିବାବେଳେ ଏଭଳି ଦୁର୍ଘଟଣା ଘଟିଥିଲା ବୋଲି କିଛି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏପରିକି ସ୍କୁଟି ସହ ଧକ୍କା ହେବା ସହ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେବା ଫଳରେ ବିଦ୍ୟୁତ୍ ଖୁଣ୍ଟଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଦୁର୍ଘଟଣା ପରେ ଡମ୍ଫର ଚାଳକ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ତାକୁ ଧରି ଅଟକ ରଖିବା ସହ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଓଡି ୨୨ ଏଏ ୭୮୬୦ ନମ୍ବର ବିଶିଷ୍ଟ ଏହି ଡମ୍ଫର ମୟୂରଭଞ୍ଜ ଅଭିମୁଖେ ଯାଉଥିଲା। ଗାଡ଼ି ମାଲିକ ଆସି କ୍ଷତିପୂରଣ ନ ଦେବା ପର୍ଯ୍ୟନ୍ତ ଆମେ ଗାଡ଼ି ଛାଡ଼ିବୁ ନାହିଁ ବୋଲି ଉତ୍ତ୍ୟକ୍ତ ଲୋକେ କହିଥିଲେ। ହେଲେ ଖବର ଲେଖା ହେବା ପର୍ଯ୍ୟନ୍ତ ଘଟଣାର କୌଣସି ସମାଧାନ ହୋଇ ପାରିନଥିଲା।



## ସ୍ରଷ୍ଟା ଓ ସୃଷ୍ଟି ପକ୍ଷରୁ କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ

ବାସୁଦେବପୁର,୨୨।୪(ସମିସ): ବାସୁଦେବପୁର ସର୍ବ ପୁରାତନ ସାହିତ୍ୟ ଅନୁଷ୍ଠାନ ସ୍ରଷ୍ଟା ଓ ସୃଷ୍ଟିର ୪୯ତମ ବାର୍ଷିକ ଉତ୍ସବ ଓ ଚାରଣ କବି ବାଞ୍ଛାନିଧି ମହାନ୍ତିଙ୍କ ୧୨୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ସେଦିନ ତାଙ୍କର କେଇପଦ କବିତା ସମସ୍ତଙ୍କ ମନରେ ଜାତୀୟତାର ଉନ୍ମାଦନା ଭରିଥିଲା। ଶହଶହ ଯୁବକ ଝାସ ଦେଇଥିଲେ ସ୍ୱାଧୀନତା ସଂଗ୍ରାମରେ। ଇଂରେଜଙ୍କ ବିରୋଧରେ ସୃଷ୍ଟି କରିଥିଲେ ସ୍ୱାଧୀନ ଭାରତର ବାଞ୍ଛାନିଧି ଚକଲା। ତାଙ୍କର ସେହି କାଳଜୟୀ କବିତା କହ କହ କେଉଁ ଜାତି ପାଇଛି ମୁକତି, କରି ହାରି ହୁରି ଗୁହାରୀ..। ସ୍ରଷ୍ଟା ଓ ସୃଷ୍ଟି ପକ୍ଷରୁ ମହାନ ସ୍ୱାଧୀନତା ସଂଗ୍ରାମୀ ବାଞ୍ଛାନିଧି ମହାନ୍ତିଙ୍କ ୧୨୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ବାସୁଦେବପୁର ଏବି ହାଇସ୍କୁଲଠାରେ ଆୟୋଜିତ ସଭାରେ ଶିକ୍ଷାବିତ୍ ଦୁଃଶାସନ ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ବରେଣ୍ୟ ଅତିଥି ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ ନାୟକ, ବାସୁଦେବପୁର ପୌରାଧକ୍ଷା ନିବେଦିତା ବେହେରା, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ସ୍ରଷ୍ଟା ଓ ସୃଷ୍ଟିର ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସ୍ରଷ୍ଟା ଓ ସୃଷ୍ଟିର ଉପସଭାପତି ନାରାୟଣ ପ୍ରସାଦ ବାରିକ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦିକା ଡ. ମିରାଶ୍ରୀ ମହାନ୍ତି, ବରିଷ୍ଠ ସଦସ୍ୟ ପ୍ରହ୍ଲାଦ ବାରିକ, ନିରଞ୍ଜନ ସେଠୀ ଯୋଗଦେଇଥିଲେ। ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ।



## ଆଗକୁ ବର୍ଷା ଋତୁ; ମରାମତି ହେଉନି ନଦୀ ପଠା

ବାରିକପୁର,୨୨।୪(ସମିସ): ବର୍ଷା ଋତୁକୁ ଆଉ ମାତ୍ର ୨ମାସ ବାକି ରହିଥିବାବେଳେ ଭଣ୍ଡାରିପୋଖରୀ ବ୍ଲକ୍‌ର ଅନେକ ବିପଦସଙ୍କୁଳ ନଦୀବନ୍ଧ ଏଯାଏଁ ମରାମତି ହୋଇନାହିଁ। ତନ୍ମଧ୍ୟରୁ ଷୋଳମପୁର ପଞ୍ଚାୟତ ମଣିନାଥପୁର ନିକଟରେ ଧସିଥିବା ନଦୀ ପଠା ଅନ୍ୟତମ ଅଟେ। ସୂଚନା ମୁତାବକ, ଗତ ବର୍ଷା ଦିନେ ନୂତନ ବ୍ୟାରେଜ୍ ସଂଲଗ୍ନ ଉକ୍ତ ସ୍ଥାନରେ ପ୍ରାୟ ୨୦ ଫୁଟ୍ ନଦୀ ପଠା ଧସି ଯାଇଥିଲା। ନୂଆ କରି ନିର୍ମିତ ହୋଇଥିବା ପଥର ପ୍ୟାକିଙ୍ଗ୍ ସହିତ ଗ୍ରାଉଟିଙ୍ଗ୍ ନଦୀ ପାର୍ଶ୍ୱକୁ ଖସି ଯାଇଥିଲା। ସେତେବେଳେ ନଦୀରେ ବନ୍ୟାପାଣି ପ୍ରବାହିତ ହେଉଥିବାବେଳେ ଜଳସମ୍ପଦ ବିଭାଗ ଏହି ସଙ୍କଟାପନ୍ନ ସ୍ଥାନରେ ପଲିଥିନ ଆବରଣ କରିଥିଲା। ପରେ ଏହାର ସ୍ଥାୟୀ ମରାମତି ପାଇଁ ପ୍ରସ୍ତାବ ରହିଥିବା ମଧ୍ୟ ଏଯାଏଁ ଉକ୍ତ ସ୍ଥାନକୁ କେହି ନଜର ଦେଉନାହାନ୍ତି। ଧସିଥିବା ସ୍ଥାନଠାରୁ ମାତ୍ର ୧୦ ମିଟର ଦୂରରେ ଏକ ନୂତନ କଲ୍‌ଭର୍ଟ ନିର୍ମାଣ ହେଉଥିବାବେଳେ ନଦୀ ପଠା ମରାମତି ପାଇଁ କୌଣସି ଟେଣ୍ଡର ହୋଇନାହିଁ। ଆଗକୁ ବର୍ଷା ଦିନ ଆସୁଥିବାବେଳେ ତୁରନ୍ତ ଏହାକୁ ମରାମତି ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏନେଇ ଆଖୁଆପଦା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ମତାମତ ନେବାରୁ ଯଥାଶୀଘ୍ର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି କହିଛନ୍ତି।



# ଭଟ୍ଟପୁର ଗାଁରେ ପାନୀୟ ଜଳ ସଙ୍କଟ

ଚନ୍ଦନେଶ୍ୱର,୨୨।୪(ସମିସ)

ରାଜ୍ୟ ସରକାର ଗ୍ରାମାଞ୍ଚଳକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ବ୍ୟୟ କରୁଥିବା ସତ୍ତ୍ୱେ ଭୋଗରାଇ ବ୍ଲକ୍‌ର ସାହାବାଜିପୁର ପଞ୍ଚାୟତ ଭଟ୍ଟପୁର ଗ୍ରାମରେ ପାନୀୟ ଜଳ ସମସ୍ୟା ଦୀର୍ଘଦିନ ଧରି ଜାରି ରହିଛି। ଗ୍ରୀଷ୍ମ ପ୍ରବାହ ବଢୁଥିବା ସମୟରେ ଏହି ସମସ୍ୟା ଅଧିକ ଉତ୍କଟ ରୂପନେଇ ଗ୍ରାମବାସୀଙ୍କ ଦୈନନ୍ଦିନ ଜୀବନକୁ ଅସହ୍ୟ କରିଦେଇଛି। ମିଳିଥିବା ସୂଚନାନୁସାରେ, ଭଟ୍ଟପୁର ଗ୍ରାମର ବାରିକ ସାହି, ବେଜ ସାହି ଓ ପରିଡ଼ା ସାହି ଅଞ୍ଚଳର ୩୦ରୁ ଅଧିକ ପରିବାର କିଛି ବର୍ଷ ଧରି ପାନୀୟ ଜଳର ଭୟାବହ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଘର ପାଖରେ କୌଣସି ନଳକୂପ କିମ୍ବା ପାଇପ ଜଳ ଯୋଗାଣ ବ୍ୟବସ୍ଥା ନଥିବାରୁ ସେମାନେ ପ୍ରାୟ ୧ କିଲୋମିଟର ଦୂରରୁ ପାଣି ଆଣି ଦୈନନ୍ଦିନ ଚାହିଦା ପୂରଣ କରୁଛନ୍ତି। ଏହା ନାରୀ ଓ ବୃଦ୍ଧ ଲୋକଙ୍କ ପାଇଁ ବିଶେଷ କଷ୍ଟସାଧ୍ୟ ହୋଇପଡ଼ିଛି। ଗ୍ରାମ ପାଖରେ ଥିବା ଗମ୍ଭାରିଆ ଗ୍ରାମର ପାନୀୟ ଜଳ ପ୍ରକଳ୍ପର ପାଇପ ଭଟ୍ଟପୁର ପର୍ଯ୍ୟନ୍ତ ବିଛାଯାଇଥିଲେ ମଧ୍ୟ କେବଳ କିଛିଦିନ ପାଣି ଯୋଗାଣ ହୋଇଥିଲା। ପରେ ଅଜଣା କାରଣରୁ ଏହା ବନ୍ଦ ହୋଇଯାଇଛି। ତଥାପି ପୂର୍ବରୁ ରାସ୍ତା ମଝିରେ ପାଇପ ବିଛାଯାଇଥିବାରୁ ବର୍ତ୍ତମାନ କଂକ୍ରିଟ ରାସ୍ତା ନିର୍ମାଣ ଓ ମରାମତି କାମ ମଧ୍ୟ ବାଧାପ୍ରାପ୍ତ ହେଉଛି। ଯାହା ଅନ୍ୟାନ୍ୟ ଅସୁବିଧାକୁ ବଢ଼ାଇଦେଇଛି। ଏହି ସମସ୍ୟା ସମ୍ପର୍କରେ ଖବର ପାଇ ସ୍ଥାନୀୟ ସରପଞ୍ଚ ଅରୁଣ କୁମାର ଗିରି ଗ୍ରାମକୁ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିଥିଲେ ଏବଂ ଗ୍ରାମବାସୀଙ୍କ ଦୁଃଖକଷ୍ଟ ଶୁଣିଥିଲେ। ସେ ବିଧାୟକ ଗୌତମ ବୁଦ୍ଧ ଦାସଙ୍କୁ ଏ ନେଇ ଅବଗତ କରାଇବା ସହିତ ତୁରନ୍ତ ଏକ ନଳକୂପ ଖନନ ପାଇଁ ଦାବି ଉଠାଇଥିଲେ। ଭବିଷ୍ୟତରେ ପାଇପ ଯୋଗେ ସ୍ଥାୟୀ ପାନୀୟ ଜଳ ଯୋଗାଣ କରାଯିବ ବୋଲି ସେ ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଇଛନ୍ତି। ବିଧାୟକ ଗୌତମ ବୁଦ୍ଧ ଦାସ କହିଛନ୍ତି ଯେ, ଅଞ୍ଚଳରେ ୨୨ଟି ନଳକୂପ ସ୍ଥାପନ ପାଇଁ ପ୍ରସ୍ତାବ ଦିଆଯାଇଛି। କିନ୍ତୁ କିଛି ପୁରୁଣା ଓ ବନ୍ଦ ନଳକୂପର ମରାମତି କାମ ବିଭାଗୀୟ ଅବହେଳାରୁ ଅଟକି ରହିଛି। ବିଭିନ୍ନ ଆଳ ଦେଖାଇ କାମ ନକରିବା ନେଇ ସ୍ଥିତି ଗମ୍ଭୀର ହେଉଛି। ସେ ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଗୁରୁତ୍ୱ ସହ କାର୍ଯ୍ୟ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେବେ ବୋଲି କହିଛନ୍ତି। ଏପରି ସମୟରେ ରାଜ୍ୟରେ ତୀବ୍ର ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ପାନୀୟ ଜଳ ସମସ୍ୟା ଅଧିକ ଜଟିଳ ରୂପ ନେଇଛି। ଗ୍ରାମବାସୀ ତୁରନ୍ତ ସ୍ଥାୟୀ ବ୍ୟବସ୍ଥା ପୂର୍ବକ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ କରାଯିବାକୁ ଦାବି କରିଛନ୍ତି। ଗଦାଧର ବେଜ, ବାସନ୍ତୀ ବେଜ, ମମତା ବେଜ, ଶାନ୍ତିଲତା ବେଜ, ଜାହ୍ନବୀ ବେଜ ଓ ଅନ୍ୟ ଗ୍ରାମବାସୀ କହିଛନ୍ତି ଯେ, ସମସ୍ୟାର ସ୍ଥାୟୀ ସମାଧାନ ହେବା ପର୍ଯ୍ୟନ୍ତ ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ପାନୀୟ ଜଳ ଯୋଗାଣ କରିବା ଆବଶ୍ୟକ। ସେମାନେ ଏହାକୁ ଗୁରୁତ୍ୱ ସହ ନେଇ ତୁରନ୍ତ ପଦକ୍ଷେପ ନେବାକୁ ସରକାରଙ୍କ ନିକଟରେ ଦାବି ରଖିଛନ୍ତି।



## ପାନୀୟଜଳ ପାଇଁ ଡହଳବିକଳ ସାନଖୁଡ଼ି ଗ୍ରାମବାସୀ

ରାଜଘାଟ,୨୨।୪(ସମିସ): ବସ୍ତା ବ୍ଲକ୍ ମଥାନୀ ପଞ୍ଚାୟତ ସାନଖୁଡ଼ି ୫ ନମ୍ବର ୱାର୍ଡ ପାତ୍ର ସାହି, ଦାସ ସାହି, ସାନଖୁଡ଼ି ବଜାର ଅଞ୍ଚଳର ୧୦୦ ପରିବାରର ପ୍ରାୟ ୫ଶହ ଲୋକ ପାନୀୟଜଳ ପାଇଁ ଡହଳ ବିକଳ ହେଉଛନ୍ତି। ସାନଖୁଡ଼ି ମୁକ୍ତେଶ୍ୱର ମହାଦେବ ମନ୍ଦିରର କିଛି ଦୂରରେ ଦୀର୍ଘଦିନଧରି ବୋରିଂ କରାଯାଇଛି। ପାଇପବିଛା ସରିଛି, ହେଲେ ମୋଟର ଲାଗି ନଥିବାରୁ ପାଣି ଯୋଗାଣ ହୋଇପାରିନାହିଁ। କାମକୁ ଅଧାରେ ଛାଡ଼ି ଠିକାଦାର ଛୁ' ମାରିଥିବାବେଳେ ଟ୍ୟୁବୱେଲ ଅଚଳ ହୋଇପଡ଼ିଛି। ଯାହାଫଳରେ ଗାଁର ମହିଳା ପୁରୁଷ ଗରା ବାଲଟି ଧରି ଜନୈକ ବ୍ୟକ୍ତିଙ୍କ ସେଲୋରୁ ପାଣି ଆଣି ପାନୀୟଜଳ ଆବଶ୍ୟକତା ମେଣ୍ଟାଉଛନ୍ତି। ଏହି ସମସ୍ୟା ପାଇଁ ମଥାନୀ ସରପଞ୍ଚ ମମତାରାଣୀ ସିଟଙ୍କୁ ଅବଗତ କରାଇବା ସହିତ ତାଙ୍କ ପ୍ରତିନିଧି ଅଜୟଧଳଙ୍କୁ ବାରମ୍ବାର କହୁଥିଲେ ମଧ୍ୟ କୌଣସି ସମାଧାନ ନ ହେବାରୁ ବସ୍ତା ବିଡିଓଙ୍କୁ ଅବଗତ କରାଯାଇଛି। ଗାଁ ସାହିରେ ଥିବା ଲୋକେ ଜାଣି ନଜାଣିଲା ପରି ନିରବ ରହୁଛନ୍ତି। ସବୁଠି ନିରାଶ ହୋଇ ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କୁ ସାନଖୁଡ଼ି ଗ୍ରାମର ମହିଳା ପୁରୁଷ ଅଭିଯୋଗ କରିବା ପରେ ୧୫ଦିନ ମଧ୍ୟରେ ପିଇବାପାଣି ଘରକୁ ଘର ଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ୨୦ଦିନ ବିତି ଯାଇଥିଲେ ମଧ୍ୟ ପାଣି ବାହାରିବା ତ ଦୂରର କଥା ଲୋକେ ପାଣି ମୁନ୍ଦାଏ ପାଇଁ ଡହଳବିକଳ ହେଉଛନ୍ତି। ଏ ନେଇ ଗାଁରେ ତୀବ୍ର ଉତ୍ତେଜନା ଦେଖିବାକୁ ମିଳିଛି। ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ଶୁଭେନ୍ଦୁ ଦାସ, ନରେନ୍ଦ୍ର ପାତ୍ର, ପଦ୍ମଲୋଚନ ପାତ୍ର, ମୁକ୍ତେଶ୍ୱର କ୍ଲବ୍‌ର ସଭାପତି ଶମ୍ଭୁନାଥ ଦାସ, ଅଞ୍ଜନ ଦେ, ଲକ୍ଷ୍ମଣ ପାତ୍ର, ଜୀବନ ପାତ୍ର ଦାବି କରିଛନ୍ତି। ବସ୍ତା ବିଡିଓ ଅଫିସ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।



## ସୁନାବେଶରେ ଝଟକିବେ ଶ୍ରୀବଳଦେବଜୀଉ

### ● ଦାନ ପାଇଁ କ୍ୟୁଆର୍ କୋଡ୍ ଲୋକାର୍ପିତ

କେନ୍ଦ୍ରାପଡ଼ା,୨୨।୪(ସମିସ): ତୁଳସୀକ୍ଷେତ୍ରର ଆରାଧ୍ୟ ବଳଦେବଜୀଉ ଓ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସୁନାବେଶରେ ଦେଖିବାକୁ ବୃହତ୍ ପରିକଳ୍ପନା ଆରମ୍ଭ ହୋଇଛି। ଏହି ମହାନ



ଉଦ୍ୟମ ପାଇଁ ପ୍ରାୟ ୨୦୦ କୋଟି ଟଙ୍କା ଖର୍ଚ୍ଚ ଅନୁମାନ କରାଯାଇଛି। ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲାପାଳ ରଘୁରାମ ଆର୍ ଆୟରଙ୍କ ଉପସ୍ଥିତିରେ ଦାନ ସଂଗ୍ରହ ପାଇଁ କ୍ୟୁଆର୍ କୋଡ୍ ଲୋକାର୍ପଣ କରାଯାଇଛି। ଏହା ମାଧ୍ୟମରେ ଭକ୍ତମାନେ ସିଧାସଳଖ ଦାନ ଦେଇପାରିବେ। ଲୋକାର୍ପଣ ପରେ କେବଳ ୨୪ ଘଣ୍ଟାରେ ୧ ଲକ୍ଷ ୭୬ ହଜାର ୯୮୩ ଟଙ୍କା ସଂଗ୍ରହ ହୋଇଥିବା ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ ଭକ୍ତମାନଙ୍କୁ କେବଳ ଅଧିକୃତ ମାଧ୍ୟମକ୍ୟୁଆର୍ କୋଡ୍ କିମ୍ବା ମନ୍ଦିର ଦେବୋତ୍ତର ସଂସ୍ଥା ମାଧ୍ୟମରେ ଦାନ କରିବାକୁ ଅନୁରୋଧ କରାଯାଇଛି। ବ୍ୟକ୍ତିଗତ ଭାବେ କାହାକୁ ଦାନ ନଦେବାକୁ ମଧ୍ୟ ସଚେତନ କରାଯାଇଛି। ମନ୍ଦିର ଦେବୋତ୍ତର ସଂସ୍ଥା ଓ ପରିକଳ୍ପନା କମିଟି ପକ୍ଷରୁ କୁହାଯାଇଛି ଯେ, ଦୀର୍ଘଦିନର ଆଶାକୁ ସାକାର କରିବାକୁ ଏହି ସୁନାବେଶ ଉଦ୍ୟମ ଆରମ୍ଭ ହୋଇଛି। ଶ୍ରୀକ୍ଷେତ୍ର ପୁରୀରେ ଯେପରି ସୁନାବେଶ ହୁଏ, ସେହିପରି ଏଠାରେ ମଧ୍ୟ ଭବ୍ୟ ଭାବରେ ପାଳନ କରିବା ଲକ୍ଷ୍ୟ ରହିଛି।

## ଅଦିନିଆ ରଥଯାତ୍ରାକୁ ନେଇ ବଳଦେବ ସେନାର ପ୍ରତିବାଦ

କେନ୍ଦ୍ରାପଡ଼ା,୨୨।୪(ସମିସ): ଅଦିନିଆ ରଥଯାତ୍ରା ଆୟୋଜନକୁ ନେଇ ବଳଦେବ ସେନା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଜି ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ରଥଦାଣ୍ଡ ପ୍ରାଙ୍ଗଣରେ ସେନାର କର୍ମକର୍ତ୍ତା ଓ ସକ୍ରିୟ ସଦସ୍ୟମାନେ ଏକତ୍ରିତ ହୋଇ ଏହି ବିଷୟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସମାବେଶରେ ସଭ୍ୟମାନେ କହିଥିଲେ ଯେ, ପାରମ୍ପରିକ ସମୟ ସୀମାକୁ ଅଣଦେଖା କରି ବିଭିନ୍ନ ସ୍ଥାନରେ ଅସମୟରେ ରଥଯାତ୍ରା କରାଯାଉଛି। ସେନା ପକ୍ଷରୁ ଏପରି କାର୍ଯ୍ୟକ୍ରମକୁ ବିରୋଧ କରାଯାଇଥିଲା ଏବଂ ତୁରନ୍ତ ବନ୍ଦ କରିବାକୁ ଦାବି କରାଯାଇଛି। ବଳଦେବ ସେନା ଚେତାବନୀ ଦେଇଛି ଯେ, ଯଦି ଏପରି କାର୍ଯ୍ୟକଳାପରୁ ପଛକୁ ନିବୃତ ନହେବେ ତେବେ ସେମାନେ ଆଗାମୀଦିନରେ ରାଜପଥକୁ ଓହ୍ଲାଇ ବ୍ୟାପକ ଆନ୍ଦୋଳନ କରିବେ। ଏହି ବିକ୍ଷୋଭରେ ସଂଗଠନର ସଭାପତି ପାପୁନ କୁମାର ସ୍ୱାଇଁ, ସମ୍ପାଦକ ଅମର କୁମାର ବାରିକ, ଉପଦେଷ୍ଟା ନିରଞ୍ଜନ ମେକାପ ଓ ଜ୍ୟୋତିରଞ୍ଜନ ପତ୍ରୀ ସହିତ ଅନେକ ସଦସ୍ୟ ଯୋଗଦେଇଥିଲେ।

### ● ଗ୍ରୀଷ୍ମ ପ୍ରବାହ ପ୍ରକୋପ

## ଜିଲ୍ଲାରେ ୨୩ରୁ ୨୫ ଶିକ୍ଷାନୁଷ୍ଠାନ ବନ୍ଦ

କେନ୍ଦ୍ରାପଡା,୨୨।୪(ସମିସ): ଜିଲ୍ଲାରେ ବ୍ୟାପକ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ୨୩ରୁ ୨୫ ଏପ୍ରିଲ୍ ୨୦୨୬ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ, ସହାୟତାପ୍ରାପ୍ତ ଓ ଆବାସିକ ବିଦ୍ୟାଳୟ ବନ୍ଦ ରଖିବାକୁ ଆଦେଶ ଜାରି କରିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜାରି ହୋଇଥିବା ଏହି ଆଦେଶ ଅନୁସାରେ, ପ୍ରାଥମିକ ଠାରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକସ୍ତର ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟ ସହିତ ଏସ୍‌ଟି/ଏସ୍‌ସି ବିକାଶ ବିଭାଗ, ସମାଜ କଲ୍ୟାଣ ବିଭାଗ ଓ ମିଶନ୍ ଶକ୍ତି ଅଧୀନରେ ଚାଲୁଥିବା ଆଶ୍ରମ ଶିକ୍ଷାନୁଷ୍ଠାନ ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ମଧ୍ୟ ବନ୍ଦ ରହିବ। ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ବିଦ୍ୟାଳୟ ବନ୍ଦ ରହିଥିଲେ ମଧ୍ୟ ଭିତରୁ ପରୀକ୍ଷା ସୂଚୀ ପରିବର୍ତ୍ତନ, ପ୍ରଶାସନିକ କାର୍ଯ୍ୟ, ଭର୍ତ୍ତି ପ୍ରକ୍ରିୟା ଓ ଅନ୍ୟାନ୍ୟ ଆବଶ୍ୟକ କାମ ସଂପାଦନ କରାଯିବ। ଶିକ୍ଷକ ଓ କର୍ମଚାରୀମାନେ ପୂର୍ବବତ୍ ନିର୍ଦ୍ଦେଶ ଅନୁସାରେ ଦାୟିତ୍ୱ ପାଳନ କରିବେ। ସେହିପରି, ପରୀକ୍ଷା ସମ୍ବନ୍ଧୀୟ କାର୍ଯ୍ୟକଳାପକୁ କୌଣସି ପ୍ରକାରର ବାଧା ବିନା ସମ୍ପନ୍ନ କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ● ମହାକାଳପଡ଼ାରେ ବନ ବିଭାଗ ନିଷ୍କ୍ରିୟ

## ରାମନଗରେ ମାତିଛନ୍ତି କାଜୁ କାଠ ମାଫିଆ

ମହାକାଳପଡ଼ା,୨୨।୪(ସମିସ): ମହାକାଳପଡା ବ୍ଲକ ଅନ୍ତର୍ଗତ ରାମନଗର ଅଞ୍ଚଳରେ କାଜୁ କାଠ ଚୋରାଚାଲାଣ ଦିନକୁ ଦିନ ବେପରୁଆ ଭାବରେ ବଢ଼ିଚାଲିଥିବା ଘଟଣା ସମ୍ମୁଖକୁ ଆସିଛି। ଅଭିଯୋଗ ଅନୁଯାୟୀ, ପ୍ରତିଦିନ ରାତିରେ ଟ୍ରାକ୍ଟର ଟ୍ରାକ୍ଟର କାଜୁ



କାଠ ଚୋରାଭାବେ ବାହାରକୁ ପଠାଯାଉଛି।ବିଶେଷ କଥା ହେଲା, ଏତେ ବଡ଼ ପରିମାଣର ଅବୈଧ କାର୍ଯ୍ୟକଳାପ ସତ୍ତ୍ୱେ ବନଖଣ୍ଡ ବିଭାଗ ପକ୍ଷରୁ କୌଣସି କଡ଼ା କିମ୍ବା ପ୍ରଭାବଶାଳୀ ପଦକ୍ଷେପ ନେଉଥିବା ଦେଖିବାକୁ ମିଳୁନାହିଁ। ବନଖଣ୍ଡ ଅଧିକାରୀଙ୍କ ନିଷ୍କ୍ରିୟତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ଧରି ଏହି ଚୋରାଚାଲାଣ ଚାଲିଆସୁଥିବା ସତ୍ତ୍ୱେ ପ୍ରଶାସନ ଏହା ପ୍ରତି ଆଖି ବନ୍ଦ କରି ଦେଇଛି। ଏହାର ପରିଣାମରେ ଜଙ୍ଗଲ ସମ୍ପଦ ଦ୍ରୁତ ଗତିରେ ନଷ୍ଟ ହେଉଥିବା ସହ ପରିବେଶ ଉପରେ ଗୁରୁତର ପ୍ରଭାବ ପଡୁଛି।ଏପରି ପରିସ୍ଥିତିରେ ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟନୁଷ୍ଠାନ ଗ୍ରହଣ ପାଇଁ ସାଧାରଣ ଲୋକମାନେ ଜୋରଦାର ଦାବି କରିଛନ୍ତି।

### ରାଜନଗର ପଞ୍ଚାୟତ ସମିତି ବୈଠକ

# ନିମ୍ନମାନର ଛତୁଆ ଓ ଶିକ୍ଷକ ଅଭାବକୁ ନେଇ ସରଗରମ ଆଲୋଚନା

ରାଜନଗର,୨୨।୪(ସମିସ)



ରାଜନଗର ପଞ୍ଚାୟତ ସମିତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗ ଦେଇ ରାଜନଗର ବ୍ଲକରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟଜଳ ସ୍ଥିତି ସମ୍ପର୍କରେ କହିଥିଲେ। ସମସ୍ତଙ୍କ ସହଯୋଗରେ ରାଜନଗରର ବିକାଶ ପାଇଁ ମତ ରଖିଥିଲେ। ରାଜନଗର ବ୍ଲକର କୋମଳମତି ଶିଶୁ ଓ ଗର୍ଭବତୀ, ପ୍ରସୂତି ମହିଳାମାନଙ୍କୁ ନିମ୍ନମାନର ଛତୁଆ ଓ କମ ଓଜନର ଖାଦ୍ୟ ଦିଆଯାଉଥିବା ନେଇ ଅଧକ୍ଷ୍ୟା ଓ ଡେରା ସରପଞ୍ଚ ନିରଞ୍ଜନ ରାଉତ ଅଭିଯୋଗ କରିଥିଲେ। ବାହାର ବ୍ଲକର ଏସ୍‌ଏଚ୍‌ଜି ଗୋଷ୍ଠୀ ଖାଦ୍ୟ ବଣ୍ଟନ କରୁଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି। ରାଜନଗର ବ୍ଲକ ସ୍ୱୟଂ ସହାୟକ ଗୋଷ୍ଠୀକୁ ଅଙ୍ଗନବାଡି ଶିଶୁ ଓ ପ୍ରସୂତି, ଗର୍ଭବତୀ ମହିଳାଙ୍କୁ ଖାଦ୍ୟ ପ୍ରସ୍ତୁତି ଓ ବଣ୍ଟନ ଦାୟିତ୍ୱ ଦେବାକୁ ଜିଲ୍ଲାପାଳଙ୍କୁ ଚିଠି କରିବାକୁ ବୈଠକ ନିଷ୍ପତି ନିଆଯାଇଛି। ରାଜନଗର ବ୍ଲକର ପ୍ରାଥମିକ ବିଦ୍ୟାଳୟରେ ୭୬୧ ଶିକ୍ଷକ ରହିବା କଥା। ମାତ୍ର ୪୩୨ ଶିକ୍ଷକ ଅଛନ୍ତି। ରାଜନଗର ବ୍ଲକରେ ୩୨୯ ଶିକ୍ଷକ ପଦବୀ ଖାଲି ପଡିଛି। ଶିକ୍ଷକ ପଦବୀ ପୂରଣ ପାଇଁ ସମିତି ସଭ୍ୟ ମଧୁସୂଦନ ପ୍ରଧାନ, ଆର୍ତ୍ତବନ୍ଧୁ ମହାନ୍ତି, ସରପଞ୍ଚ ଅଶୋକ କୁମାର ମହାନ୍ତି, ନିରଞ୍ଜନ ରାଉତ ଶିକ୍ଷକ ଅଭାବ ପାଇଁ କିପରି ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି କହିଥିଲେ। ଖରାଦିନ ଆରମ୍ଭ ହେବା ପରେ କିପରି ପାନୀୟ ଜଳ ସଙ୍କଟ ଦେଖାଦେଇଛି ସେ ନେଇ ସରପଞ୍ଚ ଦିଲ୍ଲୀପ କୁମାର ରାଉତ, ସମିତି ସଭ୍ୟ ତପନ କୁମାର ସାହୁ, ମଧୁସୂଦନ ପ୍ରଧାନ, ମିନତୀ ସାହୁ କହିବା ସହ ଶୀଘ୍ର ନଳକୂପ ବସାଇବାକୁ ଦାବି ରଖିଥିଲେ। ବୈଠକରେ ପାନୀୟଜଳ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରବୋଧ କୁମାର ନାୟକ ରାଜନଗାର ବ୍ଲକରେ ଲୁଣା ପଡ଼ିଥିବା ଓ ଆବଶ୍ୟକତା ଥିବା ସ୍ଥାନରେ ନଳକୂପ ବସାଇବାକୁ ୨୫୫ଟି ନଳକୂପର ଆବଶ୍ୟକତା ଥିଲା। ମାତ୍ର ୧୦୯ ଟି ନଳକୂପ ପାଇଁ ମଞ୍ଜୁର ମିଳିଛି, ତାହା ବସାଯାଇଛି। ଅବଶିଷ୍ଟ ନଳକୂପ ପାଇଁ ମଞ୍ଜୁରୀ ମିଳିଲେ ଖୋଳାଯିବ ବୋଲି କହିଥିଲେ। ବୈଠକରେ ସାଂସଦଙ୍କ ପ୍ରତିନିଧି ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ମହାନ୍ତି, ଉପଧାକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲ୍ଲା ପରିଷଦ ସଭ୍ୟା୍‌ଟ ଖୁକୁମୀନା କୁଅଁର, ସୁରେନ୍ଦ୍ର ପ୍ରସାଦ ରାଉତ, ବିଡିଓ ଅଶୋକ କୁମାର ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ସାରଦା ପ୍ରସନ୍ନ ନାୟକ, ଜିପିଓ ମନୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଗଣ୍ଡୋଗୋଳର ଆଶଙ୍କା କରି ପୁଲିସ ଛାଉଣି କରାଯାଇଥିଲା। ପଞ୍ଚାୟତ ସମିତି କ୍ୟାମ୍ପସକୁ ବାହାର ଲୋକଙ୍କୁ ଛଡ଼ାଯାଇନଥିଲା।

## ବ୍ରହ୍ମ ତାଳଧ୍ୱଜ ପାଇଁ ପହଞ୍ଚିଲା କାଠ

କେନ୍ଦ୍ରାପଡ଼ା,୨୨।୪(ସମିସ): ଆଗାମୀ ରଥଯାତ୍ରାକୁ ନଜରରେ ରଖି ସର୍ବବୃହତ ରଥ ଭାବେ ପରିଚିତ ନୂତନ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ରଥ ନିର୍ମାଣ ପାଇଁ ୧ କୋଟି ଟଙ୍କା ଅନୁଦାନ ଘୋଷଣା ପରେ ଜିଲ୍ଲା ପ୍ରଶାସନ ଓ ମନ୍ଦିର ଦେବୋତ୍ତର ବିଭାଗ ମିଳିତ ଭାବେ କାମ ଆଗେଇ ନେଉଛନ୍ତି। ଆଜି ବଳଦେବଜୀଉ ଯାତ୍ରୀ ନିବାସରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇ ମନ୍ଦିର ପରିଚାଳନା କମିଟି ସଭାପତି ଓ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା କହିଥିଲେ ଯେ, ନୂତନ ରଥ ନିର୍ମାଣ ପାଇଁ ଆବଶ୍ୟକ ଶାଳ କାଠ ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇସାରିଛି। ମହାରଣା ସେବାୟତମାନଙ୍କ ପକ୍ଷରୁ ପ୍ରାୟ ୩୫୦୦ ସିଫ୍ଟ ଶାଳକାଠ ଆବଶ୍ୟକତା ଉଠାଇ ଧରାଯାଇଥିବାବେଳେ, ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୧୫୦୦ ସିଫ୍ଟ କାଠ ସଂଗ୍ରହ କରାଯାଇଛି। ଯାଜପୁର ବନବିଭାଗ ଅଧୀନ ସୁକିନ୍ଦା ଓ ଟମକା ଜଙ୍ଗଲରୁ ମୁଖ୍ୟତଃ



ଏହି କାଠ ଆଣାଯାଇଛି। ସେ ଆହୁରି କହିଥିଲେ ଯେ, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ରଥ ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ପାଇଁ ମହାରଣା ସେବାୟତଙ୍କ ସହ ନିୟମିତ ସମନ୍ୱୟ ରଖାଯାଉଛି। ଆବଶ୍ୟକ ହେଲେ ମହାରଣାଙ୍କ ସଂଖ୍ୟା ବଢ଼ାଇ ଦିଆଯିବା ସହିତ ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ।

ଅନ୍ୟପଟେ, ବ୍ରହ୍ମ ତାଳଧ୍ୱଜ ରଥର ମୁଖ୍ୟ ମହାରଣା ରଘୁନାଥ ମହାରଣା କହିଥିଲେ ଯେ, ରଥ ନିର୍ମାଣରେ ଶାଳ କାଠର ବ୍ୟାପକ ପ୍ରୟୋଗ ହେବାରୁ କାଠ ସଂଗ୍ରହ କାର୍ଯ୍ୟକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ପିଛିଲା ସପ୍ତାହ ଧରି ସୁକିନ୍ଦା ଓ ଟମକା ଜଙ୍ଗଲରୁ କାଠ କାଟି ଦୁଇଟି ଟ୍ରଲର ମାଧ୍ୟମରେ ଗତକାଲି ପ୍ରଭାତରେ କେନ୍ଦ୍ରାପଡ଼ାକୁ ଅଣାଯାଇଛି। ସେ ଆହୁରି କହିଥିଲେ ଯେ, ନିର୍ଦ୍ଧାରିତ ସମୟରେ ରଥ ନିର୍ମାଣ ଶେଷ କରିବା ପାଇଁ ଅଧିକ ସଂଖ୍ୟକ ମହାରଣା ଓ ପ୍ରାୟ ୨୭୦୦ରୁ ୨୮୦୦ ସିଫ୍ଟ ଅଧିକ ଶାଳ କାଠ ଆବଶ୍ୟକ ହେବ। ରଥଯାତ୍ରା ପୂର୍ବରୁ ନୂତନ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ପ୍ରଶାସନ ଓ ସେବାୟତମାନେ ପ୍ରୟାସରତ ଥିବା ବେଳେ, ଏହାକୁ ନେଇ ଅଞ୍ଚଳରେ ଆସ୍ଥା ଓ ଉତ୍ସାହ ଦେଖାଦେଇଛି।

## ପାଞ୍ଚ ଘଣ୍ଟା ମଧ୍ୟରେ ଆରପାରିକୁ ଚାଲିଗଲେ ସ୍ୱାମୀ-ସ୍ତ୍ରୀ

ପଞ୍ଚୁପାଣ୍ଡବ,୨୨।୪(ସମିସ): ସାତ କଳସ ଆଠ ଦୀପକୁ ସାକ୍ଷୀ ରଖି ସାତ ଜନ୍ମ ପାଇଁ ସାଥୀ ହୋଇଥିଲେ। ମଣିଷ ପରଜନ୍ମ କ'ଣ ହେବ ଜାଣି ନଥିବାବେଳେ ଏହି ଜନ୍ମରେ ହିଁ ସାଥୀ ହୋଇ ସ୍ୱାମୀ-ସ୍ତ୍ରୀ ଚାଲିଗଲେ ଆରପାରିକୁ। ମାତ୍ର ୫ ଘଣ୍ଟା ମଧ୍ୟରେ ସ୍ୱାମୀ-ସ୍ତ୍ରୀ ଆରପାରିକୁ ଚାଲିଯିବା ଘଟଣାଟି ଡେରାବିଶ ବ୍ଲକରେ ଚର୍ଚ୍ଚାର ବିଷୟ ପାଲଟିଛି। ମୃତକ ହେଲେ କୁରୁଜଙ୍ଗା ପଞ୍ଚାୟତ ଶଙ୍କରପୁର ଗ୍ରାମର କେତନବାଳା ସାହୁ (୭୦) ଓ ଗୋବିନ୍ଦ ଚନ୍ଦ୍ର ସାହୁ (୮୦)। ପୂର୍ବତନ ସରପଞ୍ଚ ତଥା ଏବେକାର ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁଙ୍କ ମା' କେତନବାଳାଙ୍କ ମଙ୍ଗଳବାର ସାଢେ ଗୋଟାଏରେ ପରଲୋକ ଘଟିଥିଲା। ସନ୍ଧ୍ୟା ପ୍ରାୟ ୬ଟାରେ ତାଙ୍କ ମରଶରୀରକୁ ଦାହ କରାଯାଉଥିବାବେଳେ ବାପା ତଥା କେତନବାଳାଙ୍କ ସ୍ୱାମୀ ଗୋବିନ୍ଦଙ୍କ ମୃତ୍ୟୁ ହୋଇଥିଲା। ପ୍ରାୟ ୫ ଘଣ୍ଟା ମଧ୍ୟରେ ସ୍ୱାମୀ ଓ ସ୍ତ୍ରୀଙ୍କ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପାଖରେ ନବ ଓ କୁଶ ଦୁଇ ଯାଆଁଳା ଭାଇ ଏବଂ ସମସ୍ତ ପରିବାରବର୍ଗ ଉପସ୍ଥିତ ଥିଲେ। ସାନ ପୁଅ ରମାକାନ୍ତ



ସାହୁ ମୁଖାଗ୍ନି ଦେଇଥିଲେ। ଏହି ଦୁଃଖଦ ଖବର ପାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଜେଡ଼ି ନେତା ସରୋଜକାନ୍ତ ନାୟକ, ମନୋରଞ୍ଜନ ଉପାଧ୍ୟକ୍ଷ, ବିଧାୟକ ଅରବିନ୍ଦ ମହାପାତ୍ର, ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସରପଞ୍ଚ ମାନସୀ ସାମଲ, ପୂର୍ବତନ ଜିଲ୍ଲାପରିଷଦ ଭବାନୀ ପ୍ରସାଦ ଓଝା ପ୍ରମୁଖ ବାସଭବନରେ ପହଞ୍ଚି ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ୫ ଘଣ୍ଟା ମଧ୍ୟରେ ଦମ୍ପତିଙ୍କ ଆଗପଛ ହୋଇ ଆରପାରିକୁ ଚାଲିଯିବା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ବଳାତ୍କାର ଅଭିଯୋଗରେ ଶିକ୍ଷକ ଗିରଫ

ଗରଦପୁର,୨୨।୪(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର କୁଦାନଗରୀ ଥାନା ଅଞ୍ଚଳରୁ ବଳାତ୍କାର ଅଭିଯୋଗରେ ଜଣେ ଶିକ୍ଷକଙ୍କୁ ପୁଲିସ ଗିରଫ କରିଛି। ଗିରଫ ଶିକ୍ଷକ ହେଲେ ବାଲେଶ୍ୱର ଜିଲ୍ଲା ନିବାସୀ ରଞ୍ଜନ ଜେନା। ସେ କୋରୁଆ ଅଞ୍ଚଳର ଏକ ବିଦ୍ୟାଳୟର ଶିକ୍ଷକ ଓ ୨୦୨୨ରୁ ଏଠାରେ ପଢ଼ାଉଥିଲେ। ତେବେ ଟିଉସନ୍ ଦେବା ନାମରେ ସେ ଛାତ୍ରୀଙ୍କୁ ଅସଦାଚରଣ ଓ ବଳାତ୍କାର କରିଥିବା ଅଭିଯୋଗ ପରେ ପୁଲିସ ଗିରଫ କରିଥିବା ଥାନା ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀ ସୂଚନା ଦେଇଛନ୍ତି।ପୁଲିସ ପକ୍ଷରୁ କୁହାଯାଇଛି ଯେ, ଘଟଣାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ଖୋଜିବାକୁ ତଦନ୍ତ ଜାରି ରହିଛି। ଏହି ଘଟଣା ପୁନର୍ବାର ଶିକ୍ଷା ପ୍ରଣାଳୀରେ ନୈତିକତା ଓ ନିରାପତ୍ତା ପ୍ରସଙ୍ଗକୁ ଆଗକୁ ଆଣିଛି।

## 'ବିଭିନ୍ନ କ୍ଷେତ୍ରରେ ସଫଳତା କଲେଜକୁ ସ୍ୱତନ୍ତ୍ର ପରିଚୟ ଦେଇଛି'

### ପଟ୍ଟାମୁଣ୍ଡାଇ କଲେଜ ସୁବର୍ଣ୍ଣ ଜୟନ୍ତୀର ୨ୟ ଦିବସ

ପଟ୍ଟାମୁଣ୍ଡାଇ,୨୨।୪(ସମିସ): ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରି ପଟ୍ଟାମୁଣ୍ଡାଇ କଲେଜ ଅଂଚଳକୁ ଗୌରବାନ୍ୱିତ କରିବା ସହିତ ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଅଂଚଳବାସୀଙ୍କ ନିଷ୍ଠା ତ୍ୟାଗ ଯୋଗୁଁ ବହୁ ସଂଘର୍ଷ ମଧ୍ୟରେ ପଟ୍ଟାମୁଣ୍ଡାଇ କଲେଜ ଜନ୍ମ ନେଇ ଅଂଚଳର ନାମକୁ ସାର୍ଥକ କରିଛି। ଏ କଲେଜରୁ ଉତ୍ତମ ଗାରିମାମୟ ଛାତ୍ରଛାତ୍ରୀ ସୃଷ୍ଟି ହୋଇ ଦେଶ ବିଦେଶରେ ଅଂଚଳର ଗୌରବକୁ ଆହୁରି ଆଗକୁ ନେଲେ କଲେଜ ପ୍ରତିଷ୍ଠା ନେଇ ଅଂଚଳବାସୀଙ୍କ ସ୍ୱପ୍ନ ସାକାର ହୋଇପାରିବ ବୋଲି ପଟ୍ଟାମୁଣ୍ଡାଇର ପୂର୍ବତନ ବିଧାୟକ ତାପସ କୁମାର ଦାସ ପଟ୍ଟାମୁଣ୍ଡାଇ କଲେଜ ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଦ୍ୱିତୀୟ ଦିନରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକାଶ କରିଛନ୍ତି। ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ



ପୌରହିତ୍ୟରେ ଆୟୋଜିତ ଉତ୍ସବରେ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇର ପୂର୍ବତନ ବିଧାୟକ ତଥା ପୁରାତନ ଛାତ୍ର କିଶୋର ତରାଇ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଉତ୍ତମ ଶିକ୍ଷା, ସଂସ୍କାର ଓ ସାମାଜିକ ପ୍ରତିଷ୍ଠା ଦେଇଥିବା ପଟ୍ଟାମୁଣ୍ଡାଇ କଲେଜ ସଦା ବନ୍ଦନୀୟ। ସମସ୍ତ ଘାତ ପ୍ରତିଘାତକୁ ଅତିକ୍ରମ କରି ପଟ୍ଟାମୁଣ୍ଡାଇ କଲେଜ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରି ଆମ ଅଂଚଳକୁ ଗୌରବାନ୍ୱିତ କରିଥିବାରୁ ଏହି ମହାନ ଶିକ୍ଷାନୁଷ୍ଠାନକୁ ଆଗକୁ ଆଗକୁ ନେବା ପ୍ରତ୍ୟେକ ପଟ୍ଟାମୁଣ୍ଡାଇବାସୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ହେବା ଉଚିତ ବୋଲି କହିଥିଲେ।

ପଟ୍ଟାମୁଣ୍ଡାଇ କଲେଜ ଛାତ୍ର ସଂସଦ ପୂର୍ବତନ ସଭାପତି ତଥା ପୁରାତନ ଛାତ୍ର ସଂସଦ ସଭାପତି ରଶ୍ମି ରଞ୍ଜନ ପ୍ରଧାନ, ପୁରାତନ ଛାତ୍ର ସଂସଦ ସମ୍ପାଦକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ, ପୁରାତନ ଛାତ୍ର ସଂସଦ ଉପସଭାପତି ବିଶ୍ୱରଞ୍ଜନ ପାତ୍ର ଓ ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପଟ୍ଟାମୁଣ୍ଡାଇ କଲେଜର ଗୌରବ ଗାରିମା ଓ ପ୍ରତିଷ୍ଠାକୁ ଆଗକୁ ନେବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରଧାପକ ଡ଼ ସୁନୀଲ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଇ ଅବସରରେ ପଟ୍ଟାମୁଣ୍ଡାଇ କଲେଜ ଅଭିବୃଦ୍ଧିରେ ଉଲ୍ଲେଖ ନୀୟ ଯୋଗଦାନ ଦେଇଥିବା ପୂର୍ବତନ ଅଧକ୍ଷ ଅଧାପକ ଓ କର୍ମଚାରୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଧାପିକା ନିବେଦିତା ପ୍ରଧାନ ଧନ୍ୟବାଦ ଦେଇଥିଲେ। ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆରମ୍ଭରେ ସ୍ୱାଗତ ସଂଗୀତ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବାବେଳେ ଉତ୍ସବ ଶେଷରେ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଡେରାବିଶ ପଞ୍ଚାୟତ ସମିତି ଅଧିବେଶନ

# ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ

ଡେରାବିଶ,୨୨।୪(ସମିସ)




ଡେରାବିଶ ପଞ୍ଚାୟତ ସମିତି ସଭାକକ୍ଷରେ ଆଜି ସମିତିର ଅଷ୍ଟମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ପ୍ରଭାତି ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ବିଧାୟକ ଅରବିନ୍ଦ ମହାପାତ୍ର, ସମ୍ମାନିତ ଅତିଥିଭାବେ ଜିଲ୍ଲାପରିଷଦ ସଦସ୍ୟ ଅରବିନ୍ଦ ମଳିକ ଓ ଧନେଶ୍ୱର ସେଠୀ, ସାଂସଦଙ୍କ ପ୍ରତିନିଧି ଅକ୍ଷୟ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଚଳିତ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଡେରାବିଶ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତରେ ଥିବା ଗ୍ରାମବାସୀମାନଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ଗୁରୁତ୍ୱ ଦେଇଥିଲେ। ତେବେ ବ୍ଲକ ଅଞ୍ଚଳର ସମସ୍ତ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଇ ଦିଆଯାଇଥିବା ବେଳେ କିଛି ଗ୍ରାମ ଓ କିଛି ପଡ଼ାକୁ ପାନୀୟ ଜଳ ସଠିକ୍ ଭାବେ ପହଞ୍ଚି ପାରୁନଥିବା ଛୋଟି ସରପଞ୍ଚ ରଜନୀ ମଳିକ, ନରସିଂହପୁର ସରପଞ୍ଚ ସୁଧିର ଖଟୁଆ, ରଘୁଦେଇପୁର ସରପଞ୍ଚ ଭକ୍ତିଲତା ନାୟକ, ବେଣିପୁର ସରପଞ୍ଚ ମୋହନ ଚରଣ ସାହୁ, ଯଅଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା ପ୍ରମୁଖ ଅଭିଯୋଗ କରିଥିଲେ। ତେବେ ବିଡ଼ିଓ ନମିତା ବାରିକ ପାଣି ସମସ୍ୟା ରହିଥିବା ଉକ୍ତ ପଞ୍ଚାୟତ ବିଭିନ୍ନ ୱାଡର୍‌ମାନଙ୍କରେ ତୁରନ୍ତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା ଓ ଆବଶ୍ୟକ ସ୍ଥଳରେ ପାନୀୟଜଳ ସଂଯୋଗ ନଥିବା ଗ୍ରାମ ଓ ୱାଡର୍‌ରେ ନଳକୂପ ଖନନ କରି ଲୋକମାନଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ଯନ୍ତ୍ରୀ ବିଭୂଦତ୍ତ ଦାସଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସରକାରଙ୍କ ପକ୍ଷରୁ ବିଭିନ୍ନ ପାନୀୟ ଜଳ ପ୍ରକଳ୍ପ ନିମନ୍ତେ କରାଯାଇଥିବା ଗଭୀର ବୋରିଂ ଯୋଗୁ ଭୂତଳ ଜଳସ୍ତର ବ୍ୟାପକ ହ୍ରାସ ପାଉଥିବାରୁ ବ୍ଲକ ଅଞ୍ଚଳରେ ରହିଥିବା ୫୦%ରୁ ଊର୍ଦ୍ଧ୍ୱ ସରକାରୀ ଓ ବେସରକାରୀ ନଳକୂପ ଅଚଳ ହୋଇପଡିଥିବା ଓ ସେଥିରୁ ପାଣି ବାହାରୁନଥିବା ନେଇ ଘୋର ଉଦ୍‌ବେଗ ପ୍ରକାଶ ପାଇଥିଲା। ତୁରନ୍ତ ସରକାରଙ୍କ ପକ୍ଷରୁ ଡେରାବିଶ ବ୍ଲକର ଦୁଇ ପାଶ୍ୱରେ ବହିଯାଇଥିବା ଚିରସ୍ରୋତା ଲୁଣା ଓ ବିରୁପା ନଦୀରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରି ଡେରାବିଶ ବ୍ଲକ ଅଞ୍ଚଳକୁ ପାନୀୟ ଜଳ ଯୋଗାଇ ଦେବାକୁ ଦାବି କରାଯାଇଥିଲା। ଏ ସମ୍ପର୍କରେ ବ୍ଲକର ପୂର୍ବତନ ଅଧକ୍ଷ ତଥା ବାରିମୂଳ ସମିତିସଭ୍ୟ ସରୋଜକାନ୍ତ ସାହୁ ବ୍ଲକ ଅଞ୍ଚଳବାସୀଙ୍କ ପକ୍ଷରୁ ସରକାରଙ୍କ ନିକଟରେ ଦାବି କରାଯିବ ବୋଲି କହିଥିଲେ।

ବୈଠକର ପ୍ରାରମ୍ଭରେ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ବେଳେ ଉନ୍ନୟନମୂଳକ କାର୍ଯ୍ୟକୁ ସରପଞ୍ଚ ଓ ସମିତିସଭ୍ୟଙ୍କ ଅଗୋଚରରେ ପଞ୍ଚାୟତରେ

### ନିର୍ବାଚିତ ପ୍ରତିନିଧିଙ୍କ ଅଗୋଚରରେ ହେଉଛି ଉନ୍ନୟନମୂଳକ କାର୍ଯ୍ୟ

କରାଯାଉଥିବା ନେଇ ପଲେଇ ସରପଞ୍ଚ ଅକ୍ଷୟ ସାହୁ ଅଭିଯୋଗ କରିବା ସହ ଏଭଳି ଅଗଣତାନ୍ତ୍ରିକ ପଦ୍ଧତିକୁ ବନ୍ଦ କରିବାକୁ କହିଥିଲେ। ବ୍ଲକ ଅଞ୍ଚଳରେ ୨୮୩ ଜଣ ହିତାଧିକାରୀଙ୍କୁ ଚଳିତ ବର୍ଷ ଆବାସ ଯୋଜନାରେ ସାମିଲ କରାଯାଇ ଘର ଯୋଗାଇ ଦିଆଯିବ ବୋଲି ବିଡ଼ିଓ ଶ୍ରୀମତୀ ବାରିକ ସୂଚନା ଦେଇଥିଲେ। ସେହିପରି ସରକାରୀ ଯୋଜନାରେ ସାମିଲ କରିବା ନିମନ୍ତେ କିଛି ଦଲାଲଙ୍କ ମାଧ୍ୟମରେ ବ୍ଲକର କିଛି ଅସାଧୁ କର୍ମଚାରୀ ଉତ୍କୋଚ ନେଉଥିବା କିଛି ସଭ୍ୟ ସରପଞ୍ଚ ଅଭିଯୋଗ କରିଥିଲେ। ବୈଠକରେ ଚଳିତବର୍ଷ ବ୍ଲକ ଅଞ୍ଚଳରେ ୨୨୯୫ଟି ନୂତନ ରାସନ କାଡର୍ ଯୋଗାଇ ଦିଆଯିବ ବୋଲି ଏମ୍ଆଇ ସ୍ୱରୁପ ଦାସ ପ୍ରକାଶ କରିଥିଲେ। ବୈଠକରେ ସଭ୍ୟ ସରପଞ୍ଚମାନେ ଚଳିତ ବର୍ଷ ଚାଷୀମାନର ଧାନ କ୍ରୟ ସମୟରେ ମିଲରମାନେ ବ୍ୟାପକ ହଇରାଣ କରିଥିବା ବେଳେ ଝୋଟ ଅଖା ନ ଯୋଗାଇ ଝୋଟ ଅଖାରେ ଧାନ ବିକ୍ରି କରିବାକୁ ବାଧ କରିବା ସହ କ୍ୟୁଣ୍ଟାଲ ପ୍ରତି ୮ରୁ ୧୦ କେଜି ଧାନ କାଟିଦେଇଥିବା ନେଇ ଅଭିଯୋଗ କରିଥିଲେ। ପରେ ମହିଳା ଶିଶୁ ବିକାଶ ବିଭାଗ ଓ ଅନ୍ୟାନ୍ୟ ବିଭାଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ, ଆସିଷ୍ଟାଣ୍ଟ ଇଞ୍ଜିନିୟର ଗୌରବ ସାହୁ, ଯନ୍ତ୍ରୀ ଅନିଲ୍ ମହାନ୍ତି, ଜିପିଓ ଡାଙ୍ଗି ମୁର୍ମୁ, ଏବିଇଓ ଦେବଦତ୍ତ ଶତପଥୀ, ସିଡ଼ିପିଓ ହରପ୍ରିୟା ଦେବୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଏବିଡ଼ିଓ ମୃଣ୍ମୟ ରାଉତ ଅତିଥି ପରିଚୟ ଓ ପୂର୍ବ ବୈଠକର ବିବରଣୀ ପଠନ କରିଥିବା ବେଳେ ଶେଷରେ ରଶ୍ମିଦେବୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ଉପସ୍ଥିତ ଥିଲେ।

### ● ହୃଦାନନ୍ଦଜୀଉ କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ଦିବାରାତ୍ର ଟୁର୍ଣ୍ଣାମେଣ୍ଟ

## କେନ୍ଦ୍ରାପଡ଼ା ଷ୍ଟାର୍ ୱାରିୟର୍ସ ଚାମ୍ପିଅନ୍

ଡେରାବିଶ,୨୨।୪(ସମିସ): ଡେରାବିଶ ବ୍ଲକ ନରସିଂହପୁର ପଞ୍ଚାୟତ ତିଲଙ୍ଗ କୋଠିଛକରେ ହୃଦାନନ୍ଦଜୀଉ କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ଅଷ୍ଟମ ବାର୍ଷିକ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଯାଇଛି। ନରସିଂହପୁର ସରପଞ୍ଚ ସୁଧିର କୁମାର ଖଟୁଆ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ମୋଟ ୧୬ଟି ଟିମ୍ ଭାଗ ନେଇଥିବାବେଳେ ଫାଇନାଲ୍ ମ୍ୟାଚ୍‌ରେ କେନ୍ଦ୍ରାପଡ଼ାର ଷ୍ଟାର ୱାରିଅର୍ସ ଓ ଓଳକଣାର ସୁପର ଇଲେଭେନ୍ ଟିମ୍ ପରସ୍ପରକୁ ଭେଟିଥିଲେ। ଟସ୍ ଜିତି ଷ୍ଟାର ୱାରିଅର୍ସ ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ୯୨ ରନ୍ କରିଥିଲା। ଜବାବରେ ସୁପର ଇଲେଭେନ୍ ମାତ୍ର ୬୦ ରନ୍ କରିଥିଲା। ଆସୋସିଏସନ୍‌ର ସଭାପତି ବାୟୁନନ୍ଦନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥିଭାବେ ବରିଷ୍ଠ ବିଜେଡ଼ି ନେତା ରବି ସାମଲ, ସମ୍ମାନିତ ଅତିଥିଭାବେ ସମାଜସେବୀ ଯାଜ୍ଞସିନୀ ଜେନା, ଶିକ୍ଷାବିତ ମିହିର କୁମାର ପରିଡ଼ା ଓ ସରପଞ୍ଚ ସୁଧିର ଖଟୁଆ ଯୋଗଦେଇ ବିଜେତା ଓ ଉପବିଜେତା



ଟିମ୍‌କୁ ଚାମ୍ପିଅନ ଏବଂ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ମ୍ୟାନ୍ ଅଫ୍‌ଦି ଟୁର୍ଣ୍ଣାମେଣ୍ଟ ଭାବେ ସାଗର କୁମାର ପରିଡ଼ାଙ୍କୁ ମଧ୍ୟ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଟୁର୍ଣ୍ଣାମେଂଟକୁ ଓମ୍ ଇଲେକ୍ଟ୍ରୋନିକ୍ସର ଭର୍ତ୍ତୃହରି ମିଶ୍ର ପରିଚାଳନା କରିଥିବା ବେଳେ ଆସୋସିଏସନ୍‌ର ସଦସ୍ୟ ସହଯୋଗ କରିଥିଲେ।

## ବନ୍ତ ବ୍ଲକ୍‌ରେ ଫେଲ୍ ମାରିଛି ମେଗା ପାନୀୟ ଜଳ ପ୍ରକଳ୍ପ

# ପ୍ରକଳ୍ପ ଥାଇ ଲୋକଙ୍କ ଶୋଷ ମେଣ୍ଟୁନି

ବନ୍ତ/ଆଗରପଡ଼ା,୨୨।୪(ସମିସ):

ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ଲାଗି ରାଜ୍ୟ ସରକାର ନଭେମ୍ବର ୨୦୧୮ରେ 'ବସୁଧା' ଯୋଜନାର ଶୁଭାରମ୍ଭ କରିଥିଲେ। ୨୦୨୪ରେ ଗ୍ରାମାଞ୍ଚଳର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ଯୋଜନା କରିଥିବାବେଳେ ୨୦୨୬ ଏପ୍ରିଲ ମାସ ପୂରିଲା, ତଥାପି ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ ଉକ୍ତ ଯୋଜନା। ଯାହାକି ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହିତ ଯୋଜନାର ସଫଳ ରୂପାୟଣ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍‌ରେ। ବନ୍ତ ବ୍ଲକ୍‌ର ୨୫ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଉକ୍ତ ପ୍ରକଳ୍ପ ନିର୍ମାଣ ହୋଇଛି ଏବଂ ହେଉଛି ମଧ୍ୟ। ନିର୍ମାଣ ସରିଥିବା ବିଭିନ୍ନ ଗ୍ରାମରେ ଜଳ ଯୋଗାଣ ଆରମ୍ଭରୁ ଆଣ୍ଠେଇ ପଡ଼ିଥିବା ଜଣାପଡ଼ିଛି। କେବଳ ପାଇପ୍ ବିଛା, ଟାଙ୍କି ଗଢ଼ା ଓ ଘରତୋଳାରେ ସୀମିତ ରହିଯାଇଛି ଉକ୍ତ ପ୍ରକଳ୍ପ। ସରକାରୀ ଅନୁଦାନରେ ଯେକୌଣସି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କାର୍ଯ୍ୟସ୍ଥଳି ନିକଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନାଫଳକ ନିର୍ମାଣ କରି ସେଥିରେ ସବିଶେଷ ସୂଚନା ଲେଖାଯିବାର ନିୟମ ଥିଲେ ସୁଦ୍ଧା ବନ୍ତ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି।

ଆର୍‌ଡବ୍ଲ୍ୟୁଏସ୍‌ଏସ୍ ମାଧ୍ୟମରେ ରାଜ୍ୟ



## 'ବସୁଧା'ରେ ମିଶିବାକୁ ବସିଛି 'ବସୁଧା ଯୋଜନା'

ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଅଧୀନରେ 'ବସୁଧା' ଯୋଜନାରେ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଇଦେବା ଉଦ୍ଦେଶ୍ୟରେ କୋଟିକୋଟି ଟଙ୍କାରେ ନିର୍ମିତ ପ୍ରକଳ୍ପ ବର୍ତ୍ତମାନ ଫେଲ୍ ମାରିଛି। ବନ୍ତ ବ୍ଲକ୍ ସଦର ମହକୁମାରେ ଦୁଇଟି ପାଣି ଟାଙ୍କି ସହ ପମ୍ପ୍ ହାଉସ୍ ନିର୍ମାଣ ହୋଇଛି। ଗ୍ରୀଷ୍ମ ଋତୁ ଆରମ୍ଭରୁ ଉକ୍ତ ଟାଙ୍କିଗୁଡ଼ିକରେ ରଙ୍ଗ ମାରି ଅଧିକ ଆକର୍ଷଣୀୟ କରାଯାଇଥିଲେ ସୁଦ୍ଧା ଯୋଜନାର ସଫଳତା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଉକ୍ତ ପାଣି ଟାଙ୍କିରୁ ତହସିଲ୍ କାର୍ଯ୍ୟାଳୟ ସମେତ ଉପନିବନ୍ଧକ କାର୍ଯ୍ୟାଳୟ, ଦୁଇ ଉଚ୍ଚ ବିଦ୍ୟାଳୟ ମହତାବ ଉ.ପ୍ରା. ବିଦ୍ୟାଳୟ ବ୍ଲକ୍ କାର୍ଯ୍ୟାଳୟ ବନ୍ତ ବଜାର ସମେତ ପୁରୁଷୋତ୍ତମପୁର, ଦୁର୍ଗାପୁର, ଧନୀଓଝା ଆଦି ଗାଁକୁ ଜଳ ଯୋଗାଣ ବ୍ୟବସ୍ଥା ହୋଇଛି। ହେଲେ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉ ନ ଥିବାରୁ କେଉଁ କାଳରୁ ନିର୍ମାଣ ହୋଇଥିବା ଟ୍ୟାପ୍‌ଗୁଡ଼ିକ ନଷ୍ଟ ହେବାକୁ ବସିଛି। ଗୋପିନାଥପୁର, କାଦବରାଙ୍ଗ, ବଡ଼ବର୍ଚ୍ଛିକୟାଁ, ଓଡ଼ଙ୍ଗ, ଚାରିଗାଁ, ବିଟିପୁର, ପୁରୁଷଣ୍ଡ, ବଡ଼ମହିଁଷଗୋଠ, ମହାନ୍ତିପଡ଼ା ଏହିପରି ବିଭିନ୍ନ ପଞ୍ଚାୟତରେ 'ବସୁଧା' ଯୋଜନାରେ ନିର୍ମିତ ଜଳ ଯୋଗାଣ ପ୍ରକଳ୍ପ ଲୋକଙ୍କ କାମରେ ଆସିପାରୁନାହିଁ। ଗୋଟେ ଗୋଟେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ୧୩୫.୯୫ ଲକ୍ଷ ଅଟକଳ ମୂଲ୍ୟରେ ନିର୍ମିତ ହୋଇଥିବାବେଳେ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଓ ଠିକାଦାର ଏବଂ ଯନ୍ତ୍ରୀଙ୍କ ସଲାସୁତରାରୁ ପ୍ରକଳ୍ପର ସଫଳ ରୂପାୟଣ ହେବା ପରିବର୍ତ୍ତେ ଅର୍ଥ ଚଳୁ ହୋଇଯାଉଛି। ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ବିଭିନ୍ନ ସ୍ଥାନରୁ ପାଇପ୍ ଫାଟି ପାଣି ବୋହିବା ସହ ବହୁ ଜାଗାରେ ପାଣି ପହଞ୍ଚିପାରୁନି। ଏହିସବୁ କାରଣରୁ ଅଞ୍ଚଳବାସୀ ବିଶୁଦ୍ଧ ପାନୀୟ ଜଳ ପାଇବା ନେଇ ସନ୍ଦୀହାନ ହୋଇପଡ଼ିଛନ୍ତି। ସେହିପରି କାର୍ଯ୍ୟ ଆରମ୍ଭ ପୂର୍ବରୁ କାର୍ଯ୍ୟସ୍ଥଳୀ ନିକଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନାଫଳକ ନିର୍ମାଣ କରି ସେଥିରେ ସବିଶେଷ ସୂଚନା ଲେଖାଯିବାର ନିୟମ ଥିଲେ ସୁଦ୍ଧା ବନ୍ତ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଯେପରି ବଡ଼ବର୍ଚ୍ଛିକୟାଁ ପଞ୍ଚାୟତ ଅନ୍ତର୍ଗତ ବିଶଲକଣା ଗ୍ରାମରେ ନିର୍ମିତ ପ୍ରକଳ୍ପଠାରେ ବିନା ସୂଚନାଫଳକରେ ପ୍ରକଳ୍ପ ନିର୍ମିତ ହୋଇଥିବା ବେଳେ କାଦବରାଙ୍ଗ ପଞ୍ଚାୟତଠାରେ ନିର୍ମାଣ କାମ ସରିସାରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଫଳକ ଲାଗିପାରିନାହିଁ। ତେଣୁ ପାଇପ୍ ବିଛା, ଟାଙ୍କି ଗଢ଼ା ଓ ଘରତୋଳାରେ ପ୍ରକଳ୍ପ ସୀମିତ ରହିଯିବା ସହ ବସୁଧାରେ 'ବସୁଧା ଯୋଜନା' ମିଶିଯିବ ବୋଲି ଅଭିଯୋଗ ହେଉଛି। ଲକ୍ଷାଧିକ ଟଙ୍କାରେ ନିର୍ମିତ ପ୍ରକଳ୍ପକୁ ପ୍ରହସନରେ ପରିଣତ ନ କରି ନିର୍ମିତ ପ୍ରକଳ୍ପଗୁଡ଼ିକର ପୁନଃ ତଦାରଖ କରିବା ଏବଂ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଠିକ୍ ଭାବେ କରିବା ସହ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଯୋଜନାର ସଫଳ ରୂପାୟଣ କରିବାକୁ ଚେଷ୍ଟିତ ହେବାକୁ ଗ୍ରାମବାସୀଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ସକାଳ ସାଢ଼େ ୬ରୁ ୯ ପାଠପଢ଼ା

ଭଦ୍ରକ,୨୨।୪(ସମିସ): ଭଦ୍ରକ ଜିଲ୍ଲାରେ ବର୍ତ୍ତମାନ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଓ ତାପମାତ୍ରା ବୃଦ୍ଧି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ସର୍ବାଧିକ ପ୍ରାଥମ୍ୟ ଦିଆଯାଇଛି। ସେହି ପରିପ୍ରେକ୍ଷୀରେ ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ସହାୟତାପ୍ରାପ୍ତ, ବେସରକାରୀ ବିଦ୍ୟାଳୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶିଶୁବାଟିକାରୁ ଯୁକ୍ତ ୨ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ସମୟ ସକାଳ ୬.୩୦ରୁ ୯ ପର୍ଯ୍ୟନ୍ତ ନିର୍ଦ୍ଧାରଣ କରାଯାଇଛି।

## ସର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ; ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମ

ସହିଦନଗର,୨୨।୪(ସମିସ): ଧାମନଗର ବ୍ଲକ୍ ଅଧୀନ କଟସାହି ପଞ୍ଚାୟତର ପଥରଡିହ ଗ୍ରାମରେ ବୁଧବାର ସନ୍ଧ୍ୟାରେ ଅକସ୍ମାତ୍ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷତି ଘଟିଛି। ଗ୍ରାମର ବୁଧିରାମ ଜେନାଙ୍କ ପୁଅ ଶ୍ରୀଧର ଜେନାଙ୍କ ଘରେ ସର୍ଟସର୍କିଟ୍ ହେବାରୁ ନିଆଁ ଲାଗିଥିବା ସୂଚନା ମିଳିଛି। ନିଆଁ ଦ୍ରୁତ ଭାବେ ପ୍ରସାରିତ ହୋଇ ଘର ଭିତରେ ଥିବା ଆସବାବପତ୍ର, ବସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଜଳି ଭସ୍ମୀଭୂତ ହୋଇଯାଇଛି। ସ୍ଥାନୀୟ ଲୋକମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ପାଇଁ ପ୍ରୟାସ କରିଥିଲେ। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିବା ଅନୁମାନ କରାଯାଉଛି।

## ବାଲି ସୈରାତରେ ୧୬୩ ଧାରା ଜାରି



ବାରିକପୁର,୨୨।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ବୈତରଣୀ ନଦୀର ବିଭିନ୍ନ ବେଆଇନ ବାଲି ସୈରାତ ଉପରେ ପ୍ରଶାସନ ପକ୍ଷରୁ ବୁଧବାରଠାରୁ ୧୬୩ ଧାରା ଜାରି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ନଦୀର ବଳୀପୁରଠାରେ ଦୈନିକ ବାଲି ଚୋରି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହା ଉପରେ ତତ୍ପରତା ପ୍ରକାଶ ପାଇଛି। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲ୍‌ଦାର ନିହାର ରଞ୍ଜନ ମଲ୍ଲିକ ଓ କନିଷ୍ଠ ଖଣି ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀ ପୁଲିସ ଫୋର୍ସ ସହିତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ନଦୀର ୨ଟି ସ୍ଥାନରୁ ବେଆଇନ ବାଲି ଉତ୍ତୋଳନ ହେଉଥିବା ଅଧିକାରୀମାନେ ଜାଣିବାକୁ ପାଇଥିଲେ। ତେଣୁ ବାଲି ଚୋରିକୁ ରୋକିବା ପାଇଁ ପରିବହନ ରାସ୍ତାରେ ନାଳ ଖନନ ହୋଇଥିଲା। ଏହାଛଡ଼ା ଅନଧିକାର ପ୍ରବେଶ ଆଇନ ୧୬୩ ଧାରା ଜାରି ହୋଇଥିଲା। ଅନୁରୂପ ଭାବେ ନଦୀର ଝୁଟଣା, ବନସ୍ତା, ନେରଡା, ଯଶୋଟିକିରି, ବାଲିପୋଖରୀ, ଜଗନ୍ନାଥ ପ୍ରସାଦ ପ୍ରମୁଖ ସାମ୍ଭାବ୍ୟ ବାଲି ଚୋରି ସ୍ଥାନରେ ମଧ୍ୟ ସମାନ ନିର୍ଦ୍ଦେଶନାମା ଜାରି ହୋଇଛି। ଏଠାରେ ସୂଚିତ ବାଲି ଚୋରି ରୋକିବାକୁ ପୂର୍ବରୁ ବିଭିନ୍ନ ସ୍ଥାନରେ ମଧ୍ୟ ନାଳ ଖୋଳାଯାଇଥିଲା। ପରିତାପର ବିଷୟ କିଛି ଦିନ ଚୋରି ବନ୍ଦ ରହିବା ପରେ ପୁଣି ନାଳ ପୋତି ମାଫିଆମାନେ ବାଲି ଚୋରି କରିଥିଲେ। ଏବେ ବି ଅନେକ ସ୍ଥାନରୁ ଟ୍ରାକ୍ଟର ଓ ଟ୍ରକ୍ ଯୋଗେ ବେଆଇନ ବାଲି ପରିବହନ ହେଉଛି। ଚୋରି ବନ୍ଦ ପାଇଁ ନାଳ ଖୋଳା ଓ ୧୬୩ ଧାରା ଜାରି କେତେ ସଫଳ ହେବ ତାହା ଆଗକୁ ଜଣାପଡ଼ିବ ବୋଲି ମତପ୍ରକାଶ ପାଇଛି।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,୨୨।୪(ସମିସ): ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଓକରା ଉଚ୍ଚ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧାରୁ ପାଠ ଛାଡ଼ିଥିବା ଏବଂ ପଛୁଆ ପିଲାଙ୍କ ପାଇଁ ଆର୍ଥିକ ସହାୟତା ଯୋଜନା-୨୦୨୫ ଏବଂ ମାନବ-ବନ୍ୟଜୀବନ ସଂଘର୍ଷର ପୀଡ଼ିତଙ୍କ ନ୍ୟାୟ ପାଇବା ପାଇଁ ନାଲ୍‌ସା ଯୋଜନା-୨୦୨୫ ଉପରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଲ୍‌ଡିଏସ୍ ସହାୟକ ଡ. ତାପସ କୁମାର ମହାନ୍ତି, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ହିମାଦ୍ରି ନନ୍ଦିନୀ ବିଶ୍ୱାଳ, ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମଧୁସ୍ମିତା ରାଉତରାୟ ଓ ୭୦ରୁ ଅଧିକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଚବିଶ ପ୍ରହର ନାମ ସଙ୍କୀର୍ତ୍ତନ

ବାରିକପୁର,୨୨।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ପୁରସ୍ତମପୁରଠାରେ ତ୍ରୟୋଦଶ ହରିନାମ ସଙ୍କୀର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୁଷ୍କରିଣୀରେ ସମବେତ ଘଟ ଉତ୍ତୋଳନ ପରେ କୀର୍ତ୍ତନ ମଣ୍ଡପଠାରେ ପୂଜକ ପଞ୍ଚସଖାଙ୍କୁ ଆବାହନ କରିଥିଲେ। ପରେ ମୁଖ୍ୟ ସଙ୍କଳ୍ପ କର୍ତ୍ତାଙ୍କଠାରୁ ନାମ ସଙ୍କୀର୍ତ୍ତନ ଆରମ୍ଭ ହୋଇଥିଲା। ଏଥିରେ ସହଯୋଗୀ ଭାବେ ସୁଦର୍ଶନ ସାମଲ, ସୁଧାକର ସାମଲ, ସୁରେଶ ଚନ୍ଦ୍ର ନାୟକ, ରଘୁନାଥ ବେହେରା, ଶ୍ରୀଧର ବେହେରା, ସ୍ୱାଧୀନ ଶଙ୍ଖୁଆ, କମଳାକାନ୍ତ ସାମଲ ଦାୟିତ୍ୱ ନିର୍ବାହ କରିଥିଲେ। ସ୍ଥାନୀୟ ରଘୁନାଥପୁର, ବରାହ ନୂଆପଡ଼ା, ଯାଜପୁର ପ୍ରମୁଖ ସଙ୍କୀର୍ତ୍ତନ ମଣ୍ଡଳୀ ନାମ ପରିବେଷଣ କରିଥିଲେ। ନଗର ଭ୍ରମଣ ସହିତ ସଙ୍କୀର୍ତ୍ତନ ଉତ୍ସବ ଉଦ୍‌ଯାପିତ ହୋଇଥିବାବେଳେ କାର୍ଯ୍ୟକ୍ରମକୁ ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ।

## ମା' କାଲୁଣୀଙ୍କ ପୀଠରେ ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ



ଧାମନଗର,୨୨।୪(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ପଦ୍ମପୋଖରୀ ନିକଟସ୍ଥ ମା' କାଲୁଣୀ ଠାକୁରାଣୀଙ୍କ ପୀଠରେ ପ୍ରଥମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇ ମଙ୍ଗଳାବର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଗ୍ରାମରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ବିଭିନ୍ନ ପୂଜା ପରେ ସନ୍ଧ୍ୟାରେ ମହାଯଜ୍ଞ ଆରମ୍ଭ ହୋଇଥିଲା। ଏହି ଉତ୍ସବ ତିନି ଦିନ ଧରି ଚାଲିଥିବାବେଳେ ରବିବାର ପ୍ରଥମ ସନ୍ଧ୍ୟାରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମା'ଙ୍କ ଦର୍ଶନ କରିଥିଲେ। ଏଥିସହିତ ପବିତ୍ର ଅକ୍ଷୟ ତୃତୀୟାରେ ପ୍ରତିଷ୍ଠା ଉତ୍ସବର ଦ୍ୱିତୀୟ ଦିନରେ ମା'ଙ୍କ ଦର୍ଶନ ପାଇଁ ସ୍ଥାନୀୟ ଅଞ୍ଚଳରୁ ବହୁ ଭକ୍ତଙ୍କ ସମାଗମ ହୋଇଥିବାବେଳେ ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ବିଡିଓ ବନ ବିହାରୀ ଦିନ୍ଦା ଓ ଏବିଡିଓ ଶର୍ମିଷ୍ଠା ମଲ୍ଲିକ, ବିଜେଡି ନେତା ପ୍ରତାପ ସାମଲ, ସୁଶାନ୍ତ ରାଉତ, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ଅରୁଣ ପ୍ରକାଶ ନାୟକ ପ୍ରମୁଖଙ୍କ ସମେତ ଶିକ୍ଷକଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ, ସମାଜସେବୀ ପୀଠରେ ପହଞ୍ଚି ଦେବୀଙ୍କୁ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିବାବେଳେ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସ୍ଥାନୀୟ ଯୁବସମିତି ସଭ୍ୟ ସୁଦୀପ୍ତ ଖଟୁଆଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତାଙ୍କ ବାପା ସୁବାସ ଚନ୍ଦ୍ର ଖଟୁଆ ଏବଂ ମାଆ ବାସନ୍ତୀଲତା ଖଟୁଆ ସଙ୍କଳ୍ପ କାର୍ଯ୍ୟ ତୁଲାଇଥିଲେ। ମଙ୍ଗଳବାର ମା'ଙ୍କ ପୂଜା, ଚଣ୍ଡୀପାଠ ସହ ଦେବୀଙ୍କ ରାଜରାଜେଶ୍ୱରୀ ବେଶ ଅନୁଷ୍ଠିତ ହୋଇଥିବାବେଳେ ସନ୍ଧ୍ୟାରେ ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା।

## ଯାତ୍ରା ନାଁରେ ଚାଲିଛି ଜୁଆ ଆଡ୍ଡା; ପତ୍ରିବିନ୍ଧାରେ ତୁମୂଳକାଣ୍ଡ

ସହିଦନଗର,୨୨।୪(ସମିସ): ଧୂଷୁରୀ ଥାନା ଅଧୀନ ଫତେପୁର ପଞ୍ଚାୟତର ପତ୍ରିବିନ୍ଧା ତାରିଣୀ ମନ୍ଦିର ଛକ ନିକଟରେ ତୁମୂଳକାଣ୍ଡ ପରିସ୍ଥିତି ସୃଷ୍ଟି ହୋଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଖୋଲାମେଲା ଭାବରେ ଜୁଆଖେଳ ଚାଲିଥିବାବେଳେ ଗଣ୍ଡଗୋଳ ଘଟିଥିଲା। ଅଭିଯୋଗ ଅନୁଯାୟୀ, ଏହି ଜୁଆ ଖେଳରେ ଲୋକମାନେ ଧାନ, ଚାଉଳ, ପଇସାଠାରୁ ଆରମ୍ଭ କରି ସୁନା ଅଳଙ୍କାର ପର୍ଯ୍ୟନ୍ତ ହାରୁଥିବାରୁ ଗରିବ ପରିବାର ଗୁରୁତର ପ୍ରଭାବିତ ହେଉଛନ୍ତି। ଜୁଆକୁ କେନ୍ଦ୍ର କରି ପ୍ରତିଦିନ ଅସନ୍ତୋଷ ଓ ବଢୁଛି ଏହି ଘଟଣା ସମ୍ପର୍କରେ ଧୂଷୁରୀ ଥାନା ଅଧିକାରୀଙ୍କୁ ଆମ ପ୍ରତିନିଧି ପଚାରିବାରୁ ସେ ସ୍ୱୀକାର କରିଛନ୍ତି ଯେ ହଁ, ସେଠାରେ ଜୁଆ ଖେଳ ଚାଲୁଥିଲା। ଜୁଆ ଖେଳୁଥିବା ଦୁଇ ଗୋଷ୍ଠୀ



ମଧ୍ୟରେ ଜୋର୍‌ଦାର୍ ଝଗଡ଼ା ହୋଇଥିଲା। ଆମେ ଘଟଣାସ୍ଥଳରେ ପହଞ୍ଚି ଜଣେ ବ୍ୟକ୍ତିଙ୍କୁ ଉଠାଇ ଆଣିଛୁ। ସେ ଆହୁରି କହିଛନ୍ତି, କାଲିଠୁ ଏହି ଅଞ୍ଚଳରେ କୌଣସି ଜୁଆ ଖେଳ ହେବନାହିଁ। ଆମେ କଠୋର ପଦକ୍ଷେପ ନେବୁ ଓ ଦୋଷୀଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ କରିବୁ। ଦେଖାଯାଉ ଧୂଷୁରୀ ଥାନା ଅଧିକାରୀ କ'ଣ କରୁଛନ୍ତି। ତଥାପି, ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରଶ୍ନ ଉଠୁଛି, ଦୀର୍ଘଦିନ ଧରି ଏଭଳି ଅବାଧ କାରବାର ଚାଲିଆସୁଥିବା ସତ୍ତ୍ୱେ ପୁଲିସ କାହିଁକି ପୂର୍ବରୁ କଠୋର ପଦକ୍ଷେପ ନେଲାନି? ପୁଲିସର ନିରବତା ଏହି ଅବାଧ କାରବାରକୁ ପ୍ରୋତ୍ସାହନ ଦେଉଛି କି ନାହିଁ ବୋଲି ଲୋକମାନେ ସନ୍ଦେହ ପ୍ରକାଶ କରୁଛନ୍ତି। ତୁରନ୍ତ ଏହି ଜୁଆ ଆଡ୍ଡାକୁ ବନ୍ଦ କରାଯାଉ ଓ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର ଆଇନ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସାଧାରଣ ଲୋକେ ଦାବି କରିଛନ୍ତି। ନ ହେଲେ ଆଗାମୀ ଦିନରେ ଆଇନ କାନୁନ ପରିସ୍ଥିତି ଆହୁରି ଗୁରୁତର ହେବାର ସମ୍ଭାବନା ରହିଛି।

### ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟ୍‌ବଲ

## ଆଗରପଡ଼ା କେସିଭିଏମ୍ ସ୍କୁଲ ଚାମ୍ପିଅନ

ଦୋବଲ,୨୨।୪(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଦୋବଲ କାଳୀପଡ଼ିଆଠାରେ ଅନୁଷ୍ଠିତ ହେଉଥିବା ଦ୍ୱିତୀୟ ସଂସ୍କରଣ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଅନୁଷ୍ଠିତ ଏହି ରୋମାଞ୍ଚକର ଫାଇନାଲ ମ୍ୟାଚ୍‌ରେ ଆଗରପଡ଼ାର କେସିଭିଏମ୍ ସ୍କୁଲ ବିଜୟୀ ହୋଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଟୁର୍ଣ୍ଣାମେଣ୍ଟର ଶେଷ ତଥା ନିର୍ଣ୍ଣାୟକ ମ୍ୟାଚ୍ ଆଗରପଡ଼ା କେସିଭିଏମ୍ ସ୍କୁଲ ଏବଂ ଚାନ୍ଦବାଲି ଏନ୍‌ଏସି ମଧ୍ୟରେ ଖେଳାଯାଇଥିଲା। ଖେଳର ପ୍ରଥମାର୍ଦ୍ଧରୁ ହିଁ ଉଭୟ ଦଳ ପରସ୍ପରକୁ କଡ଼ା ଟକ୍କର ଦେଇଥିଲେ। ତେବେ କେସିଭିଏମ୍ ସ୍କୁଲର ଖେଳାଳିମାନେ ଉନ୍ନତ ପ୍ରଦର୍ଶନ କରି ପ୍ରତିପକ୍ଷ ଚାନ୍ଦବାଲି ଦଳକୁ ୧-୦ ଗୋଲ୍‌ରେ ପରାସ୍ତ କରିଥିଲେ। ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ଚାନ୍ଦବାଲି ଏନ୍‌ଏସି ଗୋଲ୍ ପରିଶୋଧ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର, ଧାମନଗର ବିଡିଓ ବନବିହାରୀ ଦିଣ୍ଡା, ଏନ୍‌ଏସି ଅଧିକାରୀ ସନ୍ତୋଷ ନାୟକ ଏହି ପୁରସ୍କାର ଉତ୍ସବକୁ ପରିଚାଳନା କରିଥିଲେ। ଅତିସ ବେହେରା ଓ ଅନ୍ୟମାନେ ଯୋଗଦେଇ ବିଜୟୀ କେସିଭିଏମ୍ ସ୍କୁଲକୁ ଚାମ୍ପିଅନ ଟ୍ରଫି ଏବଂ ରନର୍ସ ଅପ୍ ଚାନ୍ଦବାଲି ଏନ୍‌ଏସି ଦଳକୁ ରନର୍ସ ଅପ୍ କପ୍ ପ୍ରଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ୍‌କୁ ରେଫରୀ ସେକ୍ ରିଆଜ କାଦ୍ରି, ସୁଶାନ୍ତ ବିଶ୍ୱାଳ, ମହମ୍ମଦ ଆଝାର ଏବଂ ସେକ୍ ସଲିମ୍ ପରିଚାଳନା କରିଥିଲେ।



### ● ଆଖଣ୍ଡଳମଣି ମନ୍ଦିରରେ ରାତ୍ର ନୀତି ବିଳମ୍ବ ଘଟଣା

## ପାଳିଆ ସେବାୟତଙ୍କୁ କାରଣ ଦର୍ଶାଅ ନୋଟିସ

ଭଦ୍ରକ/ଆରଡ଼ି,୨୨।୪(ସମିସ): ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଗତ ସୋମବାର ରାତ୍ର ନୀତି ବିଳମ୍ବ ହେବା ସହ ଅର୍ଦ୍ଧରାତ୍ର ଯାଏଁ ବାବାମଣି ଅନିଦ୍ରା ରହିବା ଘଟଣାର ପୁନରାବୃତ୍ତି ନ ହେବା ପାଇଁ ପ୍ରଶାସନ ପକ୍ଷରୁ ବରିଷ୍ଠ ସେବାୟତଙ୍କ ସହ ଆଲୋଚନା କରାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ସକାଳ ଧୂପ ସହ ଜଳାଭିଷେକ, ରୁଦ୍ରାଭିଷେକ, ବେଲପତ୍ର ଲାଗି ଆଦି ପୂଜା ସମାପନ କରିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ସେବାୟତଙ୍କୁ ଲଟ୍‌କା ଜାରି କରାଯିବା ସହ ଡାକବାଜି ଯନ୍ତ୍ରରେ ଜଣାଯାଇଛି। ତାହା ସହ ମନ୍ଦିରର ନୀତିନିର୍ଘଣ୍ଟ ଅନୁଯାୟୀ, ପାଳିଆ ସେବାୟତ ସମସ୍ତ ନୀତିକାନ୍ତି ସମାପନ କରିବା ପାଇଁ ଲଟ୍‌କା ଜାରି କରାଯାଇଛି। ପାଳିଆ ସେବାୟତ କୌଣସି ଅସୁବିଧା ସମ୍ମୁଖୀନ ହେଲେ ମନ୍ଦିର ପ୍ରଶାସନ ସହାୟତା ନେବାକୁ ଜଣାଯାଇଛି। ଅନ୍ୟପଟେ

**ନିର୍ଦ୍ଧାରିତ ସମୟରେ ନୀତିକାନ୍ତି ସମାପନ କରିବାକୁ ପ୍ରଶାସନର ଲଟ୍‌କା ଜାରି**

ସୋମବାର ପାଳିଆ ପକ୍ଷରୁ ଦେଖାଦେଇଥିବା ରାତ୍ର ନୀତି ବିଳମ୍ବ ବାବଦରେ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି ମନ୍ଦିର ପ୍ରଶାସନ।

## ସବୁଜ ସାଥୀ ସାମ୍ମୁଖ୍ୟର କୃଷକ ସମ୍ବର୍ଦ୍ଧନା ଉତ୍ସବ



ଭଦ୍ରକ,୨୨।୪(ସମିସ): ଭଦ୍ରକର ପ୍ରମୁଖ ସାମାଜିକ ଅନୁଷ୍ଠାନ ସବୁଜସାଥୀ ସାମ୍ମୁଖ୍ୟ ରାଜ୍ୟର କୃଷିଭିତ୍ତିକ ଗଣପର୍ବ ଅକ୍ଷୟ ତୃତୀୟା ପାଳନ ଅବସରରେ ଭଦ୍ରକ ବାଇପାସ୍‌ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ 'ଆମ ସଂସ୍କୃତିରେ ଅକ୍ଷୟ ତୃତୀୟା' ସମ୍ପର୍କିତ ଏକ ଆଲୋଚନାଚକ୍ର ଓ କୃଷକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ସମ୍ମାନିତ ଅତିଥିଭାବେ ଡ. ପ୍ରମୋଦ କୁମାର ନାୟକ ଓ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ଆମ ଭାରତୀୟ ସଂସ୍କୃତି ସହିତ ଅକ୍ଷୟ ତୃତୀୟା ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଉତ୍ସବରେ ସାମ୍ମୁଖ୍ୟର ସଭାପତି ରମେଶ ଚନ୍ଦ୍ର ରାୟ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଦିଲ୍ଲୀପ ଖୁଣ୍ଟିଆ ସାମ୍ମୁଖ୍ୟର ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସଙ୍ଗୀତ ବିଦ୍ୟାଳୟର ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରିଥିଲେ। କୃଷି କବି ଅରୁଣ କୁମାର ପାତ୍ରଙ୍କ ରଚିତ ୨ଟି କୃଷି ପୁସ୍ତକ 'କୃଷି, କୃଷକ ଓ କୃଷି ଜୀବନ' ଏବଂ 'ବିଲେ ବୋଲେ ଚଷା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଭଦ୍ରକ ଜିଲ୍ଲାର ୭ଟି ବ୍ଲକ୍‌ରୁ ୭ ଜଣ କୃଷକସାଥୀ ଓ ୭ ଜଣ ସଫଳ କୃଷକଙ୍କୁ ଉତ୍ତରୀୟ, ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଭଦ୍ରକସ୍ଥିତ ମନ୍ଦିରା ଏକାଡେମୀର ଛାତ୍ରୀମାନେ କୃଷିଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସାମ୍ମୁଖ୍ୟର ସଦସ୍ୟ ଉଦିତ କୁମାର ରାୟ, ଲକ୍ଷ୍ମୀଧର ସାହୁ, ଶ୍ରୀଧର ଦାସ, ପ୍ରଦୀପ ପାଢ଼ୀ, ନିର୍ମଳ ଚନ୍ଦ୍ର ସାହୁ, ପଙ୍କଜ ବାଇ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଅରୁଣ କୁମାର ପାତ୍ର ସମସ୍ତ କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ।

# ଦଳରେ ଭର୍ତ୍ତି ସାଳନ୍ଦୀ ନଦୀ; ଚିନ୍ତାରେ ସହରବାସୀ

ଭଦ୍ରକ,୨୨।୪(ସମିସ)

ଭଦ୍ରକବାସୀଙ୍କ ଜୀବନରେଖା ବା ଲାଇଫ୍ ଲାଇନ ଭାବେ ପରିଚିତ ସାଳନ୍ଦୀ ନଦୀ ଏବେ ଦଳରେ ଭର୍ତ୍ତି ହୋଇ ଏକ ପଡ଼ିଆର ଭ୍ରମ ସୃଷ୍ଟି କରୁଛି। ଫଳରେ ଆଗକୁ ଭଦ୍ରକ ସହରବାସୀଙ୍କ ଚିନ୍ତା ବଢ଼ାଇଛି। ଏକଦା ଭଦ୍ରକ ସହର ଓ ଜିଲ୍ଲାବାସୀଙ୍କ ଜୀବନଧାରା ଭାବେ ବିବେଚିତ ହେଉଥିବା ଏହି ନଦୀ ଏବେ ଜିଲ୍ଲାବାସୀଙ୍କ ଦୁଃଖର କାରଣ ହେବାକୁ ଯାଉଛି। ନଦୀର ଜଳ ପ୍ରବାହ ହ୍ରାସ ପାଇବା ସହିତ ନଦୀପଥକୁ ଏବେ ଦଳ କବଳିତ କରିଛି। ଆଗକୁ ବର୍ଷା ହେଲେ ସ୍ୱତଃ ଜଳନିଷ୍କାସନ ବାଧାପ୍ରାପ୍ତ ହୋଇ ନଦୀ କୂଳ ଲଂଘନ କରି ବନ୍ୟା ସୃଷ୍ଟି କରିବା ନିଶ୍ଚିତ ବୋଲି ସହରବାସୀ ମତବ୍ୟକ୍ତ କରି ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ପ୍ରତିବର୍ଷ ବନ୍ୟା ଆସିଲେ ସାଳନ୍ଦୀ ଜଳସେଚନ ବିଭାଗ ପକ୍ଷରୁ ଦଳ ସଫେଇ ହୁଏ। ହେଲେ ସଫେଇ ନାମରେ କିଛି ପୋଲ, କଲ୍‌ଭର୍ଟ ମୁହଁରୁ ଦଳ ସଫା କରି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଯାଏ। କିନ୍ତୁ ସଫେଇ ତା' ବାଟରେ ଦଳ ତା' ବାଟରେ। କେବଳ ଦଳ ନୁହେଁ, ନଦୀପଥର ବେଆଇନ ଅବରୋଧ ମଧ୍ୟ ସାଳନ୍ଦୀ ନଦୀର ଜଳ ପ୍ରବାହରେ ପ୍ରତିବନ୍ଧକ ସୃଷ୍ଟି କରିଛି। ଗୋଟିଏ ପଟରେ ନଦୀପଥର ବେଆଇନ ଅବରୋଧ ଅନ୍ୟପଟରେ ପୌରପାଳିକାର ଅଧିକାଂଶ ଡ୍ରେନ୍ ସିଧାସଳଖ ନଦୀକୁ ଛାଡ଼ାଯିବା ସହ ସାଳନ୍ଦୀ ଜଳକୁ ଯେତିକି ପ୍ରଦୂଷିତ କରୁନି ନଦୀକୂଳବାସୀଙ୍କ ପାଣି, ପାଇଖାନା ଏବଂ ନର୍ଦ୍ଦମା ପାଣି ତା'ଠୁ ଅଧିକ ପ୍ରଦୂଷିତ କରୁଛି। ଯାହାକି ସାଳନ୍ଦୀରେ ବୃଦ୍ଧି ପାଉଥିବା ଦଳକୁ ବଳ ଯୋଗାଉଛି। ଅନ୍ୟପକ୍ଷରେ ହଦଗଡ଼ ଡ୍ୟାମ୍ ନିର୍ମାଣ ପରେ ନଦୀର ସ୍ୱାଭାବିକ ଜଳ ପ୍ରବାହ ହ୍ରାସ ପାଇଥିବାବେଳେ ବିଭିନ୍ନ ସ୍ଥାନରେ ସାଳନ୍ଦୀ ନଦୀର ଜଳରାଶିକୁ ଶିଳ୍ପ ସଂସ୍ଥାଙ୍କୁ ବିକ୍ରି ଏହାର ଜଳ ପ୍ରବାହ ଆହୁରି ହ୍ରାସ ପାଇ ଚାଷୀଙ୍କ ଚିନ୍ତା ବଢ଼ାଇଛନ୍ତି ସାଳନ୍ଦୀ ନଦୀ। ସାଳନ୍ଦୀ ନଦୀର ଏହି ଭୟଙ୍କର ପରିସ୍ଥିତିକୁ ନେଇ ପରିବେଶବିତ୍‌ମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଦଳ ସଫେଇ ଏହାର ଏକମାତ୍ର ସମାଧାନର ବାଟ ନୁହେଁ ବରଂ ଏହାର ସ୍ଥାୟୀ ସମାଧାନ ପାଇଁ ସରକାର ଚିନ୍ତା କରିବାକୁ ପରାମର୍ଶ ଦେଇଛନ୍ତି ବୁଦ୍ଧିଜୀବୀ। ସାଳନ୍ଦୀ ନଦୀକୁ ଆଚ୍ଛାଦିତ ହୋଇଥିବା ଦଳକୁ ମୂଳୋତ୍ପାଟନ ପାଇଁ ସରକାର ତୁରନ୍ତ ବ୍ୟବସ୍ଥା ନ କଲେ ଆଗକୁ ନଦୀର ଜଳ ପ୍ରବାହ ଓ ଗତିପଥ ବଦଳିବା ନିଶ୍ଚିତ ବୋଲି ମତପ୍ରକାଶ ପାଇଛି। ସେହିଭଳି ସାଳନ୍ଦୀ ନଦୀପଥକୁ ଅବରୋଧମୁକ୍ତ କରିବା ଓ ପ୍ରଦୂଷଣମୁକ୍ତ କରିବା ପ୍ରଶାସନ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ସାଳନ୍ଦୀ ନଦୀକୁ ପ୍ରଦୂଷଣମୁକ୍ତ ରଖିବାକୁ ବିଭିନ୍ନ ସ୍ଥାନରେ ୱାଟର ଟ୍ରିଟ୍‌ମେଣ୍ଟ ପ୍ରତିଷ୍ଠା କରିବାକୁ ଦାବି ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ସବୁଜ ଦଳରେ ସତ୍ତା ହରାଇ ବସିଥିବା ସାଳନ୍ଦୀ ନଦୀରୁ ଦଳ ସଫା କରିବା ସହ ଜବରଦଖଲ ଓ ପ୍ରଦୂଷଣମୁକ୍ତ କରିବା କାର୍ଯ୍ୟ ତୁରନ୍ତ ନ ହେଲେ ଆଗକୁ ୧୯୯୯ ମହାବାତ୍ୟା ଜନିତ ବିପତ୍ତି ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି।



## ୧୨୧ ଗ୍ରାମ ହେରୋଇନ୍ ଜବତ; ଜଣେ ଗିରଫ

ଜଗତସିଂହପୁର,୨୨।୪(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଓହଳ ଗ୍ରାମରେ ଚଢ଼ଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ଥାନା। ଯାଞ୍ଚ ପରେ ତାଙ୍କ ପାଖରୁ ୧୨୧ ଗ୍ରାମର ହେରୋଇନ୍ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ ଓହଳ ଗ୍ରାମର ମିର୍ଜା ଜୁଲଫିକର ବେଗ୍ ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ସମ୍ପର୍କରେ ଜଗତସିଂହପୁର ଅବକାରୀ ଥାନାକୁ ଅଭିଯୋଗ ମିଳିଥିଲା। ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ହେରୋଇନ୍ ରଖିଥିବାର ସୂଚନା ପାଇବା ପରେ ଜଗତସିଂହପୁର ଅବକାରୀ ଥାନାର ଉପନିରୀକ୍ଷକ ଭାଗ୍ୟଲକ୍ଷ୍ମୀ ଦଳାଇଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା। ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ଜଗତସିଂହପୁର ଅବକାରୀ ଥାନାର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ଓହଳସ୍ଥିତ କୋର୍ଟ ଷ୍ଟାପ କଲୋନି ନିକଟରେ ମାଡ଼ି ବସିଥିଲେ। ଅଭିଯୁକ୍ତଙ୍କୁ ଜିଲ୍ଲା ଦୌରାଜଜ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାକୁ ୧୪ଦିନିଆ ବିଚାର ବିଭାଗୀୟ ହାଜତ୍‌କୁ ପଠାଇ ଦିଆଯାଇଛି। ନାର୍କୋଟିକ୍ସ ବ୍ୟବସାୟ ବିରୋଧରେ ଚଢ଼ଉକୁ ଅଧିକ ତୀବ୍ରତର କରାଯିବ ସହ ଶୂନ୍ୟ ସହନଶୀଳ ନୀତିରେ ଏହି ବ୍ୟବସାୟ ସହିତ ଜଡିତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଗାମୀ ଦିନରେ ଅବକାରୀ ବିଭାଗ ତାର ପ୍ରୟାସ ଜାରି ରଖିବ ବୋଲି ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ ପ୍ରକାଶ କରିଛନ୍ତି।

## ଅଲାଣ୍ଡୋ ପଞ୍ଚାୟତରେ କଂଗ୍ରେସକର୍ମୀ ସମ୍ମିଳନୀ

ବିରିଡି,୨୨।୪(ସମିସ): ବିରିଡି ବ୍ଲକ ଅଲାଣ୍ଡୋ ପଞ୍ଚାୟତର ଯୁବ ସଂଗଠକ ତାପସ ବୋଷଙ୍କ ଆହ୍ୱାନରେ ଏବଂ ବରିଷ୍ଠ କର୍ମୀ କୃଷ୍ଣଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତର ଶତାଧିକ କଂଗ୍ରେସ କର୍ମୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ପ୍ରାରମ୍ଭରେ ବ୍ଲକ କିଛିଦିନ ତଳେ ବିରିଡି ବ୍ଲକର ୩ଜଣ କଂଗ୍ରେସ କର୍ମୀଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା ବ୍ଲକ ସଭାପତିଙ୍କ ଚିଠିକୁ ନେଇ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା। ଦୀର୍ଘବର୍ଷ ହେବ କଂଗ୍ରେସ ଦଳକୁ ବିରିଡି ବ୍ଲକରେ ସୁଦୃଢ କରିବାକୁ ଉଦ୍ୟମ ଜାରିରଖିଥିବା ଭାଗ୍ୟଧର ଜେନା, ସମୀର ଖୁଣ୍ଟିଆ, ଶ୍ରୀକାନ୍ତ ପଣ୍ଡାଙ୍କୁ ଦଳରୁ ନିଲମ୍ବନ ଆଗକୁ ଦଳ ପାଇଁ ମହାଙ୍ଗା ପଡିବ ଏବଂ ଯେଉଁମାନେ ଏଥିରେ ସମ୍ପୃକ୍ତ ଅଗାମୀ ଦିନରେ ତାଙ୍କୁ ଘୋର ବିରୋଧ କରାଯିବ ବୋଲି ମଧ୍ୟ କର୍ମୀମାନେ ଚେତାବନୀ ଶୁଣାଇଥିଲେ। ଆଜିର ବୈଠକରୁ ବିରିଡି ବ୍ଲକ କଂଗ୍ରେସ ଏକପ୍ରକାର ଦୁଇଫାଳ ହେବା ଅନୁଭବ ହୋଇଛି। ପରେ ପରେ ବରିଷ୍ଠ କର୍ମୀ ରଜନୀ ବେହେରା ପଞ୍ଚାୟତର ସାଙ୍ଗଠନିକ ବୃଦ୍ଧି ଉପରେ ମାର୍ଗଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଲାଣ୍ଡୋ ପଞ୍ଚାୟତରୁ କାଳନ୍ଦୀ ଜେନା, ପ୍ରଭାତ ରାଉତ, ସମ୍ପଦ ଜେନା, ବଟକୃଷ୍ଣ ଜେନା, କାଳନ୍ଦୀ ପ୍ରଧାନ, ମନୋରଞ୍ଜନ ରାଉତ, ରମେଶ ଜେନା, ଶିବ ମଲ୍ଲିକ, ସଞ୍ଜୟ ଜେନା, ସନାତନ ମଲ୍ଲିକ, କାଳନ୍ଦୀ ମଲ୍ଲିକ, ଶଙ୍କର ମଲ୍ଲିକ, ମିଥୁନ ଭୋଇ, ଦିବାକର ଭୋଇଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିବା ବେଳେ ପୂର୍ବତନ ସରପଞ୍ଚ ବଳରାମ ମଲ୍ଲିକ, ପ୍ରାଣକୃଷ୍ଣ ପଶାୟତ, ପ୍ରତାପ ଦାସ, ଭାଗ୍ୟଧର ଜେନା, ପବିତ୍ର ଦାସ, ସମୀର ଖୁଣ୍ଟିଆ, ପବିତ୍ର ପ୍ରଧାନ, କିଶୋର ବେହେରା, ଶୁରେଶ ନାୟକ, କମଳାକାନ୍ତ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

## ମୁକ୍ତିମନ୍ତ୍ର ସତ୍ୟାଶ୍ରମର ବାର୍ଷିକ ଉତ୍ସବ

କୁଜଙ୍ଗ,୨୨।୪(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ବଡପାଳ ସ୍ଥିତ ମୁକ୍ତି ମନ୍ତ୍ର ସତ୍ୟାଶ୍ରମ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ଆଇନଜୀବୀ କିଶୋର କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଜଗତସିଂପୁର ସାଂସଦ ଡ. ବିଭୁ ପ୍ରସାଦ ତରାଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଟ୍ରଷ୍ଟ ସମ୍ପାଦକ ସୁଧୀର କୁମାର ପତି ଉପସ୍ଥିତ ଜନତାଙ୍କୁ ଉଦାରତା ମାର୍ଗଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ଓକିଲ ସଂଘର ସଭାପତି ସଞ୍ଜୟ କୁମାର ବେହେରା, ପୂର୍ବତନ ସଭାପତି ଏ ଏନ୍ ଡି ଯାଦବଙ୍କ ସମେତ ପ୍ରଦୀପ ଦାସ, ଦୀପକ ମହାନ୍ତି, ମାନସ ନାୟକ, ନୃସିଂହ ଚରଣ ପ୍ରଧାନ, କୈଳାଶ ମହାପାତ୍ର, ପରୀକ୍ଷିତ ସାହୁ, ମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଯୁବ ପ୍ରତିଭା କୃପାମୟୀ ଶତପଥୀଙ୍କ ସଂଯୋଜନା ରେ ସମାଜସେବୀ ବୈଷ୍ଣବ ଚରଣ ନାୟକ, ପ୍ରଦୀପ୍ତ ହାତୀ, ଅବନ୍ତୀ ମାଝୀ, ଆଇନଜୀବୀ ଭାରତ ଭୂଷଣ ଦାସ, କଣ୍ଠ ଶିଳ୍ପୀ ସୁବାଷ ଚନ୍ଦ୍ର ସାମଲ, ଫକୀର ବେହେରା, କୁନି ବାଦକ କୃପା ସିନ୍ଧୁ ବାରିକ୍, ହାର୍ମୋନିଅମ୍ ବାଦକ ସନ୍ତୋଷ ଦଳାଇଙ୍କୁ ପ୍ରତିଭା ମାନଙ୍କୁ ସମ୍ମାନୀତ କରାଯାଇ ଥିଲା।

## ଉତ୍କଳମଣୀ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ



ବାଲିକୁଦା,୨୨।୪(ସମିସ): ବାଲିକୁଦା ବ୍ଲକ ନହରଣା ପଞ୍ଚାୟତ ନହରଣା ଠାରେ ଥିବା ସରକାରୀ ଉତ୍କଳମଣୀ ବିଦ୍ୟାପୀଠ ନହରଣା ପକ୍ଷରୁ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବୁରାମ ଖୁଣ୍ଟିଆ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ଡ. ନୀଳମଣି ପାଣି, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ସୁଶାନ୍ତ କୁମାର ଶତପଥୀ, ଶୁଭଲକ୍ଷ୍ମୀ ତିଆଡ଼ି, ବିଶ୍ୱଜିତ ବେହେରା ଯୋଗ ଦେଇ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ସହ ଗତ ମାଟ୍ରିକ ପରୀକ୍ଷାରେ ଏ-ଟୁରେ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାଳୟର ଛାତ୍ରୀ ପ୍ରାଚୀ ପ୍ରିୟଦର୍ଶିନୀ ବିଶ୍ୱାଳଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରିଥିଲେ।

### ତିର୍ତ୍ତୋଲ ସ୍ୱାଭିମାନ ମଞ୍ଚର ବୈଠକ

# ଦେବାଶିଷ, ପ୍ରତାପ, ଚିରଞ୍ଜୀବ ଓ ରାଜଶ୍ରୀ ଏକାଠି



ତିର୍ତ୍ତୋଲ,୨୨।୪(ସମିସ)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୋଲର୍‌ଠାରେ ଆୟୋଜିତ ତିର୍ତ୍ତୋଲ ସ୍ୱାଭିମାନ ମଞ୍ଚ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ତିର୍ତ୍ତୋଲର ବିଜେଡି ନେତା ମାନେ ଯୋଗଦେଇ ସଂଗଠିତ ହୋଇ ଆସନ୍ତା ପଞ୍ଚାୟତ ନିର୍ବାଚନରେ ବିଜେଡିକୁ ଜିତାଇବା ପାଇଁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହିତ ବିଜେଡିର ନେତା ମାନେ ବିଧାୟକ ରମାକାନ୍ତ ଭୋଇ ଦଳୀୟ ହୁଇପକୁ ଅମାନ୍ୟ କରି କ୍ରସ ଭୋଟିଂ କରିଥିବାରୁ ସେ ତିର୍ତ୍ତୋଲର ସ୍ୱାଭିମାନ ମାଟିକୁ କଳଙ୍କିତ କରିଛନ୍ତି। ତାହାର ଜବାବ ପଞ୍ଚାୟତ ନିର୍ବାଚନରେ ଦିଆଯିବ ବୋଲି କହିଥିଲେ। ମୁଖ୍ୟଅତିଥି ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ରାଜ୍ୟ ସରକାର ଯାହା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ ତାହା ପୂରଣ କରି ପାରିନାହାନ୍ତି। ଆଗାମୀ ୨୦୨୯ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ପୁଣି ମୁଖ୍ୟମନ୍ତ୍ରୀ କରିବା ପାଇଁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଯୋଗଦେଇ ଆମେ ସମସ୍ତେ ତିର୍ତ୍ତୋଲରେ ମିଳିତ ନେତୃତ୍ୱ ଦେବୁ। ଦଳୀୟ ସାଙ୍ଗଠନକୁ ମଜବୁତ୍ କରି ଆସନ୍ତା ପଞ୍ଚାୟତ ନିର୍ବାଚନରେ ଦଳକୁ ବିଜୟୀ କରାଇବୁ ବୋଲି କହିଥିଲେ। ତିର୍ତ୍ତୋଲ ଓ ଜଗତସିଂହପୁର ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ସାଂସଦ ତଥା ତିର୍ତ୍ତୋଲର ପୂର୍ବତନ ବିଧାୟିକା ଡ. ରାଜଶ୍ରୀ ମଲ୍ଲିକ ଏକାଠି ହୋଇ କାର୍ଯ୍ୟ କରି ଦଳୀୟ ସଙ୍ଗଠନକୁ ସୁଦୃଢ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୁଜାତା ମହାନ୍ତି, ବ୍ଲକ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ସୁନିଲ ବେହେରା, ରବି ନାରାୟଣ ସାହୁ, ରଞ୍ଜିତା ସିଂ, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ଲୋରା ମହାପାତ୍ର, ଜିଲ୍ଲା ବିଜେଡି ଉପସଭାପତି ଅଶ୍ୱିନୀ ଦାସ ପ୍ରମୁଖ ଯୋଗଦେଇଥିଲେ। ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା ସଭା ପରିଚାଳନା କରିଥିବା ବେଳେ ବିଜେଡି ରାଜ୍ୟ ମୁଖପାତ୍ର ନାରାୟଣ ପ୍ରସାଦ ଜେନା ଧନ୍ୟବାଦ୍ ଦେଇଥିଲେ। ଏଥିରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଓ ପାରାଦୀପ ନିର୍ବାଚନ ମଣ୍ଡଳୀର ସରପଞ୍ଚ, ସମିତି ସଭ୍ୟ ଓ ଦଳୀୟ କର୍ମୀ ମାନେ ଯୋଗଦେଇଥିଲେ।

## ରେଡିଓ ଆଉଟ୍‌ରିଚର ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ



ଏରସମା,୨୨।୪(ସମିସ): ଅଗ୍ରଣୀ କମ୍ୟୁନିଟି ରେଡିଓ ଷ୍ଟେସନ 'ରେଡିଓ ଆଉଟରିଚ ୯୦.୮' ଏଫଏମ୍ ପକ୍ଷରୁ ଜୟକୃଷ୍ଣ ବିଦ୍ୟାପୀଠ, ଇବ୍ରିସିଂହରେ ଛାତ୍ରଛାତ୍ରୀଙ୍କ ପାଇଁ ଅଂଶୁଘାତ ସଚେତନତା କାର୍ୟକ୍ରମ ଆୟୋଜନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରେଡିଓ ଆଉଟରିଚର କେନ୍ଦ୍ର ନିର୍ଦ୍ଦେଶକ ସୁବ୍ରତ କୁମାର ପତି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଅଂଶୁଘାତର କାରଣ, ଲକ୍ଷଣ ଓ ପ୍ରତିକାର ବିଷୟରେ ବିସ୍ତୃତ ଅଲୋଚନା କରିଥିଲେ। ସେ ଛାତ୍ରଛାତ୍ରୀଙ୍କୁ ଖରା ଦିନେ ଅଧିକ ପାଣି ପିଇବା, ଦିନ ୧୧ଟାରୁ ୩ଟା ମଧ୍ୟରେ ଘର ବାହାରକୁ ନଯିବା, ଖରାରେ ମୁଣ୍ଡ ଢାଙ୍କିବା, ହାଲୁକା ସୁତା ଓ ଢିଲା ପୋଷାକ ପିନ୍ଧିବା ଓ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ଅଂଶୁଘାତ ହେଲେ ଅସୁସ୍ଥ ବ୍ୟକ୍ତିଙ୍କୁ ତୁରନ୍ତ ଥଣ୍ଡା ଜାଗାକୁ ନେବା, ପାଣି ପିଆଇବା ଓ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ ବୋଲି ସେ କହିଥିଲେ। ଅଂଶୁଘାତ ସଚେତନତାରେ ରେଡିଓର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ପତି କହିଥିଲେ। ଗ୍ରାମୀଣ ଓ ଦୂରଦୂରାନ୍ତର ଅଞ୍ଚଳରେ ରେଡିଓ ସହଜରେ ପହଞ୍ଚି ପାରୁଥିବାରୁ ଏହା ମାଧ୍ୟମରେ ସରଳ ଭାଷାରେ ସ୍ୱାସ୍ଥ୍ୟ ସନ୍ଦେଶ ପ୍ରଚାର କରି ଲୋକମାନଙ୍କୁ ସଚେତନ କରାଯାଇପାରେ। ବିଶେଷକରି ଗ୍ରୀଷ୍ମକାଳରେ ନିୟମିତ ସୂଚନା ପ୍ରସାରଣ ଦ୍ୱାରା ଲୋକମାନେ ପୂର୍ବ ସତର୍କତା ନେବାରେ ସକ୍ଷମ ହେଉଛନ୍ତି। ରେଡିଓ ଆଉଟରିଚ ପକ୍ଷରୁ ପ୍ରତିଦିନ ଅଂଶୁଘାତ ସଚେତନତା ବାର୍ତ୍ତା ପ୍ରଚାର ହେଉଛି। ଏହାକୁ ଶୁଣିବାକୁ ଛାତ୍ରଛାତ୍ରୀଙ୍କୁ ଶ୍ରୀ ପତି ପରାମର୍ଶ ଦେଇଥିଲେ। ଏହି ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁରଲୀଧର ରାଉତ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମଟିକୁ ସଫଳ କରିବାରେ ଶିକ୍ଷକ ରବୀନ୍ଦ୍ର ଦାସ ଏବଂ ସୁଚିସ୍ମିତା ଦାସ ସହଯୋଗ କରିଥିଲେ। ଏହି ଅବସରରେ ରେଡିଓ ଆଉଟରିଚ ପକ୍ଷରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଏକ ରେଡିଓ ସେଟ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ରେଡିଓ ଆଉଟରିଚର ସାମ୍ବାଦିକ ସ୍ମୃତି ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଫଳରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଂଶୁଘାତ ସମ୍ବନ୍ଧୀୟ ସଚେତନତା ବୃଦ୍ଧି କରିଥିବାରୁ ଅଭିଭାବକ ଓ ଶିକ୍ଷକମାନେ ସନ୍ତୋଷ ପ୍ରକାଶ କରିଥିଲେ।

## ଦେଢ଼ ବର୍ଷ ପରେ ମଧ୍ୟ ହେଉନି ଯୁଗ୍ମ ତଦନ୍ତ ରିପୋର୍ଟ

ପାରାଦୀପ,୨୨।୪(ସମିସ): ଜଗତସିଂହପୁର ଜିଲ୍ଲାରେ ବର୍ଷ ବର୍ଷ ଧରି ଅଟ୍ରୋସିଟି ମାମଲାରେ ପୁଲିସର ସମ୍ପୂର୍ଣ୍ଣ ନିଷ୍କ୍ରିୟତା, ରାଜନୈତିକ ଚାପ, ପକ୍ଷପାତିତା ଓ ପ୍ରଲୋଭନରେ ପଡ଼ି ମୂଳନିବାସୀ ସମାଜର ସମ୍ବିଧାନିକ ମୌଳିକ ଅଧିକାର ଓ ନିର୍ଯାତନା ନିବାରଣ ଆଇନ ସଠିକ ଭାବେ କାର୍ଯ୍ୟକାରୀ ହେଉନାହିଁ ବୋଲି ସଂଘ ପକ୍ଷରୁ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କୁ ସାକ୍ଷାତ କରି ଅପତ୍ତି ଉଠାଯାଇଛି। ଆଜି ଅତିରିକ୍ତ ଏସ୍‌ପି ଆଜିଙ୍କ୍ୟ ମାନେଙ୍କ କାର୍ଯ୍ୟାଳୟରେ ସମାଜସେବୀ ମନୋରଞ୍ଜନ ଜେନା, ସାବିତ୍ରୀ ବାଇ ଫୁଲେ ସଂଘର ରାଜ୍ୟ ସେବାନେତ୍ରୀ ସୁପ୍ରଭା ମଲ୍ଲିକ, କୁଜଙ୍ଗ ବ୍ଲକ ସଭାପତି ପିଣ୍ଟୁ ଜେନା, କୁଜଙ୍ଗ ବ୍ଲକ ସମ୍ପାଦକ ସର୍ବେଶ୍ୱର ସାହୁ ସହ ବହୁ କର୍ମକର୍ତ୍ତା ଭେଟିଥିଲେ। ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଅଟ୍ରୋସିଟି ମାମଲାରେ ପୁଲିସ ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ନିର୍ଯାତିତମାନଙ୍କୁ ଯଥାପ୍ରକାର ସୁରକ୍ଷା ଦିଆଯାଉନାହିଁ। ପ୍ରିଭେନ୍ସନ ଅଫ ଅଟ୍ରୋସିଟି ଆଇନ ଅନୁସାରେ ତହସିଲ ମ୍ୟାଜିଷ୍ଟ୍ରେଟ ଓ ତଦନ୍ତକାରୀ ଅଧିକାରୀଙ୍କ ଦ୍ୱାରା ତତ୍‌କ୍ଷଣାତ୍ ସୁପରଭିଜନ ସହିତ ଯୁଗ୍ମ ତଦନ୍ତ କରିବାର ବ୍ୟବସ୍ଥା ରହିଛି। ମାତ୍ର ଦେଢ଼ରୁ ଦୁଇ ବର୍ଷ ହେବା ସତ୍ତ୍ୱେ ମଧ୍ୟ ଅଟ୍ରୋସିଟି ମାମଲାରେ ଯୁଗ୍ମ ତଦନ୍ତ ରିପୋର୍ଟ ପ୍ରସ୍ତୁତ ହୋଇନଥିବାରୁ ତହସିଲ କର୍ତ୍ତୃପକ୍ଷ ଓ ପୁଲିସ ତଦନ୍ତ ଅଧିକାରୀମାନେ ଅନିୟମିତତା ଓ ରାଜନୈତିକ ଚାପରେ ମାମଲାକୁ ଅଟକାଇ ରଖିଥିବା ଅଭିଯୋଗ କରାଯାଇଛି। ଅତିରିକ୍ତ ଏସ୍ପି ଏହାର ଆଇନଗତ ପଦକ୍ଷେପ ସପ୍ତାହ ମଧ୍ୟରେ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଇତିହାସ ବିଭାଗର ବିଦାୟ କାଳୀନ ସମ୍ବର୍ଦ୍ଧନା

ପାରାଦୀପ,୨୨।୪(ସମିସ): ପାରାଦୀପ ମହାବିଦ୍ୟାଳୟ ଇତିହାସ ବିଭାଗର ତୃତୀୟ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଭାଗ ପକ୍ଷରୁ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗର ମୁଖ୍ୟ ଅକ୍ଷୟ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷା ଡ. ସସ୍ମିତା ଶତପଥୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ପ୍ରାଧ୍ୟାପକ ଅଶୋକ କୁମାର ବେହେରା ଯୋଗ ଦେଇଥିଲେ। ବିଭାଗୀୟ ଅଧ୍ୟାପକ ପ୍ରତୀକ କୁମାର ପଣ୍ଡା ଓ ଅଧ୍ୟାପିକା ସଂଘମିତ୍ରା ପ୍ରଧାନ ନିଜ ନିଜର ମନ୍ତବ୍ୟରେ ବହୁ ଉପଦେଶ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

### କ୍ୟାନଫେଷ୍ଟର ୨ୟ ସନ୍ଧ୍ୟା

## କାରାଗାରର କାହାଣୀ ମନମୋହିଲା



ପାରାଦୀପ,୨୨।୪(ସମିସ): ପାରାଦୀପର ଜୟଦେବ ସଦନ ଠାରେ ଆୟୋଜିତ ୨୩ତମ ଜାତୀୟ ନାଟ୍ୟ ମହୋତ୍ସବ କାନଫେଷ୍ଟର ୨ୟ ସନ୍ଧ୍ୟାରେ ରାଉରକେଲାର ନିଉ କ୍ରେଓ୍ଟ ରିପରଟରି ଅନୁଷ୍ଠାନ ଯୁବ ନାଟ୍ୟ ନିର୍ଦ୍ଦେଶକ ନଳିନୀ ନିହାର ନାୟକଙ୍କ ନିର୍ଦ୍ଦେଶନାରେ ଓଡ଼ିଆ ନାଟକ 'କାରାଗାରର କାହାଣୀ' ମଞ୍ଚସ୍ଥ ହୋଇଥିଲା। ଏହି ନାଟକରେ ଜେଲ ହେଉଛି ନାୟକ; ଯିଏ ଏହାର କାହାଣୀକୁ ସମସାମୟିକ ଭାବରେ ବର୍ଣ୍ଣନା କରେ। ଇତିହାସ ଏବଂ ନୀତିଶାସ୍ତ୍ରରେ ଜେଲରେ ଲଗାଯାଇଥିବା ବିପ୍ଳବ ଏବଂ ପରିବର୍ତ୍ତନର ବୀଜ ଚିତ୍ରିତ ହୋଇଛି। ଆଜି ଜେଲର ପରିଭାଷାରେ ଏକ ବଡ଼ ପରିବର୍ତ୍ତନ ଆସିଛି। ନାଟକର ପୃଷ୍ଠାଗୁଡ଼ିକରେ ଜେଲର ଧାରଣା ପ୍ରତିଫଳିତ ହୋଇଛି। କଏଦୀ ସଂଖ୍ୟା ୧, ୨, ୩ ଏବଂ ୪କୁ ସମଗ୍ର କଏଦୀଙ୍କ ପ୍ରତୀକ ଭାବରେ ଗ୍ରହଣ କରାଯାଇଛି। କିଛି ସ୍ଥାନରେ ଭାଗବତର ଧାଡ଼ି, ବୀରକିଶୋର ଦାସ, ବଙ୍କିମ ଚନ୍ଦ୍ରଙ୍କ ଗୀତ ନାଟକରେ ଅନ୍ତର୍ଭୁକ୍ତ କରାଯାଇଛି। ସାମଗ୍ରିକ ଭାବରେ, କାରାଗାରର କାହାଣୀ ହେଉଛି ସତ୍ୟ, ପରିବର୍ତ୍ତନ ଏବଂ ପରିବର୍ତ୍ତନର କାହାଣୀ ଯାହା ବାହ୍ୟ ଜଗତ ଏବଂ ମାନବ ମନରେ ଘଟେ। ନାଟକରେ କଳାକାର ମାନଙ୍କର ନିଖୁଣ ଅଭିନୟ ଦର୍ଶକ ମାନଙ୍କ ମନ ମୋହିଥିଲା ଓ ଦର୍ଶକ ମାନେ କ୍ୟାନମାସ ବିଶେଷ କରି ସମ୍ପାଦକ ଶ୍ରୀମନ ମିଶ୍ରଙ୍କ ପ୍ରଚେଷ୍ଟାର ଭୂୟସୀ ପ୍ରଶଂସା ମଧ୍ୟ କରୁଥିବା ଦେଖିବାକୁ ମିଳିଥିଲା। ଆସନ୍ତା କାଲି ୩ୟ ସନ୍ଧ୍ୟାରେ ଭୁବନେଶ୍ୱରର ହୃଦ୍ୟ ନାଟ୍ୟ ସଂସ୍ଥା ପ୍ରଫେସର ରମାକାନ୍ତ ମିଶ୍ରଙ୍କ ନିର୍ଦ୍ଦେଶନାରେ ଓଡ଼ିଆ ନାଟକ ସେକ୍ସପିଅର ମଞ୍ଚସ୍ଥ ହେବ।

## କାଞ୍ଜିଆକଣ ରାଧାକୃଷ୍ଣ ମନ୍ଦିରର ବାର୍ଷିକ ଉତ୍ସବ

ଏରସମା,୨୨।୪(ସମିସ): ଏରସମା ବ୍ଲକର ସୋମପୁର ପଞ୍ଚାୟତର କାଞ୍ଜିଆକଣ ଗୋଠ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠାର ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଳସ ଶୋଭାଯାତ୍ରା, ଘୃତଯଜ୍ଞ ଓ ମନ୍ଦିରର ପୂଜାର୍ଚ୍ଚନା ଓ ହୋମଯଜ୍ଞ ଯଥା ବିଧି ଅନୁସାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କାଞ୍ଜିଆକଣ ଗୋଠର ବିଭିନ୍ନ ଗ୍ରାମର ଗୋପାଳ ଭାଇ ମାନେ ଘୋଡାଡିଆ ପାଟଣା, କାଞ୍ଜିଆକଣ, କାମପଡା, ସନ୍ତୋଳ ପ୍ରଭୃତି ଗ୍ରାମର ଗୋପାଳ ଭାଇମାନେ ଏହି କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାନଗୋବିନ୍ଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଉତ୍କଳ ଯାଦବ ମହାସଭାର ସମ୍ପାଦକ ତଥା ଜଗତସିଂହପୁର ଜିଲ୍ଲା ପର୍ଯ୍ୟବେକ୍ଷକ ତୀର୍ଥବାସୀ ବେହେରା, ଉତ୍କଳ ଯାଦବ ମହାସଭାର ଯୁଗ୍ମ ସମ୍ପାଦକ ତଥା ବାଲିକୁଦା ବ୍ଲକ ଯାଦବ ମହାସଭାର ସଙ୍ଗଠନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା, ସାଲେପୁର ଯାଦବ ମହାସଭାର ସଭାପତି ଅନନ୍ତ ଗୋପାଳ ଦାସ, ଦୀପକ ଯାଦବ, ବୟାଳିଶ ମୌଜା ଯାଦବ ମହାସଭାର ସମ୍ପାଦକ ପ୍ରସନ କୁମାର ବେହେରା, ଲକ୍ଷ୍ମୀଧର ବେହେରା, ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ପୂର୍ବତନ ବିଧାୟକ ଡ. ଲଲାଟେନ୍ଦୁ ମହାପାତ୍ର, ବିଜେପି ନେତା ସତ୍ୟସାରଥୀ ମହାନ୍ତି, ସମାଜସେବୀ ସଂଜୀବ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗୋଠ ବେହେରା ଅମୂଲ୍ୟ ବେହେରା, ମାନ ଗୋବିନ୍ଦ ଦାସ, ଚିତ୍ରସେନ ବେହେରା, ଚିନ୍ମୟ ଦାସ, ଅଭୟ ବେହେରା, ଧ୍ରୁବ ଚରଣ ଦାସ, ହେମନ୍ତ ଦାସ, ଅଜୟ ଦାସ, ଅରବିନ୍ଦ ଦାସ, ପପୁ ଦାସ, ପ୍ରହଲା ଦାସ, ଶିବ ଚରଣ ଦାସ, ଧର୍ମାନନ୍ଦ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ପରିଚାଳନା କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକନୃତ୍ୟ, କାଠି ଲଉଡ଼ି ଖେଳ ଓ ରାମଲୀଳା ଅନୁଷ୍ଠିତ ହୋଇଥିଲା।

### ମହିଳା ସଂରକ୍ଷଣ ବିଲ୍ ପ୍ରସଙ୍ଗ

# କେନ୍ଦ୍ର ସରକାରଙ୍କୁ କଂଗ୍ରେସର ଟାର୍ଗେଟ୍



ଜଗତସିଂହପୁର,୨୨।୪(ସମିସ)

ମହିଳା ସଂରକ୍ଷଣ ବିଲ୍ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛି ଜଗତସିଂହପୁର ଜିଲ୍ଲା କଂଗ୍ରେସ। ଜଗତସିଂହପୁର ସହରର ସାନବଜାର ସ୍ଥିତ ଏକ ଘରୋଇ ମଣ୍ଡପରେ ଜିଲ୍ଲା କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରସ କମିଟିର ମୁଖପାତ୍ର ଆଡଭୋକେଟ ମୁଖପାତ୍ର ନିଶିକାନ୍ତ ମିଶ୍ର, ଆଡଭୋକେଟ ଲଲାଟେନ୍ଦୁ ଦାଶ ପ୍ରମୁଖ ଯୋଗଦେଇ ବିଜେପି ସରକାରର ବିଭ୍ରାନ୍ତିକର ପଦକ୍ଷେପକୁ ତୀବ୍ର ସମାଲୋଚନା କରିଥିଲେ। ମହିଳା ଆରକ୍ଷଣ ବିଲକୁ ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ ବିଲ୍ ସହ ସଂଯୋଗ କରି ବିଜେପି ଯେଉଁ ଚାଲ ଖେଳିଥିଲା ତାହା ଧରପଡିଯିବାରୁ ଦଳ ଅଯଥାରେ କଂଗ୍ରେସକୁ ବଦନାମ କରିବା ପାଇଁ ଉଦ୍ୟମ କରୁଛି ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ଦଳୀୟ ନେତାମାନେ ସୂଚନା ଦେଇଥିଲେ। ବିଲ୍ ଆଗତ ପୂର୍ବରୁ ସରକାରୀ ଦଳ କୌଣସି ବିରୋଧୀ ଦଳ ସହିତ ଆଲୋଚନା କରିନଥିଲେ। ସେହିପରି ଆନ୍ତରିକତା ଓ ସମନ୍ୱୟ ଅଭାବ ସହିତ କେତେକ ରାଜ୍ୟରେ ନିର୍ବାଚନ ଚାଲିଥିବା ବେଳେ ମହିଳା ସଂରକ୍ଷଣ ବିଲ୍‌କୁ ଅସ୍ତ୍ର କରି ସୀମା ନିର୍ଦ୍ଧାରଣ ନାଁରେ ଆଗତ କରିବା ସରକାରୀ ଦଳର ଆଭିମୁଖ୍ୟ ରହିଥିଲା ବୋଲି କଂଗ୍ରେସ ଅଭିଯୋଗ ଉଠାଇଛି। ସଂସଦରେ ନିଶ୍ଚିତ ହାରିବେ ବୋଲି ଜାଣି ମଧ୍ୟ କେବଳ କଂଗ୍ରେସକୁ ବଦନାମ କରିବା ପାଇଁ ଏଭଳି ଅପଚେଷ୍ଟା କରାଯାଇଥିଲା ବୋଲି ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ନାୟକ ସୂଚନା ଦେଇଥିଲେ। ସମ୍ମିଳନୀ ପ୍ରାରମ୍ଭରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକ ଅବସରରେ ଉପସ୍ଥିତ କଂଗ୍ରେସ କାର୍ଯ୍ୟକର୍ତ୍ତା ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ବିଷ୍ଣୁ ଚରଣ ବାରିକ, ଜିଲ୍ଲା କଂଗ୍ରେସ କମିଟି ମୁଖପାତ୍ର ସର୍ବେଶ୍ୱର ପଣ୍ଡା, ଅଭିଜିତ ସାହୁ, ଜିଲ୍ଲା କଂଗ୍ରେସ କମିଟି ଉପ ସଭାପତି ଅମ୍ବିକା ପ୍ରସାଦ ଦାସ, ପ୍ରଶାନ୍ତ ଦାସ, ମହମ୍ମଦ ଅବଦୁଲ ଓ୍ୱାହିଦ, ଅଶ୍ୱିନୀ ସ୍ୱାଇଁ, ସାଧାରଣ ସମ୍ପାଦକ ଶୁଭ ନାରାୟଣ ନାୟକ, ବିଦ୍ୟାଧର ବାରିକ, ସମ୍ପାଦକ ଜିତୁ ନାରାୟଣ ସାହୁ, ବସନ୍ତ ନାୟକ, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ଧନଞ୍ଜୟ ସୂତାର, ଅଞ୍ଜନ କୁମାର ଜେନା, ବୃନ୍ଦାବନ ପ୍ରଧାନ, ରୂପଶ୍ରୀ ରାଗିଣୀ ଦାଶ, ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନ ରଞ୍ଜନ ପୃଷ୍ଟି, ବିରିଡି ବ୍ଲକ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ର, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ସଫି ଆଜମ୍, ମହିଳା କଂଗ୍ରେସ ନେତ୍ରୀ ଦିପ୍ତିମୟୀ ପ୍ରଧାନ, ସରସ୍ୱତୀ ସାହୁ, ସୁକାନ୍ତ ସେଠୀ, ପ୍ରଦିପ୍ତ ଶତପଥୀ, କିଶୋର ପଟ୍ଟନାୟକ, ପ୍ୟାରେଶ ପାତ୍ର, ଆଲୋକ ସାହୁ, ପ୍ରତ୍ୟୁଷ ନାୟକ, ସାଇ ପ୍ରଭଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜଳଛତ୍ର



ଜଗତସିଂହପୁର,୨୨।୪(ସମିସ): ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ଜୟବଡ ସ୍ଥିତ ଶ୍ରୀଜଗନ୍ନାଥ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଜଗନ୍ନାଥ ମନ୍ଦିର ନିକଟରେ ଜଳଛତ୍ର ଖୋଲାଯାଇ ତୃଷାର୍ତ୍ତମାନଙ୍କୁ ଅଭଡା ପାଣି ବଣ୍ଟନ କରାଯାଇଛି। ସପ୍ତାହବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୋଟିଏ ଦିନ ମଞ୍ଚର ମହିଳା ସଦସ୍ୟାମାନେ ସେବା ଯୋଗାଇଥିଲେ। ଏଥିରେ ସଞ୍ଜୁକ୍ତା ଦାସ, ଜୟନ୍ତୀ ସାହୁ, କାନନବାଳା ସେନାପତୀ, ସ୍ନେହାଞ୍ଜଳି ସାହୁ, ଗୀତାରାଣୀ ଦାସ,ଉମାଶ୍ରୀ ମହନ୍ତ ଏବଂ ମଞ୍ଜୁଳା ଗୋଚ୍ଛାୟତ ପ୍ରମୁଖ ଯୋଗ ଦେଇ ସେବା ପ୍ରଦାନ କରିଥିଲେ। ସେହିପରି ଅନ୍ୟଦିନ ମାନଙ୍କରେ ମଞ୍ଚର ସଭାପତି ଡା. ରଘୁନାଥ ଜେନାଙ୍କ ନେତୃତ୍ୱରେ ପ୍ରେମାନନ୍ଦ ପଢିହାରୀ, ରବୀନ୍ଦ୍ରନାଥ ସାହୁ, ରମାକାନ୍ତ ସାହୁ, ବିଜୟ କୁମାର ରଥ, ନିତ୍ୟାନନ୍ଦ ପଢିହାରୀ, ଈଶ୍ୱର ଚନ୍ଦ୍ର ନନ୍ଦ, ପ୍ରଦୀପ୍ତ ପଟ୍ଟନାୟକ, ଶ୍ରୀକାନ୍ତ ବେହେରା, ସୁଧାକର ମହାପାତ୍ର, ହୃଦାନନ୍ଦ ମହାନ୍ତି ଏବଂ ଡ. ଅବଧୂତ ନାୟକ ପ୍ରମୁଖ ଉପସ୍ଥିତ ରହି ତୃଷାର୍ତ୍ତ ପଥଚାରୀମାନଙ୍କୁ ଜଳସେବା ପ୍ରଦାନ କରିଥିଲେ। ମଞ୍ଚର ଏହି ମହତ କାର୍ଯ୍ୟକୁ ସବୁ ମହଲରେ ସ୍ୱାଗତ ଏବଂ ପ୍ରଶଂସା କରାଯାଇଛି।

# ଅବଧି ପରେ ବି ସରୁନି ନୂଆପାଟଣା ସେତୁ

କୟାଁଗୋଲା,୨୨।୪(ସମିସ)

ଯାଜପୁର ଜିଲା ଦଶରଥପୁର ବ୍ଲକ ଅଧୀନ ବୈତରଣୀ ନଦୀର ନୂଆପାଟଣାଠାରେ ନିର୍ମାଣାଧୀନ ହାଇଲେଭଲ ସେତୁ କାର୍ଯ୍ୟ ବିଳମ୍ବ ହେଉଛି। ସେତୁ ନିର୍ମାଣର ମୂଳ ନକ୍ସା ପରିବର୍ତ୍ତନ ଯୋଗୁ କାର୍ଯ୍ୟ ବିଳମ୍ବ ହେବା ସହ ନିର୍ଦ୍ଧାରିତ ବ୍ୟୟ ଅଟକଳ ୨ ଗୁଣ ବୃଦ୍ଧି ପାଇଛି। ହେଲେ ସେତୁ ନିର୍ମାଣ ସମ୍ପୂର୍ଣ୍ଣ ନ ହେବା ଫଳରେ ଯାଜପୁର ଓ ଭଦ୍ରକ ଜିଲାର ହଜାରହଜାର ଲୋକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ହାଇଲେଭଲ ସେତୁ ୨୦୨୦-୨୧ ଆର୍ଥିକ ବର୍ଷରେ ଆରମ୍ଭ ହୋଇଥିଲା। ଆଶୀର୍ବାଦ କନଷ୍ଟ୍ରକସନ ନାମକ ଏକ ଠିକା



ସଂସ୍ଥା ନିର୍ମାଣ ନିମନ୍ତେ ଚୁକ୍ତିନାମା ସ୍ୱାକ୍ଷରିତ କରିଥିଲା। ୨୦୨୩ ଜାନୁଆରୀ ୨୧ ସୁଦ୍ଧା ସେତୁ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ କମ୍ପାନୀ ଚୁକ୍ତି କରିଥିଲା। ହେଲେ ପ୍ରାୟ ତିନି ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିବାହିତ ହୋଇଗଲା ପରେ ମଧ୍ୟ ସେତୁ ନିର୍ମାଣ ସରିନାହିଁ। ୬୨.୮ ମିଟର ଲମ୍ବର ୩ ସ୍ପାନ ମୋଟ ୧୮୬.୨୪ମିଟର ପାଇଁ ଏହି ସେତୁର ନିର୍ମାଣ କାର୍ଯ୍ୟ ଏଷ୍ଟିମେଟ୍ ହୋଇଥିଲା। ସେତେବେଳେ ୫୦କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା।

ଏବେ ନକ୍ସା ପରିବର୍ତ୍ତନ ପାଇଁ ଡେଭିଏସନ୍ କରାଯାଇ ଏଷ୍ଟିମେଟ୍ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଛୁଇଁଲାଣି। ୨୦୧୯ରେ ଏହି ସେତୁକୁ ସେତେବେଳର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। ଏହି ସେତୁ ହେଲେ ଭଦ୍ରକ ଜିଲାର ବେତାଳି ଗାଁ, ସାହୁ ସାହି, ଗଡ଼ଗଡ଼ି ସାହି, ସୁନ୍ଦରପୁର, ଦୋହରାପାଟଣା, ସାଆଁଳପୁର ଓ ଯାଜପୁର ଜିଲାର ରଡ଼ଗାଁ, କୋଟପୁର, ସୋଲପାଟ, ନିଜାମପୁର, ପାରିପଦା, ସୁସୁଆ, ଗରଡ଼ିହ, ସହିମାଡ଼ ଓ କମାରଡ଼ିହ ଆଦି ଗ୍ରାମର ଲୋକେ ସେତୁଟି ସମ୍ପୂର୍ଣ୍ଣ ଉପକୃତ ହେବେ। ଏବେ ସେତୁଟି ସମ୍ପୂର୍ଣ୍ଣ ନ ହେବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବା ପାଇଁ ସାମାଜିକ କର୍ମୀ ନିର୍ମଳ ଚନ୍ଦ୍ର ବେହୁରିଆ ଦାବି କରିଛନ୍ତି।

**ମଧୁବାବୁ ଭତ୍ତା ଯୋଜନା ଦେଉଛି ଯନ୍ତ୍ରଣା**

# ହଜାର ହଜାର ହିତାଧିକାରୀ ଅପେକ୍ଷାରେ

କୟାଁଗୋଲା,୨୨।୪(ସମିସ): ଦଶରଥପୁର ବ୍ଲକର ଗ୍ରାମାଞ୍ଚଳରେ ବହୁ ବୃଦ୍ଧ, ବିଧବା, ଦିବ୍ୟାଙ୍ଗ ମଧୁବାବୁ ପେନ୍‌ସନ୍ (ଭତ୍ତା) ପାଇବା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରିଛନ୍ତି। ଉକ୍ତ ଯୋଜନାଟି ଗରିବ ଓ ଅସହାୟ ଲୋକଙ୍କ ପାଇଁ ଆଶାର ଆଲୋକ ସଦୃଶ ସାଜିଥିବା ବେଳେ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକରେ ବାସ୍ତବ ଚିତ୍ର କିନ୍ତୁ ନୈରାଶ୍ୟଜନକ ଦେଖିବାକୁ ମିଳିଛି। ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ଭତ୍ତା ବୃଦ୍ଧି, ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ରହିଥିବା ଯୋଜନାକୁ ତ୍ୱରାନିତ କରିବାକୁ ପ୍ରତିଶ୍ରୁତି ଦେଇଥିଲା; କିନ୍ତୁ ସରକାର ଗଠିତ ହେବାର ୨ ବର୍ଷ ବିତିବାକୁ ବସିଥିବା ବେଳେ ଆଜି ବି ମଧୁବାବୁ ପେନ୍‌ସନ୍ ଭତ୍ତା ପାଇବା ଅପେକ୍ଷାରେ ହଜାର ହଜାର ହିତାଧିକାରୀ ଚାତକ ପରି ଚାହିଁ ରହିଛନ୍ତି। ବିଭିନ୍ନ ବର୍ଗର ଅସହାୟ ଗରିବ, ବୃଦ୍ଧ, ବିଧବା, ଭିନ୍ନକ୍ଷମ ମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଭତ୍ତା ହେଉଛି ଜୀବନର ଆଧାର। କିଛି ବର୍ଷ ହେଲା ଏହି ଭତ୍ତା ପାଇଁ ହିତାଧିକାରୀଙ୍କ ଲମ୍ବା ଲାଇନ୍ ରହିଛି। ଭିନ୍ନ ଭିନ୍ନ ଅଧିକାରୀଙ୍କ ପାଖରେ ଶହ ଶହ ଆବେଦନପତ୍ର ପଡ଼ି ରହିଛି। ଆବଶ୍ୟକ ସମୟରେ ଯାଞ୍ଚ କିମ୍ବା ପଦକ୍ଷେପ ନିଆଯାଇ ନଥିବାରୁ ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ସାମିଲ ହେବାରୁ ବଞ୍ଚିତ ରହିଥିବା ଅଭିଯୋଗ ହେଉଛି। ଅନେକ ଆବେଦନପତ୍ର ଯାଞ୍ଚ ପ୍ରକ୍ରିୟାରେ ଅଟକି ରହିଛି। ତେବେ ମିଳିଥିବା ସୂଚନା ଅନୁସାରେ ଦଶରଥପୁର ବ୍ଲକ ୩୫ଟି ପଞ୍ଚାୟତରେ ସମୁଦାୟ ୪୨୮୧ ଜଣ ହିତାଧିକାରୀଙ୍କ ଆବେଦନ ପତ୍ର ବିଭିନ୍ନ ଅଧିକାରୀଙ୍କ ପାଖରେ ଯାଞ୍ଚ ହେବା ନିମନ୍ତେ ଅଟକି ରହିଛି। ଅଧିକାରୀମାନେ କାହିଁକି ଉକ୍ତ ଆବେଦନ ପତ୍ର ଗୁଡ଼ିକୁ ଯାଞ୍ଚ କରୁ ନାହାନ୍ତି କି ଭତ୍ତା ମଞ୍ଜୁର କରୁନାହାନ୍ତି। ଯୋଜନାର ଉଦ୍ଦେଶ୍ୟ ଯଦି ସତରେ ଗରିବ ଓ ଅସହାୟଙ୍କ ସହାୟତା କରିବା ତେବେ ଦଶରଥପୁର ବ୍ଲକରେ ଲମ୍ବିଥିବା ଆବେଦନଗୁଡ଼ିକୁ ଶୀଘ୍ର ସମାଧାନ କରିବା ଆବଶ୍ୟକ ନଚେତ୍ ଭତ୍ତା ପାଇଁ ଅପେକ୍ଷା କରିଥିବା ଲୋକମାନଙ୍କ ଆଶା ଧିରେ ଧିରେ ନିରାଶାରେ ପରିଣତ ହେବ। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ ନକରିବାର ପରିତାପର ବିଷୟ।

## କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଧର୍ମଶାଳା,୨୨।୪(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ କଦମପାଳ ପଞ୍ଚାୟତର କଦମପାଳ ୟୁଜିଏମ୍‌ଇ ସ୍କୁଲ୍ ଏବଂ କଦମପାଳ-ନୋଷ୍ଠାସ୍ଥିତ ବୁଢ଼ୀ ଜାଗୁଲାଇ ହାଇସ୍କୁଲର ପ୍ରଥମ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ କୃତୀ ଛାତ୍ରଛାତ୍ରୀ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ଉକ୍ରଳମଣି ସେବାସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହିତ ନଗଦ ଅର୍ଥରାଶି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକର୍ମରେ ମୁଖ୍ୟଅତିଥି ଭାବେ ଅନନ୍ତ କିଶୋର ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ପ୍ରଭାକର ମଣ୍ଡଳ, ଭରତ ଚନ୍ଦ୍ର ପ୍ରଧାନ, ସନାତନ ପ୍ରଧାନ, ଏବଂ ଉଭୟ ସ୍କୁଲର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଜେନା, ସୁଶୀଲ କୁମାର ପ୍ରଧାନ, ଏବଂ ସ୍କୁଲ ର ସମସ୍ତେ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶିକ୍ଷକ ଜନ୍ମେଜୟ ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ।

## ଝାଡ଼େଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କର୍ମଶାଳା



ଦାନଗଦି,୨୨।୪(ସମିସ): ଦାନଗଦି ବ୍ଲକ ଟୋଲକାନି ସ୍ଥିତ ଝାଡ଼େଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସର ରେଡ୍ ରିବନ କ୍ଲବ ସହାୟତାରେ "ଚାପ ମୁକ୍ତ ପରୀକ୍ଷା ପ୍ରସ୍ତୁତି' ଶୀର୍ଷକ ଏକ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା ଏହାକୁ ଉଦଘାଟନ କରି କହିଲେ ଯେ ଏକାଗ୍ରତା ଓ ଆତ୍ମବିଶ୍ୱାସ ହିଁ ସଫଳତାର ମୂଳମନ୍ତ୍ର।

ମୁଖ୍ୟବକ୍ତା ଭାବେ କଟକ ସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଛାତ୍ର ତଥା ସମାଜସେବୀ ମନୋଜ କୁମାର ସାହୁ ଯୋଗ ଦେଇ ପରୀକ୍ଷା ପୂର୍ବରୁ ମାନସିକ ଚାପକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷା ବିଭାଗର ମୁଖ୍ୟ ଡ. କ୍ଷୀରୋଦ ଚନ୍ଦ୍ର ବେହେରା, ଗଣିତ ବିଭାଗର ମୁଖ୍ୟ ଅଧ୍ୟାପିକା ମୀରାମ୍ବିକା ସାହୁ ପ୍ରମୁଖ ଯୋଗ ଦେଇ ପରୀକ୍ଷା ସମୟରେ ପ୍ରସ୍ତୁତି ଓ ମାନସିକ ସ୍ଥିରତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପିକା ଇତିଶ୍ରୀ ମଲ୍ଲିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅର୍ଥନୀତି ବିଭାଗର ଅଧ୍ୟାପିକା କଲ୍ୟାଣୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ଅମର ସେଠୀ, ଅଭୟ କୁମାର ସାହୁ, ମୁନା ନାୟକ ଅଧ୍ୟାପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ ସମେତ ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

## ଗୁରୁପୂଜନ ଓ ଚାରାରୋପଣ କାର୍ଯ୍ୟକ୍ରମ

କୟାଁଗୋଲା,୨୨।୪(ସମିସ): ଦଶରଥପୁର ବ୍ଲକର ଜୟନ୍ତରା ପଞ୍ଚାୟତ ସ୍ଥିତ ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟରେ ୨୦୦୨ ବ୍ୟାଚ ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଧୁମିଳନ, ଗୁରୁ ପୂଜନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁଙ୍କୁ ଛାତ୍ରଛାତ୍ରୀ ମାନପତ୍ର ଦେଇ ସମ୍ବର୍ଦ୍ଧନା କରିଥିଲେ।

ପରେ ଛାତ୍ରଛାତ୍ରୀ ଓ ଗୁରୁଙ୍କ ମଧ୍ୟରେ ଥିବା ସୁସମ୍ପର୍କ ବିଷୟରେ ଆଲୋଚନା କରିବା ସହ ପୁରାତନ ସମୟର ବିଦ୍ୟାଳୟର କିଛି କଥା ମନେ ପକାଇଥିଲେ। ପରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ରଛାତ୍ରୀ ରାମଚନ୍ଦ୍ର ଜେନା, ସୁଶାନ୍ତ ସେଠୀ, ସୁଶାନ୍ତ ଜେନା, ଜନ୍ କବୀର୍, ସମ୍ମୁଆ ବେହେରା, ତପନ କୁମାର ଜେନା, ନିରୁପମା ସେଠୀ, ଶ୍ରଦ୍ଧାଞ୍ଜଳି ଜେନା, ଗୌରି ଜେନା, ଶ୍ରଦ୍ଧାଞ୍ଜଳି ଦାସ, ସୌଦାମିନୀ ବେହେରା ସମେତ ୨୦୦୨ବ୍ୟାଚର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରୁଥିଲେ।

## ପତିତପାବନ ବିଦ୍ୟାଳୟରେ ଛାତ୍ର ସମ୍ମିଳନୀ

ଧର୍ମଶାଳା, ୨୨।୪ (ସମିସ): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପତିତପାବନ ଉଚ୍ଚ ବିଦ୍ୟାଳୟର ୧୯୯୮ ବ୍ୟାଚର ଛାତ୍ରଛାତ୍ରୀଙ୍କର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନରେ ସ୍କୁଲର ଶିକ୍ଷକ ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ, ଭାରତ ଚନ୍ଦ୍ର ଦାସ, ଶିବ ପ୍ରସାଦ ଦାସ, ରାମଚନ୍ଦ୍ର ସାହୁ, ଯୁଗଳ କିଶୋର ଦାସ ପ୍ରମୁଖଙ୍କ ସମେତ ସ୍କୁଲର ପୁରାତନ ଛାତ୍ର ଛାତ୍ରୀ ଯୋଗଦେଇଥିଲେ। ପୁରାତନ ଛାତ୍ର ଗୟାଧର ନାୟକ ଛାତ୍ରଛାତ୍ରୀ ଉତ୍ତରୀୟ ଓ ଫୁଲ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ବନ୍ଧୁ ମିଳନରେ ଛାତ୍ରଛାତ୍ରୀ ପରସ୍ପର ଭିତରେ ଅତୀତ ବିଷୟରେ ଆଲୋଚନା କରିଥିଲେ। ପୁରାତନ ଛାତ୍ର ଶ୍ୟାମସୁନ୍ଦର ସ୍ୱାଇଁ, ପ୍ରିୟବ୍ରତ ରାୟ, ଭିକାରି ସାମଲ, ସ୍ମିତାରାଣୀ ବରାଳ, ଅନିତା ଜେନା, ରଞ୍ଜିତା ମଲିକ ପ୍ରମୁଖ ପରିଚାଳନା କରିଥିଲେ।

**ବେଆଇନ୍ ସିଦ୍ଧେଶ୍ୱର ବାଲିଘାଟ ପଛରେ କାହାର ହାତ**

# କାହା ଚାପରେ ଚୁପ୍ ରହିଛି ଖଣି ବିଭାଗ

ଯାଜପୁର,୨୨।୪(ସମିସ): ଯାଜପୁରସହର ଅନତି ଦୂରରେ ସିଦ୍ଧେଶ୍ୱର ଘାଟ ଅବସ୍ଥିତ। ଏହି ଘାଟଟି ପୁରାଣ ପ୍ରସିଦ୍ଧ ହୋଇଥିବା ବେଳେ ଏଠାରୁ ଦିନ ରାତି ୨୪ ଘଣ୍ଟା ବେଆଇନ ଭାବେ ବାଲି ଉଠାଣ କରି ବାଲି ମାଫିଆ ମାନେ ଚଢ଼ା ଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ପ୍ରତ୍ୟେକ ଦିନ ଏଠାରେ ଶହ ଶହ ଟ୍ରାକ୍ଟର ଯୋଗେ ବାଲି ଚାଲାଣ କରାଯାଉଥିବା ବେଳେ ଜିଲ୍ଲା ପ୍ରଶାସନ ଓ ଖଣି ବିଭାଗ ସଂପୂର୍ଣ୍ଣ ନିରବ ରହିଥିବା ସାଧାରଣରେ ଆଶ୍ଚର୍ଯ୍ୟ କରୁଛି। ଏହି ଚୋରା ବାଲିଘାଟ ପଛରେ କେଉଁ ବ୍ୟକ୍ତିର ପ୍ରଚ୍ଛନ୍ନ ହାତ ଅଛି ଯାହା ପାଇଁ ଜିଲ୍ଲା ପ୍ରଶାସନ ଓ ଖଣି ବିଭାଗ ଚୋରା ବାଲି ମାଫିଆ ମାନଙ୍କୁ ସିଧା ସଳଖ ଭାବେ ପ୍ରୋତ୍ସାହିତ କରୁଅଛି। କେବଳ ଖଣି ବିଭାଗ ନୁହଁ ଯାଜପୁର ଜିଲ୍ଲା ପ୍ରଶାସନର ତହସିଲ, ଯାଜପୁର ଥାନା ଏ ବିଷୟରେ ଜାଣି ମଧ୍ୟ ଚୁପ ରହିଥିବା ସମସ୍ତଙ୍କୁ ଚକିତ କରିଛି। ଏହି ଘାଟରୁ ଚୋରା ବାଲି ଉଠାଯାଇ ଯାଜପୁର ଏବଂ ପଡୋଶି ଭଦ୍ରକ ଜିଲାକୁ ଚାଲାଣ କରାଯାଉଛି। ଯଦି କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଏହି ଚୋରା ବାଲି ଘାଟ ସଂପର୍କରେ ଯାଜପୁର ଥାନା, ତହସିଲ ଏବଂ



ଖଣି ବିଭାଗକୁ ଅଭିଯୋଗ କରନ୍ତି ସଙ୍ଗେ ସଙ୍ଗେ ବାଲି ମାଫିଆମାନେ ଖବର ପାଇ ସେମାନଙ୍କୁ ଧମକ ଦେବାସହ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଥାନ୍ତି। ଶୁଣାଯାଉଛି ଯାଜପୁର ଥାନା ଏବଂ ଖଣି ବିଭାଗକୁ ଟ୍ରାକ୍ଟର ପିଛା ଦୈନିକ ମୋଟା ଅଙ୍କର ଅର୍ଥ ହାତଗୁଞ୍ଜା ଦେଇ କାରବାର ବୃଦ୍ଧି କରୁଛନ୍ତି। ଏହି ରାସ୍ତା ଦେଇ ଦୈନିକ ଶହ ଶହ ବ୍ୟକ୍ତିମାନେ ତାଙ୍କ ପିତୃ ପୁରୁଷ ଉଦ୍ଦେଶ୍ୟରେ ଅସ୍ଥି ବିସର୍ଜନ କରିବା ପାଇଁ ସିଦ୍ଧେଶ୍ୱର ଘାଟକୁ ଯାଇଥାନ୍ତି। ସେମାନଙ୍କ ସହ ଅନେକ ଥର ଟ୍ରାକ୍ଟର ଯୋଗୁଁ ଦୁର୍ଘଟଣା ମଧ୍ୟ ଘଟୁଥିବା ଦେଖାଦେଇଛି। ଏ ସଂପର୍କରେ ସ୍ଥାନୀୟ ଅଧିବାସୀମାନେ ମଧ୍ୟ ଜିଲା ପ୍ରଶାସନକୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବାଲି ମାଫିଆଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଅଭିଯୋଗ ହେଉଛି। ବାଲି ମାଫିଆମାନଙ୍କୁ ସ୍ଥାନୀୟ ଅଧିବାସୀମାନେ ବାଲି ବନ୍ଦ କରିବା ପାଇଁ ଅନେକ ଥର ଅଭିଯୋଗ କରିଥିଲେ ମଧ୍ୟ ସେମାନେ କୌଣସି କର୍ଣ୍ଣପାତ କରୁନଥିବା ଦେଖିବାକୁ ମିଳିଛି ତାଙ୍କ ପଛରେ କିଛି ବିଶିଷ୍ଟ ବ୍ୟକ୍ତିମାନଙ୍କ ହାତ ଥିବା ଅଭିଯୋଗ ହେଉଛି। ଏ ସଂପର୍କରେ ଖଣି ବିଭାଗର ଡିଡିଏମ୍ ଜୟ ପ୍ରକାଶ ନାୟକଙ୍କୁ ପଚାରିବାରେ ସେ କହନ୍ତି ଅଭିଯୋଗ କ୍ରମେ ବହୁ ବାଲିଘାଟକୁ ବନ୍ଦ କରାଯାଇଛି। ଆଗାମୀ ଦିନରେ ମଧ୍ୟ ଅଭିଯୋଗ ହେଉଥିବା ବାଲିଘାଟ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**■ ଆଖଣ୍ଡଳମଣି ମନ୍ଦିରରେ ରାତ୍ର ନୀତି ବିଳମ୍ବ ଘଟଣା**

# ପାଳିଆ ସେବାୟତଙ୍କୁ କାରଣ ଦର୍ଶାଅ ନୋଟିସ

**ନିର୍ଦ୍ଧାରିତ ସମୟରେ ନୀତିକାନ୍ତି ସମାପନ କରିବାକୁ ପ୍ରଶାସନର ଲଟ୍‌କା ଜାରି**

ଭଦ୍ରକ/ଆରଡ଼ି,୨୨।୪(ସମିସ): ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଗତ ସୋମବାର ରାତ୍ର ନୀତି ବିଳମ୍ବ ହେବା ସହ ଅର୍ଦ୍ଧରାତ୍ର ଯାଏଁ ବାବାମଣି ଅନିଦ୍ରା ରହିବା ଘଟଣାର ପୁନରାବୃତ୍ତି ନ ହେବା ପାଇଁ ପ୍ରଶାସନ ପକ୍ଷରୁ ବରିଷ୍ଠ ସେବାୟତଙ୍କ ସହ ଆଲୋଚନା କରାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ସକାଳ ଧୂପ ସହ ଜଳାଭିଷେକ, ରୁଦ୍ରାଭିଷେକ, ବେଲପତ୍ର ଲାଗି ଆଦି ପୂଜା ସମାପନ କରିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ସେବାୟତଙ୍କୁ ଲଟ୍‌କା ଜାରି କରାଯିବା ସହ ଡାକବାଜି ଯନ୍ତ୍ରରେ ଜଣାଯାଇଛି। ତାହା ସହ ମନ୍ଦିରର ନୀତିନିର୍ଘଣ୍ଟ ଅନୁଯାୟୀ, ପାଳିଆ ସେବାୟତ ସମସ୍ତ ନୀତିକାନ୍ତି ସମାପନ କରିବା ପାଇଁ ଲଟ୍‌କା ଜାରି କରାଯାଇଛି। ପାଳିଆ ସେବାୟତ କୌଣସି ଅସୁବିଧା ସମ୍ମୁଖୀନ ହେଲେ ମନ୍ଦିର ପ୍ରଶାସନ ସହାୟତା ନେବାକୁ ଜଣାଯାଇଛି। ଅନ୍ୟପଟେ ସୋମବାର ପାଳିଆ ପକ୍ଷରୁ ଦେଖାଦେଇଥିବା ରାତ୍ର ନୀତି ବିଳମ୍ବବାବଦରେ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି ମନ୍ଦିର ପ୍ରଶାସନ।

# ବାଲି ସୈରାତରେ ୧୬୩ ଧାରା ଜାରି

ବାରିକପୁର,୨୨।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ବୈତରଣୀ ନଦୀର ବିଭିନ୍ନ ବେଆଇନ ବାଲି ସୈରାତ ଉପରେ ପ୍ରଶାସନ ପକ୍ଷରୁ ବୁଧବାରଠାରୁ ୧୬୩ ଧାରା ଜାରି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ନଦୀର ବଳୀପୁରଠାରେ ଦୈନିକ ବାଲି ଚୋରି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହା ଉପରେ ତତ୍ପରତା ପ୍ରକାଶ ପାଇଛି। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲ୍‌ଦାର ନିହାର ରଞ୍ଜନ ମଲ୍ଲିକ ଓ କନିଷ୍ଠ ଖଣି ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀ ପୁଲିସ ଫୋର୍ସ ସହିତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ନଦୀର ୨ଟି ସ୍ଥାନରୁ ବେଆଇନ ବାଲି ଉତ୍ତୋଳନ ହେଉଥିବା



ଅଧିକାରୀମାନେ ଜାଣିବାକୁ ପାଇଥିଲେ। ତେଣୁ ବାଲି ଚୋରିକୁ ରୋକିବା ପାଇଁ ପରିବହନ ରାସ୍ତାରେ ନାଳ ଖନନ ହୋଇଥିଲା। ଏହାଛଡ଼ା ଅନଧିକାର ପ୍ରବେଶ ଆଇନ ୧୬୩ ଧାରା ଜାରି ହୋଇଥିଲା। ଅନୁରୂପ ଭାବେ ନଦୀର ଝୁଟଣା, ବନସ୍ତା, ନେରଡା, ଯଶୋଟିକିରି, ବାଲିପୋଖରୀ, ଜଗନ୍ନାଥ ପ୍ରସାଦ ପ୍ରମୁଖ ସାମ୍ଭାବ୍ୟ ବାଲି ଚୋରି ସ୍ଥାନରେ ମଧ୍ୟ ସମାନ ନିର୍ଦ୍ଦେଶନାମା ଜାରି ହୋଇଛି। ଏଠାରେ ସୂଚିତ ବାଲି ଚୋରି ରୋକିବାକୁ ପୂର୍ବରୁ ବିଭିନ୍ନ ସ୍ଥାନରେ ମଧ୍ୟ ନାଳ ଖୋଳାଯାଇଥିଲା। ପରିତାପର ବିଷୟ କିଛି ଦିନ ଚୋରି ବନ୍ଦ ରହିବା ପରେ ପୁଣି ନାଳ ପୋତି ମାଫିଆମାନେ ବାଲି ଚୋରି କରିଥିଲେ। ଏବେ ବି ଅନେକ ସ୍ଥାନରୁ ଟ୍ରାକ୍ଟର ଓ ଟ୍ରକ୍ ଯୋଗେ ବେଆଇନ ବାଲି ପରିବହନ ହେଉଛି। ଚୋରି ବନ୍ଦ ପାଇଁ ନାଳ ଖୋଳା ଓ ୧୬୩ ଧାରା ଜାରି କେତେ ସଫଳ ହେବ ତାହା ଆଗକୁ ଜଣାପଡ଼ିବ ବୋଲି ମତପ୍ରକାଶ ପାଇଛି।

## ନାଳି ପତାକାକୁ ବାଲି ମାଫିଆଙ୍କ ନାଳି ଆଖି

ପାଣିକୋଇଲି,୨୨।୪(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ବୈତରଣୀ ନଦୀ ପଠାରେ ବାଲି ଗଚ୍ଛିତ ରଖାଯାଇ ହାଇୱାରେ ଲୋଡ୍ କରି ବିକ୍ରି କରାଯାଉଥିଲା। କିଛି ମୁଷ୍ଟିମେୟ ବ୍ୟକ୍ତି ଏହି ବ୍ୟବସାୟ ଦୀର୍ଘ ଦିନ ଧରି ଚଳାଇ ଆସୁଥିବା ବେଳେ ଏନେଇ ଖଣି ବିଭାଗ ନିକଟରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ଯାହା ସ୍ଥାନୀୟ ଅଞ୍ଚଳରେ ପ୍ରଦୂଷଣ ସୃଷ୍ଟି କରିବା ସହ ପର୍ଯ୍ୟଟକ ମାନଙ୍କୁ ଅସୁବିଧାରେ ପକାଉଛି। ପର୍ଯ୍ୟଟକ ମାନେ ଗାଡି ରଖି ନଦୀକୁ ଶୌଚପାଇଁ ଯାଇପାରୁ ନାହାନ୍ତି। ଗତ ୨୦ ତାରିଖ ପାଣିକୋଇଲି ପୁଲିସ ସହାୟତାରେ ଖଣି ବିଭାଗ ଘଟଣାସ୍ଥଳେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ବେଆଇନ ଭାବେ ଚୋରାରେ ଗଚ୍ଛିତ ବାଲି ଦେଖି ଖଣି ବିଭାଗ ଏହା ଉପରେ ନାଲିପତାକା ଲଗାଇଥିଲେ। ଫଳରେ ବାଲି ଗଚ୍ଛିତ କରିବା ଓ ସେଠାରୁ ବିକ୍ରି କରିବା ଉପରେ ରୋକ ଲଗାଯାଇଥିଲା। ଖଣି ବିଭାଗ ସମସ୍ତ ଗଚ୍ଛିତ ବାଲିକୁ ସିଜ କରିବା ଘୋଷଣା କରିବା ସହ ଏହି ଗଚ୍ଛିତ ବାଲିକୁ ନିଲାମ କରାଯିବ ବୋଲି ସୂଚନା ଦେଇଥିଲା। ମାତ୍ର ନାଲିପତାକା ବା ଖଣି ବିଭାଗର ନିର୍ଦ୍ଦେଶକୁ ଖଣି ମାଫିଆ ମାନେ ନମାନି ସେଠାରୁ ବାଲି ଉଠାଉ ନେଉଛନ୍ତି। ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଖଣି ଓ ପୁଲିସ ବିଭଗ ତୁରନ୍ତ ଘଟଣାସ୍ଥଳେ ପହଞ୍ଚି ଏହା ଉପରେ ରୋକ ଲଗାଇବାକୁ ମୂଳାପାଳ ଗ୍ରାମବାସୀ ଦାବି କରିଛନ୍ତି।

## ଶ୍ରୀଚୈତନ୍ୟ ଦୀକ୍ଷା କୁଶ ବାବାଙ୍କ ପରଲୋକ

କବାଟବନ୍ଧ,୨୨।୪(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ରାଇଛନ୍ଦା ପଞ୍ଚାୟତ ବାରକଣା ଗ୍ରାମର ବାବା କୁଶ ସାହୁଙ୍କ ନିଧନ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। କୁଶ ବାବା ଦୀର୍ଘ ପ୍ରାୟ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଶ୍ରୀଚୈତନ୍ୟ ଦିକ୍ଷାରେ ଦୀକ୍ଷିତ ହୋଇ ଗୃହତ୍ୟାଗ କରିଥିଲେ। ସେ କବାଟବନ୍ଧ ମଠ ଆଶ୍ରମରେ ବାବା ମୋହନ ଦାସଙ୍କ ଠାରୁ ଦିକ୍ଷା ଗ୍ରହଣ କରି ଆଶ୍ରମରେ ରହୁଥିଲେ। କିଛି ବର୍ଷ ପୂର୍ବରୁ ସେ ଗୃହ ପ୍ରତ୍ୟାବର୍ତ୍ତନ କରିଥିଲେ। କୁଶ ବାବାଙ୍କ ଉଦ୍ୟମରେ ଗ୍ରାମରେ ଏକ ଶିବ ମନ୍ଦିର ପ୍ରତିଷ୍ଠା କରିଥିଲେ। ବାବା ବିଶ୍ୱନାଥ ନାମରେ ମହାଦେବ ପୂଜା ପାଉଛନ୍ତି। ବାବା ଶ୍ରୀଚୈତନ୍ୟଙ୍କ ନାମ ପ୍ରଚାର ପ୍ରସାର ସହିତ ଏକ ତ୍ୟାଗୀ ଜୀବନ ଯାପନ କରୁଥିଲେ। ବୁଧବାର ପୂର୍ବାହ୍ନରେ ସେ ହଠାତ ଅସୁସ୍ଥ ହୋଇ ଇହଲୀଳା ସମ୍ବରଣ କରିଥିଲେ। ତାଙ୍କ ମୃତଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଶ୍ରୀଚୈତନ୍ୟ ଦିକ୍ଷାର ରୀତିନୀତି



ଅନୁସାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ନିଜ ଗ୍ରାମରେ ବ୍ରାହ୍ମଣୀ ନଦୀ ଶଯ୍ୟାରେ ତାଙ୍କର ସମାଧି ଦିଆଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ମାଟ୍ରିକ୍ ବ୍ୟାଚ୍‌ର ସମ୍ମିଳନୀ

ଯାଜପୁର,୨୨।୪(ସମିସ): ଯାଜପୁର ସହରର ବୈଷ୍ଣବଦତ୍ତ ଉଚ୍ଚ ବିଦ୍ୟାଳୟର ୧୯୭୫ ମସିହା ମାଟ୍ରିକ୍ ବ୍ୟାଚ୍‌ର ସହପାଠୀମାନଙ୍କର ଏକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୪୦ଜଣ ଛାତ୍ର ସେମାନଙ୍କ ପରିବାର ସହ ଯୋଗ ଦେଇଥିଲେ। ଏହି ଅବସରରେ ତତ୍‌କାଳୀନ ଶିକ୍ଷକ ବାସୁଦେବ ବେହେରାଙ୍କୁ ଛାତ୍ରମାନଙ୍କ ଦ୍ୱାରା ସମ୍ମାନ କରାଯାଇ ତାଙ୍କ ଠାରୁ ଆର୍ଶିବାଦ ଗ୍ରହଣ କରାଯାଇଥିଲା। ଏଥି ସହିତ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିବା ବେଳେ ପରଲୋକଗତ ଶିକ୍ଷକ ଓ ସହପାଠକମାନଙ୍କ ପାଇଁ ଶୋକ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଜୟ କୁମାର ମହାରଣା, ଗୋପାଳ ଚନ୍ଦ୍ର ମହାପାତ୍ର, ରବିନ୍ଦ୍ରନାଥ ସାହୁ, ଶିବ ନାରାୟଣ ସିଂହ, ବାବୁଲି ରଣା, ସେକ୍ ଅବଦୁଲ ରୌଫ, ଜଗମୋହନ ସାହୁ, ରାଧାକାନ୍ତ ମହାନ୍ତି, ନାରାୟଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ତହସିଲ୍‌ଦାରଙ୍କ ଉପରେ ଆକ୍ରମଣକୁ ନେଇ ଓଏଏସ୍ ସଂଘର କ୍ଷୋଭ

ଯାଜପୁର,୨୨।୪(ସମିସ)

କିଛି ଦିନ ପୂର୍ବରୁ ବ୍ୟାସନଗର ତହସିଲଦାର ପ୍ରଶାନ୍ତ ପଣ୍ଡାଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଯାଜପୁର ଜିଲ୍ଲା ସଂଘ ପକ୍ଷରୁ ଏକ ବୈଠକ କରାଯାଇ ଏଭଳି ଅପରାଧିକ ଆକ୍ରମଣ ଉଦ୍ୟମକୁ ଦୃଢ଼ ନିନ୍ଦା ସହ କ୍ଷୋଭ ପ୍ରକାଶ କରାଯାଇଛି। ଆଜିର ଏହି ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତିଙ୍କ ସମେତ ଜିଲ୍ଲାର ବହୁ ବରିଷ୍ଠ ଓଏଏସ୍ ଅଧିକାରୀ, ଯାଜପୁର ଜିଲ୍ଲାର ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ସମସ୍ତ ଡେପୁଟି କଲେକ୍ଟର ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଆକ୍ରମଣ ଦିନର ଘଟଣାକ୍ରମ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଅବୈଧ ଲଘୁ ଖଣିଜ ଚାଲାଣ ମାମଲା



ସମ୍ବନ୍ଧୀୟ ଖବର ପାଇ ବ୍ୟାସନଗର ତହସିଲଦାର ଛାପା ମାରିବା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ତହସିଲଦାରଙ୍କ ଉପରେ ଟ୍ରାକ୍ଟର ଦ୍ୱାରା ଆକ୍ରମଣ ହେବା ପରେ ସେ ଗୁରୁତର ଆହତ ହୋଇ କୋରେଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ଏବଂ ପରେ କଟକକୁ ସ୍ଥାନାନ୍ତରିତ କରାଯାଇଥିଲା। ଏହି ଘଟଣା ପରେ ପୁଲିସ ପ୍ରଶାସନ ଆକ୍ସନ ମୋଡକୁ ଆସି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଜଣେ କର୍ତ୍ତବ୍ୟରତ ଅଧିକାରୀଙ୍କ ଉପରେ ଏଭଳି ଆକ୍ରମଣ ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ ବୋଲି ବରିଷ୍ଠ ଓଏଏସ ଅଧିକାରୀମାନେ ମତ ବ୍ୟକ୍ତ କରିଥିଲେ। ଏହାସହ ଏଭଳି ପରିସ୍ଥିତିକୁ କିଭଳି ଏଡ଼ାଇ ହେବ ଏବଂ ପୁଲିସ ଓ ଖଣି ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରି ସୁରକ୍ଷିତ ଭାବେ କର୍ତ୍ତବ୍ୟ ସମ୍ପାଦନ କରାଯାଇପାରିବ, ସେ ସମ୍ପର୍କରେ ବରିଷ୍ଠ ଓଏଏସ ଅଧିକାରୀମାନେ ସେମାନଙ୍କ ଅଭିଜ୍ଞତା ବାଣ୍ଟିଥିଲେ। ଏଥିରୁ ନବନିଯୁକ୍ତ ଅଧିକାରୀମାନେ ଏଦିଗରେ ସଚେତନ ହୋଇପାରିବେ। ଆଗାମୀ ଦିନରେ ସଂଘକୁ ଆହୁରି ସୁଦୃଢ଼ କରାଯାଇ ପ୍ରତି ମାସରେ ଜିଲ୍ଲା ଓଡ଼ିଶା ପ୍ରଶାସନିକ ସେବା ସଂଘର ବୈଠକ ଡାକିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଏହାସହ ବୈଠକର ରିଜୋଲ୍ୟୁସନରେ ସଂଘର ସମସ୍ତ ଅଧିକାରୀ ସ୍ୱାକ୍ଷର କରିଥିଲେ ଏବଂ ଏହାକୁ ରାଜ୍ୟ ଓଏଏସ ସଂଘ ନିକଟକୁ ପ୍ରେରଣ କରାଯିବ।

● ଶ୍ୱେତସୁବର୍ଣ୍ଣ କ୍ଷେତ୍ରରେ ଚନ୍ଦନ ଯାତ୍ରା

# ଚାପ ଖେଳିଲେ ମହାପ୍ରଭୁ

କୋରାପୁଟ/ଦାମନଯୋଡ଼ି,୨୨।୪(ସମିସ): ମଙ୍ଗଳବାର ଶ୍ରୀଜୀଉଙ୍କ ଚନ୍ଦନ ଯାତ୍ରାର ଦ୍ୱିତୀୟ ଦିବସଅବସରରେଶ୍ୱେତସୁବର୍ଣ୍ଣ କ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜାନୀତି ଓ ଠାକୁରଙ୍କ ଚାପ ଖେଳ ନରେନ୍ଦ୍ର ପୁଷ୍କରିଣୀରେ ଅନୁଷ୍ଠିତ ହୋଇଥିଲା। ଚତୁର୍ଦ୍ଧା ମୂର୍ତ୍ତିଙ୍କ ସନ୍ଧ୍ୟା ଆଳତି ପରେ ଘଣ୍ଟଘଣ୍ଟା, ଆଲଟ, ଚାମର, ସଂକୀର୍ତ୍ତନ, ହରିବୋଲ ହୁଳହୁଳି ମଧ୍ୟରେ ଶ୍ରୀ ରାଧାକୃଷ୍ଣଙ୍କୁ ମୁଖ୍ୟ ମନ୍ଦିରରୁ ନରେନ୍ଦ୍ର ପୁଷ୍କରିଣୀକୁ ଅଣାଯାଇ ଥିଲା। ସେଠାରେ ପୂଜାର୍ଚ୍ଚନା ସହିତ ଏକ ସୁସଜ୍ଜିତ ଡଙ୍ଗାରେ ଶ୍ରୀଜୀଉଙ୍କୁ ପୁଷ୍କରିଣୀ ପରିକ୍ରମା କରାଯାଇଥିଲା। ପୂଜକ



ଅଜୟ କୁମାର ପଣ୍ଡା, ବିପିନ ବିହାରୀ ପଣ୍ଡା ଓ ଅମୀୟ କୁମାର ସାମନ୍ତରାୟ ପୂଜାକର୍ମ କରିଥିଲେ। ନାଲକୋ ମୁଖ୍ୟ ମହାପ୍ରବନ୍ଧକ ତଥା ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଉପସଭାପତି ବିଛନ୍ଦ ଚରଣ ଦାଶ ପତ୍ନୀ ତନୁଶ୍ରୀ ଦାଶଙ୍କ ସହିତ ଏଥିରେ ମୁଖ୍ୟ ପୁରୋଧା ରୂପେ ଯୋଗଦେଇ ଶ୍ରୀ ଜୀଉଁଙ୍କୁ ଚାପ ଖେଳାଇ ଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ସମିତିର ସମ୍ପାଦକ କୈଳାସ ସେନାପତିଙ୍କ ସହିତ ସଦସ୍ୟ ରଞ୍ଜନ କୁମାର ବେହେରା, ଶିଶିର ପରିଡ଼ା, ମୂରଲୀଧର ଦାସ, ଗୁଡ଼ଲା ଅବିନାଶ, ଆର ଏନ ମୁଦୁଲି, ଖଦାଳ ନାୟକ, ନରସିଂହ ବ୍ରହ୍ମା, ସଞ୍ଜୟ ବିଶ୍ୱାଳ,ସୁନୀଲ କୁମାର ଚୌଧୁରୀ, କୃଷ୍ଣଚନ୍ଦ୍ର ପାଢ଼ୀ ଓ ବିଜୟ କୁମାର ଆଚାର୍ଯ୍ୟଙ୍କ ସହିତ ସ୍ୱେଚ୍ଛାସେବୀ ଉପସ୍ଥିତ ରହି ପରିଚାଳନା କରିଥିଲେ। ତଳ ଗୌଡ଼ଗୁଡ଼ାର ସଂକୀର୍ତ୍ତନ ମଣ୍ଡଳୀଙ୍କ ସହିତ ଶ୍ରୀଜଗନ୍ନାଥ ମନ୍ଦିରର ସଂକୀର୍ତ୍ତନ ଦଳ ସେବା ଯୋଗାଇଥିଲେ।

# ସାର ହୋଲସେଲ୍‌ର ଗୋଦାମରେ ଚଢ଼ଉ

ଜୟପୁର,୨୨।୪(ସମିସ): କୋରାପୁଟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସାର କଳାବଜାର ବନ୍ଦ କରିବା ପାଇଁ ଗତ ଏକ ସପ୍ତାହ ପୂର୍ବରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଯାଇଛି । ଜିଲ୍ଲାର କିଛି ପାଇକାରୀ ଏବଂ ଖୁଚୁରା ଦୋକାନୀ ସମେତ କିଛି ସ୍ୱୀକୃତ ପ୍ରାପ୍ତ ସମବାୟ ସଂସ୍ଥା ଗୁଡିକ ଦ୍ୱାରା ମଧ ସାରର କଳାବାଜାରୀ ଏବଂ କାଗଜପତ୍ର ସଠିକ ନଥିବା ନେଇ ଅଭିଯୋଗ ପରେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଚଡଉ ଓ ଯାଞ୍ଚ ପ୍ରକ୍ରିୟାକୁ ଜୋରଦାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ପକ୍ଷରୁ ଗଠିତ ସ୍ୱତନ୍ତ୍ର ସ୍କ୍ୱାର୍ଡ ଦ୍ୱାରା ବୋରିଗୁମ୍ମା ସହରରେ ରହିଥିବା କରୁଣାମୟ ଫର୍ଟିଲାଇଜର ପାଇକାରୀ ଦୋକାନ ଉପରେ ଚଢ଼ଉ କରାଯାଇଥିଲା। ଚଢ଼ଉ ଓ ଯାଞ୍ଚ ସମୟରେ ଦୋକାନୀଙ୍କ ଦ୍ୱାରା କାଗଜପତ୍ରରେ ଗଚ୍ଛିତ ଏବଂ ବିକ୍ରିବାବଦରେ ସାରର ବ୍ୟାପକ ତ୍ରୁଟି ରହିଛି। ଯାଞ୍ଚ ବେଳେ, ଗୋଟିଏ ଦିନରେ ବେଆଇନ ଭାବେ ୭, ୬ ମେଟ୍ରିକ ଟନ ସାର ବିକ୍ରି କରିଥିବା ନେଇ କୌଣସି କାଗଜପତ୍ର, ରେକର୍ଡ ଦେଖାଇ ନ ପାରିବା ଏବଂ ମାଲିକ ମଧ ସନ୍ତୋଷଜନକ ଉତ୍ତର ଦେଇପାରିନଥିବା ଯୋଗୁଁ ତାଙ୍କର ଲାଇଲେନ୍ସ ବାତିଲ ପାଇଁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହି ଚଢଉ



ଓ ଯାଞ୍ଚ ବେଳେ କୋରାପୁଟ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଭବାନୀ ଶଙ୍କର ମହାପାତ୍ର, ବୋରିଗୁମ୍ମା ତହସିଲଦାର ଶୋଭନ କୁମାର ବେହେରା, ଜୟପୁର ସହକାରୀ ଜିଲ୍ଲା କୃଷି ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, କୋରାପୁଟ ସହକାରୀ ଜିଲ୍ଲା କୃଷି ଅଧିକାରୀ କାହ୍ନୁ ଚରଣ ଦାସ, ବୋରିଗୁମ୍ମା ବ୍ଲକ କୃଷି ଅଧିକାରୀ ରାଜ କିଶୋର ସ୍ୱାଇଁ, କୁମୁଲି ସହକାରୀ କୃଷି ଅଧିକାରୀ ଶିବାନୀ ସୁଆର, ବୋରିଗୁମ୍ମା ସହକାରୀ କୃଷି ଅଧିକାରୀ ସୁଶ୍ରିତା ପ୍ରିୟଦର୍ଶନୀଙ୍କ ସମେତ ବୋରିଗୁମ୍ମା ପୁଲିସ ଉପସ୍ଥିତ ଥିଲେ। ଗତକାଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯାଳୟ ଠାରେ ଜିଲ୍ଲା କୃଷି ଅଧିକାରୀ ଓ ସମବାୟ ବିଭାଗର ଅଧିକାରୀ ମାନଙ୍କ ଉପସ୍ଥିତିରେ ଆସନ୍ତା ଖରିଫ ଚାଷ ପାଇଁ ସାର ଓ ବିହନର ଜିଲ୍ଲାରେ ଗଚ୍ଛିତ ସ୍ଥିତାବସ୍ଥା ଏବଂ ଚାଷୀ ମାନଙ୍କ ପଞ୍ଜିକରଣ ତାଲିମ ଶିବିର ଆୟୋଜନ ନେଇ ଆଲୋଚନା ହୋଇଥିଲା।

# ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ପକ୍ଷ ପାଳିତ

ନବରଙ୍ଗପୁର,୨୨।୪(ସମିସ): ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲା ସ୍ତରୀୟ ୮ମ ରାଷ୍ଟ୍ରୀୟ ପୋଷଣ ପକ୍ଷ ୨୦୨୬ ପାଳନ ହୋଇଯାଇଛି ଓ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଜିଲ୍ଲାରେ ପୋଷଣ ଅଭିଯାନ କିପରି ଠିକ ଭାବରେ ସଫଳ ହୋଇପାରିବ ସେଥିପ୍ରତି ସମସ୍ତେ ସଚେତନ ରହିବା ଓ ନିଜ ଦାୟିତ୍ୱକୁ ସଠିକ୍ ଭାବରେ ନିର୍ବାହ କରିବାକୁ ସମସ୍ତ ସିଡିପିଓ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଦ୍ରୌପଦୀ କହଁର ପୋଷଣ ପକ୍ଷ ପାଳନର ମୁଖ୍ୟ ୫ ଟି ବିଷୟ ଅବଗତ କରାଇଥିଲେ। ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ମଳୟ ତ୍ରିପାଠୀ ଶିଶୁ ଓ ମହିଳାମାନଙ୍କୁ ଠିକ୍ ସମୟରେ ଆଇଏଫଏ ବଟିକା, ଟୀକାକରଣ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମ୍ପର୍କୀୟ ସଚେତନ କରି କୁପୋଷଣକୁ କିପରି ଦୂର କରାଯାଇ ପାରିବ ସେ ବିଷୟରେ ନିଜର ମତ ଉପସ୍ଥାପନ କରିଥିଲେ। ପ୍ରୋଜେକ୍ଟ ଅଫିସର କଳ୍ପନା ମହାକୁଡ଼ ଶିଶୁ ଜନ୍ମର ପ୍ରଥମ ହଜାର ଦିନ ମଧ୍ୟରେ ତା ମସ୍ତିଷ୍କର ବିକାଶ ହୋଇଥାଏ। ତେଣୁ ଏହାକୁ କିପରି ଶୂନ୍ୟରୁ ଛଅ ବର୍ଷର ଶିଶୁଙ୍କ ଯତ୍ନ ନେବା ସେ ବିଷୟରେ ଗୁରୁତ୍ୱ



ଦେବାକୁ ମତ ଉପସ୍ଥାପନ କରିଥିଲେ। ଉପଜିଲ୍ଲାପାଳ,ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର ଏହି ଅବସରରେ ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ମଳୟ ପ୍ରଧାନ,ଅଧିକ୍ଷଣ ଯନ୍ତ୍ରୀ ଜିଲ୍ଲା ଜଳ ଓ ପରିମଳ ବିଭାଗ ପ୍ରତୀକ ରାଉତ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ,ସମସ୍ତ ସିଡିପିଓ, ସୁପର ଭାଇଜର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ, ସମସ୍ତ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ।

# ସତ୍ୟ ସାଇ ସେବା ସମିତର ରକ୍ତଦାନ ଶିବିର

ସେମିଳିଗୁଡା/ସୁନାବେଡ଼ା: କୋରାପୁଟ ଜିଲ୍ଲାର ସୁନାବେଡ଼ା ହାଲ ଟାଉନସିପ୍ ସ୍ଥିତ ସତ୍ୟ ସାଇ ମନ୍ଦିର ଦ୍ୱାରା ଏକ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର (ଅମୃତ ବିନ୍ଦୁ କାର୍ଯ୍ୟକ୍ରମ) ଆୟୋଜନ କରାଯାଇଥିଲା। ଏହି କ୍ୟାମ୍ପକୁ ସତ୍ୟ ସାଇ ସେବା ସମିତିର ଶ୍ରୀଯୁକ୍ତ ଏସ ଏନ୍ ରାଓ, ରାଜ୍ୟ ଆଦିବାସୀଙ୍କ



ସଂଯୋଜକ ଓ ଜିଲ୍ଲା ସଭାପତି ମାର୍କଣ୍ଡେୟ ସରାଫ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାବାଙ୍କ ନିକଟରେ ଜ୍ୟୋତି ଆବାହନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ ସଂଯୋଜକ ତୁଷାର କୁମାର ନାଥ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏସଏଲଏନ୍ ମେଡିକାଲ୍ କଲେଜ ବ୍ଲଡ ବ୍ୟାଙ୍କ ଅଫିସର ଡ. ମଧୁସୂଦନ ବଳିଆସିଂ, ରଂଜିତ ସାହୁ, ସଞ୍ଜୟ ସିଂ ଓ ତାଙ୍କ ଷ୍ଟାଫ ରକ୍ତ ସଂଗ୍ରହ କରିଥିଲେ। କନଭେନର ଜଳଧର ମହାନ୍ତି ଓ ମନ୍ଦିର ବହୁ କର୍ମ କର୍ତ୍ତା ଏହି ଶିବିର ପରିଚାଳନା କରିଥିଲେ। ପ୍ରବଳ ଖରା ସତ୍ତ୍ୱେ ଶିବିରରୁ ୯ ଜଣ ଦମ୍ପତିଙ୍କ ସମେତ ଅନେକ ୭୫ ଜଣ ରକ୍ତଦାନ କରିଥିଲେ।

# ମାଲକାନଗିରିରେ ପର୍ବତାରୋହୀ ସମୀରା ଖାନ୍

ମାଲକାନଗିରି,୨୨।୪(ସମିସ): ମାଲକାନଗିରି ଜିଲ୍ଲାର କିଶୋରୀ ବାଳିକା ଓ ମହିଳାମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି ବିଶିଷ୍ଟ ପର୍ବତାରୋହୀ ତଥା ସମାଜସେବୀ ସମୀରା ଖାନ୍। ଆଜି ପୂର୍ବାହ୍ନରେ ସେ ମାଲକାନଗିରି ଜିଲ୍ଲାର ଚାଲାଣଗୁଡା ଓ ସିନ୍ଧ୍ରିମାଲ ସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରିଦର୍ଶନ କରି ବାଳିକାମାନଙ୍କୁ ସ୍ୱାସ୍ଥ୍ୟ ଓ ସୁରକ୍ଷା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ବିଶେଷ କରି ସର୍ଭାଇକାଲ କ୍ୟାନ୍ସର ଭଳି ମାରାନକ ରୋଗରୁ ରକ୍ଷା ପାଇବା ପାଇଁ ଏଚପିଭି ଟୀକାର ଆବଶ୍ୟକତା ଏବଂ ଲିଙ୍ଗ



ଭିତ୍ତିକ ଭେଦଭାବ ଦୂର କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ସେ ଯୋଗ ଦେଇଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ଡୋଳାମଣି ପ୍ରଧାନ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଏମଏମ ଆବିଦ ହୁସେନ୍, ପ୍ରୋଗ୍ରାମ ଅଫିସର ଇନ୍ଦିରା ପ୍ରଧାନ ଏବଂ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକା ଡ଼ା ମୌସୁମୀ ମିଶ୍ର ଉପସ୍ଥିତ ରହି ଏହି ଟୀକାକରଣ ଅଭିଯାନକୁ ଅଧିକ ବ୍ୟାପକ କରିବା ପାଇଁ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଯେ, ସମୀରା ଖାନ୍ ଜଣେ ଜଣାଶୁଣା ପର୍ବତାରୋହୀ । ଯିଏ ୩୭ଟି ଦେଶ ଭ୍ରମଣ କରିବା ସହ ୧୧ଟି ପ୍ରମୁଖ ପର୍ବତ ଶୃଙ୍ଗ ଆରୋହଣ କରି ମହିଳା ସଶକ୍ତିକରଣର ବାର୍ତ୍ତା ପ୍ରସାର କରୁଛନ୍ତି।

# ପୁରାତନ ଉପଖଣ୍ଡ ଚିକିତ୍ସାଳୟ ସିଟି ଚିକିତ୍ସାଳୟ ହେଉ: ବିଧାୟକ ବାହିନୀପତି

ଜୟପୁର,୨୨।୪(ସମିସ): ଜୟପୁର ସହରର ମଧ୍ୟରେ ରହିଥିବା ପୁରାତନ ଉପଖଣ୍ଡ ଚିକିତ୍ସାଳୟକୁ ସିଟି ଚିକିତ୍ସାଳୟ ଭାବେ କାର୍ଯ୍ୟକାରୀତା କରିବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ସ୍ୱାସ୍ଥ୍ୟ ସଚିବଙ୍କୁ ପତ୍ର ମାଧ୍ୟମରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଦାବି କରିଛନ୍ତି। ବର୍ତ୍ତମାନ ଜିଲ୍ଲା ଚିକିତ୍ସାଳୟ ସହର ଠାରୁ ୨ରୁ ୩ କିଲୋ ମିଟର ଦୂରତାରେ ରହିଥିବା ଯୋଗୁଁ ସହରବାସିନ୍ଦା ଓ ରୋଗୀ ମାନେ ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ ପୁରାତନ ଚିକିତ୍ସାଳୟ ଅବ୍ୟବହୃତ ଭାବେ ପଡିରହିଛି। କିନ୍ତୁ ଏହି ପୁରାତନ ଚିକିତ୍ସାଳୟର ଭବନରେ ସମସ୍ତ ରୋଗୀସେବା ପାଇଁ ସମସ୍ତ ବ୍ୟବସ୍ଥା ରହିଛି। ତେଣୁ ତୁରନ୍ତ ଏହି ପୁରାତନ ଚିକିତ୍ସାଳୟ ଭବନକୁ କାର୍ଯ୍ୟକାରୀ କରାଯାଇ ବହୁ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ କରାଗଲେ ସହର ବାସିନ୍ଦା ଉପକୃତ ହୋଇପାରିବେ ବୋଲି ଦାବି କରିଛନ୍ତି। ପ୍ରକାଶ ଯେ, ଗତ ୨୦୧୭ ମସିହାରେ ଜୟପୁର ଠାରେ ଜିଲ୍ଲା ଚିକିତ୍ସାଳୟ ସ୍ଥାପନା ହେବା ପରେ ସ୍ଥାନୀୟ ଫୁଲବାଡ଼ ଠାରେ ଏହାର ନୂତନ ଭବନ ନିର୍ମାଣ କରାଯାଇ ସ୍ଥାନାନ୍ତରିତ କରାଯାଇଥିଲା। ପୁରାତନ ଉପଖଣ୍ଡ ଚିକିତ୍ସାଳୟ ଭବନରେ ସମସ୍ତ ସୁବିଧା ରହିଥିଲା। ଏହାକୁ ବନ୍ଦ କରାଯାଇଥିଲା। ଏହିପରି ଭିତରେ ବିଭିନ୍ନ ସାମଗ୍ରୀ ମଧ୍ୟ ଚୋରି ହୋଇଯାଇଥିଲା। ୨୦୨୦ ଠାରୁ ୨୦୨୧ ମସିହା ପର୍ଯ୍ୟନ୍ତ ଏହାକୁ କୋଭିଡି ଚିକିତ୍ସାଳୟ ଭାବେ ମଧ୍ୟ ବ୍ୟବହାର କରାଯାଇଥିଲା। ଆଇସିୟୁରେ ବ୍ୟବହୃତ ଶଯ୍ୟା ସମେତ ଅନ୍ୟାନ୍ୟ ଖଟ ଓ ଶଯ୍ୟା ମଧ୍ୟ ରହିଛି। ତେଣୁ କେବଳ ସରକାରଙ୍କ ସିଟି ଚିକିତ୍ସାଳୟ ଭାବେ ଘୋଷଣା ସହିତ ନୂତନ ଆବଶ୍ୟକ ଡାକ୍ତର ଏବଂ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି କରି କାର୍ଯ୍ୟକାରୀ କରିବାକୁ ସହର ବାସିନ୍ଦା ମାନେ ବାରମ୍ବାର ଦାବି କରୁଥିଲେ।

# ଚାଟୁଆରେ କଣ୍ଟେନରରୁ ଉଦ୍ଧାର ଗୋରୁ ନେଲା କିଏ ?

ନନ୍ଦପୁର, ୨୨।୪ (ସମିସ): ଗତ ମଙ୍ଗଳବାର ଓଡିଶା ଆନ୍ଧ୍ର ସୀମାନ୍ତ ଚାଟୁଆ ଠାରେ ଏକ କଣ୍ଟେନରରୁ ୭୦ ଗାଈ ଗୋରୁକୁ ଉଦ୍ଧାର କରାଯାଇଛି। ଗାଈ ଗୋରୁ ବ୍ୟବସାୟ ଦିନକୁ ବଢ଼ି ଚାଲିଥିବା ବେଳେ ସ୍ଥାନୀୟ ଲୋକ ଏହାକୁ ବିରୋଧ କରି ଗୋ ଚାଲାଣ ରୋକିଛନ୍ତି। ସୂଚନା ଅନୁସାରେ ଉଦ୍ଧାର ଗୋରୁ ମଧ୍ୟରୁ କିଏ କେତେଟା ନେଲେ ନେଲା ତାହାର କୌଣସି ହିସାବ ନାହିଁ। ଚାଟୁଆ ଫାଣ୍ଡି ଅଧିକାରୀଙ୍କୁ ମଧ୍ୟ ଏହି ଘଟଣା ଉପରେ ଲୋକେ ସୂଚନା ଦେଇ ନଥିବା ଜଣାପଡିଛି। ଗୋରୁ ବୋଝେଇ କଣ୍ଟେନରରୁ ଗାଈଗୋରୁ ଉଦ୍ଧାର କରି ଲୋକେ ଯିଏ ଯେତେ ପାରିଲା ଘରକୁ ନେଇ ଯାଇଛି। ପୋଲିସ ପହଞ୍ଚିବା ବେଳକୁ ଘଟଣା ସ୍ଥଳରେ ନା ଗାଡି ଅଛି ନା ଗାଈ ଗୋରୁ। ସୂଚନା ଥାଉ କି ଗତ ମାସରେ ଭେଜା ଗ୍ରାମରେ ମଧ ଏକ କଣ୍ଟେନର ଗାଡ଼ିରୁ ଗାଈ ଗୋରୁ ଉଦ୍ଧାର କରାଯାଇ ପଞ୍ଚାୟତ ସରପଞ୍ଚ ଓ ପୁଲିସ୍ ଉପସ୍ଥିତିରେ ନିର୍ଦ୍ଧାରିତ ଲୋକଙ୍କୁ ଗୋଟିଏ ଦୁଇଟି ଲେଖାଏଁ ଗାଈ ଗୋରୁ ବଣ୍ଟନ କରି ଦିଆଯାଇଥିଲା। ହେଲେ ଚାଟୁଆ ଗ୍ରାମରେ ଏହାର ବ୍ୟତିକ୍ରମ ଦେଖା ଦେଇଛି। ଲୋକେ ଆତର୍କିତ ଭାବେ ଗାଡିକୁ ଅଟକାଇ ଗାଈ ଗୋରୁ ଉଦ୍ଧାର ନାଁରେ ଲୁଟ ପାଟ କରୁଥିବା ଅଭିଯୋଗ ହେଉଛି। ଯେଉଁମାନେ ଉଦ୍ଧାର ଗାଈ ଗୋରୁକୁ ନେଇ ଯାଇଛନ୍ତି ତାହାର ମଧ କୌଣସି ତାଲିକା ନଥିବା ଜଣାପଡିଛି । ଏ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏନେଇ ପୁଲିସର ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲା ବଜରଙ୍ଗ ଦଳ




ରାୟଗଡ,୨୨।୪(ସମିସ): ଦେଶରେ ବଢୁଥିବା ଦେଶ ବିରୋଧୀ ଅସାମାଜିକ ଓ ଅପରାଧମୂଳକ କାର୍ଯ୍ୟକଳାପ, ଜମିଜବରଦଖଲ, ଲଵ୍ ଜିହାଦ ଓ ଦେଶରେ ହେଉଥିବା ବିଭିନ୍ନ ଷଡଯନ୍ତ୍ରକୁ ନେଇ ଚିନ୍ତା ପ୍ରକାଶ କରି ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଆଜି ରାୟଗଡ ଜିଲ୍ଲା ବଜରଙ୍ଗ ଦଳ ପକ୍ଷରୁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଜରିଆରେ ଏକ ଦାବିପତ୍ର ପତ୍ର ଦିଆଯାଇଛି। ଏହି ଦାବିପତ୍ରରେ ସଂଗଠନ ପକ୍ଷରୁ କୁହାଯାଇଛି ଯେ, ଦେଶରେ କିଛି ଅସାମାଜିକ ଓ ଅପରାଧମୂଳକ ମନୋଭାବ ବୃଦ୍ଧି ପାଉଥିବାରୁ ସାମାଜିକ ସମନ୍ୱୟ ଓ ଶାନ୍ତି ଭଙ୍ଗ ହେଉଛି। ବିଭିନ୍ନ ସ୍ଥାନରେ ଘଟୁଥିବା କିଛି ଘଟଣା ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ମଧ ଚିନ୍ତାର କାରଣ ହୋଇଉଠିଛି। ଦେଶ,ସମାଜ ବିରୋଧୀ କାର୍ଯ୍ୟରେ ଜଡିତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ସଭାପତି ଡ଼.ବାବୁରାଓ ମହାନ୍ତି ,ଉପ ସଭାପତି ଆନନ୍ଦ ରାଓ , ସହ-ସଂପାଦକ ଗୋପୀନାଥ ବ୍ରହ୍ମା,ସେବା ପ୍ରମୁଖ ଅଶୋକ ଶତପତି, ବଜରଙ୍ଗ ଦଳ ଜିଲ୍ଲା ସହ-ସଂଯୋଜକ ଶସ୍ୟଜ୍ୟୋତି ବେହେରା,ବଜରଙ୍ଗ ଦଳ ନଗର ସଂଯୋଜକ ଶଙ୍କର ବେହେରା,ମିଳନ କେନ୍ଦ୍ର ପ୍ରମୁଖ କାର୍ତ୍ତିକ ବେହେରା, କାର୍ଯ୍ୟକର୍ତ୍ତା ଏନ.ରବି, ଆଦିତ୍ୟ ଗାଣ୍ଡା,ଅକ୍ଷୟ ବିବର,ଦିଲୀପ ବେହେରା, ସୁରଜ ରଥ ସହ ଅନ୍ୟାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

● ୩ ଛୁଆକୁ ଛାଡ଼ି ଚାଲିଗଲା ସ୍ତ୍ରୀ

# ଶୁଣୁନି ପୁଲିସ, ଜିଲ୍ଲାପାଳଙ୍କୁ ଗୁହାରି

କୋରାପୁଟ,୨୨।୪(ସମିସ): ୧୫ ବର୍ଷର ବିବାହ ବନ୍ଧନକୁ ତୁଚ୍ଛ କରି ତିନି ଛୁଆକୁ ଛାଡି ପର ପୁରୁଷ ସହ ଫେରାର ହୋଇଗଲା ସ୍ତ୍ରୀ। ଗଲାବେଳେ ନେଇଗଲା ଟଙ୍କା ଓ ସୁନା। ଛାଡ଼ି ଦେଇଗଲା ୧୦ ବର୍ଷ, ୭ ବର୍ଷ ଓ ୩ ବର୍ଷ ବୟସ୍କ ୩ଟି ଝିଅଙ୍କୁ। ଏ ନେଇ ସ୍ୱାମୀ ପୁଲିସରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ସ୍ୱାମୀ ଆଜି ତିନି ସନ୍ତାନଙ୍କୁ ଧରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲ୍ଲାପାଳ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଡାକି ଏହି ତିନି ସନ୍ତାନଙ୍କ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏହି ପିଲା ମାନଙ୍କୁ କୌଣସି ହଷ୍ଟେଲରେ ରଖାଯିବ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ, ମହିଳା ଜଣଙ୍କ ଜଣେ ଅଟୋ ଚାଳକ ସହିତ ଫେରାର୍ ହୋଇଯାଇଛି।

# କୋଲାବ ନଦୀ ସେତୁ ଜମି ଅଧିଗ୍ରହଣ ପାଇଁ ଜନଶୁଣାଣି

ଲମତାପୁଟ, ୨୨।୪ (ସକାଳ): କୋରାପୁଟ ଜିଲ୍ଲାର ଲମତାପୁଟ ଓ ନନ୍ଦପୁର ମଧ୍ୟବର୍ତ୍ତୀ ଲମତାପୁଟ ବନମାଳୀପୁଟ ସଡ଼କରେ ସିନ୍ଧିପୁଟ ଘାଟ ନିକଟ କୋଲାବ ନଦୀ ଉପରେ ଏକ ଉଚ୍ଚ ସେତୁ ନିର୍ମାଣ ପ୍ରସ୍ତାବ ଉପରେ ବୁଧବାର ଦିନ ମାଛକୁଣ୍ଡ ତହସିଲ ଅନ୍ତର୍ଗତ ବାରେଙ୍ଗଗୁଡ଼ା ଗ୍ରାମ ପ୍ରାଙ୍ଗଣରେ ଏକ ଗ୍ରାମସଭା ତଥା ଜନ ଶୁଣାଣି ଅନୁଷ୍ଠିତ ହୋଇଛି। ଏହି ସେତୁ ନିର୍ମାଣ ନିମନ୍ତେ ବାରେଙ୍ଗଗୁଡ଼ା ଗ୍ରାମର ମଙ୍ଗଳା ମଝି, ଦଇମତି ମାଝି, ପବିତ୍ର ମାଝିଙ୍କର ୦.୭୪୦ ଏକର ବ୍ୟକ୍ତିଗତ ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ସାମାଜିକ ପ୍ରଭାବ ଆକଳନ ପ୍ରକ୍ରିୟାର ଅଂଶ ରୂପେ ଏହି ଜନ ଶୁଣାଣି ଆୟୋଜନ କରାଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜସ୍ୱ ଅତିରିକ୍ତ ଜିଲ୍ଲାପାଳ ନରେଶ କୁମାର ଶବର, ସ୍ଥାନୀୟ ବ୍ଲକ ଉନ୍ନୟନ ଅଧିକାରୀ ଜୟନ୍ତ କୁମାର ମେହେର ଏବଂ ତହସିଲଦାର ଦିବାକର ବାଘ, ଆର୍ ଏଣ୍ଡ ବି ସୁନାବେଡ଼ା ଏସଡିଓ ଶରତ ଚନ୍ଦ୍ର ପାତ୍ର, ମାଛକୁଣ୍ଡ ଥାନା ଆଇଆଇସି କୁଳମଣି ବୁର୍ଦ୍ଦୀ ଏବଂ ଲମତାପୁଟ ସରପଞ୍ଚ ପ୍ରଫୁଲ୍ଲ କିରସାନି ପ୍ରମୁଖ ଏଥିରେ ଉପସ୍ଥିତ ରହି ପ୍ରକ୍ରିୟାକୁ ନେତୃତ୍ୱ ନେଇଥିଲେ। ସଭାରେ ଆଖପାଖ ବିଭିନ୍ନ ଗ୍ରାମର ଶତାଧିକ ବାସିନ୍ଦା ଅଂଶଗ୍ରହଣ କରି ଜମି ଅଧିଗ୍ରହଣ ସଂକ୍ରାନ୍ତ ବିଷୟରେ ନିଜ ନିଜ ମତ ଓ ଆଶଙ୍କା ପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ,ଏହି ସେତୁ ନିର୍ମିତ ହେଲେ ଲମତାପୁଟ ଓ ନନ୍ଦପୁର ମଧ୍ୟରେ ଯୋଗାଯୋଗ ଯଥେଷ୍ଟ ସୁଗମ ହୋଇ ଉଭୟ ଅଞ୍ଚଳର ଲୋକଙ୍କ ଦୈନନ୍ଦିନ ଯାତ୍ରା ଓ ବ୍ୟାପାର-ବାଣିଜ୍ୟ ସହଜ ହେବ ବୋଲି ଆଶା ପ୍ରକାଶ ପାଇଛି।

# ୭ ଜଣ ହୃଦ୍‌ରୋଗୀ ଶିଶୁ ମୁମ୍ବାଇ ଗଲେ

ଜୟପୁର,୨୨।୪(ସମିସ): ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ମାଧ୍ୟମରେ ଆଜି ଜୟପୁର ଜିଲ୍ଲା ଚିକିତ୍ସାଳୟ ପକ୍ଷରୁ ଜିଲ୍ଲାର ୭ ଜଣ ହୃଦରୋଗରେ ଶିକାର ହୋଇଥିବା ଶିଶୁଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ମୁମ୍ବାଇର ଏସଆଇସିସି ଚିକିତ୍ସାଳୟକୁ ପଠାଯାଇଛି। କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଶିଶୁମାନଙ୍କୁ ଚିହ୍ନଟ କରାଯାଇ ବିଶେଷଜ୍ଞ ହସ୍ପିଟାଲକୁ ରେଫର୍ କରାଯାଇଛି। ଜିଲ୍ଲା ଚିକିତ୍ସାଳୟର ଅଧିକ୍ଷକ ଡ ଅକ୍ଷୟ କୁମାର ରଥ ଚିକିତ୍ସାଳୟ ମ୍ୟାନେଜର ରୂପସୀ ମଧୁସ୍ମିତା ନାୟକ, ତଥାଗତ ଦାସ ଏବଂ ଆରବିଏସକେ ମ୍ୟାନେଜର ସନ୍ତୋଷୀ କୁମାରୀ ଗୋପୀ ପ୍ରମୁଖ ଉପସ୍ଥିତ ରହି ଆର୍‌ବିଏସ୍‌କେ କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ଗ୍ରାମାଞ୍ଚଳରେ ହୋଇଥିବା ସ୍କ୍ରିନିଙ୍ଗ୍ କାର୍ଯ୍ୟକ୍ରମରେ ଏହି ୭ ଜଣ ଶିଶୁଙ୍କ ଜନ୍ମଗତ ହୃଦରୋଗରେ ତ୍ରୁଟି ଚିହ୍ନଟ କରାଯାଇଥିଲା। ଉନ୍ନତମାନର ଚିକିତ୍ସା ସୁବିଧା ପାଇଁ ଏହି ହୃଦରୋଗୀ ଶିଶୁ ଏବଂ ତାଙ୍କର ଅଭିଭାବକ ମାନଙ୍କୁ ମୁମ୍ବାଇର ପଠାଯାଇଛି। ଏହି ଯୋଜନା ଅନୁଯାୟୀ ସମସ୍ତ ଖର୍ଚ୍ଚ ସରକାର ବହନ କରିବେ ବୋଲି ଜିଲ୍ଲା ଚିକିତ୍ସାଳୟ ପକ୍ଷରୁ ସୂଚନା ମିଳିଛି।

# ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ

ଜୟପୁର, ୨୨।୪(ସମିସ): ଜୟପୁର ସାହିତ୍ୟ ସ୍ମୃତି କମିଟି ପକ୍ଷରୁ ସ୍ଥାନୀୟ ଲାଲ ସାହି ସ୍ଥିତ ମା' ଲୋକେଶ୍ୱରୀ ଉଦ୍ୟାନ ଠାରେ ସାହିତ୍ୟିକ, ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଆଜି ସଂଧାରେ ପାଳିତ ହୋଇଯାଇଛି। କମିଟିର ସଭାପତି ହରିହର କରସୁଧା ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଓମ ପ୍ରକାଶ ମିଶ୍ର ଯୋଗଦେଇ ଜାନକୀ ବଲ୍ଲଭଙ୍କ ସାହିତ୍ୟ କୃତୀ ଓ ମାଟି ପ୍ରୀତି ଏବଂ ଦୁରଦୃଷ୍ଟି କଥା ଆଲୋକପାତ କରିଥିଲେ। ସ୍ୱର୍ଗତ ପଟ୍ଟନାୟକ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ତେଣୁ ସେ ସାହିତ୍ୟିକ, ସଂସ୍କୃତ ଗବେଷକ, ଅନୁବାଦକ, ପ୍ରାବନ୍ଧିକ, ଗାଳ୍ପିକ ଭାବରେ ପରିଚିତ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଆକାଶବାଣୀର ଅବସରପ୍ରାପ୍ତ ଉଦ୍‌ଘୋଷକ ଉଦୟ ଶଙ୍କର ଜାନୀ ସ୍ୱର୍ଗତ ପଟ୍ଟନାୟକଙ୍କ କବିତା ଉପରେ ସମ୍ୟକ ସୂଚନା ଦେଇଥିଲେ। ଭୁବନେଶ୍ୱର ଉତ୍କଳ ସ୍ମୃତି ସମ୍ମିଳନୀ ସଭାପତି ଅମୀୟ ପଟ୍ଟନାୟକଙ୍କ ସ୍ୱର୍ଗତ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଡ଼. ଯୁଗଳ ମିଶ୍ର ତାଙ୍କୁ ଓଡ଼ିଶାର ବିଶିଷ୍ଟ ପଣ୍ଡିତ ଏବଂ ଡ଼. ସୁଧାଂଶୁ ପଟ୍ଟନାୟକ ତାଙ୍କ ଜୀବନକୁ ତିନି ଭାଗରେ ବାଣ୍ଟି, ଓଡ଼ିଆ ଅସ୍ମିତାର ସାରଥୀ କହିଥିଲେ। ନ୍ୟମାନଙ୍କ ମଧ୍ୟରେ ଡ.ପ୍ରମୋଦିନୀ ହୋତା, ଅଶୋକ ମହାରଣା, ପ୍ରଦୀପ ସାହୁ, ଜାନକୀ ପାଣିଗ୍ରାହୀ, ବିଜୟା ପାଣିଗ୍ରାହୀ, ନରସିଂହ ପାଣିଗ୍ରାହୀ, ଶ୍ରୀକାନ୍ତ ସାହୁ, ତରୁଣ ମହାପାତ୍ର ତ୍ରିଶୂଳ ସାନ୍ତା, ନିରଞ୍ଜନ ପାଣିଗ୍ରାହୀ, ଅଶୋକ ମିଶ୍ର, ଲଲାଟେନ୍ଦୁ ପଟ୍ଟନାୟକ ଏବଂ ଅନ୍ୟମାନେ ଉପସ୍ଥିତ ରହିଥିଲେ।

# ମାଲକାନଗିରିରେ ପୋଷଣ ପଖୱାଡା

ମାଲକାନଗିରି, ୨୨।୪(ସମିସ): ମାଲକାନଗିରି ପ୍ରକଳ୍ପସ୍ତରୀୟ ପୋଷଣ ପଖୱାଡା ଆଜି ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି। ମା ଓ ଶିଶୁଙ୍କ ମଧ୍ୟରେ ସୁସ୍ଥ ଖାଦ୍ୟାଭ୍ୟାସର ପ୍ରସାର, ପୋଷଣ ସଚେତନତା ସୃଷ୍ଟି କରିବା ଏବଂ ଅପୁଷ୍ଟି ନିବାରଣ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପ-ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ହାଲଦାର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ସବ୍-ଡିଭିଜନ ପ୍ରୋଗ୍ରାମ ଅଫିସର, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ଆସ୍ପିରେସନାଲ ଡିଷ୍ଟ୍ରିକ୍ଟ ପ୍ରୋଗ୍ରାମ ତରଫରୁ ରାଜାରାମ ଶତପଥି ପ୍ରମୁଖ ଯୋଗ ଦେଇଥିଲେ। ମାଲକାନଗିରି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ରେଖା ଶୁଭା ସୁନ୍ଦରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ଅଧୀନସ୍ଥ ସମସ୍ତ ମଣ୍ଡଳ ପରିଦର୍ଶିକା, ଅଙ୍ଗନବାଡି କର୍ମୀ ଓ କିଶୋରୀ ବାଳିକାମାନେ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ। ଏହି ଅବସରରେ ଅଙ୍ଗନବାଡି କର୍ମୀମାନେ ଗର୍ଭବତୀ ଓ ପ୍ରସୂତି ମା'ମାନଙ୍କୁ ସଠିକ୍ ଖାଦ୍ୟପେୟ ଓ ପୋଷଣ ବିଷୟରେ ପରାମର୍ଶ ଦେଇଥିଲେ। ପୋଷଣ ପଖୱାଡା ପାଳନ ଅବସରରେ ବିଶାଳ ରାଲି, ପୋଷ୍ଟର ପ୍ରଦର୍ଶନୀ ଏବଂ ସୁସ୍ଥ ରନ୍ଧନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସ୍ୱଚ୍ଛତା, ପରିଷ୍କାର, ପରିବେଶ ଏବଂ ନିୟମିତ ହାତ ଧୋଇବା ଭଳି ସ୍ୱାସ୍ଥ୍ୟକର ଅଭ୍ୟାସ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅପୁଷ୍ଟି ମୁକ୍ତ ସମାଜ ଗଠନ ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ସଭାରେ ସଂକଳ୍ପ ନିଆଯାଇଛି।

# ଜନଗଣନାକୁ କୁଲାବେଡ଼ା ଗ୍ରାମବାସୀଙ୍କ ବିରୋଧ

ବୈପାରୀଗୁଡ଼ା,୨୨।୪(ସମିସ): ଜନ ଗଣନା ଦାୟିତ୍ୱରେ ଥିବା ଶିକ୍ଷକଙ୍କୁ ଜିଲ୍ଲାର ସୀମାନ୍ତ ଅଞ୍ଚଳବାସୀ ସହଯୋଗ କରୁନଥିବା ଅଭିଯୋଗ ପରେ ଆଜି ଜୟପୁର ଉପଜିଲ୍ଲାପାଳ ଯଦୁମଣି ନାୟକ ସୀମାନ୍ତ ଅଞ୍ଚଳ ଗାଁରେ ପହଞ୍ଚି ଲୋକଙ୍କୁ ବିଝାସୁଝା କରିଛନ୍ତି । କୋରାପୁଟ ଓ ମାଲକାନଗିରି ଜିଲ୍ଲାର ସୀମାନ୍ତ ଅଞ୍ଚଳ କୁଲାବେଡା ଗାଁଟି ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଦଣ୍ଡାବାଡ଼ି ପଞ୍ଚାୟତ ଅଧିନରେ ରହିଛି। ହେଲେ ଏହି କୁଲାବେଡା ଗାଁ ଲୋକେ ଜନ ଗଣନା ଦାୟିତ୍ୱରେ ଥିବା ଚିପାକୁର ହାଇସ୍କୁଲର ଶିକ୍ଷକଙ୍କୁ ସହଯୋଗ କରିନଥିଲେ। ଏନେଇ ଶିକ୍ଷକ ସ୍ଥାନୀୟ ତହସିଲଦାର ସିଂଗ୍ରୀ ଚୌଧୁରୀଙ୍କୁ ଜଣାଇବା ପରେ ଉପଜିଲ୍ଲାପାଳଙ୍କ ନଜରକୁ ଅଣାଗଲା। ସୂଚନା ପାଇ ଆଜି ଜୟପୁର ଉପଜିଲ୍ଲାପାଳ କୋରାପୁଟ ଓ ମାଲକାନଗିରି ଜିଲ୍ଲାର ସୀମାନ୍ତ ଅଞ୍ଚଳ କୁଲାବେଡା ଗାଁରେ ପହଞ୍ଚି ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ଜନ ଗଣନା-୨୦୨୭ କାର୍ଯ୍ୟକ୍ରମରେ ପ୍ରଶାସନକୁ ସହଯୋଗ କରବା ପାଇଁ



ଅନୁରୋଧ କରିଥିଲେ । ଗାଁ ଲୋକଙ୍କ ଅଭିଯୋଗ ଅନୁଯାୟୀ, କୁଲାବେଡା ଗାଁଟି ୨ ଜିଲ୍ଲା ସୀମାନ୍ତରେ ଅବସ୍ଥିତ । ଅଧିକାଂଶ ପରିବାର ମାଲକାନଗିରି ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ସରକାରୀ ସୁବିଧା ପାଉଛନ୍ତି । କିନ୍ତୁ ସେମାନଙ୍କ ଜମିବାଡ଼ି ପଟ୍ଟା କୋରାପୁଟ ଜିଲ୍ଲାରେ ରହିଛି। ହେଲେ ଦୀର୍ଘ ଦିନରୁ କୁଲାବେଡାରେ କୋରାପୁଟ ପ୍ରଶାସନ ତରଫରୁ ମେଡିକାଲ, ସ୍କୁଲ ଭଳି ବିଭିନ୍ନ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ଦାବି ରହିଛି। କିନ୍ତୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇନଥିବାରୁ ଏଭଳି ଜନ ଗଣନାକୁ କୁଲାବେଡା ଗାଁ ଲୋକେ ବିରୋଧ କରିଛନ୍ତି।

# କୋରାପୁଟ ଜିଲ୍ଲାରେ ୨୩ ରୁ ୨୫ ତାରିଖ ସ୍କୁଲ ଛୁଟି

କୋରାପୁଟ,୨୨।୪(ସମିସ): କୋରାପୁଟ ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପରିସ୍ଥିତିକୁ ଦୃଷ୍ଟିରେ ରଖି ଛାତ୍ରୀଛାତ୍ରଙ୍କୁ ପ୍ରଚଣ୍ଡ ଖରାରୁ ରକ୍ଷା କରିବା ପାଇଁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ କୋରାପୁଟ ଜିଲ୍ଲାରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ସମସ୍ତ ସ୍କୁଲକୁ ୨୩ ତାରିଖ ଗୁରୁବାରଠାରୁ ୨୫ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରିଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ ଶିଶୁ ବାଟିକାଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ପାଇଁ ଲାଗୁ ହେବ। ଶିକ୍ଷକ ଓ ଅନ୍ୟ ସ୍କୁଲ କର୍ମଚାରୀମାନେ ପ୍ରତିଦିନ ସକାଳ ୬ଟା ୩୦ରୁ ୧୦ଟା ୩୦ ପର୍ଯ୍ୟନ୍ତ ସ୍କୁଲରେ ଉପସ୍ଥିତ ରହିବେ ବୋଲି ନିର୍ଦ୍ଦେଶ ଜାରି ହୋଇଛି। ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ଏହି ପଦକ୍ଷେପ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ମୁଖ୍ୟତଃ ଧ୍ୟାନରେ ରଖି ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ମହାଜନ କହିଛନ୍ତି।

## ଷ୍ଟିଲପ୍ଲାଣ୍ଟ ପାଇଁ ଚେମଣା ଗ୍ରାମସଭା

# ଏକର ପ୍ରତି ୩୦ କୋଟି ଟଙ୍କା ଦାବି





ଡୁରୁମୁଙ୍ଗା, ୨୨।୪(ସମିସ): କେନ୍ଦୁଝର ଜିଲ୍ଲାରେ ପ୍ରସ୍ତାବିତ ମେଗାଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ବୁଧବାର ସକାଳ ୯ରେ ଚେମଣା ଗ୍ରାମପଞ୍ଚାୟତ ଚେମଣା ଗ୍ରାମର ହାଇସ୍କୁଲ ପଡ଼ିଆରେ ୭ମ ଗ୍ରାମସଭା ସଫଳତାର ସହ ଶେଷ ହୋଇଛି। ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଗାଁର ୧୩.୧୭୦ ଏକର ଘରୋଇ ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ଆୟୋଜିତ ଗ୍ରାମସଭାରେ ଜନସାଧାରଣଙ୍କଠାରୁ ମତାମତ ଗ୍ରହଣ କରାଯାଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ୪୪ ଦଫା ଦାବି ପ୍ରଶାସନ ନିକଟରେ ଉପସ୍ଥାପନ କରିବା ସହ ଏକର ପ୍ରତି ୩୦ କୋଟି ଟଙ୍କା ଦାବି କାରାଯାଇଥିଲା। ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା

### ଝୁମର ଗୀତରେ ଝୁମିଲେ ଗ୍ରାମବାସୀ

ପାଇଁ ଚେମଣା ଗ୍ରାମର ୧୩.୧୭୦ ଏକର ଘରୋଇ ଜମି ଅଧିଗ୍ରହଣ ହେବାର ଯୋଜନା ରହିଛି। ଗ୍ରାମସଭା ପୂର୍ବରୁ ପ୍ରକଳ୍ପକୁ ସ୍ୱାଗତ କରି ଝୁମର ଗୀତ ଓ ନାଚରେ ଝମିଥିଲେ ଗ୍ରାମବାସୀ। ଚେମଣା ସରପଞ୍ଚ ହେମଲତା ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଗ୍ରାମସଭାରେ ଅତିରିକ୍ତ ଜିଲ୍ଲାପାଳ ତଥା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ କୁମାର ନାଏକ, ସମିତିସଭ୍ୟ ମନୋଜ ମହାନ୍ତ, ଇଡ଼କୋର ଜମି ଅଧିଗ୍ରହଣ ଅଧିକାରୀ ଜୟକୃଷ୍ଣ ପାତ୍ର, ୱାର୍ଡମେମ୍ବର ଭରତଚନ୍ଦ୍ର ମହାନ୍ତ,ଗୀତାରାଣୀ ମହାନ୍ତ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଅତିରିକ୍ତ ଏସ୍‌ପି ସ୍ନେହାଶିଷ ସାହୁ, ପ୍ରତ୍ୟୁଷ ମହାପାତ୍ର, ଜ୍ୟୋତିର୍ମୟ ଭୁକ୍ତା, ଶୁଭସ୍ମିଗ୍ଧା ସେଠୀ, ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ପ୍ରଶାନ୍ତ କୁମାର ବେହେରା, ବିଜୟକୁମାର ବିହାରୀ, ଡୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ, ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁଙ୍କ ସମେତ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ବ୍ଲକସ୍ତରୀୟ ସମସ୍ତ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଲା ଗାଁରେ ଶ୍ରମିକ ସଚେତନତା ଶିବିର

କେନ୍ଦୁଝର,୨୨।୪(ସମିସ): କେନ୍ଦୁଝର ଜିଲ୍ଲା ଶ୍ରମ ବିଭାଗ ଏବଂ ବ୍ଲକ ପ୍ରଶାସନ ମିଳିତ ଆନୁକୂଲ୍ୟରେ ହରିଚନ୍ଦନପୁର ବ୍ଲକ ଶଗଡପଟା ପଞ୍ଚାୟତ ଅନ୍ତର୍ଗତ ବିଲା ଗାଁରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୮୮ଜଣ ଯୋଗ ଦେଇଥିଲେ। ୯୮ଜଣ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକ, ଅଣସଂଗଠିତ କାର୍ଯ୍ୟରେ ନିୟୋଜିତ ୬୪ଜଣ ଶ୍ରମିକ, ୬୦ ବର୍ଷରୁ ଉର୍ଦ୍ଧ୍ୱ ୧୨ଜଣ ଏବଂ ୧୭ଜଣ ଅଣଶ୍ରମିକ ଉପସ୍ଥିତ ଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ୟାମ୍ପରେ ସହକାରୀ ଶ୍ରମ ଅଧିକାରୀ ସୁଚିସ୍ମିତା ପାଣିଗ୍ରାହୀ ୧୪ଜଣ ନିର୍ମାଣ ଶ୍ରମିକଙ୍କୁ ଲେବର କାର୍ଡ ବଂଟନ କରିଥିଲେ। ଅନ୍ୟ ଯୋଗ୍ୟ ଶ୍ରମିକମାନଙ୍କୁ ଓଡିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜୀକରଣ କରିବା ପାଇଁ ପରାମର୍ଶ ଦେଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ୭୦ଜଣଙ୍କୁ ଜବକାର୍ଡ ପ୍ରଦାନ କରାଯାଇଥିଲା। ନିଯୁକ୍ତିଦାତାମାନଙ୍କୁ ଗ୍ରୀଷ୍ମପ୍ରବାହ ସମୟରେ କାର୍ଯ୍ୟ ସମୟକୁ ପରିବର୍ତ୍ତନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ କାମ ନ କରିବାକୁ ସଚେତନ କରାଯାଇଥିଲା। ନିର୍ମାଣାଧୀନ ସ୍ଥାନରେ ଶୀତଳ ପାନୀୟ ଜଳର ସୁବ୍ୟବସ୍ଥା, ଛାୟା ପ୍ରଦାନ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା ଏବଂ ଓଆରଏସ୍ ପ୍ୟାକେଟର ବ୍ୟବସ୍ଥା କରିବାକୁ କୁହାଯାଇଥିଲା। ଶ୍ରମିକମାନଙ୍କ ନିମନ୍ତେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ମଜୁରୀ ବିଷୟରେ ଅବଗତ କରାଯାଇଥିଲା। ଶିଶୁ ଶ୍ରମିକ ନିରୋଧ ଆଇନ ଏବଂ ଏଥିରେ ଥିବା ଦଣ୍ଡବିଧାନ, ପ୍ରବାସୀ ଶ୍ରମିକମାନଙ୍କୁ ପଞ୍ଚାୟତ ସ୍ତରରେ ପଞ୍ଜୀକରଣ ବାବଦରେ ଅବଗତ କରାଯାଇଥିଲା। ବିଶେଷ କରି ବାହାର ରାଜ୍ୟକୁ କାମ କରିବାକୁ ଯାଉଥିବା ଶ୍ରମିକମାନେ ପଞ୍ଚାୟତସ୍ତରରେ ସ୍ୱେଚ୍ଛାକୃତ ଭାବେ ପଞ୍ଜୀକରଣ କରି କେଉଁ ସ୍ଥାନକୁ ଏବଂ କେଉଁ ଠିକାଦାରଙ୍କ ଦ୍ୱାରା କାମ କରିବାକୁ ଯାଉଛନ୍ତି ତାହାର ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ କୁହାଯାଇଥିଲା। ଏହା ମୁଖ୍ୟତଃ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ଏବଂ ସରକାରୀ ସୁବିଧା ସହିତ ଯୋଡିବା ପାଇଁ କରାଯାଇଥାଏ। ଶ୍ରମିକମାନେ ନିଜ ପଞ୍ଚାୟତ କାର୍ଯ୍ୟାଳୟରେ ଉପଲବ୍ଧ ଫର୍ମ ପୂରଣ କରି ଅଫ୍‌ଲାଇନରେ ପଞ୍ଜୀକରଣ କରିପାରିବେ। ପଞ୍ଚାୟତ ବ୍ୟତୀତ ଶ୍ରମିକମାନେ ମୋ ସେବା କେନ୍ଦ୍ର ମାଧ୍ୟମରେ ପାରିଶ୍ରମ ପୋର୍ଟାଲରେ ମଧ୍ୟ ସ୍ୱେଚ୍ଛାକୃତ ପଞ୍ଜୀକରଣ କରିପାରିବେ।



● ଚାଷୀ ପଞ୍ଜୀକରଣରେ ଜାଲିଆତି

# ଫକୀରପୁର ଓ ଦେଓଗାଁ ସମିତି ବୋର୍ଡ ଭାଙ୍ଗିଲା



ଆନନ୍ଦପୁର, ୨୨।୪ (ସମିସ): ଆନନ୍ଦପୁର ସମବାୟ ସମିତି ସମୂହ ଅନ୍ତର୍ଗତ ଫକୀରପୁର ଓ ଦେଓଗାଁ ସମବାୟ ସମିତିର ପରିଚାଳନା ବୋର୍ଡକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବରଖାସ୍ତ କରାଯାଇଛି। ଦେଓଗାଁ ସମିତି ବେଆଇନ ନିଯୁକ୍ତି ଓ ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣରେ ହୋଇଥିବା ଚଞ୍ଚକତା ଘଟଣାରେ ସମିତିର ସଂପାଦକ ମାଧବାନନ୍ଦ ନାୟକ, ଡାଟାଏଣ୍ଟ୍ରି ଅପରେଟର ସ୍ୱାଗତ କୁମାର ରାଉତ ନିଲମ୍ବିତ ହୋଇଥିବା ବେଳେ ଖରିଫ ଧାନ ବିକ୍ରି ପାଇଁ ଚାଷୀଙ୍କ ନାମ ପଞ୍ଜୀକରଣ ବେଳେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ତରିମୂଳ ଗ୍ରାମର ଚାଷୀ ସତ୍ୟବ୍ରତ ରାଉତ, ପ୍ରଦୀପ କୁମାର ରାଉତ, ପ୍ରେମଲତା ରାଉତ, ବିଶ୍ୱବନ୍ଧୁ ଓଝା, ସୁବ୍ରତ ରାଉତ, କଣ୍ଟାରୋହି ଗ୍ରାମର ନୃସିଂହ ଚରଣ ସା ସାହୁ ଅଭିଯୋଗ କରିଥିଲେ। ଚାଷ କରି ନଥିବା ବ୍ୟକ୍ତିଙ୍କ ନାମରେ ଏକ ଏକର ଏକର ଜମି ପଞ୍ଜୀକରଣ ହୋଇଥିବା ବେଳେ ପ୍ରକୃତ ଚାଷୀଙ୍କୁ ବାଦ ଦିଆ ଦିଆଯାଇଥିଲା। ଏନେଇ ସହକାରୀ ସମବାୟ ନିବନ୍ଧକ କୈଳାସଚନ୍ଦ୍ର ନାୟକ, ନିତ୍ୟାନନ୍ଦ ଦେହୁରୀ ପ୍ରମୁଖ ଦେଓଗାଁ ସମବାୟ ସମିତିରେ ପହଞ୍ଚି ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପରେ ଆନନ୍ଦପୁର ସମବାୟ ନିବନ୍ଧକ ବିକାଶ ନାୟକ ସମିତିର ସଂପାଦକ ଓ ଡିଇଓଙ୍କୁ ନିଲମ୍ବନ କରିବା ପାଇଁ ସୁପାରିସ କରିଥିଲେ। ସେହିପରି ଫକୀରପୁର ସେବା ସମବାୟ ସମିତି ପରିଚାଳନାରେ ଅନିୟମିତତା ଅଭିଯୋଗରେ ଉକ୍ତ ସମିତି ବୋର୍ଡକୁ ବରଖାସ୍ତ କରି ସମବାୟ ସମିତି ସମୂହର କୈଳାଶଚନ୍ଦ୍ର ନାୟକଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିବା ଜଣାଯାଇଛି।

# ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ



କେନ୍ଦୁଝର, ୨୨।୪(ସମିସ): କେନ୍ଦୁଝରଠାରେ ଜିଲ୍ଲାସ୍ତରୀୟ ଧରଣୀଧର ଜୟନ୍ତୀ ଆୟୋଜନର ବିଭିନ୍ନ ବ୍ୟବସ୍ଥା ସମୀକ୍ଷା କରିବା ପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ କ୍ଷୁଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କେନ୍ଦୁଝରର ଅଧ୍ୟକ୍ଷା ମମିତା ନାଏକ ଯୋଗଦେଇଥିବା ବେଳେ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶିବଶଙ୍କର ମିଶ୍ର, ଭୂୟାଁ ସାଂସ୍କୃତିକ ସଙ୍ଘର ସମ୍ପାଦକ ଶ୍ୟାମସୁନ୍ଦର ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶଚନ୍ଦ୍ର ନାଏକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ୫ ମଇ, ୨୦୨୬ରେ କେନ୍ଦୁଝର ଜିଲ୍ଲା ଅଡିଟୋରିୟମ୍‌ଠାରେ ଜିଲ୍ଲାସ୍ତରୀୟ ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ ପାଳନ କରାଯିବା ସହ ଜିଲ୍ଲାର ଅନ୍ୟ ସମସ୍ତ ସ୍ଥାନରେ ମଧ୍ୟ ସମାନ୍ତରାଳ ଭାବେ ଜୟନ୍ତୀ ଉତ୍ସବ ଧୂମଧାମରେ ପାଳନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଜୟନ୍ତୀ ସମାରୋହର ସୁପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଭାଗ ମଧ୍ୟରେ ସମନ୍ୱୟ ଏବଂ ଜନସାଧାରଣଙ୍କ ଅଂଶଗ୍ରହଣ ଭଳି ପ୍ରମୁଖ ଦିଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଅନୁଷ୍ଠାନର ପ୍ରମୁଖ ବିଷୟବସ୍ତୁ ମଧ୍ୟରେ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତି ଓ ଉତ୍କୃଷ୍ଟତା ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ଉତ୍ସବର ଗୁରୁତ୍ୱ ସହିତ ମର୍ଯ୍ୟାଦାପୂର୍ଣ୍ଣ ଏବଂ ସୁସମନ୍ୱିତ ଢଙ୍ଗରେ ଉତ୍ସବ ପାଳନ ସୁନିଶ୍ଚିତ କରିବା ଉପରେ ଆଲୋଚନା କରାଯାଇଥିଲା। ଜୟନ୍ତୀର ସଫଳ ଆୟୋଜନ ପାଇଁ ପୂର୍ବରୁ ସମସ୍ତ ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯାଇଥିଲା।

# ମହିଳାଙ୍କ ପାଇଁ ବିଜେପି କୁମ୍ଭୀର କାନ୍ଦଣା ବନ୍ଦ କରୁ: କଂଗ୍ରେସ

କେନ୍ଦୁଝର, ୨୨।୪(ସମିସ): ଆଜି କଂଗ୍ରେସ ଅଭିଯୋଗ କରିଛି ଯେ ମହିଳା ସଂରକ୍ଷଣ ନାମରେ ବିଜେପିର ଖରାପ ଉଦ୍ଦେଶ୍ୟ ରହିଛି। ଏଥିପାଇଁ କୁମ୍ଭୀର କାନ୍ଦଣା ବନ୍ଦ କରୁ ବୋଲି କଂଗ୍ରେସ ଦାବି କରିଛି। ଅଯଥାରେ ସୀମା ନିର୍ଦ୍ଧାରଣ ବିଲ୍ ଆଗତ କରି ଲୋକହସା ହେବା ଦୁର୍ଭାଗ୍ୟଜନକ ଏବଂ ବିଜେପି ସରକାର କୁମ୍ଭୀର କାନ୍ଦଣା ବନ୍ଦ କରୁ ବୋଲି ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କେନ୍ଦୁଝରଠାରେ କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏଥିରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ମନୋଜ କୁମାର ଜେନା, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ବିଧାୟକ ଇଂ ସୁବର୍ଣ୍ଣ ନାଏକ, ପୂର୍ବତନ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ସଦର ବିଧାୟିକା ପ୍ରାର୍ଥୀ ପ୍ରତିଭା ମଞ୍ଜରୀ ନାଏକ, ମହିଳା ନେତ୍ରୀ ସବିତା ସାହୁ, ଜିଲ୍ଲା ଉପସଭାପତି ଲଳିତ ମୋହନ ନାୟକ, ଚିତ୍ତରଞ୍ଜନ ପାତ୍ର, କଂଗ୍ରେସ ନେତା ସୁଜଳ ସେଠୀ, ଦିନେଶ ରାଉତ, ରତ୍ନାକର ଜେନା ଏବଂ ସମସ୍ତ ବ୍ଲକ ସଭାପତି ଉପସ୍ଥିତ ଥିଲେ।




# ରାତିହେଲେ ମାତୁଛନ୍ତି ବାଲି ମାଫିଆ



ତେଲକୋଇ, ୨୨।୪(ସମିସ): ତେଲକୋଇ ବ୍ଲକ ମଧ୍ୟ ଦେଇ ବୋହି ଯାଇଥିବା ସମାକୋଇ ନଦୀ ଗର୍ଭ ବାଲି ମାଫିଆଙ୍କ ଭୂ-ସ୍ୱର୍ଗ ପାଲଟିଛି। ରାତି ହେଲେ ବାଲି ମାଫିଆମାନେ ସକ୍ରିୟ ହୋଇଉଠୁଛନ୍ତି। ନଦୀ ପଠାଠାରୁ ଜନବସତି ସବୁଠି ଉତ୍ପାତ ବିତ୍ପାତ ଚଳାଉଛନ୍ତି। ଟ୍ରାକ୍ଟର ଓ ଜେସିବି ମେସିନର ବିକଟାଳ ଶବ୍ଦରେ ସ୍ଥାନୀୟ ବାସିନ୍ଦାଙ୍କ ନିଦ ହଜିଯାଉଛି। ରାତିରୁ ଭୋରୁ ସକାଳ ଯାଏଁ ବେଆଇନ ବାଲି ଚୋରା ଚାଲାଣ ଚାଲିଛି। କିନ୍ତୁ ସ୍ଥାନୀୟ ପୁଲିସ ପ୍ରଶାସନ କିମ୍ବା ରାଜସ୍ୱ ବିଭାଗ ଆଖିରେ କଳା ଚଷମା ପିନ୍ଧି ନିରବ ସାଜିଛି। ସରକାର ବାଲି ଚୋରା ଚାଲାଣ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ପୁଲିସ ପ୍ରଶାସନ ଓ ରାଜସ୍ୱ ବିଭାଗକୁ କଡ଼ା ନିର୍ଦ୍ଦେଶ ଦେଇଥିବା ବେଳେ ତେଲକୋଇ ଥାନା ଓ ତହସିଲ ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ତେଲକୋଇ ତହସିଲ ଅଧୀନ କୁମୁଣ୍ଡି, ବେତଖୋଲି, ଶଙ୍କରପୁର, ବାଙ୍ଗୁରୁପାଳ, କମଳାଙ୍ଗ, ରାମଚନ୍ଦ୍ରପୁର, ଭାଲିଆଡାଳ, ବାଲିସାହି, କଦଳୀକୁଣ୍ଡ, ନୂଆ ବସଷ୍ଟାଣ୍ଡ ତଳ, କଣାଆମ୍ବ, ଉଷାଦରହ, ତଳସାହି ବାବାଟୁଙ୍ଗି, ବାଘମହୁ, ଦୋବଲାପାଳ, କରଦାଙ୍ଗୀସ୍ଥିତ ବିଭିନ୍ନ ଘାଟରୁ ଶହଶହ ଟ୍ରିପ ବାଲି ବେଆଇନ ଚାଲାଣ ହେଉଥିବା ବେଳେ ବିଭାଗୀୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଯାହାକୁ ନେଇ ବାଲି ମାଫିଆଙ୍କ କବଜାରେ ପ୍ରଶାସନ ରହିଥିବା ଅଭିଯୋଗ ହୋଇଛି। ବାଲି ମାଫିଆମାନେ ଏହି ବେଆଇନ ଚାଲାଣରୁ ମୋଟା ଅଙ୍କର ମୁନାଫା କମାଉଥିବା ବେଳେ ଏଥିରୁ ସିଂହ ଭାଗ ବିଭାଗୀୟ ଅଧିକାରୀଙ୍କ ପାଖକୁ ଯାଉଥିବା କୁହାଯାଉଛି। ଫଳରେ ବାଲି ଚୋରା ଚାଲାଣରେ ଅଙ୍କୁଶ ଲାଗୁ ନଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଆଉ କେତେକ ଘାଟରୁ ଦିନ ଦ୍ୱି ପ୍ରହରରେ ବାଲି ଚୋରା ଚାଲାଣ ହେଉଥିବା ବେଳେ ବାଲି ମାଫିଆମାନେ ଅତି ସତର୍କତାର ସହିତ ବାଲି ଚୋରି କରୁଛନ୍ତି। ବାଲି ଘାଟକୁ ସଂଯୋଗ କରୁଥିବା ଛକଗୁଡ଼ିକରେ ବାଲି ମାଫିଆମାନେ ପାଳି କରି ପହରା ଦେଉଛନ୍ତି। ବିର୍ସା ମୁଣ୍ଡା ଛକ ସମେତ ବିଭିନ୍ନ ଛକରେ ମାଫିଆଙ୍କ ମେଳି ଦେଖାଯାଇଛି। କିଛି ରାଜନୈତିକ କର୍ମୀ ଲଘୁ ଖଣିଜ ସମ୍ପଦକୁ ଲୁଟି

### ହାତଗୁଞ୍ଜା ନେଇ ପ୍ରଶାସନ ଚୁପ୍ ବସିଥିବା ଅଭିଯୋଗ

ସରକାରଙ୍କ ରଜସ୍ୱକୁ ହାନି କରୁଥିବା ଅଭିଯୋଗ ହୋଇଛି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣ ଦାବି କରିଛନ୍ତି।

# ଆନନ୍ଦପୁର ମହାବିଦ୍ୟାଳୟରେ ନିଆଁ



ଆନନ୍ଦପୁର, ୨୨।୪ (ସମିସ): ଆନନ୍ଦପୁର କଲେଜର ସାମ୍ସ (ଏସଏଏମଏସ) ରୁମରେ ଆଜି ହଠାତ୍ ଅଗ୍ନିକାଣ୍ଡ ଘଟିଛି। ରୁମ ଭିତରେ ହଠାତ୍ ନିଆଁ ଲାଗିଯାଇଥିବାରୁ ୧୦ରୁ ଅଧିକ କମ୍ପ୍ୟୁଟର ସହିତ ଛାତ୍ରୀଛାତ୍ରଙ୍କ ଅନେକ ଜରୁରୀ ଡକ୍ୟୁମେଣ୍ଟ ଓ ଫାଇଲ ସମ୍ପୂର୍ଣ୍ଣ ଭାବେ ଜଳି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡ ଘଟିବା ପରେ କଲେଜ ପରିସରରେ ଆତଙ୍କ ଓ ଅସ୍ଥିରତା ଦେଖାଦେଇଥିଲା। ଖବର ପାଇବା ପରେ ସଙ୍ଗେସଙ୍ଗେ ଆନନ୍ଦପୁର ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିୟନ୍ତ୍ରଣ କରିଥିଲେ। ସେମାନଙ୍କ ଦ୍ରୁତ ପଦକ୍ଷେପ ଫଳରେ ବଡ଼ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇଛି। ପ୍ରାଥମିକ ତଦନ୍ତରୁ ବିଦ୍ୟୁତ୍ ସର୍କିଟ୍ ତ୍ରୁଟି ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। କ୍ଷତିର ସଠିକ୍ ଆକଳନ ଏପର୍ଯ୍ୟନ୍ତ ହୋଇ ନଥିବା ବେଳେ ଘଟଣାକୁ ନେଇ କଲେଜ ପକ୍ଷରୁ ତଦନ୍ତ ଜାରି ରହିଛି।

# ପୂର୍ଣିମା ରାୟଙ୍କ ନେତୃତ୍ୱରେ କେନ୍ଦୁଝର ମହିଳା କ୍ରିକେଟ ଦଳ ଘୋଷଣା



କେନ୍ଦୁଝର, ୨୨।୪(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମଠାରେ ଟି -୨୦ ଫର୍ମାଟ ଚାଲିଥିବା ଆନ୍ତଃଜିଲ୍ଲା ମହିଳା କ୍ରିକେଟ ଟୁର୍ନାମେଣ୍ଟ ପାଇଁ ପୁର୍ଣିମା ରାୟଙ୍କ ନେତୃତ୍ୱରେ ଏକ ୧୫ ଜଣିଆ କେନ୍ଦୁଝର ଜିଲ୍ଲା ଦଳ ଘୋଷଣା କରାଯାଇଛି। ଜିଲ୍ଲା ଦଳ ପାଇଁ ମନୋନୀତ ହୋଇଥିବା ଖେଳାଳିମାନେ ହେଲେ ପୁର୍ଣିମା ରାଏ (ଅଧିନାୟକ), ତନବୀ ରଞ୍ଜନ (ଉପ ଅଧିନାୟକ), ରାନୀ କେ ପ୍ରସାଦ, ସ୍ୱାତିଲଗ୍ନ ପ୍ରଧାନ, ଯଶସ୍ୱିନୀ ନାଏକ, ଦୀପା ଗାଗରାଇ, ସୀତା ସିଙ୍କୁ, ନାମୀ ମିଶ୍ର, ପୂଜା ଗାଗରାଇ, ସାଇ ପ୍ରତୀକ୍ଷା ଜେନା, ସାଇଲକ୍ଷ୍ମୀ ଜେନା, ତମନ୍ନା ସିଂହ, ଲିପସା ଜେନା, ସୋନାଲି ଦାସ, ମନୀଷା ନାଏକ। ଷ୍ଟାଣ୍ଡବାଇ ଖେଳାଳି ଭାବେ ଅନିଶା ସାହା, ସୁଶ୍ରୀ ମହାନ୍ତ, ଆର୍ଯ୍ୟସୂତ ଜେନା, ଭାଗ୍ୟଶ୍ରୀ ବଳ, ଶ୍ରେୟା ସାହୁ ରହିଛନ୍ତି। ଦଳ ସହ ମ୍ୟାନେଜର ଭାବେ ସସ୍ମିତା ମୁଣ୍ଡା ଏବଂ କୋଚ ଭାବେ ଅମରେନ୍ଦ୍ର ମହାନ୍ତି କେନ୍ଦୁଝର ଦଳ ସହ ଆଜି ସଖାଳେ ଟ୍ରେନ ଯୋଗେ କଟକ ଅଭିମୁଖେ ଯାତ୍ରା କରିଛନ୍ତି। ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ହେବାକୁଥିବା ଏହି ପ୍ରତିଯୋଗିତାରେ କେନ୍ଦୁଝର ତାର ପ୍ରଥମ ଖେଳରେ ନିମପୁର ପଡିଆରେ ଗତବର୍ଷର ଚାମ୍ପିଅନ ବଲାଙ୍ଗୀର ଜିଲ୍ଲାକୁ ଭେଟିବ ବୋଲି ଜିଲ୍ଲା କ୍ରୀଡ଼ା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକଠାରୁ ପ୍ରକାଶ।

## ଉଦ୍‌ଘାଟନକୁ ୬ ବର୍ଷ ବିତିଲା

# ଆନନ୍ଦପୁର ବ୍ୟାରେଜରୁ ଚାଷୀଙ୍କୁ ମିଳୁନି ପାଣି

ଆନନ୍ଦପୁର, ୨୨।୪ (ସମିସ): ଆନନ୍ଦପୁର ବ୍ୟାରେଜ ଉଦଘାଟନକୁ ୬ ବର୍ଷ ବିତିଲା ହେଲେ ଚାଷୀଙ୍କୁ ଏଯାଏ ମିଳିନି ପାଣି। ଚାଷୀମାନଙ୍କ ସବୁ ଚାଷଜମିକୁ କେନାଲ ଯୋଗେ ପାଣି ଯୋଗାଇ ଦେବା ପାଇଁ ଏହି ବ୍ୟାରେଜର ପ୍ରକଳ୍ପର ପରିକଳ୍ପନା କରାଯାଇ ୨୦୦୮ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। କେନ୍ଦୁଝର ଜିଲ୍ଲାର ଘସିପୁରା, ହାଟଡିହି ଓ ଆନନ୍ଦପୁର ବ୍ଲକ୍ ସହିତ ବାଲେଶ୍ୱର ଜିଲ୍ଲାର ଖଇରା, ଔପଦା, ସୋର, ବାହାନଗା, ନୀଳଗିରି, ରେମୁଣା ଓ ବାଲେଶ୍ୱର ବ୍ଲକ୍ ଅନ୍ତର୍ଗତ ୬୦ ହଜାର ହେକ୍ଟର ଜମିକୁ ଜଳସେଚନର ବ୍ୟବସ୍ଥା କରାଯିବାର ପରିକଳ୍ପନା କରାଯାଇଥିଲା। ଖରିଫ ଋତୁରେ ୫୬୭୨୦ ହେକ୍ଟର ଜଳସେଚନର ଲକ୍ଷ୍ୟ ରଖାଯାଇଥିବା ବେଳେ ଏହାର ସମ୍ପୂର୍ଣ୍ଣ କ୍ଷେତ୍ରାଞ୍ଚଳ ବିସ୍ତାର ୬୭୫୦୦ ହେକ୍ଟର ରହିଥିଲା। ଚାଷୀଙ୍କ ହିତ ପାଇଁ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ୩୧ ଜାନୁୟାରୀ ୨୦୨୦ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲା। ବ୍ୟାରେଜର ଜଳଧାରଣର ଅବବାହିକା ୮୫୭୦ ବର୍ଗ କିମି ପରିବ୍ୟାପ୍ତ ହୋଇଥିବାବେ ଥିବାବେଳେ ଏବେ ବ୍ୟାରେଜ ଜଳଶୂନ୍ୟ ହୋଇପଡିଛି। ବହୁ କୋଟି ଟଙ୍କାରେ ନିର୍ମିତ ଏହି ବ୍ୟାରେଜ ଖରାଦିନ ଆରମ୍ଭରୁ ଶୁଖିଲା ପଡିଛି। ଜଳଭଣ୍ଡାରର ଜଳଶୂନ୍ୟ ଅବସ୍ଥାକୁ ଦେଖି ଆଗାମୀ ଦିନରେ ଚାଷୀ କିଭଳି ଚାଷ କରିବ ଏବଂ ଜଳସେଚନର ସୁବିଧା ପାଇବ ତାହା ଚାଷୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



## ପାରିପାର୍ଶ୍ୱିକ ଉନ୍ନତୀକରଣ ବାଟବଣା

ଏହି ସମନ୍ୱିତ ବ୍ୟାରେଜ ପ୍ରକଳ୍ପର ପାରିପାର୍ଶ୍ୱିକ ଉନ୍ନତୀକରଣ ମଧ୍ୟ ହେଉନାହିଁ। ଏହାର ଚତୁପାର୍ଶ୍ୱ ଅଳିଆ ହୋଇପଡ଼ିଲାଣି। ବ୍ୟାରେଜର ଉଭୟ ପାର୍ଶ୍ୱ ଆପ୍ରୋଚ ରୋଡରେ ଗାଡ଼ମାନ ସୃଷ୍ଟି ହୋଇଥିବାରୁ ଯାତାୟାତ କଷ୍ଟକର ହେଉଛି। ବ୍ୟାରେଜ ଆପ୍ରୋଚର ଉଭୟ ପାର୍ଶ୍ୱ ସନ୍ନିକଟ ଲତାଗୁଳ୍ମରେ ଭରପୁର ହୋଇ ଯାଇଥିବାରୁ ଏହାର ଗାର୍ଡୱାଲ ଆଉ ଦିଶୁ ନାହିଁ। ସେହିପରି କାଶତଣ୍ଡି ଓ ଅନାବନା ଗଛ ବଢ଼ିଯାଇଥିବାରୁ ବ୍ୟାରେଜର ସୌନ୍ଦର୍ଯ୍ୟକରଣକୁ ନଷ୍ଟ କରୁଛି। ସମଗ୍ର ଆନନ୍ଦପୁର ଉପଖଣ୍ଡର ଅଧିବାସୀ ବ୍ୟାରେଜ ରାସ୍ତାକୁ ଅନ୍ୟତମ ପ୍ରମୁଖ ରାସ୍ତା ଭାବେ ବ୍ୟବହାର କରୁଥିବାବେଳେ ଆପ୍ରଚ ରୋଡର ଅବସ୍ଥା ଦୟନୀୟ ହୋଇଥିବାରୁ ଯାତାୟତ ସୁରକ୍ଷିତ ନୁହେଁ ବୋଲି ମନେ ହୋଇଛି। ବ୍ୟାରେଜର ପାରିପାର୍ଶ୍ୱିକ ଉନ୍ନତି ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରିଲେ ଏହା ଏକ ଦର୍ଶନୀୟ ଓ ମନୋରମସ୍ଥଳୀ ଭାବେ ଆକର୍ଷଣୀୟ ହୋଇପାରନ୍ତା ବୋଲି ମତପ୍ରକାଶ ପାଇଛି। ତେବେ, ବୈତରଣୀ ନଦୀର ଜଳରାଶିକୁ ନିୟନ୍ତ୍ରଣ କରିବା ସହିତ ଏହାର ଚତୁଃପାର୍ଶ୍ୱକୁ ତଦାରଖ କରିବା ପାଇଁ ୩.୮୫ କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ଭିଉ ଟାୱାର ନିର୍ମାଣ କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି। ଏହି ପ୍ରକଳ୍ପ ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ରାଜ୍ୟସରକାରଙ୍କୁ ଏକ ପ୍ରାକ୍ ଆକଳନ ପ୍ରଦାନ କରାଯାଇଥିଲା। ଏଥିପାଇଁ ସରକାର ଆର୍ଥିକ ଅନୁଦାନ ଯୋଗାଇ ଦେବା ପରେ ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟ ହେବ ବୋଲି ସୂଚନା ମିଳିଛି।



# ବସ୍ ଚକ ତଳେ ଚାପି ହୋଇଗଲେ ଘରୋଇ ବ୍ୟାଙ୍କ କର୍ମଚାରୀ

ବଲାଙ୍ଗିର,୨୨।୪(ସମିସ): ବଲାଙ୍ଗିର ସହର ପାଟଣେଶ୍ୱରୀ ମନ୍ଦିର ନିକଟରେ ଏକ ହୃଦୟବିଦାରକ ଘଟଣା ଘଟିଛି। ବସ ତଳେ ଚାପି ହୋଇ ବାଇକ୍‌ରେ ଯାଉଥିବା ଜଣେ ଘରୋଇ ବ୍ୟାଙ୍କ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଲାଙ୍ଗିର ଜିଲ୍ଲା ଡୁମେର ବାହାଲ ଗାଁର ପ୍ରଶାନ୍ତ ମହାକୁର। ତେବେ ଦୁର୍ଘଟଣାଗ୍ରସ୍ତ ବସ୍ ଓ ବାଇକ୍‌କୁ ପୁଲିସ ଜବତ କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ପ୍ରଶାନ୍ତ ସ୍ଥାନୀୟ ଏକ ଘରୋଇ ବ୍ୟାଙ୍କରେ କାମ କରୁଥିଲେ। ସେ ରାତିରେ ନିଜର ଜଣେ ବନ୍ଧୁଙ୍କ ବିବାହ କାର୍ଯ୍ୟରେ ଯୋଗଦେଇ ଫେରୁଥିଲେ। ଗଳି ରାସ୍ତାରୁ ମୁଖ୍ୟ ରାସ୍ତାକୁ ବାହାରିବା କ୍ଷଣି ସାମ୍ନାରୁ ଆସୁଥିବା ଏକ ବସ୍ ତାଙ୍କ ଉପରେ ଚଢି ଯାଇଥିଲା। ବସ୍ ଚକ ତଳେ ଚାପି ହୋଇଯିବାରୁ ଘଟଣା ସ୍ଥଳରେ ହିଁ ତାଙ୍କ ମୃତ୍ୟୁ ଘଟିଥିଲା। ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବୁଧବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ ଟାଉନ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦୁର୍ଘଟଣା ପରେ ଫେରାର ହୋଇଯାଇଥିବା ବସ୍‌କୁ ଜବତ କରାଯାଇଛି।



# କଣ୍ଟାବାଞ୍ଜି ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା



କଣ୍ଟାବାଞ୍ଜି,୨୨।୪(ସମିସ): ସ୍ଥାନୀୟ ଡାକ ବଙ୍ଗଳାରେ କଣ୍ଟାବାଞ୍ଜି ସାମ୍ବାଦିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ବରିଷ୍ଠ ସଦସ୍ୟ ସୁବାସ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭା ଆରମ୍ଭରେ ସଂଘର ବରିଷ୍ଠ ସଭ୍ୟ ମୌଜ ଆଧାର ଶର୍ମାଙ୍କ ବିୟୋଗରେ ଶୋକ ସଭା କରାଯାଇଥିଲା। ପରେ ସର୍ବ ସମ୍ମତି କ୍ରମେ ମୋହନ ସୋନି ସଭାପତି, ଜୀବନାନନ୍ଦ ମହାନ୍ତି କାର୍ଯ୍ୟକାରୀ ସଭାପତି, ଉପସଭାପତି ଭାବେ ଶିବ ସଙ୍କର ବାଗ, ସମ୍ପାଦକ ଭାବେ ଗୁରୁ ଦୟାଲ ହଂସ, ସହସମ୍ପାଦକ ଭାବେ ଶେଖ୍ ସମିମ୍, କୋଷାଧ୍ୟକ୍ଷ ଭାବେ କୁର୍ତିକର ବାଗ, କାର୍ଯ୍ୟକାରୀ ସଭ୍ୟ ଭାବେ ବିମଳ ଦାଶ, ବିନୋଦ ସିଂ, କୁଶଳ ଠାକୁର, କୈଳାସ ସଗରିଆଙ୍କୁ ମନୋନୀତ କରାଯାଇଛି।

# କାଦୋପଡ଼ାରେ ନାମଯଜ୍ଞ

ପାଟଣାଗଡ଼,୨୨।୪(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ସହରର କାଦୋପଡାରେ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମହିଳାମାନେ ଏକ ବିରାଟ କଳସ ଶୋଭାଯାତ୍ରାରେ ବାହାରି ହୀରାସାଗର ପୋଖରୀରୁ ଜଳ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ରିମା ଭୁଏ ଓ ସିକନ୍ଦର ଭୁଏ କର୍ତ୍ତା ଥିବାବେଳେ ବଶ୍ୱାମିତ୍ର ପଣ୍ଡା ଓ ନରସିଂହ ତ୍ରିପାଠୀ ପୂଜା ଦାୟିତ୍ୱ ତୁଲାଉଛନ୍ତି। ଭୂପିନ୍ଦ୍ର ମେହେର, ସନ୍ୟାସୀ ବାଗ, ମକରଧ୍ୱଜ ମୁଟକିଆ, ମଣ୍ଟୁରାମ ବେହେରା, ମହେନ୍ଦ୍ର ସେଠ, ଭଜଶଙ୍କର ଦୀପ, ସୁମନ୍ତ ମେହେର, ଗଙ୍ଗେ ବେହେରା, ରାକେଶ ବାଗ, ବିରଞ୍ଚି ବାଗ, ବୀରେନ୍ଦ୍ର ସେଠ, ସୁରୁ କଟାର, ଅଶୋକ ମୁଡୁକିଆ, ନୀଳ ମେହେର, ରାଜୁ କୁଦେଇ, ସୁରୁ ଅଗ୍ରୱାଲ, ରୁପାଧର ବାଗ, ସୁରେନ୍ଦ୍ର ମେହେର, ଗୌରାଙ୍ଗ ସେଠ, ଅକ୍ରୁର ସେଠ, ସମ୍ପଦ ବାଗ, ପୁରନ୍ଦର ନିଆଲ ପ୍ରମୁଖ ସହଯୋଗ କରୁଛନ୍ତି। ଗୁରୁବାର ଏହି କାର୍ଯ୍ୟକ୍ରମ ଶେଷ ହେବ।

# ବିନା ତାରପଲିନ୍ ଢାଙ୍କି ଚାଲିଛି ହାଇୱା

● ବାଲି, ମାଟି ଉଡ଼ି ଦୁର୍ଘଟଣା ଆଶଙ୍କା

କୋକସରା,୨୨।୪(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥ ଓ ବିଜୁ ଏକ୍ସପ୍ରେସୱେରେ ଦୈନିକ ଶହ ଶହ ହାଇୱା ଗାଡ଼ି ବାଲି, ମାଟି ଓ ଅନ୍ୟ ପଦାର୍ଥ ବୋଝେଇ କରି ବିନା ତାରପଲିନ୍ ଢାଙ୍କି ଯାତାୟତ କରୁଛି। ଏହି ଗାଡ଼ି ଗୁଡ଼ିକ ଖୋଲାରେ ଯିବା ଦ୍ୱାରା ବାଲି ଓ ଧୂଳି ଉଡ଼ି ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ପରିବହନ ବିଭାଗର ନିୟମ ଅନୁଯାୟୀ, ମାଲବାହୀ ଗାଡ଼ିରେ ଯେ' କୌଣସି ଦ୍ରବ୍ୟ ବୋଝେଇ କରିବା ସମୟରେ ତାହା ଢାଙ୍କି ହୋଇ ରହିବା ଆବଶ୍ୟକ। କିନ୍ତୁ କୋକସରା ବ୍ଲକ୍‌ର ବିଜୁ ଏକ୍ସପ୍ରେସୱେ ସମେତ ଜାତୀୟ ରାଜପଥରେ ବିନା ତାରପଲିନ୍ ଢାଙ୍କି ଶହ ଶହ ହାଇୱା ଗାଡ଼ି ବାଲି, ମାଟି ବୋଝେଇ କରି ଯାତାୟାତ କରୁଛି। ଏଥିଯୋଗୁଁ ରାସ୍ତାରେ ଯାଉଥିବା ଅନ୍ୟ ବାହନ ଓ ସାଇକଲ ଆରୋହୀଙ୍କ ଆଖିରେ ଧୂଳି ପଡ଼ି ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଖାଲି ସେତିକି ନୁହେଁ ଖୋଲା ଗାଡ଼ିରୁ ଉଡୁଥିବା ଧୂଳି ବାୟୁ ପ୍ରଦୂଷଣ ସୃଷ୍ଟି କରି ସାଧାରଣ ଲୋକଙ୍କ ଶ୍ୱାସକ୍ରିୟାରେ ଗୁରୁତର ସମସ୍ୟା ସୃଷ୍ଟି କରୁଛି। ନିୟମ ଅନୁଯାୟୀ, ଯଦି କୌଣସି ଗାଡ଼ିରେ ଖୋଲା ଭାବେ ବାଲି, ମାଟି ବା ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ ନିଆଯାଏ, ତେବେ ତାହାକୁ ତାରପଲିନ୍ କିମ୍ବା ଅନ୍ୟ କୌଣସି ଉପଯୁକ୍ତ ପଦାର୍ଥରେ ସମ୍ପୂର୍ଣ୍ଣ ରୂପେ ଢାଙ୍କିବା ଜରୁରୀ ରହିଛି। ପୁଲିସ ଓ ପରିବହନ ବିଭାଗର ଅବହେଳା ଯୋଗୁଁ ହାଇୱା ଗାଡ଼ି ଗୁଡ଼ିକ ନିୟମକୁ ଉଲ୍ଲଂଘନ କରି ଚଳାଚଳ କରୁଛନ୍ତି। ଲୋକଙ୍କ ଧନ ଜୀବନ ପ୍ରତି ବିପଦ ଥିବାରୁ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ସହ ନିୟମ ଉଲ୍ଲଂଘନ କରି ରାସ୍ତା ଉପରେ ଗଡୁଥିବା ହାଇୱା ଗାଡ଼ି ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ପାଟଣାଗଡ଼ ବ୍ଲକ୍‌ରେ ଆବାସ ଦୁର୍ନୀତି ଘଟଣା

# ଆପ୍‌ରେ ତ୍ରୁଟି ଦର୍ଶାଇ ମାମଲା ଚାପିଦେବାକୁ ଷଡ଼ଯନ୍ତ୍ର

● ହିତାଧିକାରୀଙ୍କ ଆକାଉଣ୍ଟ ହୋଲ୍ଡ ପାଇଁ ଷ୍ଟେଟ ବ୍ୟାଙ୍କ ମ୍ୟାନେଜରଙ୍କୁ ବିଡିଓଙ୍କ ଚିଠି
● ଜାଣିଶୁଣି ଟଙ୍କା ପକାଯାଇଥିଲା ବୋଲି ବ୍ଲକ୍ ଅଧ୍ୟକ୍ଷଙ୍କ ଅଭିଯୋଗ
● ଜିଓ ଟ୍ୟାଗର ଓ ପିଇଓ ନାଁରେ ମାମଲା ରୁଜୁ ପାଇଁ ଦାବି

ପାଟଣାଗଡ଼,୨୨।୪(ସମିସ)

ପାଟଣାଗଡ଼ ବ୍ଲକ୍‌ରେ ଆବାସ ଦୁର୍ନୀତିକୁ ଚାପି ଦେବାକୁ ଉଦ୍ୟମ ଆରମ୍ଭ ହୋଇଛି। ଖୋଦ ବ୍ଲକ୍ ଅଧ୍ୟକ୍ଷ ନୀଳକାନ୍ତ ବାଗ ଏଭଳି ଗୁରୁତର ଅଭିଯୋଗ କରିଥିଲେ। ଏ ବିଷୟରେ ବୁଧବାର ଦୈନିକ "ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ବିଭାଗୀୟ ତତ୍ପରତା ପ୍ରକାଶ ପାଇଛି। ଏଥିସହ କିଭଳି ମାମଲାକୁ ଚାପି ଦିଆଯିବ ସେନେଇ ଯୋଜନା ପ୍ରସ୍ତୁତ କରାଯାଇଛି। ଅନ୍ତ୍ୟୋଦୋୟ ଗୃହ ଯୋଜନା ଆପ୍‌ରେ ବୈଷୟିକ ତ୍ରୁଟି ଦର୍ଶାଇ ଦାୟିତ୍ୱରେ ଥିବା କର୍ମଚାରୀଠୁ ଅଧିକାରୀ ପର୍ଯ୍ୟନ୍ତ ସମସ୍ତେ ଏହି ଦୁର୍ନୀତିରୁ ଖସି ଯିବାକୁ ବାଟ ପ୍ରସ୍ତୁତ କରାଯାଉଛି। ମଙ୍ଗଳବାର ପାଟଣାଗଡ଼ ବିଡ଼ିଓ ସୁମନ ମିଞ୍ଜଙ୍କୁ ଲରମ୍ବା ପଞ୍ଚାୟତରେ ଘର ନିର୍ମାଣ ନ ହୋଇ କିଭଳି ହିତାଧିକାରୀ ଆକାଉଣ୍ଟରେ ଟଙ୍କା ପଡିଛି ଅବଗତ କରାଯାଇଥିଲା। ବିଡ଼ିଓ ବ୍ୟସ୍ତ ଥିବା କହି ଫୋନ୍ କାଟିଦେଇଥିଲେ। ଏବେ ଏହି ମାମଲାକୁ କିଭଳି ଚାପି ଦିଆଯିବ ସେଥିପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଲରମ୍ବା ପଞ୍ଚାୟତର ଜିଓ ଟ୍ୟାଗର ଜିବର୍ଦ୍ଧନ ମେହେର ପାଟଣାଗଡ଼ ବିଡ଼ିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି ଯେ ୨୮।୭।୨୫ ଦିନ ଜ୍ୟୋତ୍ସ୍ନା ମାହାରଙ୍କ ଆବାସ ଘର ପାଇଁ ଅନ୍ତ୍ୟୋଦୋୟ ଗୃହ ଯୋଜନା ଆପ୍‌ରେ ବୈଷୟିକ ତ୍ରୁଟି ଯୋଗୁଁ ଭୁଲ୍ ବଶତଃ ଜିଓ ଟ୍ୟାଗ ହୋଇଯାଇଛି। ୬୫ ହଜାର ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟରେ ପଡିଯାଇଛି। ଏଥିସହ ସେ ସ୍ୱୀକାର କରିଛନ୍ତି ଯେ, ସେ ପୂର୍ବରୁ ମଧ୍ୟ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଆଇଡି, ପାସୱାର୍ଡ ବ୍ୟବହାର କରି ଜିଓ ଟ୍ୟାଗ କରିଆସୁଛନ୍ତି। ତେବେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଅଜାଣତରେ କିଭଳି ଜିଓ ଟ୍ୟାଗ କରିଆସୁଛନ୍ତି ତାହା ତଦନ୍ତ ସାପେକ୍ଷ। ଏଥିସହ ଜିଓ ଟ୍ୟାଗର ଜିବର୍ଦ୍ଧନ ତାଙ୍କ ଚିଠି ମାଧ୍ୟମରେ ପ୍ରମାଣ କରିଛନ୍ତି ଯେ ସରକାରଙ୍କ ଏହି ଆପରେ ତ୍ରୁଟି ରହିଛି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଆପ୍‌ରେ ଯଦି ତ୍ରୁଟି ହେଉଛି ତେବେ ଏଭଳି ଅନେକ ହିତାଧିକାରୀଙ୍କ ଆକାଉଣ୍ଟରେ ଘର ନିର୍ମାଣ ନ ହୋଇ ଟଙ୍କା ପଡ଼ିବାର ସମ୍ଭାବନା ରହିଛି; ଯାହାକି ସରକାରଙ୍କ ଟଙ୍କା ଅନାୟାସରେ ଚାଲିଯିବା ସମ୍ଭାବନା ରହିଛି। ଅନ୍ୟପଟେ ଏହି ଚିଠି ଆଧାରରେ ବିଡ଼ିଓ ଶ୍ରୀ ମିଞ୍ଜ ପତ୍ର ସଂଖ୍ୟା ୨୦୧୮ ଅନୁସାରେ ପାଟଣାଗଡ଼ ଷ୍ଟେଟ ବ୍ୟାଙ୍କ ପରିଚାଳକଙ୍କୁ ଚିଠି ଲେଖିଛନ୍ତି ଯେ ଜ୍ୟୋତ୍ସ୍ନା ମାହାରଙ୍କ ଆକାଉଣ୍ଟରେ ଭୁଲ୍ ବଶତଃ ୬୫ ହଜାର ଟଙ୍କା ଜମା ହୋଇଛି। ତେଣୁ ତାଙ୍କ ଆକାଉଣ୍ଟକୁ ହୋଲ୍ଡ କରାଯାଉ। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଟଙ୍କା ପଡ଼ିବାର ୮ ମାସ ପର୍ଯ୍ୟନ୍ତ ଜିଓ ଟ୍ୟାଗର ଜିବର୍ଦ୍ଧନ କାହିଁକି ଚୁପ ଥିଲେ? "ସକାଳ'ରେ ଖବର ପ୍ରକାଶ ପରେ ହଠାତ ମଙ୍ଗଳବାର ଆପର ତ୍ରୁଟି ଯୋଗୁଁ ଭୁଲ୍‌ରେ ଜିଓ ଟ୍ୟାଗ ହୋଇଯାଇଥିବା ଦର୍ଶାଇ ବିଡ଼ିଓଙ୍କୁ ଲିଖିତ ଭାବେ ଜଣାଇବା ପଛରେ ଦୁର୍ନୀତିକୁ ଚାପିବାକୁ ଉଦ୍ୟମ ହୋଇଥିବା ଅଭିଯୋଗ ହେଉଛି। ଏହି ଘଟଣାରେ ବ୍ଲକ୍ ଅଧ୍ୟକ୍ଷ ସିଧାସଳଖ ଅଭିଯୋଗ ଆଣିଛନ୍ତି ଯେ ଜାଣିଶୁଣି ଜିଓ ଟ୍ୟାଗ କରାଯାଇଛି। ମିଳିମିଶି ସମସ୍ତେ ସରକାରୀ ଟଙ୍କା ହଡପ ଯୋଜନା କରିଥିଲେ। ଘଟଣା ପଦାକୁ ଆସିବା ପରେ ଆପ୍‌ରେ ତ୍ରୁଟି ଦର୍ଶାଇ ମାମଲା ଚପାଇ ଦେବାକୁ ଉଦ୍ୟମ ଆରମ୍ଭ ହୋଇଛି। ଆପ୍‌ରେ ତ୍ରୁଟି ଥିବା ସେ ଜାଣି ନାହାନ୍ତି। ଏହା ପ୍ରଥମ ଘଟଣା। ତୁରନ୍ତ ଦାୟିତ୍ୱରେ ଥିବା ଜିଓ ଟ୍ୟାଗର ଓ ତତ୍କାଳୀନ ପିଇଓ ଦେବେନ୍ଦ୍ର ସୁନାଙ୍କ ନାଁରେ ମାମଲା ରୁଜୁ କରାଯାଉ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ପାଟଣାଗଡ଼ ବ୍ଲକ୍ ଲରମ୍ବା ପଞ୍ଚାୟତର ଜ୍ୟୋତ୍ସ୍ନା ମାହାର ଘର ତିଆରି ନ କରି ତାଙ୍କ ଆକାଉଣ୍ଟରେ ୧ ଲକ୍ଷ ୫ ହଜାର ଟଙ୍କା ଜମା ହୋଇଛି।

# ବିଜେପି ହିଁ ଦେଶରେ ମହିଳା ବିରୋଧୀ



ବୌଦ୍ଧ,୨୨।୪ (ସମିସ): ମହିଳା ସଂରକ୍ଷଣ ବିଲ୍ ୨୦୨୩ ମସିହାରେ ସର୍ବସମ୍ମତି କ୍ରମେ ପାସ୍ ହୋଇ ସାରିଛି। ଡିଲିମିଟେସନକୁ ଯୋଡି କଂଗ୍ରେସ ଓ ବିରୋଧୀ ଦଳ ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କରୁଥିବା ନାମରେ ଦେଶରେ ଭ୍ରମ ସୃଷ୍ଟି କରାଯାଉଛି। ବିଜେପି ହିଁ ଦେଶରେ ମହିଳା ବିରୋଧୀ।

ବିଜେପିର ସାଂସଦ, ବିଧାୟକ ଓ ଶାସିତ ରାଜ୍ୟ ଓ କେନ୍ଦ୍ର ମନ୍ତ୍ରୀ ମଣ୍ଡଳରେ ମହିଳାଙ୍କ ଭାଗିଦାରୀ ଦେଖିଲେ ମହିଳାଙ୍କୁ ସେ ଦଳ କେତେ ଗୁରୁତ୍ୱ ଦିଏ ତାହା ଜଣାପଡୁଛି। ମହିଳା ସଂରକ୍ଷଣ ନାମରେ ବିଜେପି କୁମ୍ଭୀର କାନ୍ଦଣା କାନ୍ଦୁଛି। ବୌଦ୍ଧ ସର୍କିଟ ହାଉସରେ ଆଜି ଜିଲ୍ଲା କଂଗ୍ରେସ କମିଟି ମହିଳା ସଂରକ୍ଷଣ ଓ ଡିଲିମିଟେସନର ଭ୍ରାନ୍ତିକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଦଳ ଏହା କହିଛି। ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ପିସିସି ସାଧାରଣ ସମ୍ପାଦକ ପ୍ରକାଶ ମିଶ୍ର, ଜିଲ୍ଲା କଂଗ୍ରେସ କମିଟି ସଭାପତି ଅବଦୁଲ କଲିମ୍ ଖାଁ, ପୂର୍ବତନ ଜିଲ୍ଲା ସଭାପତି ନବ ମିଶ୍ର, ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହେଶ୍ୱର ପ୍ରଧାନ, ପ୍ରିୟଦତ୍ତ ଦେହୁରୀ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ମହିଳା ବିରୋଧୀ ଆଭିମୁଖ୍ୟକୁ ଏମାନେ ନିନ୍ଦା କରିଥିଲେ।

# ଗାଁକୁ ଫେରିଲା ଶବ, ଦାଦନ ସର୍ଦ୍ଦାର ଫେରାର

## ପୁଅର ଶୁଦ୍ଧିକ୍ରିୟା ପାଇଁ ଚିନ୍ତାରେ ପରିବାର

ବେଲପଡା,୨୨।୪(ସମିସ): ବଲାଙ୍ଗୀର ଜିଲ୍ଲା ବେଲପଡା ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ଯୁବକ ପେଟ ପାଟଣା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଶବ ହୋଇ ଫେରିଛନ୍ତି। ମୃତକ ହେଉଛନ୍ତି ବେଲପଡା ଥାନା ଭାଲୁଖାଇ ଗାଁର ସୁବାଷ ଭୁଏ। ବୟସ ମାତ୍ର ୨୧ ବର୍ଷ। ତେବେ କେମିତି ତାଙ୍କ ମୃତ୍ୟୁ ଘଟିଲା ତାହା ଏବେ ବି ଅସ୍ପଷ୍ଟ। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସୁବାଷଙ୍କ ମୃତ୍ୟୁ ଘଟିଥିବା ସାଙ୍ଗରେ ଯାଇଥିବା ବଡ଼ ଭାଇ କହୁଛନ୍ତି। ଅନ୍ୟପଟେ ଘଟଣା ପରେ ଆଉ ଧରାଛୁଆଁ ଦେଉନାହିଁ ଦାଦନ ସର୍ଦ୍ଦାର। ଗରିବ ପରିବାର କେମିତି ପୁଅର ଶୁଦ୍ଧିକ୍ରିୟା କରିବେ ସେନେଇ ଚିନ୍ତାରେ ପଡିଛନ୍ତି। ଗତ ୧୦ ଦିନ ତଳେ ଭାଲୁଖାଇ ଗାଁର ରାଜ ଓ ସାନଭାଇ ସୁବାଷ ମିଶିକି ହାଇଦ୍ରାବାଦ ଅଞ୍ଚଳର ସିଲୋକଟ ଅଞ୍ଚଳକୁ ଦାଦନ ଖଟିବାକୁ ଯାଇଥିଲେ। କଣ୍ଟାବାଞ୍ଜି ଗାଁର ଜଣେ ଦାଦନ ସର୍ଦ୍ଦାରଙ୍କ ଜରିଆରେ ୧୦ ହଜାର ଟଙ୍କା ବଇନା ନେଇ କାମ କରିବାକୁ ଯାଇଥିଲେ। ସୁବାଷ ଇଟାଭାଟି ଉପରେ ଚଢି କାମ କରୁଥିବା ବେଳେ ଉପରେ ଯାଇଥିବା



ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତାଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକ କହୁଛନ୍ତି। ରବିବାର ଦିନ ଏହି ଘଟଣା ଘଟିଥିବା ବେଳେ ଆଜି ଆମ୍ବୁଲାନ୍ସ ଯୋଗେ ଗାଁକୁ ଶବ ଫେରିଛି। ଗାଁ ମୁଣ୍ଡରେ ଶବ ଦେଖି କାନ୍ଦ ବୋବାଳିରେ ଫାଟି ଯାଉଥିଲା ଅଞ୍ଚଳ। ପରେ ଗାଁ ଶ୍ମଶାନରେ ଶବ ସତ୍କାର କରାଯାଇଛି। ତେବେ ଏମିତି ପେଟ ପାଟଣା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଶବ ହୋଇ ଘରକୁ ଫେରୁଥିବାରୁ ସହ୍ୟ କରି ପାରୁନାହାନ୍ତି ପରିବାର। ସାନପୁଅର ଶବ ଦେଖି ସମସ୍ତେ ଭାଙ୍ଗି ପଡ଼ିଥିବା ବେଳେ ମୃତ୍ୟୁର ତଦନ୍ତ ହେଉ ବୋଲି ଦାବି କରିଛନ୍ତି।

# ଆଦି ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ

ବଲାଙ୍ଗିର,୨୨।୪(ସମିସ): ବ୍ରାହ୍ମଣପଡା ଭାଗବତ ମନ୍ଦିରରେ ଅଖଣ୍ଡ ଭାଗବତ ଜ୍ଞାନ ଯଜ୍ଞ କମିଟି ତରଫରୁ ଆଦି ଶଙ୍କରାଚାର୍ଯ୍ୟଙ୍କ ୧୨୩୮ ଜନ୍ମ ଜୟନ୍ତୀ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ରାଜ୍ୟ ସଭ୍ୟ ଗିରିଜା ଶଙ୍କର ରଥ ଅତିଥି ଭାବେ ଯୋଗ ଦେଇଥିଲେ। ଶଙ୍କରାଚାର୍ଯ୍ୟଙ୍କ ଜୀବନାଦର୍ଶ ଓ ତାଙ୍କର ଚାରିତ୍ରିକ ବୈଶିଷ୍ଟ୍ୟ ଗୁଡିକ ସେ ଅତି ସୁନ୍ଦର ଭାବେ ପ୍ରଦାନ କରିଥିଲେ। ବକ୍ତା ଭାବେ ବିଶିଷ୍ଟ ଗାଳ୍ପିକ, ପ୍ରବଚକ, ଗୀତା ବିଷାରଦ ପ୍ରଦୀପ ମିଶ୍ର ଯୋଗ ଦେଇଥିଲେ। ଶଙ୍କରା.ର୍ଯ୍ୟଙ୍କ ଜୀବନୀ ସହ ତାଙ୍କର ସାହିତ୍ୟ କୃତିଗୁଡିକର ଆବୃତ୍ତି ଶାସ୍ତ୍ରୀୟ ଢଙ୍ଗରେ କରିଥିଲେ। ତାହାର ଅର୍ଥକୁ ସୁନ୍ଦର ରୂପରେ ଗାୟନ କରିବା ସହ ଅର୍ଥ ବ୍ୟାଖ୍ୟା କରିଥିଲେ। ସବିତା ଦାନୀ ଶଙ୍କରା.ର୍ଯ୍ୟଙ୍କ କୃତୀ 'ମୋହ ମୁଦଗର'ର କେତୋଟି ଶ୍ଳୋକକୁ ଓଡ଼ିଆରେ କବିତା ଆକାର ଦେଇ ଆବୃତ୍ତି କରିଥିଲେ। କମିଟିର ପ୍ରତିଷ୍ଠାତା ତଥା ବଲାଙ୍ଗିରର ଅତି ପରିଚିତ ପ୍ରବଚକ ବଂଶୀଧର ଦାନୀ ଶଙ୍କରା.ର୍ଯ୍ୟଙ୍କ ବିଷୟରେ ଆଲୋକପାତ କରି କହିଲେ ଯେ ଶଙ୍କରା.ର୍ଯ୍ୟଙ୍କୁ ମଣିଷ ନ କହି ଭଗବାନ କହିବାରେ ଯଥାର୍ଥ ଅଛି। ସେ ଶିବଙ୍କ ଅବତାର ଥିଲେ। ଭାରତର ସନାତନ ସଂସ୍କୃତିର ବନ୍ଧନକୁ ସେ ଦୃଢ କରି ପାରିଥିଲେ। ସେ ଜଣେ ଯୋଗଜନ୍ମା ଥିଲେ। ଶଙ୍କରାଚାର୍ଯ୍ୟ ଅଦ୍ୱୈତ ବାଦକୁ ଲୋକ ଲୋଚନକୁ ଆଣି ପାରିଥିଲେ। ଏହି ସଭାରେ ସଭାପତି ଡ. ଭବାନୀ ଶଙ୍କର ପଟେଲ ଶଙ୍କରା.ର୍ଯ୍ୟ ଅମର ବୋଲି କହିଥିଲେ। ତାଙ୍କ ଜୀବନର ଅନେକ ଆଲୌକିକ ବିଷୟଗୁଡିକ ସେ ଉପସ୍ଥାପନ କରିବା ସହ ଆଜି ଦିନର ମହତ୍ୱ ପ୍ରତିପାଦନ କରିଥିଲେ ବୋଲି କହିଥିଲେ। ବଳିଷ୍ଠ ପ୍ରଧାନ, ହିମାଂଶୁ ବେଦବାକ, ମେଘ ଭୁଏ, ଦେବ ପ୍ରଧାନ, ବାହାଦୁର କୁମ୍ଭାର, ଋଷି ଗୁରୁ, ମଦନ ସ୍ୱାଇଁ, ସୁରେନ୍ଦ୍ର ହୋତା ପ୍ରମୁଖ ସହଯୋଗ କରିଥିଲେ।

# ଗମ୍ଭାରୀପାଲିରେ ଷୋହଳ ପ୍ରହର ନାମଯଜ୍ଞ

ଡୁଙ୍ଗୁରିପାଲି,୨୨।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଗମ୍ଭାରୀପାଲି ଗଣ୍ଡାପଡ଼ାରେ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପଡ଼ାର ସମସ୍ତ ମହିଳା ଓ ପୁରୁଷ



କୀର୍ତ୍ତନ ସହ ସ୍ଥାନୀୟ କେନାଲକୁ ଯାଇ ପୂଜା ଅର୍ଚ୍ଚନା କରିଥିଲେ। ସେଠାରୁ ପୂର୍ଣ୍ଣକଳସ ଧରି ନାମଯଜ୍ଞ ମଣ୍ଡପରେ ପହଞ୍ଚିବା ପରେ ସ୍ଥାପନ କରିଥିଲେ। କର୍ତ୍ତା ଭାବେ ନେପାଳ ସିଂ ଓ ତାଙ୍କ ପତ୍ନୀ ଟିନିପାଣି ସିଂ ଦାୟିତ୍ୱ ତୁଲାଇ ଥିଲେ। ବଳରାମ ଦାସ ଓ ରାଧେ ଦାସ ପୂଜା କାର୍ଯ୍ୟ କରିଥିଲେ। ଚନ୍ଦ୍ରମଣି ବାଗ, ଅକ୍ଷେ ବାଗ, ଗଜରାମ ବାଗ, ଜୟଦେବ ବାଗ, ଖାଡ଼ି ସିଂ, ବିଭୀଷଣ ଦୀପ, ଘନ ବାଗ, ଦିଲ୍ଲୀପ ବାଗ ପ୍ରମୁଖ ସହଯୋଗ କରିଥିଲେ।

# ହାଇଟେକ ଚୂଡ଼ାନ୍ତ ପଟ୍ଟା ବଣ୍ଟନ



ତରଭା,୨୨।୪(ସମିସ): ତରଭାରେ ବୁଧବାର ବହୁ ପ୍ରତୀକ୍ଷିତ ହାଇଟେକ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ତରଭା ତହସିଲଦାର ଶ୍ୱେତାଲିନା ମାହାଣା, ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏ ବଡଭଇଁରୋ ଆରଆଇ ସର୍କଲ ଅଧୀନ ପାଣିମୁରା ଜଙ୍ଗଲ ମୌଜା ଓ ଗରାମହୁଲ ଜଙ୍ଗଲ ମୌଜାରେ ପଟ୍ଟା ବଣ୍ଟନ କରିଥିଲେ। ଉଭୟ ମୌଜାରେ ଦୁଇ ଜଣ ଲେଖାଏଁଙ୍କୁ ପଟ୍ଟା ବଣ୍ଟନ କରାଯାଇଛି। ପଟ୍ଟା ବଣ୍ଟନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ସୁପର ଭାଇଜର ନୀଳମଣି ନୀଳମଣି କୁଅଁର, ତହସିଲର ହାଇଟେକ ଷ୍ଟାଫ ପ୍ରେମାନନ୍ଦ କୁଅଁର, ବଡ଼ଭଇଁରୋ ଆରଆଇ ଯାଜ୍ଞସେନୀ ଛତ୍ରୀଆ, ବଡଭଇଁରୋ ସରପଞ୍ଚଙ୍କ ପ୍ରତିନିଧି ଦ୍ୱିଜବର ଦଳବେହେରା ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ୧୦ ଖଣ୍ଡ ମୌଜା ଏବଂ ପରେ ଅନ୍ୟ ସମସ୍ତ ମୌଜାରେ ହାଇଟେକ ପଟ୍ଟା ବଣ୍ଟନ କରାଯିବ ବୋଲି ତହସିଲଦାର କହିଛନ୍ତି।

# ପାଟଣାଗଡ଼ ବ୍ଲକ୍‌ରେ ରନ୍ଧନ ଗ୍ୟାସ୍ କଳାବଜାର

● ମୂଲ୍ୟଠାରୁ ଦୁଇ ଗୁଣା ଚଢ଼ା ଦର
● ଖାଉଟି ହନ୍ତସନ୍ତ; ପ୍ରଶାସନ ଚୁପ୍

ପାଟଣାଗଡ଼,୨୨।୪ (ସମିସ)

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ୍ ଅଧୀନରେ ରନ୍ଧନ ଗ୍ୟାସ୍ ସଂକଟ ବଢ଼ିବାରେ ଲାଗିଛି। ଗ୍ୟାସ୍ ମହଜୁଦ ରହିଛି। ତେଣୁ ଜନସାଧାରଣ ଉଚିତ ମୂଲ୍ୟରେ ପାଇପାରିବେ ବୋଲି ପ୍ରଶାସନ ତରଫରୁ ବାରମ୍ବାର ସଚେତନତା କରାଯାଉଛି; କିନ୍ତୁ ଖାଉଟି ଉଚିତ ମୂଲ୍ୟରେ ଗ୍ୟାସ୍ ମିଳୁ ନ ଥିବା ଅଭିଯୋଗ ଆଣିଛନ୍ତି। ଗ୍ୟାସ୍ ମୂଲ୍ୟଠାରୁ ଦୁଇ ଗୁଣା ଦରରେ କଳାବଜାର କରାଯାଇ ବିକ୍ରି କରାଯାଉଛି। ଏହାଫଳରେ ଖାଉଟି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ କାର୍ଡଧାରୀ ଖାଉଟି ଗ୍ୟାସ୍ ପାଇଁ ଅନଲାଇନରେ ଆବେଦନ କରୁଛନ୍ତି। ଡିଲର ନିକଟକୁ ଗଲେ ଗ୍ୟାସ ଲାଗି ଅନ୍ୟତ୍ର ଯିବାକୁ ପଡିବ ବୋଲି କହଛନ୍ତି। ନିଜ ଅଞ୍ଚଳରୁ ୪୦ କିମି ଦୂରରେ ଗ୍ୟାସ ମିଳିବ ବୋଲି ଗ୍ୟାସ ଏଜେନ୍ସି କହୁଛନ୍ତି। କାର୍ଡଧାରୀ ଖାଉଟିଙ୍କୁ ହଇରାଣ କରୁଛନ୍ତି। ପାଟଣାଗଡ଼ ବ୍ଲକ ଅଞ୍ଚଳରେ ଏଚପି, ଇଣ୍ଡିଆନ, ଭାରତ ଆଦି ବ୍ରାଣ୍ଡର ଗ୍ୟାସଗୁଡିକ ଉଚିତ ମୂଲ୍ୟଠାରୁ ଅଧିକ ଟଙ୍କାରେ କଳାବଜାର କରୁଥିବା ଅଭିଯୋଗ ହେଉଛି। ଗ୍ୟାସ ଏଜେନ୍ସି ଦ୍ୱାରା ଗ୍ରାମାଞ୍ଚଳକୁ ଗାଡି ମାଧ୍ୟମରେ ଯୋଗାଣ ନାମରେ କଳାବଜାର କରାଯାଉଛି। ସୋମବାର ଏଚପି ଗ୍ୟାସ ଏଜେନ୍ସି ଦ୍ୱାରା ଗାଡି ମାଧ୍ୟମରେ ଅଣାଯାଇଥିବା ଗ୍ୟାସ ତମିଆଁ, ମୁଦଳସର, ଭରାତବାହାଲ ଆଦି ଗାଁରେ କଳାବଜାର କରି ୧୫୦୦ ଟଙ୍କା ମୂଲ୍ୟରେ ବିକ୍ରି କରାଯାଇଥିଲା। ଏହାଫଳରେ ଖାଉଟି ଗ୍ୟାସ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାଗଣାରେ ଗ୍ୟାସ ମିଳିଥିବା ଖାଉଟି ଗ୍ୟାସ ଛାଡି ଚୁଲି ମୁହାଁ ହେଉଥିବା ଦେଖିବାକୁ ମିଳିଛି।

ଏହାଫଳରେ କେନ୍ଦ୍ର ସରକାରଙ୍କ ଉଜ୍ଜଳା ଯୋଜନା ଫେଲ୍ ମାରିଛି। ଅନ୍ୟପଟେ ଯୋଗାଣ ବିଭାଗ ତରଫରୁ ଗ୍ୟାସ କଳାବଜାର ଉପରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅଞ୍ଚଳର କେତେକ ଅସାଧୁ ବ୍ୟବସାୟୀ କଳାବଜାର କରୁଥିବା ଅଭିଯୋଗ ଉଠିଛି। ଯୋଗାଣ ବିଭାଗ ତରଫରୁ ଗ୍ୟାସ ଏଜେନ୍ସିରେ ଚଢ଼ଉ କରି ଯୋଗାଣ ହୋଇଥିବା ଓ ବିକ୍ରି କରାଯାଇଥିବା ଷ୍ଟକ ଯାଞ୍ଚ ହେଲେ ଅସଲ କଳାବଜାର ଧରାଯାଇ ପାରିବ ବୋଲି ଖାଉଟି ମହଲରେ ଦାବି ହେଉଛି।

ଅନ୍ୟପଟେ ବ୍ଲକ ଅଞ୍ଚଳର ବିଭିନ୍ନ ଗାଁ ଗୁଡିକରେ ମଧ୍ୟ କେତେକ ଖାଉଟିଠାରୁ କମ୍ ମୂଲ୍ୟରେ ଗ୍ୟାସ୍ କିଣି କିଛି ଅସାଧୁ ବ୍ୟବସାୟୀଙ୍କୁ ବିକ୍ରି କରୁଛନ୍ତି। ପ୍ରଶାସନ ତରଫରୁ ଟାସ୍କଫୋର୍ସ ଗଠନ କରାଯାଇ ତୁରନ୍ତ କଳାବଜାର କରୁଥିବା ବ୍ୟବସାୟୀ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଗ୍ୟାସ୍ କଳାବଜାର ଉପରେ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଖାଉଟି ମହଲରେ ଦାବି ହେଉଛି।

# ସତ୍ତା ହରାଇବାକୁ ବସିଛି ହରିହର ସାଗର

## ସୁରକ୍ଷା ପାଇଁ ଜନଆନ୍ଦୋଳନ ପ୍ରସ୍ତୁତି

ମ.ରାମପୁର,୨୨।୪(ସମିସ):କଳହାଣ୍ଡି ଜିଲ୍ଲାର ଅନ୍ୟତମ ଐତିହାସିକ ଜଳାଶୟ ହରିହର ସାଗର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ମ.ରାମପୁରର ଐତିହାସିକ ଜଳାଶୟ ହରିହର ସାଗର ସୁରକ୍ଷା ପାଇଁ ଜନ ଆନ୍ଦୋଳନ ପ୍ରସ୍ତୁତି ଜୋର୍ ଧରିଛି। ଅଣ୍ଟା ଭିଡିଛନ୍ତି ଅଞ୍ଚଳର ସଚେତନ ଜନସାଧାରଣ।

ମଇ ୧ ତାରିଖ ମଧ୍ୟରେ ପ୍ରଶାସନ ତରଫରୁ ଲିଖିତ ପ୍ରତିଶ୍ରୁତି ନ ମିଳିଲେ,ମଇ ୨ ତାରିଖରେ ବଡ ଧରଣର ଜନଆନ୍ଦୋଳନ ହେବ ବୋଲି ହରିହର ସାଗର ବଞ୍ଚାଅ ସଂଗ୍ରାମ ସମିତିର ଆବାହକ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଜୀବେଶ କୁମାର ପଣ୍ଡା,ରଶ୍ମି ରଂଜନ ପ୍ରହରାଜ,ଉପଦେଷ୍ଟା ଚମରା ବରର୍ଗୀ,ରୁଦ୍ର ପ୍ରତାପ ସିଂହ,ପ୍ରଶାନ୍ତ ସାମନ୍ତରା,ଚିରାଗ ସିଂହଦେଓ,ଦେବେନ୍ଦ୍ର ପୋଢ, ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି। ଆଜକୁ ପ୍ରାୟ ଶହେ ବର୍ଷ ପୂର୍ବେ ଶହେ ଏକର ବିଶିଷ୍ଟ ହରିହର ସାଗରକୁ ତତ୍କାଳୀନ ମହାରାଜ ହରିହର ସିଂହଦେଓ ଅଞ୍ଚଳବାସୀଙ୍କ ବ୍ୟବହାର ପାଇଁ ଖନନ କରିଥିଲେ। ମ.ରାମପୁର ସହରର ଜୀବନ ଜୀବିକା ହରିହର ସାଗର। ଏକଦା ପ୍ରାୟ ତିନି ଦଶନ୍ଧି ପୂର୍ବ ସମୟ ଯାଏଁ ମ.ରାମପୁରର ଜନସାଧାରଣ କେବଳ ଏହି ସାଗରରେ ସ୍ନାନ ନୁହେଁ ଏହି ସାଗରର ପାଣିକୁ ରୋଷେଇ,ପିଇବା ଆଦି ପାଇଁ ବ୍ୟବହାର କରୁଥିଲେ। କିନ୍ତୁ ଗତ ପ୍ରାୟ କୋଡିଏ ବର୍ଷ ହେଲା ଏହି ସାଗର କ୍ରମଶଃ ସହରର ବିଭିନ୍ନ ହୋଟେଲର ମଇଳା ପାଣି,ସାଗର ଉପକଣ୍ଠସ୍ଥ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ପାଇଖାନା ପାଣି ଉକ୍ତ ସାଗରର ନିଷ୍କାସନ କରି ସାଗରକୁ ଆବର୍ଜନା କୁଣ୍ଡରେ ପରିଣତ କରିସାରିଲେଣି। ପିଇବା ତ ଦୂରର କଥା,ଏବେ ଏହି ସାଗରର ଜଳ ସ୍ନାନ ଉପଯୋଗୀ ମଧ୍ୟ ହୋଇ ପାରୁନାହିଁ।ଏହି ସାଗରକୁ କିଛି ବର୍ଷ ଆଗରୁ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଜାତିପ୍ରଜାତିର ପକ୍ଷୀଙ୍କ ସମାଗମ ଦେଖିବାକୁ ମିଳୁଥିଲା,ଯାହା ଏବେ ଖୁବ୍ କମିଯାଇଛି। ପକ୍ଷୀଙ୍କ କଳରବରେ ଏହି ସାଗର ପ୍ରକୃତିପ୍ରେମୀଙ୍କ ମନରେ ଦଉଥିଲା ଅଫୁରନ୍ତ ଆନନ୍ଦ। ମତ୍ସ୍ୟ ଚାଷ ମଧ୍ୟ ଏହି ସାଗରର ଆଉ ଏକ ବୈଶିଷ୍ଟ୍ୟ। ଅନେକ ପରିବାର ଏହି ସାଗରରେ ମାଛ ଚାଷ,ମାଛ ମାରି ନିଜର ଜୀବିକା ନିର୍ବାହ କରନ୍ତି। ହେଲେ ପରିତାପର ବିଷୟ ଦଳରେ ଭର୍ତ୍ତି ହେଇଛି ଏହି ସାଗର ଯାହା କି ଏକ ପଡିଆର ଭ୍ରମ ସୃଷ୍ଟି କରିବା ସହିତ ପାଣି ଭିତରକୁ ଗାଧେଇ ଯିବାକୁ ଲୋକେ ଭୟ କରୁଛନ୍ତି। ଏହି ଭଳି ଏକ ସାଗରର ଦୁରବସ୍ଥା ଏବେ ସମସ୍ତଙ୍କୁ ବ୍ୟଥିତ କରୁଛି। ହରିହର ସାଗର ବଞ୍ଚାଅ ଆନ୍ଦୋଳନ କରିବାକୁ ଆମେ ସ୍ଥିର କରିଥିବା ସଂଗ୍ରାମ ସମିତି ତରଫରୁ ପ୍ରକାଶ।

# କଟକ ସିଟି





### ୩୯ ଡିଗ୍ରୀ ତାପମାତ୍ରାରେ ଅସହ୍ୟ ଜୀବନ

## ପ୍ରଚଣ୍ଡ ରୌଦ୍ରତାପରେ ଚାଲିଛି ଶ୍ରମ କାର୍ଯ୍ୟ

କଟକ,୨୨।୪(ସମିସ):

କଟକ ସହରରେ ବିଗତ ଦୁଇ ତିନି ଦିନ ଧରି ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳୁଗୁଳି ଅନୁଭୂତ ହେଉଥିଲା ବେଳେ ଅଂଶୁଘାତ ମୁକାବିଲା ପାଇଁ ଜାରି କଟକଣା ପ୍ରହସନ ପାଲଟିଛି। ଏପରିକି ଉଭୟ ସରକାରୀ ଓ ଘରୋଇ ଶ୍ରମ କାମରେ ଶ୍ରମିକଙ୍କୁ ଖରାରେ ନିୟୋଜିତ କରାଯାଇଆସୁଥିବା ଦୃଷ୍ଟିଗୋଚର ହୋଇଛି। ସହରର ସର୍ବୋଚ୍ଚ ତାପମାତ୍ରା ଗତ କିଛି ଦିନ ଧରି ବୃଦ୍ଧି ପାଇ ଚାଲିଥିଲା ବେଳେ ଆଜି ୩୮.୮ ଡିଗ୍ରୀ ଛୁଇଁଛି। ଅଂଶୁଘାତ ନେଇ ଜାରି ସତର୍କ ସୂଚନାକୁ କେହି ପାଳନ କରୁନାହାନ୍ତି। ଖରାରେ ଶ୍ରମିକଙ୍କୁ ନିୟୋଜିତ କରୁଥିବା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମଧ୍ୟ ସଠିକ ଢଙ୍ଗରେ କାର୍ଯ୍ୟକାରୀ ହୋଇପାରିନି। ବିଭିନ୍ନ ସ୍ଥାନରେ ଚାଲିଥିବା ସରକାରୀ କାମ ଗୁଡିକରେ ଠିକାଦାରମାନେ



### ବସ୍‌ରେ ରହୁନି ଫାଷ୍ଟଏଡ୍

ମଧ୍ୟ ଶ୍ରମିକଙ୍କୁ ଖରାରେ ନିୟୋଜିତ କରୁଥିବା ଅଭିଯୋଗ ହେଉଛି। ଶ୍ରମଜୀବୀଙ୍କୁ ଖରାବେଳେ କାର୍ଯ୍ୟ କରିବା ପାଇଁ ବାରଣ କରାଯିବା ସହିତ ସରକାରୀସ୍ତରରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି ଓ ଏହି ବିଜ୍ଞପ୍ତିକୁ କଡାକଡି ଭାବେ ପାଳନ କରିବା ପାଇଁ ଜିଲ୍ଲାପାଳ ବି ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ହେଲେ ଏହାକୁ ସଠିକ ଢଙ୍ଗରେ ପାଳନ କରାଯାଇପାରିନି। ଶ୍ରମଜୀବୀଙ୍କୁ ଦିନ ୧୧ରୁ ଅପରାହ୍ନ ୩.୩୦ ମଧ୍ୟରେ କାର୍ଯ୍ୟରେ ନିୟୋଜିତ ନ କରିବାକୁ ବିଜ୍ଞପ୍ତିରେ ଦର୍ଶାଯାଇଛି। ଏଥିରେ ବ୍ୟତିକ୍ରମ ହେଲେ ଶ୍ରମଜୀବୀଙ୍କୁ ନିୟୋଜିତ କରୁଥିବା ଠିକା ସଂସ୍ଥା କିମ୍ବା ବ୍ୟକ୍ତିବିଶେଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବାର ନିର୍ଦ୍ଦେଶ ରହିଛି। ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନସ୍ତରରେ ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ନିଷ୍ପତ୍ତି ନିଆଯାଇଥିଲା। ଶ୍ରମ କାର୍ଯ୍ୟରେ କଟକଣା, ଯାତ୍ରୀବାହୀ ବସ ମଧ୍ୟରେ ପାଣିର ବ୍ୟବସ୍ଥା, ଫାଷ୍ଟଏଡର ସୁବିଧା, ଓଆରଏସ ବଣ୍ଟନ ଓ ଆକ୍ରାନ୍ତଙ୍କ ଚିକିତ୍ସା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ହେଲେ ଏହାକୁ କେହି ପାଳନ କରୁ ନ ଥିବାରୁ ଉଦବେଗ ପ୍ରକାଶ ପାଇଛି। କଟକରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ସେଲସିୟସ ଛୁଇଁଥିବା ବେଳେ ବି ଯାତ୍ରୀବାହୀ ବସଗୁଡ଼ିକ ବେଧଡ଼କ ଭାବେ ଦିନ ତମାମ ଚଳାଚଳ କରୁଛନ୍ତି।

## ଦୁର୍ଘଟଣାରୁ ବର୍ତ୍ତିଲେ ଚାଳକ

କଟକ, ୨୨।୪(ସମିସ): ମର୍କତନଗର ସେକ୍ଟର-୧୩ ଗିଁବନ୍ଧ ରାସ୍ତାରେ ବୁଧବାର ସନ୍ଧ୍ୟାରେ ଏକ କାର ଦୁର୍ଘଟଣା ଘଟିଛି। ବେଲିଭ୍ୟୁ-ନରାଜ ରାସ୍ତାରେ ଯାଉଥିବା ଏକ କାର ବିଜୁ ପଟ୍ଟନାୟକ ପାର୍କ ଗଡ଼ା ନିକଟରେ ଥିବା ଏକ ହମ୍ପସ ନିକଟରେ ଗାଡ଼ିର ବେଗ କମାଇଥିଲା। ଏହି ସମୟରେ ପଛରୁ ଦ୍ରୁତଗତିରେ ଆସୁଥିବା ଅନ୍ୟ ଏକ କାର ନିୟନ୍ତ୍ରଣ ହରାଇ ସମ୍ମୁଖ ଗାଡ଼ିକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଉଭୟ କାର ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏହାକୁ ନେଇ ଦୁଇ ଚାଳକଙ୍କ ମଧ୍ୟରେ ତୀବ୍ର ବଚସା ଓ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ଫେଜ-୨ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

### ଏସ୍‌ସିବିରେ ଅଘଟଣ

## ହେମାଟୋଲୋଜି ବିଭାଗରୁ ଖସିଲା ଛାତ ସିଲିଂ

କଟକ,୨୨।୪(ସମିସ): ରାଜ୍ୟର ସବୁଠାରୁ ବଡ଼ ଚିକିତ୍ସାଳୟ କଟକ ଏସସିବି ମେଡିକାଲରେ ଏକ ବଡ଼ ଧରଣର ଅଘଟଣ ଘଟିଛି। ମଙ୍ଗଳବାର ବିଳମ୍ବିତ ରାତିରେ ମେଡିକାଲର ହେମାଟୋଲୋଜି ବିଭାଗର ଛାତ ସିଲିଂ ଖସି ପଡ଼ିଛି। ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ କାହାର କିଛି କ୍ଷୟକ୍ଷତି ହୋଇନାହିଁ, ମାତ୍ର ଏହା ରୋଗୀ ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ସୂଚନା ଅନୁଯାୟୀ, ହେମାଟୋଲୋଜି ବିଭାଗର ରୋଗୀ ପାଇଖାନା ନିକଟରେ ହଠାତ୍ ଛାତର ସିଲିଂ ଖସି ପଡ଼ିଥିଲା। ରାତି ସମୟ ହୋଇଥିବାରୁ ସେଠାରେ ରୋଗୀ କିମ୍ବା ସମ୍ପର୍କୀୟଙ୍କ ଭିଡ଼ ନ ଥିଲା, ଯାହାଫଳରେ ଏକ ବଡ଼ ବିପଦ ଟଳିଯାଇଛି। ତେବେ ପୁରୁଣା ବିଲ୍ଡିଂର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବା କୁହାଯାଉଛି। ଏହି ଅଘଟଣ ପରେ ପୂର୍ତ୍ତ ବିଭାଗର କାର୍ଯ୍ୟଶୈଳୀକୁ ନେଇ ତୀବ୍ର ସମାଲୋଚନା କରାଯାଇଛି। ଅଭିଯୋଗ ହେଉଛି ଯେ, ବିଭାଗୀୟ ଅଧିକାରୀମାନେ କେବଳ ନୂତନ ବିଲ୍ଡିଂ ନିର୍ମାଣ ଚିନ୍ତାରେ ରହିଥିବା ବେଳେ ପୁରୁଣା ବିଲ୍ଡିଂର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦେଉନାହାନ୍ତି। ପୁରୁଣା କୋଠାଗୁଡ଼ିକ କ୍ରମଶଃ ଦୁର୍ବଳ ହେବାରେ ଲାଗିଥିଲେ ହେଁ ପୂର୍ତ୍ତ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ରହିଥିବା ଭଳି ମନେହେଉଛି। ଏସସିବି ଭଳି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନରେ ରୋଗୀଙ୍କ ଜୀବନ ସହ ଏଭଳି ଖେଳ ଖେଳାଯିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଯଦି ଏହି ସିଲିଂ ଜନଗହଳି ପୂର୍ଣ୍ଣ ସମୟରେ ଖସିଥାନ୍ତା, ତେବେ ଏକ ବଡ଼ ଧରଣର ପ୍ରାଣହାନି ଘଟିବାର ଆଶଙ୍କା ଥିଲା। ତୁରନ୍ତ ପୁରୁଣା ବିଲ୍ଡିଂଗୁଡ଼ିକର ସ୍ଥିତି ଯାଞ୍ଚ କରି ମରାମତି କରିବାକୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଦାବି କରିଛନ୍ତି।

## ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ରେଭେନ୍ସାରେ ପୋଷ୍ଟକାର୍ଡ ଅଭିଯାନ

କଟକ, ୨୨।୪ (ସମିସ): ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ଦାବିରେ ମଧୁସ୍ମୃତି ସୁରକ୍ଷା ମଞ୍ଚ ଏବଂ ଅନୁଷ୍ଠାନର ପୁରାତନ ଓ ନୂତନ ଛାତ୍ରୀଙ୍କ ପକ୍ଷରୁ ଆନ୍ଦୋଳନ ତୀବ୍ରତର ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ବୁଧବାର ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ନିରବ ପ୍ରତିବାଦ ସହ ପୋଷ୍ଟକାର୍ଡ ଅଭିଯାନ କରାଯାଇଛି। ପ୍ରାୟ ଏକ ହଜାର ଛାତ୍ରଛାତ୍ରୀ ପୋଷ୍ଟକାର୍ଡରେ ନିଜର ଦାବି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରିଛନ୍ତି। ଆସନ୍ତା ଏପ୍ରିଲ ୨୮ରେ ମଧୁବାବୁଙ୍କ ଜୟନ୍ତୀ ଥିବାରୁ ସେହିଦିନ ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ଘୋଷଣା କରାଗଲେ ଏହା ମଧୁବାବୁଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ମଧୁସ୍ମୃତି ସୁରକ୍ଷା ମଞ୍ଚ ସମ୍ପାଦକ ସନ୍ତୋଷ ମହାରଣା, ପ୍ରଫେସର ଗୋପା ଦାସ, ଛାତ୍ରୀ ମୌସୁମୀ ମହାନ୍ତ ଓ ଶୁଭଶ୍ରୀ ଭୂତିଆ ପ୍ରମୁଖ ଦାବି ଉପସ୍ଥାପନ କରିଥିଲେ।

## ଜନ୍ମଦିନରେ ଝିଅର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି

### ଷ୍ଟୁଡିଓରେ ଗୀତ ଗାଇଲେ ହ୍ୟୁମାନଙ୍କ କନ୍ୟା

କଟକ,୨୨।୪(ସମିସ): ଲୋକପ୍ରିୟ କଣ୍ଠଶିଳ୍ପୀ ସ୍ୱର୍ଗତ ହ୍ୟୁମାନ ସାଗରଙ୍କ ଜନ୍ମଦିନ ଅବସରରେ ଏକ ହୃଦୟସ୍ପର୍ଶୀ ଦୃଶ୍ୟ ଦେଖିବାକୁ ମିଳିଛି। ବାପାଙ୍କ ଅନୁପସ୍ଥିତିରେ ତାଙ୍କୁ ମନେପକାଇ ତାଙ୍କର କୁନି ଝିଅ



ଷ୍ଟୁଡିଓରେ ଗୀତ ଗାଇ ଏକ ନିଆରା ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ହ୍ୟୁମାନଙ୍କ ସ୍ୱରରେ ଯେଉଁ ଯାଦୁ ଥିଲା, ତାଙ୍କ ଝିଅଙ୍କ କଣ୍ଠରେ ମଧ୍ୟ ସେହିଭଳି ଝଲକ ଦେଖିବାକୁ ମିଳିଛି। ସେ ଷ୍ଟୁଡିଓରେ ଗୀତ ଗାଉଥିବା ବେଳେ ଶୁଣିଲେ ଲାଗୁଛି ସତେ ଯେମିତି ହ୍ୟୁମାନ ନିଜେ ଗାଉଛନ୍ତି। ଏହି ଗୀତଟି ସୋସିଆଲ ମିଡିଆରେ ଭାଇରାଲ ହେବା ସହ ହ୍ୟୁମାନଙ୍କ ପ୍ରଶଂସକମାନଙ୍କୁ ଭାବବିହ୍ୱଳ କରିଦେଇଛି। କଣ୍ଠଶିଳ୍ପୀଙ୍କ ମୃତ୍ୟୁ ପରେ ତାଙ୍କ ସଙ୍ଗୀତର ଉତ୍ତରାଧିକାରୀ ଭାବେ ତାଙ୍କ ଝିଅଙ୍କର ଏହି ପ୍ରୟାସ ବୋଧହୁଏ ତାଙ୍କ ପାଇଁ ଶ୍ରେଷ୍ଠ ସମ୍ମାନ। ବାପାଙ୍କ ପ୍ରତି ଝିଅର ଏହି ନିଷ୍କପଟ ଭଲପାଇବା ଏବଂ ସଙ୍ଗୀତ ମାଧ୍ୟମରେ ଦିଆଯାଇଥିବା ଶ୍ରଦ୍ଧାଞ୍ଜଳି ଏବେ ସବୁଠି ଚର୍ଚ୍ଚାର ବିଷୟ ପାଲଟିଛି।

## କୃଷକ ବଜାରରେ ୨୫ରୁ ଅଧିକ ବେଆଇନ ନିର୍ମାଣ ଉଚ୍ଛେଦ

କଟକ,୨୨।୪(ସମିସ): ସହରର ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବୁଧବାର କୃଷକ ବଜାର ମୁଖ୍ୟ ରାସ୍ତାରେ ବ୍ୟାପକ ଜବରଦଖଲ ଉଚ୍ଛେଦ କରାଯାଇଛି। ପେଟାନାଳ ପଟୁ କୃଷକ ବଜାରକୁ ସଂଯୋଗ କରୁଥିବା ରାସ୍ତାର ଦୁଇ ପାଶ୍ୱର୍ରେ ବେଆଇନ ଭାବେ ଗଢ଼ିଉଠିଥିବା ୨୫ରୁ ଅଧିକ ଦୋକାନ ଘର ଓ କ୍ୟାବିନକୁ ଜେସିବି ସାହାଯ୍ୟରେ ଭାଙ୍ଗି ଦିଆଯାଇଛି। ଉଚ୍ଛେଦ ସମୟରେ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁଁ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲେ ହେଁ, ପୁଲିସ ମୁତୟନ ଯୋଗୁଁ ସ୍ଥିତି ସ୍ୱାଭାବିକ ହୋଇଥିଲା। ଏହି ଅଭିଯାନରେ କଟକ ସଦର ଅତିରିକ୍ତ ତହସିଲଦାର ଶୈଳେନ୍ଦ୍ର ଦାସ, ଜୋନ-୨ ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ ଏବଂ ବିଡାନାସୀ ଥାନା ଅଧିକାରୀଙ୍କ ସମେତ ସିଏମସି ଓ ସିଡିଏର ଅଧିକାରୀମାନେ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବା ବେଳେ ଗୁରୁବାର ପୁଣି ଏହି ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ ବୋଲି ସୂଚନା ମିଳିଛି।

## ୭ଟି ଶାଗୁଆନ ଗଛ ଜବତ

ଟିଗିରିଆ,୨୨।୪(ସମିସ): ଟିଗିରିଆ ଥାନା ଜେମାଦେଇପୁର ପଞ୍ଚାୟତ ଶକ୍ତି ବଜାର ନିକଟସ୍ଥ ୬୫ ନମ୍ବର ରାଜ୍ୟ ରାଜପଥ ପାଶ୍ୱର୍ରୁ ବେଆଇନ ଭାବେ କଟାଯାଉଥିବା ୭ଟି ଶାଗୁଆନ ଗଛକୁ ସ୍ଥାନୀୟ ବନ ବିଭାଗ ଜବତ କରିଛି। ଜଣେ ବ୍ୟକ୍ତି ନିଜ ଜମି ପାଶ୍ୱର୍ରେ ଥିବା ସରକାରୀ ଜାଗାରୁ ଏହି ମୂଲ୍ୟବାନ ଗଛଗୁଡ଼ିକୁ କାଟି ନେଉଥିବା ବେଳେ ବନ ବିଭାଗ ଖବର ପାଇ ତୁରନ୍ତ ଚଢ଼ଉ କରିଥିଲା। ବନପାଳ ପ୍ରଶାନ୍ତ ପରିଡ଼ାଙ୍କ ନେତୃତ୍ୱରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ ପରବର୍ତ୍ତୀ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି।

## ମହିଳା ସଂରକ୍ଷଣ ନାଁରେ କେନ୍ଦ୍ରର ଚଞ୍ଚକତା

### ସୀମା ନିର୍ଦ୍ଧାରଣ ପାଇଁ ସର୍ବଦଳୀୟ ବୈଠକ ଡାକନ୍ତୁ ସରକାର: ପ୍ରସାଦ ହରିଚନ୍ଦନ



କଟକ,୨୨।୪(ସମିସ): ମହିଳା ସଂରକ୍ଷଣ ବିଲ୍ ଆଳରେ କେନ୍ଦ୍ରର ବିଜେପି ସରକାର ଦେଶର ଜନସାଧାରଣଙ୍କୁ ଭୂଆଁ ବୁଲାଇବାକୁ ଚେଷ୍ଟା କରୁଥିବା ନେଇ କଂଗ୍ରେସ ପକ୍ଷରୁ ଗୁରୁତର ଅଭିଯୋଗ ହୋଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଆଜି କଟକର ନିଶାମଣି କନଭେନସନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ୨୦୨୩ ମସିହାରେ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ଆଣିବା ପରେ ୨୦୨୪ ନିର୍ବାଚନରେ ଏହାକୁ କାର୍ଯ୍ୟକାରୀ ନ କରିବା ଏବଂ ପୁଣି ୩ ବର୍ଷ ପରେ ଏହି ପ୍ରସଙ୍ଗ ଉଠାଇବା ସରକାରଙ୍କର 'କୁମ୍ଭୀର କାନ୍ଦଣା' ଓ ଜନସାଧାରଣଙ୍କୁ ବିଭ୍ରାନ୍ତ କରିବାର ଏକ ଅଭିସନ୍ଧି ମାତ୍ର। ସରକାର ମହିଳା ବିଲ୍ ଆଢୁଆଳରେ ନିଜ ସୁବିଧା ମୁତାବକ ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ କରାଇ ସବୁଦିନ ପାଇଁ କ୍ଷମତାରେ ରହିବାକୁ ହୀନ ଉଦ୍ୟମ କରୁଛନ୍ତି। ଏଣୁ ଏହି ପ୍ରସଙ୍ଗରେ ସରକାର ତୁରନ୍ତ ଏକ ସର୍ବଦଳୀୟ ବୈଠକ ଡାକି ସମସ୍ତଙ୍କ ସହ ଆଲୋଚନା କରନ୍ତୁ ବୋଲି ସେ ଦୃଢ଼ ଦାବି କରିଛନ୍ତି। ବର୍ତ୍ତମାନ କେବଳ ପ୍ରଚାର ସର୍ବସ୍ୱ ହୋଇ ବିଧିବ୍ୟବସ୍ଥାକୁ ନଷ୍ଟ କରିବା ଦୁର୍ଭାଗ୍ୟଜନକ ବୋଲି ଦର୍ଶାଇ କଂଗ୍ରେସ ଏହି ଚଞ୍ଚକତାକୁ କଡ଼ା ସମାଲୋଚନା କରିଛି। କଟକ ନଗର (ଜିଲ୍ଲା) କଂଗ୍ରେସ କମିଟି ସଭାପତି ଶାନ୍ତାୟନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରବିନ୍ଦ୍ର ମଲ୍ଲିକ, ବରିଷ୍ଠ ନେତା ସୁରେଶ ମହାପାତ୍ର, ବିଶ୍ୱଜିତ ଦାସ, ପିସିସି ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତିଙ୍କ ସମେତ ବହୁ କର୍ପୋରେଟର ଓ ଜିଲ୍ଲାସ୍ତରୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଓଁମା' ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



କଟକ,୨୨।୪(ସମିସ): କଟକ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଉରାଳୀ ଗ୍ରାମର ଓଁ ମା ସରସ୍ୱତୀ ଶିଶୁ ମନ୍ଦିରର ଏକବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମୁଖ୍ୟଅତିଥି ଟେଟ୍ରାହେଡ୍ରନ୍ କଲେଜର ଅଧ୍ୟକ୍ଷ ତ୍ରିଦେବ ବେହେରା, ସମ୍ମାନିତ ଅତିଥି ସମାଜସେବକ ଶରତ ଖୁଣ୍ଟିଆ, ଜିଲ୍ଲା ପରିଷଦ ସଦସ୍ୟା ଆଶାଲତା ବେହେରା, ରେଡକ୍ରସର ରାଜ୍ୟ ସାଧନା କର୍ମୀ ରଞ୍ଜନ ଲେଙ୍କା ଏବଂ ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ପଣ୍ଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ସିଦ୍ଧିଦାତ୍ରୀ ମହାନ୍ତି ଚଳିତ ବର୍ଷର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ଶୈକ୍ଷିକ ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୧୧୮ ଜଣ ଛାତ୍ରଛାତ୍ରୀ ଏବଂ ସଫଳ ଅଭିଭାବିକାଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର କୁମାର ସାହୁ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀବୃନ୍ଦ ସହଯୋଗ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୫୨୪ଟି ଗ୍ୟାସ୍ ସିଲିଣ୍ଡର୍ ସହ ଗାଡ଼ି ଜବତ

କଟକ,୨୨।୪(ସମିସ): କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାରେ ଏଲପିଜି ଗ୍ୟାସ୍ ସିଲିଣ୍ଡର୍ କଳାବଜାରୀ ରୋକାଯିବା ପାଇଁ ସମ୍ପୃକ୍ତ ଅଧିକାରୀମାନେ ବିଭିନ୍ନ ସମୟରେ ଚଢ଼ଉ ଜାରି ରଖିବା ସହ ପଦକ୍ଷେପମାନ ଗ୍ରହଣ କରୁଛନ୍ତି। ଆଜି ବାରଙ୍ଗ ଅଞ୍ଚଳରେ କଳାବଜାରୀ ହେଉଥିବା ନେଇ ଏକ ସୂଚନା ପାଇ ସ୍ଥାନୀୟ ବାରଙ୍ଗ ତହସିଲଦାର ଡ଼ଃ ତୁଷାର ଜ୍ୟୋତିରଞ୍ଜନଙ୍କ ନେତୃତ୍ୱରେ ଏକ ପ୍ରବର୍ତ୍ତନକାରୀ ଦଳ ବାରଙ୍ଗ ତହସିଲ ଅନ୍ତର୍ଗତ ଗଙ୍ଗେଶ୍ୱର ମୌଜା ଅଞ୍ଚଳରେ ଚଢ଼ଉ କରିଛନ୍ତି। ଏକ ଖାଲି ଗୋଦାମ ଘରୁ ବ୍ୟବସାୟିକ ୯୨ଟି,



ଘରୋଇ ୩୫୩ଟି, ଛୋଟ (୫ କିଗ୍ରା) ୭୯ଟି ଗ୍ୟାସ୍ ସିଲିଣ୍ଡର୍ ସମୁଦାୟ ୫୨୪ଟି ଗ୍ୟାସ ସିଲିଣ୍ଡର୍ ଜବତ କରାଯାଇଛି। ଏଥିସହ ୧୩ଟି ରିଫିଲିଙ୍ଗ ମଟର, ୪ଟି ଓଜନ ମାପ ଯନ୍ତ୍ର, ୫ଟି ଗ୍ୟାସ୍ ଚୁଲା ଆଦି ଜବତ ହୋଇଛି। ଗ୍ୟାସ୍ ସିଲିଣ୍ଡର୍ ଭର୍ତ୍ତି ହୋଇଥିବା ଏକ ମହିନ୍ଦ୍ରା ଗାଡିକୁ ମଧ୍ୟ ଜବତ କରାଯାଇଛି ବୋଲି ବାରଙ୍ଗ ତହସିଲଦାର ଡ. ଜ୍ୟୋତିରଂଜନ ସୂଚନା ପ୍ରଦାନ କରିଛନ୍ତି। ଦୋଷୀଙ୍କ ବିରୋଧରେ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଅନୁଯାୟୀ ଦଣ୍ଡ ବିଧାନ କରାଯିବ ବୋଲି ସୂଚନା ପ୍ରଦାନ କରିଛନ୍ତି। ଚଢ଼ଉ ବେଳେ ସଦର ପୁଲିସ ଅତିରିକ୍ତ ଆଇଆଇସି, ପ୍ରଶାନ୍ତ ପାଣି, ସହର ଓ ଆଠଗଡ ଅତିରିକ୍ତ ଯୋଗଣ ଅଧିକାରୀ ପ୍ରଫୁଲ୍ଲ ଦାସ, ଦୀପକ ଦାସ, ବିଷ୍ଣୁ ଚରଣ ପରିଡ଼ାଙ୍କ ସମେତ ସ୍ଥାନୀୟ ଯୋଗାଣ ପରିଦର୍ଶକମାନେ ଉପସ୍ଥିତ ଥିଲେ।

### ସାମାନ୍ୟ ଦୁର୍ଘଟଣାରୁ ରଣକ୍ଷେତ୍ର ପାଲଟିଲା ଓଡ଼ିଆ ବଜାର

## ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ; ୩ ଆହତ

କଟକ,୨୨।୪(ସମିସ): ସାମାନ୍ୟ ଗାଡ଼ି ଘଷି ହେବାକୁ କେନ୍ଦ୍ର କରି କଟକ ସହରର ଓଡ଼ିଆ ବଜାର ଅଞ୍ଚଳରେ ଦୁଇ ଗୋଷ୍ଠୀର ଯୁବକ ପରସ୍ପରକୁ ମାରଣାସ୍ତ୍ରରେ ଆକ୍ରମଣ କରିବା ଫଳରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ବୁଧବାର ମଧ୍ୟାହ୍ନରେ ଦିୱାନ ବଜାରର ଦୁଇ ଜଣ ଯୁବକ ଏକ ଗାଡ଼ିରେ ଓଡ଼ିଆ ବଜାର ଯାଇଥିଲେ। ସେଠାରେ ସ୍ଥାନୀୟ ଜଣେ ଯୁବକଙ୍କ ଗାଡ଼ି ସହ ସାମାନ୍ୟ ଘଷି ହୋଇଯିବାରୁ ଉଭୟ ପକ୍ଷ ମଧ୍ୟରେ ବଚସା ଓ ପରେ ହାତାହାତି ହୋଇଥିଲା। ଓଡ଼ିଆ ବଜାରର କିଛି ଯୁବକ ସଂଘବଦ୍ଧ ହୋଇ ଦିୱାନ ବଜାରର ଦୁଇ ଯୁବକଙ୍କୁ ମାଡ଼ ମାରିଥିଲେ। ଦିୱାନ ବଜାରର ଯୁବକମାନେ ନିଜ ସହଯୋଗୀଙ୍କୁ ଧରି ପୁନର୍ବାର ଓଡ଼ିଆ ବଜାରରେ ପହଞ୍ଚିଥିଲେ। ଦୁଇ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ବଢ଼ିବା ସହ ସେମାନେ ବାଡ଼ି, ପାଇପ୍ ଓ ଲୁହା ଛଡ଼ ଭଳି ମାରଣାସ୍ତ୍ର ଧରି ପରସ୍ପରକୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସେକ ଅଫସର, ସେକ ରାଜୁ ଓ ସେକ ସାହିଲ ଆହତ ହୋଇଛନ୍ତି। ପୁଲିସ ସେମାନଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିବା ବେଳେ ଜଣଙ୍କର ଅବସ୍ଥା ଗୁରୁତର ରହିଛି। ଲାଲବାଗ ଥାନା ଅଧିକାରୀ ସତ୍ୟବ୍ରତ ଭୂତିଆଙ୍କ ସୂଚନା ଅନୁଯାୟୀ, ଫେରାର ଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

### ଡିଭାଇଡର ମରାମତିରେ ଅବହେଳା

## ବିପଜ୍ଜନକ ଭାବେ ରାସ୍ତା ପାରି ହେଉଛନ୍ତି ପଥଚାରୀ



କଟକ,୨୨।୪(ସମିସ): କଟକ ସହରର ସବୁଠାରୁ ବ୍ୟସ୍ତବହୁଳ ବାଦାମବାଡ଼ି-ମଧୁପାଟଣା ରାସ୍ତାରେ ପ୍ରଶାସନିକ ଅବହେଳା ଯୋଗୁଁ ଦୁର୍ଘଟଣା ଆଶଙ୍କା ବୃଦ୍ଧି ପାଇଛି। ପାଲାମଣ୍ଡପ ନିକଟରେ ଡିଭାଇଡର ରେଲିଂ ଭାଙ୍ଗିବାର ୧୫ ଦିନ ବିତିଯାଇଥିଲେ ହେଁ ଏହାର ମରାମତି କରାଯାଉ ନ ଥିବାରୁ ଲୋକେ ଏବେ ବିପଜ୍ଜନକ ଭାବେ ରାସ୍ତା ପାରି ହେଉଥିବା ଦେଖିବାକୁ ମିଳୁଛି। ୧୫ ଦିନ ତଳେ ଓଏସଆରଟିସିର ଏକ ଯାତ୍ରୀବାହୀ ବସ୍ ଧକ୍କା ଦେବା ଫଳରେ ଏଠାରେ ପ୍ରାୟ ୧୫ ଫୁଟର ଡିଭାଇଡର ରେଲିଂ ସହ ଦୁଇଟି ଷ୍ଟ୍ରିଟଲାଇଟ୍ ଖୁଣ୍ଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ଥିବା ବେଳେ ବିଭାଗ ପକ୍ଷରୁ ଏଯାବତ୍ କୌଣସି ସାନି ନିର୍ମାଣ କରାଯାଇ ନାହିଁ। ଅପରପକ୍ଷରେ ମହାନଗର ନିଗମ ପକ୍ଷରୁ ଲାଇଟ୍ ଖୁଣ୍ଟି ମରାମତି ହୋଇ ନଥିବାରୁ ରାତି ସମୟରେ ଏହି ଅଞ୍ଚଳ ଅନ୍ଧାରରେ ରହୁଛି। ଆଶ୍ଚର୍ଯ୍ୟର କଥା ଯେ, ଘଟଣାସ୍ଥଳ ନିକଟରେ ଏକ ଫୁଟଓଭର ବ୍ରିଜ୍ ରହିଥିଲେ ହେଁ ଏହା ଲୋକଙ୍କ କାମରେ ଲାଗୁନାହିଁ। ପଥଚାରୀମାନେ ବ୍ରିଜ୍ ଉପର ଦେଇ ଯିବା ପରିବର୍ତ୍ତେ ଡିଭାଇଡରର ଭଙ୍ଗା ଅଂଶ ଦେଇ ରାସ୍ତା ପାର ହେବାକୁ ସୁବିଧା ମଣୁଛନ୍ତି। ଫଳରେ ଦ୍ରୁତଗତିରେ ଯାଉଥିବା ଗାଡ଼ି ସାମ୍ନାକୁ ହଠାତ୍ ପଥଚାରୀ ଆସିଯିବା ଦ୍ୱାରା ଦୁର୍ଘଟଣାର ଭୟ ଘନୀଭୂତ ହେଉଛି। ତୁରନ୍ତ ପୂର୍ତ୍ତ ବିଭାଗ ପକ୍ଷରୁ ରେଲିଂ ଲଗାଇବା ସହ ନିଗମ ପକ୍ଷରୁ ଆଲୋକର ବ୍ୟବସ୍ଥା କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ମୌଳିକ ସୁବିଧାରୁ ବଞ୍ଚିତ ୫୬ ନମ୍ବର ୱାର୍ଡ ବାସିନ୍ଦା

କଟକ,୨୨।୪(ସମିସ):

କଟକ ମହାନଗର ନିଗମର ୫୬ ନମ୍ବର ୱାର୍ଡରେ ଦୀର୍ଘ ୩୦ ବର୍ଷ ଧରି ଲାଗି ରହିଥିବା ମୌଳିକ ସମସ୍ୟା ଓ ପ୍ରଶାସନିକ ଅବହେଳାକୁ ନେଇ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି) କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପୂର୍ବ ନିର୍ଦ୍ଦେଶ ସତ୍ତ୍ୱେ ରାଜ୍ୟ ମୁଖ୍ୟ ଶାସନ ସଚିବ, ପରିବହନ ବିଭାଗର ପ୍ରମୁଖ ସଚିବ, କଟକ ଜିଲ୍ଲାପାଳ ଏବଂ ସିଏମସି କମିଶନରଙ୍କ ପକ୍ଷରୁ କୌଣସି ରିପୋର୍ଟ ମିଳି ନ ଥିବା ନେଇ ଏନଏଚଆରସି ଅସନ୍ତୋଷ ପ୍ରକାଶ କରିଛନ୍ତି। ଆସନ୍ତା ୨ ସପ୍ତାହ ମଧ୍ୟରେ ଚୂଡ଼ାନ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦିଆ ନ ଗଲେ ତେବେ ମାନବାଧିକାର ସୁରକ୍ଷା ଅଧିନିୟମ, ୧୯୯୩ର ଧାରା ୧୩ ଅନୁଯାୟୀ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଏହି ମାମଲାରେ କେବଳ ଓଡ଼ିଶା ପୁଲିସର ମାନବାଧିକାର ସୁରକ୍ଷା ସେଲ୍ ପକ୍ଷରୁ କମିସନରେ ଏକ ରିପୋର୍ଟ ଦିଆଯାଇଛି। ରିପୋର୍ଟ ଅନୁଯାୟୀ, କୁଆଖାଇ ପୋଲ ଉପରେ ଭାରୀଯାନ ଚଳାଚଳ ରୋକିବା ପାଇଁ ପୁଲିସ

### ମୁଖ୍ୟ ସଚିବ, ଜିଲ୍ଲାପାଳଙ୍କ ସମେତ ଅନ୍ୟ ପ୍ରତିପକ୍ଷ ଅଧିକାରୀଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

### ଦୁଇ ସପ୍ତାହରେ ରିପୋର୍ଟ ନ ଦେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ

କର୍ମଚାରୀ ମୁତୟନ କରିବାକୁ ସଦର ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କୁହାଯାଇଛି। ଆଇନଜୀବୀ ଅକ୍ଷୟ କୁମାର ପାଣ୍ଡେ ଓ ୱାର୍ଡର ଅନ୍ୟ ବାସିନ୍ଦାମାନେ ଏନଏଚଆରସି ନିକଟରେ ଅଭିଯୋଗ କରିଥିଲେ ଯେ ୧୯୯୭ ମସିହାରୁ ୱାର୍ଡ ନଂ-୫୬ ସିଏମସି ଅଧୀନକୁ ଆସିଥିଲେ ମଧ୍ୟ ଏଠାରେ ବସବାସ କରୁଥିବା ପ୍ରାୟ ୫୦ହଜାର ଲୋକ ସର୍ବନିମ୍ନ ସୁବିଧାରୁ ବଞ୍ଚିତ ହୋଇଆସୁଛନ୍ତି। ସମଗ୍ର ୱାର୍ଡରେ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ବର୍ଷା ଦିନେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଅନେକ ସ୍ଥାନରେ ପକ୍କା ରାସ୍ତା ନାହିଁ ଏବଂ ଥିବା ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ନ ଥିବାରୁ ଲୋକେ ଅନ୍ଧାରରେ ଯାତାୟାତ କରୁଛନ୍ତି। କଟକ-ବାଙ୍କୀ ରାସ୍ତାରେ ପ୍ରତି ମିନିଟରେ ପ୍ରାୟ ୨୦ଟି ଯାନବାହନ ଚଳାଚଳ କରୁଛି, ଯେଉଁଥିରେ ଅନେକ ଭାରୀଯାନ (ଟିପ୍ପର/ଟ୍ରକ୍) ମଧ୍ୟ ସାମିଲ ଅଛି। ଏହା ଜନଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ବେଳେ ପୁଲିସ ନିୟମ ଅନୁସାରେ ଏହି ଯାନଗୁଡ଼ିକୁ ରୋକାଯାଉ ନାହିଁ। କୁଆଖାଇ ନଦୀ ଉପରେ ଥିବା ପୁରୁଣା ସେତୁଟି ଅତି ଦୟନୀୟ ଅବସ୍ଥାରେ ରହିଛି। ମୁକାମେଶ୍ୱରରୁ ପୁରୀଘାଟ (ଦେବୀଗଡା)କୁ ସଂଯୋଗ କରୁଥିବା ନୂତନ କାଠଯୋଡ଼ି ସେତୁ ନିର୍ମାଣ ପାଇଁ ଘୋଷଣା ହେବାର ୪ ବର୍ଷ ବିତିଯାଇଥିଲେ ମଧ୍ୟ ଏହା କେବଳ କାଗଜପତ୍ରରେ ସୀମିତ ଅଛି। ସହରର ଅନ୍ୟ ସ୍ଥାନରେ "ଆମ ବସ' ସୁବିଧା ଥିବାବେଳେ ୫୬ନମ୍ବର ୱାର୍ଡବାସୀ ଏଥିରୁ ବଞ୍ଚିତ ହୋଇଛନ୍ତି ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି।

# ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି



ଗୁଡାରି ୨୨।୪(ସମିସ): ଗୁଡାରି ବ୍ଲକ ପେଣ୍ଡିଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସୋମବାର ଦିନ ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶିଶୁ ବିଭାଗ ପରିଦର୍ଶିକା ପଦ୍ମାବତୀ ଶବର, ଆରଡବ୍ଲୁଏସଏସ ଯନ୍ତ୍ରୀ ଚିନ୍ମୟୀ ବେହେରା, ଏଡିଇଓ କୋଟନୀ ସନ୍ତୋଷ, ପିଇଓ ଗୋପାଳ ଗନ୍ତାୟତ ପଶୁ ଚିକିତ୍ସାଳୟ ନିରୀକ୍ଷକ ଏବଂ ପେଣ୍ଡିଲି ନାଏବ ସରପଞ୍ଚ ଅନ୍ନପୂର୍ଣ୍ଣା ଶବର ବିଏସଏସ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ । ଏହି ଅଭିଯୋଗ ଶୁଣାଣିରେ ୪ ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ଭାବେ ୨ ଅଭିଯୋଗ ହୋଇଥିବା ବେଳେ ସୁଭଦ୍ରା ଯୋଜନାରୁ ବଞ୍ଚିତ ହୋଇଥିବା ଦୁଇ ମହିଳା ଅଭିଯୋଗ କରିଥିଲେ। ସେମାନେ ଟଙ୍କା ପାଇବା ନିମନ୍ତେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟକାରୀ ହେଉନାହିଁ ବୋଲି ମହିଳା ମାନେ କହିଛନ୍ତି । ପୂର୍ବରୁ ଏହି ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣିରେ ଅନେକ ଅଭିଯୋଗ ଆସୁଥିଲା। କିନ୍ତୁ ଏବେ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗକାରୀଙ୍କ ସଂଖ୍ୟା କମିବାରେ ଲାଗିଛି। କାରଣ ଅଭିଯୋଗ ହେଉଛି, କିନ୍ତୁ କାର୍ଯ୍ୟକାରୀ ହେଉନାହିଁ ବୋଲି ସାଧାରଣ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ପଞ୍ଚାୟତ ବାସିନ୍ଦାଙ୍କ କହିବା କଥା ହେଲା, ବିଗତ ଦିନରେ ଯେତେ ସବୁ ଅଭିଯୋଗ ହୋଇଛି, ସେ ନେଇ କାର୍ଯ୍ୟାନୁଷ୍ଠାନ ଶୁନ୍। ଏଣୁ ଅଭିଯୋଗ କରାଯାଉ ନଥିବା ସେମାନେ କହିଛନ୍ତି।

# କୃଷ୍ଣକାନ୍ତଙ୍କୁ ଲାୟନ୍ସ କ୍ଲବ୍‌ର ଶ୍ରଦ୍ଧାଞ୍ଜଳି



ରାୟଗଡ, ୨୨।୪(ସମିସ): ମଙ୍ଗଳବାର ଦିନ ରାୟଗଡ଼ ଲାୟନ୍ସ କ୍ଲବରେ ଦିବଙ୍ଗତ ସାମ୍ବାଦିକ କୃଷ୍ଣକାନ୍ତ ଜେନାଙ୍କ ଶୋକସଭା ପାଳନ କରାଯାଇଥିଲା। ଶ୍ରୀ ଜେନା ଜଣେ ସାମ୍ବାଦିକ ଥିବା ସହ ସେ ଲାୟନ୍ସ କ୍ଲବ, ୱାକର୍ସ କ୍ଲବର ଜଣେ ସକ୍ରିୟ ସଦସ୍ୟ ଥିଲେ। ସେ ଗ୍ରୀନ୍ ରାୟଗଡ଼ର ପ୍ରତିଷ୍ଠାତା। ତାଙ୍କ ଜୀବନ କାଳ ମଧ୍ୟରେ ସେ ଅନେକ ଗୁଡ଼ିଏ ଗଛ ଲଗାଇବା ସହ ତାର ସଂରକ୍ଷଣ କରିବା କାମରେ ନିଜକୁ ନିୟୋଜିତ କରିଥିଲେ। ଏହି ସଭାଟି ଲାୟନ୍ସ କ୍ଲବ୍ ର ସଭାପତି ଲାଇନ୍. ଲାଲ୍ ବିହାରି ଲେଙ୍କା, ସମ୍ପାଦକ ଲାଇନ୍. କେ.ଶ୍ରୀନିବାସ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କ୍ଲବର ଅନେକ ସଭ୍ୟଙ୍କ ସହ ଉପ ସଭାପତି ଲାଇନ୍. ପ୍ରତାପ ଚନ୍ଦ୍ର ବାଉରି, ସଭ୍ୟ ରମେଶ ଗୋଲାନି, ଟି.ଚନ୍ଦ୍ରା, କେ.ଭାଗିରଥି, ମନୋଜ ସାହୁ, ଜି.ଶ୍ରୀନିବାସ, ବି.ରତ୍ନାକର, ଜାମି ଗୌରି, ଜାମି ଓବେଣ୍ଣୁ, ଏସ୍.ପ୍ରଭାକର, ମନୋଜ ଚକ୍ର, ୱାଇ ମୁରଲି ଉପସ୍ଥିତ ଥିଲେ। ଉପଦେଷ୍ଟା ସତ୍ୟବାଦୀ ପତି, ଡ. ଦୁଖିଶ୍ୟାମ ଦାସ, ଭି.ଭାସ୍କର ରାଉ, ଉଦୟ ଚନ୍ଦ୍ର ପଣ୍ଡା, ଡ. ଏଲ୍.ଏନ୍.ସାହୁ, ଡ. ବାବୁରାଉ ମହାନ୍ତି, ଟି.ଜୟରାମ ଇତ୍ୟାଦି ସଭ୍ୟ ଦିବଙ୍ଗତ ଜେନାଙ୍କ ସ୍ମୃତି ଚାରଣ କରିଥିଲେ। ଶେଷରେ ଶ୍ରୀ ଜେନାଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# କୁଜେନ୍ଦ୍ରି ଉଚ୍ଚ ବିଦ୍ୟାଳୟରେ 'ପିଏମ୍‌ଶ୍ରୀ ୨୦୨୫-୨୬' ଉତ୍ସବ



ରାମନାଗୁଡ଼ା,୨୨।୪(ସମିସ): ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ କୁଜେନ୍ଦ୍ରିରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟରେ ପିଏମଶ୍ରୀ ୨୦୨୫-୨୬ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପୀନାଥ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ, ମୁଖ୍ୟବକ୍ତା ରୂପେ କୈଳାଶପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବିଷିକେଶନ ବାଗ୍, ସମ୍ମାନିତ ଅତିଥି ଭାବରେ କୁଜେନ୍ଦ୍ରି ସରପଞ୍ଚ ରମେଶ ଶବର, କସ୍ତୁରବା ଗାନ୍ଧୀ ବାଳିକା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ସହଦେବ ଲିମା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୁଖ ମଞ୍ଚାସୀନ ଥିବା ବେଳେ ସମସ୍ତ ସଦସ୍ୟ, ଅଭିଭାବକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ମଧ୍ୟରେ ଗଣିତ ସର୍କଲ, ବିଜ୍ଞାନ ସର୍କଲ, ପଠନ ଶୈଳୀର ଅଭିବୃଦ୍ଧି, ଶିକ୍ଷା ଉପକରଣ, କୁଇଜ ଓ ନମୁନା ବିଧାନସଭା ଆଦି ପ୍ରକଳ୍ପ ଗୁଡିକ ସ୍ଥାନିତ କରାଯାଇଥିଲା। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା କବିତା ପାଠ, ଗଳ୍ପ କଥନ, ସଙ୍ଗୀତ, ନୃତ୍ୟ ଓ ଅଭିନୟ ପରି ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିଦ୍ୟାଳୟର କଟେଶ୍ୱର ବେହେରା, ରାଜେନ୍ଦ୍ର ରାଙ୍ଗଲୀ, ସଂଜିତା ତ୍ରିପାଠୀ, ଗୌରୀ କୁମାରୀ ପଣ୍ଡା, ନୀତେନ୍ଦ୍ର ସାହୁ, ସନ୍ତୋଷ କୁମାର ତୁଳ, ତୋଫାନ କୁମାର ପଣ୍ଡା, ପ୍ରମୋଦିନୀ ଚୌଧୁରୀ, ମନୋରମା ଗିରି, ନନ୍ଦିନୀ ଶବର, ମନୋଜ କୁମାର କୁସୁଲିଆ, କେ. ନୀଲାୱେଣୀ, ସୁଚିତ୍ରା ଗମାଙ୍ଗ ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ସୁସ୍ଥ ଗ୍ରାମପଞ୍ଚାୟତ ଗଠନ ପାଇଁ କର୍ମଶାଳା



ରାୟଗଡ,୨୨।୪(ସମିସ): ସୁସ୍ଥ ଗ୍ରାମ ପଞ୍ଚାୟତ ଗଠନ ନିମନ୍ତେ ବ୍ଲକ୍‌ସ୍ତରୀୟ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଦ୍‌ଭାବନା ଗୃହରେ ଆୟୋଜିତ ଏହି କର୍ମଶାଳାକୁ ବିଡିଓ ସୁଜିତ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ରାଜ୍ୟ ସ୍ତରୀୟ ସମ୍ବଳ ବ୍ୟକ୍ତିତ୍ୱ ସଙ୍ଗୀତା ମଙ୍ଗରାଜ, ଜିପିଡିଓ ସ୍ମୃତିରେଖା ନାୟକ, ସମ୍ବଳ ବ୍ୟକ୍ତିତ୍ୱ ନୀଳାଞ୍ଚଳ ମିଶ୍ର ଓ ପେସା ସଂଯୋଜକ ଯୋଗେନ୍ଦ୍ର ନାୟକ ଏହି ତାଲିମ ପ୍ରଦାନ କରିଥିଲେ। ଏଥିରେ ମହିଳା ଓ ଶିଶୁ ବିକାଶ, ନିର୍ବାଚିତ ପ୍ରତିନିଧି, ଏମ୍‌ବିକେ, ସିଆରପି, ଆଶାକର୍ମୀ ଆଦି କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ସୁସ୍ଥ ଶରୀର ବିକାଶର ଚାବିକାଠି, ଜନସାଧାରଣ ସମାଜରେ ନିଜ କର୍ତ୍ତବ୍ୟ ସମ୍ପାଦନ ନିମନ୍ତେ ସୁସ୍ଥ ରହିବା ଜରୁରୀ। ସୁସ୍ଥ ଶରୀର କାର୍ଯ୍ୟ ଦକ୍ଷତା ବଢ଼ାଏ, ସ୍ୱାସ୍ଥ୍ୟ ଦୁର୍ବଳ ହେଲେ କାର୍ଯ୍ୟ ଦକ୍ଷତା କମିବା ସହ କାର୍ଯ୍ୟଶୈଳୀ ଓ ସମୟାନୁବର୍ତ୍ତିତା ପ୍ରଭାବିତ ହୋଇଥାଏ। ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟର ମଧ୍ୟ ପ୍ରଭାବ ନିଜ କର୍ତ୍ତବ୍ୟ, ପରିବାର, ପରିବେଶ ଓ କର୍ମକ୍ଷେତ୍ରକୁ ପ୍ରଭାବିତ କରିଥାଏ। ଗ୍ରାମ ପଞ୍ଚାୟତ ସ୍ତରରେ ସୁସ୍ଥ ସମାଜ ଗଠନ ନିମନ୍ତେ ସଚେତନର ଆବଶ୍ୟକତା ରହଛି। ପଞ୍ଚାୟତିରାଜ ବିଭାଗ ତରଫରୁ ପ୍ରତି ବ୍ଲକରେ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ କହିଛନ୍ତି।

## ରନ୍ଧନ୍ ଗ୍ୟାସ ସଙ୍କଟ

# ଗାଁରେ ମକା ନଡ଼ା ଚାହିଦା ବୃଦ୍ଧି

ଉମରକୋଟ, ୨୨।୪ (ସମିସ): ଦିନଥିଲା ମକା ଅମଳ ପରେ ବର୍ଜ୍ୟବସ୍ତୁ ଭାବେ ମକା ନଡ଼ାକୁ ଫୋପାଡ଼ି ଦେଉଥିଲେ ଚାଷୀ। କିଛି ଚାଷୀ ପରିବାର ଏହାକୁ ଜାଳେଣୀର ବିକଳ୍ପ ଭାବେ ବ୍ୟବହାର କରି ଆସୁଥିଲେ। ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ରନ୍ଧନ ଗ୍ୟାସ ସଙ୍କଟ ଲୋକଙ୍କୁ ଚିନ୍ତାରେ ପକାଇଥିବା ବେଳେ ଉମରକୋଟ ଅଞ୍ଚଳରେ ଗ୍ରାମାଞ୍ଚଳର ଲୋକଙ୍କ ଚାହିଦା ମେଣ୍ଟାଉଛି ମକା ନଡ଼ା। ରନ୍ଧନ ଗ୍ୟାସ ସିଲିଣ୍ଡର ମିଳୁନଥିବା ବେଳେ ଗାଁ ଗାଁ ବୁଲି ଲୋକ ଖୋଜୁଛନ୍ତି ମକା ନଡ଼ା। ଆଖା ଭର୍ତ୍ତି ମକା ନଡ଼ା ବିକ୍ରି ହେଉଛି ଦୁଇଶହ ଟଙ୍କାରେ। ଟଙ୍କା ଦେଲେ ବି ବିକ୍ରି କରିବାକୁ ରାଜି ହେଉନାହାନ୍ତି ମକା ନଡ଼ା ରଖିଥିବା ଚାଷୀ ପରିବାର। ଗୋଟିଏ ପିକ୍ ଅପ୍ ଗାଡ଼ିରେ ଭର୍ତ୍ତି ଥିବା ମକା ନଡ଼ା ପାଞ୍ଚ ହଜାର ଟଙ୍କାରୁ ଛଅ ହଜାର ଟଙ୍କା ମୂଲ୍ୟରେ ବିକ୍ରି ହେଉଛି। ପୁଣି ଏସିଆ ମହାଦେଶରେ ସ୍ୱତନ୍ତ୍ର ସ୍ଥାନ ପାଇଛି ମକା ଉତ୍ପାଦନରେ ନବରଙ୍ଗପୁର ଜିଲ୍ଲା। ଦ୍ରୁତ ଜଙ୍ଗଲ କ୍ଷୟ ଯୋଗୁଁ ଜାଳେଣୀ କାଠ ମିଳୁନଥିବା ଯୋଗୁଁ ଜାଳେଣୀ ବିକଳ୍ପ ଭାବେ ମକା ନଡ଼ା ବ୍ୟବହାର ଅଞ୍ଚଳରେ ବହୁଳ ମାତ୍ରାରେ ହୋଇ ଆସୁଛି। ଅଧିକାଂଶ ଚାଷୀ ପରିବାର ମକା ଅମଳ ପରେ ନଡ଼ାକୁ ସଂଗ୍ରହ କରି ଘରେ ଘରେ ସାଇତି ରଖିଛନ୍ତି। ଯାହାଫଳରେ ବର୍ଷା ଋତୁ ଆସିଲେ ଲୋକଙ୍କୁ ଜାଳେଣି ପାଇଁ ଯିବାକୁ ପଡୁନି। କମ୍ ଧୂଆଁ, କମ୍ ପାଉଁଶ ଓ କମ୍ ପରିମାଣରେ ନଡ଼ା ଲାଗୁ



ଥିବାରୁ ରୋଷେଇ ପାଇଁ ବେଶ୍ ଉପଯୋଗୀ ହେଉଥିବା ଅଞ୍ଚଳର ଗୃହିଣୀ ମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ମିକ୍ସଚର ତିଆରି, ଜଳଖିଆ ଦୋକାନ ଏବଂ ହୋଟେଲ ଗୁଡ଼ିକରେ ଏହା ବ୍ୟବହାର କରାଯାଉଛି। ଯାହାଫଳରେ ମକା ନଡ଼ା ଜାଳେଣୀର ପ୍ରମୁଖ ବିକଳ୍ପ ସାଜିଛି ଅଞ୍ଚଳର ଚାଷୀ ପରିବାର ଓ ଅନ୍ୟମାନଙ୍କ ପାଇଁ। ଗ୍ୟାସ ସିଲିଣ୍ଡରର ବର୍ଦ୍ଧିତ ମୂଲ୍ୟ, ଅଭାବ ଯୋଗୁଁ ଗ୍ରାମାଞ୍ଚଳ ଗରିବ ମହିଳାଙ୍କ ପାଇଁ ଗ୍ୟାସ କ୍ରୟ କରିବା ସମ୍ଭବ ହେଉନାହିଁ। ସରକାରଙ୍କ ଉଜ୍ଜଳା ଯୋଜନା ଗରିବ ପରିବାର ପାଇଁ ସହାୟକ ହେଉଥିବା ବେଳେ ସମ୍ପ୍ରତିକ ପରିସ୍ଥିତିରେ ଏହି ଯୋଜନା ଫଳପ୍ରଦ ହେଉନଥିବା ଭଳି ମନେ ହେଉଛି। ଅନ୍ୟପକ୍ଷେ ରନ୍ଧନ ଗ୍ୟାସ ସଙ୍କଟ ପରେ ମକା ନଡ଼ା ଚାହିଦା ବୃଦ୍ଧି ପାଇଛି। ଲୋକେ ଗ୍ୟାସର ବିକଳ୍ପ ଭାବେ ଏହାକୁ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।

## ● ବେନାମୀ ସଂସ୍ଥାର ମୃଦୁପାନୀୟ ଲୋକଙ୍କ ପାଇଁ ବିପଦ !

# ଯାଞ୍ଚ ହେଉନି, ଜିଏସ୍‌ଟି ଲୁଟ୍

ତେନ୍ତୁଳିଖୁଣ୍ଟି, ୨୨।୪(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକରେ ମୃଦୁ ପାନୀୟ ବ୍ୟବସାୟ ବୃଦ୍ଧି ପାଇଛି । ଗ୍ରୀଷ୍ମର ପ୍ରକୋପ କାରଣରୁ ଗ୍ରାହକ ମୃଦୁ ପାନୀୟ ପ୍ରତି ଆକର୍ଷିତ ହେଉଛନ୍ତି । କିନ୍ତୁ ତାହା ଶରୀର ପ୍ରତି କେତେ ହିତକର ଅବା କେତେ କ୍ଷତିକାରକ ସେଥିପ୍ରତି କାହାର ନିଘା ନାହିଁ । ବଜାରରେ ମିଳୁଥିବା ବାଟି ସୋଡା ପ୍ରବଳ ବିକ୍ରି ହେଉଥିବା ବେଳେ ସେଥିରେ ନା ଅଛି ଅବଧି ଶେଷ ତାରିଖ ନା ଅଛି କମ୍ପାନୀ ଲୋଗୋ। ବିନା ସୁରକ୍ଷାରେ ଏହି ମୃଦୁ ପାନୀୟ ପ୍ରବଳ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି । ସେଗୁଡିକର ଯାଞ୍ଚ ହେଉନଥିବା ଅଭିଯୋଗ ହେଉଛି । ବିନା ଜିଏସଟିରେ କୋଟି କୋଟି ଟଙ୍କାର ବ୍ୟବସାୟ କରୁଛନ୍ତି କିଛି ବ୍ୟବସାୟୀ। ମୃଦୁ ପାନୀୟ ବ୍ୟବସାୟରେ ରାଜ୍ୟ ସରକାରଙ୍କୁ ୨୦ ପ୍ରତିଶତ ଏବଂ କେନ୍ଦ୍ର ସରକାର ୨୦ ପ୍ରତିଶତ ଟିକସ ପ୍ରଦାନ ପାଇଁ ବ୍ୟବସ୍ଥା ଥିବା ବେଳେ ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳରେ ବିକ୍ରି ହେଉଥିବା ନାମୀ ତଥା ବେନାମୀ ମୃଦୁପାନୀୟ କ୍ଷେତ୍ରରେ ତାହା ଲାଗୁହେଉନାହିଁ । ଦିନକୁ ଦିନ ବିଭିନ୍ନ ନୂଆ ନୂଆ କମ୍ପାନୀର ଲୋଗୋ ଲଗାଇ ବଜାରରେ କୋଲ୍‌ଡ ଡ୍ରିଙ୍କ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ସେଗୁଡିକ ସ୍ୱାସ୍ଥ୍ୟପାଇଁ ହାନୀକାରକ କି ନୁହେଁ, ସେଥିପ୍ରତି ଜିଲ୍ଲା ଖାଉଟି ବିଭାଗର ନିଘା ନଥିବା ଅଭିଯୋଗ ହେଉଛି । ଅନ୍ୟ ପକ୍ଷରେ ରାତି ଅଧିଆ ଗାଡି ଗାଡି ନାମି ଦାମୀ କମ୍ପାନୀର କୋଲ୍‌ଡ ଡ୍ରିଙ୍କ୍ସ ତେନ୍ତୁଳିଖୁଣ୍ଟି ବ୍ଲକର ଇନ୍ଦ୍ରାବତୀକୁ ଆସୁଥିବା ବେଳେ ସେଗୁଡିକର ଯାଞ୍ଚ କରାଯାଉନଥିବା ଅଭିଯୋଗ ହେଉଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ଯୋଗାଣ ବିଭାଗ, ଖାଦ୍ୟ ନିରାପତ୍ତା ବିଭାଗ ଏବଂ ବିକ୍ରିକର ବିଭାଗ ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

# ବିଶ୍ୱ ପୃଥିବୀ ଦିବସ ପାଳିତ

ପଟ୍ଟାଙ୍ଗି,୨୨।୪(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗୀ ବ୍ଲକର ଦେଓପଟ୍ଟାଙ୍ଗି ଗ୍ରାମ ପରିସରରେ ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି ଆନୁକୂଲ୍ୟରେ ବିଶ୍ୱ ପୃଥିବୀ ଦିବସ ୨୦୨୬ ପାଳିତ ହୋଇଯାଇଛି। ଆଜିର ବଦଳୁଥିବା ଜଳବାୟୁ ଓ ପ୍ରଦୂଷିତ ପରିବେଶ ମଧ୍ୟରେ ପୃଥିବୀକୁ ବଞ୍ଚାଇବା ପାଇଁ ଏକ ସାମୂହିକ ପ୍ରୟାସର ଆବଶ୍ୟକତା ରହିଛି। ତେଣୁ ଉକ୍ତ କାର୍ଯ୍ୟକ୍ରମରେ ପ୍ରକୃତିର ପ୍ରକୃତ ରକ୍ଷକ ଭାବେ ୯୦ରୁ ଅଧିକ ମହିଳା ନେତ୍ରୀ ଯୋଗ ଦେଇଥିଲେ। ଭୁବନେଶ୍ୱର କାର୍ଯ୍ୟାଳୟରୁ ଅତିଥି ଭାବେ ଯୋଗ ଦେଇଥିବା ବିରଞ୍ଚି ପାଇକରାୟ ମହିଳାମାନଙ୍କର ଏହି ନେତୃତ୍ୱକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବାରେ ଟିମ୍ ସଦସ୍ୟ ପ୍ରଦୀପ ମିଶ୍ର, କେ. ମୁରଲୀ କୃଷ୍ଣ, କୃତିକା ମହାନ୍ତି, ରଘୁରାମ ମୁଥାଇ, ଦିଲ୍ଲୀପ କୁମାର ଚମ୍ପି, ଆରଶ କାଟେଙ୍ଗେ, ତ୍ରିନାଥ ଗୁଣ୍ଠା, ଏବଂ ଆଲୋକ ମହାରଣାଙ୍କ ସମେତ ପଟ୍ଟାଙ୍ଗୀ ବ୍ଲକର ବିଭିନ୍ନ ପଞ୍ଚାୟତର କ୍ୟାଡରମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେମାନେ ଗ୍ରାମ୍ୟ ସ୍ତରରେ ସଚେତନତା ସୃଷ୍ଟି କରିବା ସହ ପ୍ରକୃତି ସୁରକ୍ଷା ପାଇଁ ଆବଶ୍ୟକୀୟ ବୈଷୟିକ ଓ ସାମାଜିକ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ମହିଳା ନେତ୍ରୀମାନେ ଅତି ସରଳ ଭାବରେ ବୁଝାଇଥିଲେ ଯେ, ଜଙ୍ଗଲ କେବଳ କାଠ ବା ବାଉଁଶର ସମାହାର ନୁହେଁ, ବରଂ ଏହା ହେଉଛି ଆମର ଜୀବନ ଓ ଜୀବିକାର ଆଧାର, ଏବଂ ପୃଥିବୀକୁ ପରବର୍ତ୍ତୀ ପିଢ଼ି ପାଇଁ ବଞ୍ଚାଇ ରଖିବାକୁ ହେଲେ ଆମକୁ ଆଜିଠାରୁ ହିଁ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ କରିବା ସହ ବୃକ୍ଷରୋପଣକୁ ଗୁରୁତ୍ୱ ଦେବାକୁ ପଡ଼ିବ। ପଞ୍ଚାୟତରାଜ ବ୍ୟବସ୍ଥାରେ ସାଧାରଣ ସମ୍ପତ୍ତିର ସୁପରିଚାଳନା କରି ମହିଳାମାନେ କିଭଳି ଗାଁର ସ୍ଥାୟୀ ବିକାଶ କରିପାରିବେ, ସେଥିପାଇଁ ଏହି କର୍ମଶାଳାରେ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷ ସଂକଳ୍ପବଦ୍ଧ ହୋଇଥିଲେ। ଏହି ସଫଳ ଆୟୋଜନ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ପରିବେଶ ପ୍ରେମୀମାନେ ଆୟୋଜକ ମଣ୍ଡଳୀ ଓ ସମସ୍ତ ମହିଳା ନେତ୍ରୀମାନଙ୍କୁ ସାଧୁବାଦ ଜଣାଇଛନ୍ତି। ଆଗାମୀ ଦିନରେ ସାରା ରାଜ୍ୟ ପାଇଁ ଏକ ଅନୁକରଣୀୟ ଉଦାହରଣ ହୋଇ ରହିବ।



# ଭଗବଦ୍ ଗୀତା ଆଲୋଚନା କାର୍ଯ୍ୟକ୍ରମ

ସେମିଳିଗୁଡ଼ା, ୨୨।୪ (ସମିସ): ସେମିଳିଗୁଡା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏପ୍ରିଲ ୧୫ରୁ ୨୧ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ଭଗବଦ୍ ଗୀତା ଆଲୋଚନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରସିଦ୍ଧ ବକ୍ତା ଡା. ଦେବଦତ୍ତ ଶତପଥୀ ଦୈନିକ ଜୀବନରେ ଗୀତାର ପ୍ରାସଙ୍ଗିକତା ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ କୋରାପୁଟ ବିଧାୟକ ରଘୁରାମ ମାଛ ଉଦ୍‌ଘାଟନ କରିଥିଲେ। ସଂଘର ସଭାପତି ପ୍ରତାପ ପାତ୍ରଙ୍କ ଅଧ୍ୟକ୍ଷତାରେ ପ୍ରତିଦିନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ୧୦୦ରୁ ଅଧିକ ଶ୍ରୋତାଙ୍କ ସହଭାଗୀତା କାର୍ଯ୍ୟକ୍ରମକୁ ସଜୀବ ଓ ସାର୍ଥକ କରିଥିଲେ। ଏପ୍ରିଲ ୨୧ ତାରିଖରେ ଅନୁଷ୍ଠିତ ସମାପନ କାର୍ଯ୍ୟକ୍ରମରେ ସୁନାବେଡା ପୌରପାଳିକାର ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡା. ଶତପଥୀଙ୍କର ଆଧ୍ୟାତ୍ମିକ ପ୍ରଚାର ଓ ସମାଜ ସେବା ପ୍ରତି ଉଚ୍ଚ ସ୍ତୁତି କରିଥିଲେ। ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଡା. ଦେବଦତ୍ତ ଶତପଥୀଙ୍କୁ 'ଗୀତା ପ୍ରବୀଣ' ଉପାଧିରେ ସମ୍ମାନିତ କରାଯାଇଥିଲା। ପ୍ରଥମ ଦିନ ସଂଘର ସମ୍ପାଦକ ଭୁବନେଶ୍ୱର ପଟ୍ଟନାୟକ ସ୍ୱାଗତ ଭାଷଣ ଏବଂ ଅନ୍ତିମ ସନ୍ଧ୍ୟାରେ ଯୁଗ୍ମ ସମ୍ପାଦକ ନୀଳମଣି ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଈଶ୍ୱର ଚନ୍ଦ୍ର ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ପଟ୍ଟନାୟକ, ବରିଷ୍ଠ କର୍ମକର୍ତ୍ତା ପ୍ରଶାନ୍ତ ଚନ୍ଦ୍ର ବେହେରା, ସି. ଏଚ ପ୍ରଦୀପ କୁମାର ପାତ୍ର, ପାଣ୍ଡୁ ଚରଣ ସାହୁ, ଫକୀର ଚନ୍ଦ୍ର ରାଉତଙ୍କ ସହଯୋଗରେ ସୁରୁଖୁରୁରେ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ପ୍ରବଚକ ଡ. ଦେବଦତ୍ତ ଶତପଥୀଙ୍କ ଉନ୍ନତ ଉପସ୍ଥାପନା ଉପସ୍ଥିତ ସଭ୍ୟ ମାନଙ୍କୁ ଆକୃଷ୍ଟ କରି ପାରିଥିଲା। ଅନୁଷ୍ଠାନର ସମସ୍ତ କାର୍ଯ୍ୟକାରୀ ସଦସ୍ୟ ଏବଂ ଅନ୍ୟାନ୍ୟ ସଭ୍ୟ ମାନେ ଉପସ୍ଥିତ ରହିଥିଲେ।

# ସୁରକ୍ଷା ମହିଳା ଆରୋଗ୍ୟ ସମିତିର ଜଳଛତ୍ର



ସେମିଳିଗୁଡା, ୨୨।୪ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡା ଆମ୍ବେଦକର ନଗର ଫାଟକ ନିକଟରେ ମଙ୍ଗଳବାର ସେମିଳିଗୁଡା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ସୁରକ୍ଷା ମହିଳା ଆରୋଗ୍ୟ ସମିତି ତରଫରୁ ଜଳଛତ୍ର ଆୟୋଜନ ହୋଇଯାଇଛି। ଜଳଛତ୍ର ଯୋଗୁଁ ପ୍ରବଳ ଖରାରେ ଯାତ୍ରୀ ମାନେ ପିଇବା ପାଣି ପାଇପାରିବେ । ଜଳଛତ୍ରକୁ କାଉନ୍‌ସିଲର ଜ୍ୟୋତି କୁଲଦୀପ ଉଦ୍‌ଘାଟନ କରିଥିଲେ। କାର୍ଯକ୍ରମରେ ସମ୍ପାଦିକା ସଂଗୀତା ରାନ୍ଧରି, ଅଙ୍ଗନବାଡି କର୍ମୀ କୁମାରୀ ପମ୍ୟ, ଆଶା ଦିଦି ରୀନା ସ୍ୱାଇଁ, ରିଙ୍କି ବାରିକ, ଆରୋଗ୍ୟ ସମିତିର ସୁଚିତ୍ରା ପଟ୍ଟନାୟକ, ଲୁସି ଧଡକା ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ପୃଥିବୀ ଦିବସ ପାଳିତ

ଜୟପୁର,୨୨।୪(ସମିସ): ଜୟପୁରରେ ସହର ଅଗ୍ରଣୀ ସଂଗଠନ ସିୱାର ସାଇକଲ କ୍ଲବ ଏବଂ ସିଟି ଇକୋ କ୍ଲବ ପକ୍ଷରୁ ବିଶ୍ୱ ପୃଥିବୀ ଦିବସ ପାଳନ ଅବସରରେ ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜୟପୁର ସହରରେ ପରିବେଶ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ଶୁଭାରମ୍ଭ ଆଜି ପୂର୍ବାହ୍ନ ସାଢେ ୬ଟାରେ ବିଦ୍ୟାଳୟ ପରିସରରୁ ପ୍ରାୟ ୩୦ ଜଣ ଛାତ୍ରଛାତ୍ରୀ,ସିୱା ସଦସ୍ୟ , ସାଇକଲ କ୍ଲବର ସଦସ୍ୟ ମାନଙ୍କ ଦ୍ୱାରା ଏକ ସଚେତନତା ସାଇକେଲ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ବି ସୁଜାତା ଓ ସିୱା ସଭାପତି ଅଜୟ କୁମାର ମିଶ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସିୱାର ସମ୍ପାଦକ ପ୍ରତାପ ପଟ୍ଟନାୟକ କହିଥିଲେ ପୃଥିବୀ ହେଉଛି ଆମର ଏକମାତ୍ର ଘର ଏବଂ ଏହାର ସୁରକ୍ଷା କରିବା କେବଳ ଜଣକର ନୁହେଁ, ସମସ୍ତଙ୍କର ସାମୂହିକ ଦାୟିତ୍ୱ। ଆମକୁ ପ୍ଲାଷ୍ଟିକ ବର୍ଜନ କରିବା ପ୍ରକୃତିର ନିକଟତର ହେବାକୁ ପଡ଼ିବ। ସଂସ୍ଥାର ଉପସଭାପତି ଜି.ଭେଙ୍କଟ ରେଡ୍ଡୀ ଛାତ୍ର ଛାତ୍ରୀ ମାନଙ୍କୁ ପୃଥିବୀର ସୁରକ୍ଷା ନିମନ୍ତେ ବୃକ୍ଷ ରୋପଣ କରିବା ପାଇଁ କହିଥିଲେ। ସିୱା ମହିଳା ଶାଖାର ସଭାନେତ୍ରୀ ସୁମନ ମୁଦ୍ରା, ସଭ୍ୟା ଶୁଭସ୍ମିତା ସାହୁ, ମମତା ନାୟକ,ଭୁଲକ୍ଷ୍ମୀ ଆଚାରୀ ଓ ସଦସ୍ୟ ପ୍ରଦୀପ୍ତ ସାହୁ, ବିନାୟକ ମହାପାତ୍ର, କେ ମୋହନ ରାଓ, ଅଶୋକ କୁମାର ଚୌଧୁରୀ, ଗୋପାଳ ନାୟକ ଓ ସାଇକଲ କ୍ଲବର ସୂର୍ଯ୍ୟ ନାରାୟଣ ସାହୁ, ସଞ୍ଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗତ ୧୯ ତାରିଖରେ ସିୱା ଦ୍ୱାରା ଆୟୋଜିତ ରକ୍ତଦାନ ଶିବିରରେ ୨୫ ଜଣ ଛାତ୍ରଛାତ୍ରୀ ସ୍ୱେଚ୍ଛାକୃତ ସେବା ପାଇଁ ପ୍ରମାଣ ପତ୍ର ଓ ପୁରସ୍କାର ସିୱା ମହିଳା ଶାଖା ଦ୍ୱାରା ପ୍ରଦାନ କରାଯାଇଥିଲା। ଶେଷରେ ସମସ୍ତ ଉପସ୍ଥିତ ସାଧାରଣ ଲୋକ, ସଦସ୍ୟ ଓ ସଦସ୍ୟା ମାନଙ୍କୁ ପରିବେଶକୁ ସ୍ୱଚ୍ଛ ଓ ସବୁଜ ରଖିବା ପାଇଁ ଶପଥ ପାଠ କରାଯାଇଥିଲା।



# ଯୁକ୍ତତିନି ପ୍ରଥମ ବର୍ଷର ଛାତ୍ରୀଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସେମିଳିଗୁଡ଼ା,୨୨।୩ (ସମିସ): ସେମିଳିଗୁଡା ମହାବିଦ୍ୟାଳୟ ଯୁକ୍ତତିନି ପ୍ରଥମ ବର୍ଷ ପ୍ରାଣୀ ବିଜ୍ଞାନ ଅନର୍ସର ଛାତ୍ରୀ ଗାୟତ୍ରୀ ଖେମୁଣ୍ଡୁଙ୍କୁ ମହାବିଦ୍ୟାଳୟ ତରଫରୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ଶ୍ରଦ୍ଧାଞ୍ଜଳି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ଝାନସୀ ସିଂହ, ଦେବରାଜ ନାୟକ, ପ୍ରେମାନନ୍ଦ ରାଉତ, ବିଦ୍ୟୁତପ୍ରଭା ରାଉତ, ଶିବାଶିଷ ପଟ୍ଟନାୟକ, ପିଙ୍କି ଗୋୟଲ, ଜ୍ୟୋତ୍ସ୍ନା ଦାସ, ଚିତ୍ତରଞ୍ଜନ ଦାସ ,ଦେବଲୀନା ସାହା ,ସଙ୍ଗୀତ ପଣ୍ଡା , ଅର୍ଚ୍ଚନା ବିଶୋଇ ପ୍ରମୁଖ ଏବଂ ସହପାଠୀ ବୃନ୍ଦ ଉପସ୍ଥିତ ରହି ଗାୟତ୍ରୀଙ୍କର ସ୍ମୃତିଚାରଣ କରିଥିଲେ। ଗାୟତ୍ରୀଙ୍କର ଅକାଳ ବିୟୋଗରେ ମହାବିଦ୍ୟାଳୟ ପରିସରରେ ଶୋକାକୁଳ ବାତାବରଣ ସୃଷ୍ଟି ହୋଇଥଲା।

## ରବିଧାନ ଚାଷୀଙ୍କ ନାମପଞ୍ଜୀକରଣ ସମୟ ବୃଦ୍ଧି ଦାବି

# ସୋମବାର ବିଜେଡିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ଜୟପୁର,୨୨।୪(ସମିସ): କୋରାପୁଟ ଜିଲ୍ଲାରେ ଚାଷୀ ମାନେ ରବିଧାନ ଚାଷ କରିଛନ୍ତି। ଆସନ୍ତା ଧାନ ମଣ୍ଡିରେ ସେମାନଙ୍କ ଅମଳ ଧାନ ଫସଲ ବିକ୍ରି ନେଇ ପଞ୍ଜିକରଣ ବିଭିନ୍ନ ଲ୍ୟାମ୍ପ୍‌ସରେ କରିଛନ୍ତି। କିନ୍ତୁ କୋରାପୁଟ ଜିଲ୍ଲାର ମୁଖ୍ୟତଃ ଜୟପୁର, କୁନ୍ଦୁରା, କୋଟପାଡ ଏବଂ ବୋରିଗୁମ୍ମା ବ୍ଲକର ଚାଷୀ ମାନେ ଲ୍ୟାମ୍ପ୍‌ସ ଗୁଡିକରରେ ଅନ୍‌ଲାଇନରେ ବୈଷୟିକ ତ୍ରୁଟି ଯୋଗୁଁ ପଞ୍ଜୀକରଣ କରି ପାରି ନାହାନ୍ତି। ଗତ ମାର୍ଚ୍ଚ ୩୧ ତାରିଖରେ ଅନ୍ତିମ ଦିବସ ଥିଲା। ଫଳଲେ ଚାଷୀ ମାନେ ସେମାନଙ୍କ ଅମଳ ଧାନ ଫସଲ ବିକ୍ରି ନେଇ ଚିନ୍ତାରେ ଅଛନ୍ତି। ଚାଷୀଙ୍କ ସମସ୍ୟା ନେଇ ବିଜେଡି ଦଳ ପକ୍ଷରୁ ବାରମ୍ବାର ରାଜ୍ୟ ଓ ପ୍ରଶାସନ ନିକଟରେ ଦାବି କରାଯାଇ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ଆସନ୍ତା ସୋମବାର କୋରାପୁଟ ଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବା ଗତକାଲି



ରାତିରେ ଜୟପୁର ବ୍ଲକ କୁମୁଲିପୁଟ ଠାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରା, କୃଷକ କଲ୍ୟାଣ ମଞ୍ଚର ସମ୍ପାଦକ ନରେନ୍ଦ୍ର ପ୍ରଧାନ, ଜୟପୁର ବ୍ଲକ କଂଗ୍ରେସ ସଭାପତି ବିନୋଦ ପାତ୍ର, ବାଲିଙ୍କି ରାଓ, ଟୁନା ରଥ, ତ୍ରିନାଥ ମୁଦୁଲିଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ଶ୍ରୀକ୍ଷେତ୍ର ସିଟି

୨୨/୪/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୭୦,୯୨୭/- ସୁନା:୦୧.୧୦୦ ଗ୍ରାମ୍ ରୁପା: ୧୫.୦୦୦ ଗ୍ରାମ୍



**୬ ବର୍ଷର ଶିଶୁକୁ ଦୁଷ୍କର୍ମ ଘଟଣା**

## ପୀଡ଼ିତା ବାପା-ମା'ଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

- ପୀଡ଼ିତାଙ୍କ ଗାଁକୁ ଗଲେ, ଏସ୍‌ପିଙ୍କ ସହ ଆଲୋଚନା କଲେ
- ଅଭିଯୁକ୍ତ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାଦ ଦାବି ରଖିଲେ
- ଅଭିଯୁକ୍ତ ଧରାପଡ଼ିଛି, ଖୁବ୍‌ଶୀଘ୍ର ଚାର୍ଜସିଟ୍ ଦାଖଲ ହେବ: ଏସ୍‌ପି

ପୁରୀ/ବ୍ରହ୍ମଗିରି,୨୨।୪(ସମିସ): ପୁରୀ ଜିଲ୍ଲା ବ୍ରହ୍ମଗିରି ସାତପଡ଼ା ଅଞ୍ଚଳରେ ଜଣେ ୬ ବର୍ଷର ଶିଶୁକୁ ଦୁଷ୍କର୍ମ ଘଟଣା ଏବେ ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି। ବ୍ରହ୍ମଗିରି ଅଞ୍ଚଳରେ ଏହିଭଳି ଗୋଟିକ ପରେ ଗୋଟିଏ ଘଟଣା ଆଇନ ଶୃଙ୍ଖଳା ବ୍ୟବସ୍ଥାର ବାସ୍ତବ ଚିତ୍ରକୁ ପଦାରେ ପକାଇ ଦେଇଛି। ଏହି ଲଜ୍ଜାଜନକ ଘଟଣା ଲୋକଲୋଚନକୁ ଆସିବା ପରେ ରାଜ୍ୟରେ ମହିଳା ଓ ଶିଶୁଙ୍କ ସୁରକ୍ଷା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଅଭିଯୋଗ ଆଣିଥିବା ବିଜୁ ଜନତା ଦଳର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ବୁଧବାର ପୁରୀ ଆସି ପୀଡ଼ିତାଙ୍କ ବାପା-ମା'ଙ୍କୁ ଭେଟିଛନ୍ତି। ଏଥିସହ ପୀଡ଼ିତାଙ୍କ ଗାଁକୁ ଯାଇ ତାଙ୍କ ଜେଜେ ମା' ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଶେଷରେ ଏସ୍‌ପିଙ୍କୁ ସାକ୍ଷାତ୍ କରି ଏହି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇ ଅଭିଯୁକ୍ତ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ବିଜୁ ଜନତା ଦଳର ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀରେ ଥିବା ରାଜ୍ୟସଭା ସାଂସଦ ସୁଲତା ଦେଓ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ମହିଳା ନେତ୍ରୀ ପୁଷ୍ପାଞ୍ଜଳି ରଣା, ବ୍ରହ୍ମଗିରି ବ୍ଲକ୍ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷ ମାଳିନୀ ଦଳାଇ, ଜିଲ୍ଲା ମହିଳା ନେତ୍ରୀ ମାନସୀ ହରିଚନ୍ଦନ, ସସ୍ମିତା ସାହୁ ପ୍ରଥମେ ଜିଲ୍ଲା ଜଜ୍ କୋର୍ଟରେ ପୀଡ଼ିତାଙ୍କ ବାପା-ମା'ଙ୍କୁ ଭେଟି ଘଟଣା ସମ୍ପର୍କରେ ସେମାନଙ୍କଠାରୁ ବୁଝିଥିଲେ। ପରେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ କୃଷ୍ଣପ୍ରସାଦ ବ୍ଲକ୍



ପୀଡ଼ିତାଙ୍କ ଗାଁକୁ ଯାଇଥିଲେ। ସେଠାରେ ପୀଡ଼ିତାଙ୍କ ଜେଜେ ମା' ଏବଂ ଗ୍ରାମବାସୀଙ୍କୁ ଭେଟି ଆଲୋଚନା କରିଥିଲେ। ଗାଁ ଲୋକେ ମଧ୍ୟ ସମ୍ପୂର୍ଣ୍ଣ ସମର୍ଥନ ଦେଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି କହିଥିଲେ। ସେଠରୁ ଫେରିବା ପରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ଏସ୍‌ପି ପ୍ରତୀକ୍ ସିଂଙ୍କ ସହିତ ସାକ୍ଷାତ୍ କରିଥିଲେ। ପୁରୀ ଜିଲ୍ଲା ବିଶେଷକରି ବ୍ରହ୍ମଗିରି ଅଞ୍ଚଳରେ କିପରି ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି ଏବଂ ୬ ବର୍ଷର ଶିଶୁକୁ ଦୁଷ୍କର୍ମ କରାଯିବା ଭଳି ଲଜ୍ଜାଜନକ ଘଟଣା ଜିଲ୍ଲାକୁ ବଦ୍‌ନାମ କରିଛି ବୋଲି କହିଥିଲେ। ଅଭିଯୁକ୍ତ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଦାବି କରିଥିଲେ। ଏହି ଅବସରରେ ଘଟଣାକୁ ନେଇ ବିଜେଡି ପ୍ରତିନିଧି ମଣ୍ଡଳୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବ୍ରହ୍ମଗିରି ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୋଇଥିବାବେଳେ ନିକଟରେ ବାଲିହରଚଣ୍ଡୀ ପୀଠରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା। ନିକଟରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ଶିକ୍ଷକ ଦୁଷ୍କର୍ମ କରିଥିବା ଅଭିଯୋଗ ଉଠିଥିବାବେଳେ ଏବେ ଜଣେ ୬ ବର୍ଷର ଶିଶୁକୁ ଦୁଷ୍କର୍ମ କରାଯାଇଛି। ଏଭଳି ଲଜ୍ଜାଜନକ ଘଟଣା ସମୟରେ ବ୍ରହ୍ମଗିରି ବିଧାୟିକା ପୀଡ଼ିତାଙ୍କ ପରିବାରକୁ ଭେଟି ଆଶ୍ୱାସନା ଦେବା ପରିବର୍ତ୍ତେ ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାରରେ ବ୍ୟସ୍ତ ଅଛନ୍ତି। ତିନି ମାଙ୍କଡ଼ର ଉପାଖ୍ୟାନ ଦେଇଥିବା ବ୍ରହ୍ମଗିରି ବିଧାୟିକା ନିଜେ କେଉଁ ମାଙ୍କଡ଼ ବୋଲି ତାଚ୍ଛଲ୍ୟ କରିଛନ୍ତି ବିଜେଡି ରାଜ୍ୟସଭା ସାଂସଦ ସୁଲତା ଦେଓ। ନା ସେ କିଛି ଦେଖିପାରୁଛନ୍ତି, ଶୁଣି ପାରୁଛନ୍ତି ନା କହିପାରୁଛନ୍ତି? ଡବଲ ଇଞ୍ଜିନ ସରକାରରେ ରାଜ୍ୟରେ ପ୍ରତିଦିନ ନାରୀ ନିର୍ଯାତନା, ଅତ୍ୟାଚାର, ଦୁଷ୍କର୍ମ ଘଟଣା ବଢ଼ି ବଢ଼ି ଚାଲିଛି। ନାରୀ ବନ୍ଦନର ସ୍ଲୋଗାନ ଦେଇଥିବା ଡବଲ ଇଞ୍ଜିନ ସରକାରରେ ନାରୀ ରୋଦନ କରୁଛି। ନାରୀ ଆଖିରୁ ଲୁହ ପୋଛିବାକୁ କେହି ନାହାଁନ୍ତି। ଓଡ଼ିଶାର ଅବସ୍ଥା ଏବେ କ'ଣ ଏହିଭଳି ଘଟଣା ହିଁ ସ୍ପଷ୍ଟ କରୁଛି ବୋଲି ଶ୍ରୀମତୀ ଦେଓ କହିଛନ୍ତି। ସେହିପରି ଶ୍ରୀ ଦାସବର୍ମା କହିଛନ୍ତି, ରାଜ୍ୟରେ ମହିଳା ଓ ଶିଶୁଙ୍କ ସୁରକ୍ଷା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏହାକୁ ନେଇ ବିଜେଡି ବାରମ୍ବାର ସ୍ୱର ଉତ୍ତୋଳନ କରିଆସୁଥିଲେ ମଧ୍ୟ ସରକାର ବିହିତ କାର୍ଯ୍ୟାନୁଷ୍ଠାନ ବଦଳରେ ନିଦାବିଷ୍ଟ ସାଜିଛନ୍ତି। ଅନ୍ୟପକ୍ଷରେ ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, ଅଭିଯୁକ୍ତ ଶିବାଜୀ ବେହେରାକୁ ଗିରଫ କରାଯାଇଛି। ପୁରୀ କୋର୍ଟରେ ବିଏନ୍‌ଏସ୍‌ର ୧୮୩ ଧାରାରେ ନାବାଳିକାର ବୟାନ ରେକର୍ଡ ହୋଇଛି। ସମସ୍ତ ତଥ୍ୟ, ପ୍ରମାଣ ଆଧାରରେ ପୁଲିସ ଖୁବ୍‌ଶୀଘ୍ର ଚାର୍ଜସିଟ୍ ଦାଖଲ କରିବ।

## ଶ୍ରୀରାମାନୁଜାଚାର୍ଯ୍ୟଙ୍କ ଜୟନ୍ତୀ ପାଳିତ

**ପରିକ୍ରମା ଶୋଭାଯାତ୍ରାରେ ସାମିଲ୍ ହେଲେ ବିଭିନ୍ନ ରାଜ୍ୟର ସାଧୁସନ୍ଥ, ଶ୍ରଦ୍ଧାଳୁ**

ପୁରୀ,୨୨।୪(ସମିସ): ଶ୍ରୀରାମଚନ୍ଦ୍ର ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ ବାଲିସାହିସ୍ଥିତ ଜିୟର ସ୍ୱାମୀ ମଠ ପରିସରରେ ଟ୍ରଷ୍ଟର ଅଧ୍ୟକ୍ଷ ତଥା ଜିୟର ସ୍ୱାମୀ ମଠ ମହନ୍ତ ସ୍ୱାମୀ ଇନ୍ଦିରା ରମଣ ରାମାନୁଜ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଗଦ୍‌ଗୁରୁ ଶ୍ରୀରାମାନୁଜାଚାର୍ଯ୍ୟଙ୍କ ୧୦୧୦ତମ ଜୟନ୍ତୀ ମହୋତ୍ସବ ମଠ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ କର୍ଣ୍ଣାଟକର ଅହୋବିଲ ଜିୟର ସ୍ୱାମୀ ମଠର ମଠାଧୀଶ ତଥା ତାମିଲନାଡୁରେ ଅବସ୍ଥାନ କରୁଥିବା ଜଗଦ୍‌ଗୁରୁ ଶ୍ରୀରାମାନୁଜାଚାର୍ଯ୍ୟ ସ୍ୱାମୀ ରଙ୍ଗନାଥ ମହାଦେଶିକ ମୁଖ୍ୟଅତିଥି ରୂପେ ଯୋଗଦେଇ ମଠରେ ଥିବା ଜଗଦ୍‌ଗୁରୁଙ୍କ ପ୍ରତିମା ଦର୍ଶନ କରିବା ସହିତ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ସାଧୁସନ୍ଥଙ୍କୁ ଫଳ ପ୍ରସାଦ ପ୍ରଦାନ ପୂର୍ବକ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ରାମାନୁଜ ସମ୍ପ୍ରଦାୟର ବିଭିନ୍ନ ମଠ ତରଫରୁ ପନ୍ତି ଭୋଗ କରାଯାଇଥିଲା। ଟ୍ରଷ୍ଟର ସଦସ୍ୟ ମହନ୍ତ ଡ. ବିଜୟ ନାରାୟଣ



ରାମାନୁଜ ଦାସ, ପୁରୀର ଉତ୍ତର ପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ଦାସ, ଦକ୍ଷିଣ ପାର୍ଶ୍ୱ ମଠ ମହନ୍ତ ରଘୁନନ୍ଦନ ରାମାନୁଜ ଦାସ, ସିଦ୍ଧ ମଠର ମହନ୍ତ, ପଣ୍ଡିତ ମଠର ମହନ୍ତ, ସମାଧି ମଠର ମହନ୍ତ ରଙ୍ଗନାଥ ରାମାନୁଜ ଦାସଙ୍କ ସମେତ ବିଭିନ୍ନ ରାଜ୍ୟରୁ ଜଗଦ୍‌ଗୁରୁ, ସାଧୁସନ୍ଥ, ଆଚାର୍ଯ୍ୟ ସାମିଲ୍ ହୋଇଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସଦସ୍ୟ ସୁଦର୍ଶନ ରାମାନୁଜା ଦାସ, ସୁରେଶ ଶର୍ମା, ରମେଶ ଶର୍ମା, ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ ସହଯୋଗ କରିଥିଲେ।

**ଭକ୍ତକବି ସାଲବେଗଙ୍କ ମହାପ୍ରୟାଣ ଦିବସ**

## ସାଲବେଗ ହିନ୍ଦୁ ଓ ମୁସଲ୍‌ମାନ ଉଭୟ ସଂସ୍କୃତିର ସମ୍ମିଳିତ କୀର୍ତ୍ତିସ୍ତମ୍ଭ

ପୁରୀ,୨୨।୪(ସମିସ): ଭକ୍ତ ସାଲବେଗଙ୍କ ସମାଧି ପୀଠ ସଭାଗୃହରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶିଶୁ କିଶୋର ପତ୍ରିକା 'ଟିକିତାରା' ମିଳିତ ସହଯୋଗରେ ଓଡ଼ିଆ ସାହିତ୍ୟର ବରେଣ୍ୟ ଚିରନମସ୍ୟ ଓ ବନ୍ଦନୀୟ ଭକ୍ତକବି ସାଲବେଗଙ୍କ ମହାପ୍ରୟାଣ ଦିବସ ଏକାଡେମୀ ସହ ସଚିବ ସଞ୍ଜୟ କୁମାର ଛୁଆଳସିଂହଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ସ୍ମୃତିଚାରଣ ସଭାରେ ବିଶିଷ୍ଟ ସାହିତ୍ୟିକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟଅତିଥି, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଶୁକଦେବ ମହାନ୍ତି ବିଶିଷ୍ଟ ଅତିଥି, ସମାଜସେବୀ ଚକ୍ରଧର ମହାପାତ୍ର ସମ୍ମାନିତ ଅତିଥି ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ସପ୍ତଦଶ ଶତାବ୍ଦୀର ଓଡ଼ିଆ କବି ସାଲବେଗ, ହିନ୍ଦୁ ଓ ମୁସଲମାନ ଉଭୟ ସଂସ୍କୃତିର ଏକ ସମ୍ମିଳିତ କୀର୍ତ୍ତିସ୍ତମ୍ଭ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହିତ ଅସୁମାରି ଓଡ଼ିଆ ଭଜନ ଓ ଜଣାଣର ସ୍ରଷ୍ଟା ସେ ଜାତୀୟ ଆନ୍ଦୋଳନର ଏକ ଲୋକପ୍ରିୟ ଓ ସୁପରିଚିତ ନାମ ହୋଇ କାଳକାଳକୁ ଯଶ ରଖିଯାଇଛନ୍ତି। ଏହି ଅବସରରେ ଭକ୍ତକବି ସାଲବେଗଙ୍କ ରଚନାରୁ କେତୋଟି ଭଜନ ଓ ଜଣାଣ ଗୁରୁ ଶକ୍ତି ପ୍ରସାଦ ନାୟକଙ୍କ ନିର୍ଦ୍ଦେଶନାରେ ସର୍ବାଣୀ ଦାସ, ସିପାଲୀ ସେଠୀ, ପ୍ରଜ୍ଞା ପାରମିତା ମିଶ୍ର, ମୀନା କୁମାରୀ ମିଶ୍ର, ସିପ୍ରାନ ସେଠୀ, ଶ୍ରେୟା ସଲୋନୀ ମହାପାତ୍ର, ବିଶ୍ୱଜିତ୍ ମହାପାତ୍ର ପ୍ରମୁଖ ପରିବେଷଣ କରିଥିଲେ। ଏକାଡେମୀର ସହ ସଚିବ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଏହି ଉତ୍ସବରେ ଡ. ହେମନ୍ତ କୁମାର ଛୋଟରାୟ, ଚନ୍ଦ୍ରଶେଖର ମହାରଣା, ବିଜୟଲକ୍ଷ୍ମୀ ଦାଶ ମିଶ୍ର, ରୀତା ବାରିକ, ହରିଶଙ୍କର ମିଶ୍ର, ରମେଶ ଚନ୍ଦ୍ର ଦାଶ, ସନ୍ତୋଷ ମହାନ୍ତି, ଡ. ନୃସିଂହ ଚରଣ ସାହୁ, ଅଶୋକ ମହାନ୍ତି, ଜାନକୀ ବଲ୍ଲଭ ଦାଶ, ମହେଶ୍ୱର ଜେନା, ମହେନ୍ଦ୍ର ଦାଶ, କଳ୍ପନା ମିଶ୍ର, ପ୍ରବାସିନୀ ମିଶ୍ର, କ୍ରିଷ୍ଣା ମହାପାତ୍ର, ପ୍ରତ୍ୟାଶା ମହାପାତ୍ର, ପୌର୍ଣ୍ଣମାସୀ ଦେବୀ, ଶଙ୍ଖମିତ୍ର ସିଂହାରୀ, ଅନନ୍ତ ପ୍ରଧାନ, ବିଶ୍ୱବନ୍ଧୁ ଦାଶ, ପ୍ରମୋଦ ପ୍ରଧାନ, ଲାଲା ଅନନ୍ତ କୁମାର ସିଂହ, ଯୋଗେଶ୍ୱର ନାୟକ, ସତ୍ୟଭାମା ନାୟକ, ସୁକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଟିକିତାରା ସମ୍ପାଦକ ବିପିନ ବିହାରୀ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।



କମାର ସେବକମାନେ ଦୋଳବେଦୀଠାରେ ପ୍ରସ୍ତୁତ ଶାଳକୁ ବିଧି ପ୍ରକାରେ ପୂଜା କରି ଅଗ୍ନି ସଂଯୋଗ କରିବା ସହ ସନ୍ଧ୍ୟାରେ ଅରକଣ୍ଠା ପ୍ରସ୍ତୁତି ଆରମ୍ଭ କରିଛନ୍ତି।

**■ ଅପରାଧ ସମୀକ୍ଷା ବୈଠକ**

## ଜନସାଧାରଣଙ୍କ ସୁରକ୍ଷା ପୁଲିସର ସର୍ବୋଚ୍ଚ ପ୍ରାଥମିକତା

ପୁରୀ,୨୨।୪(ସମିସ): ପୁରୀ ପୁଲିସ ଦ୍ୱାରା ଏପ୍ରିଲ ମାସର ଅପରାଧ ସମୀକ୍ଷା ବୈଠକ ମଙ୍ଗଳବାର ପୁଲିସ ମୁଖ୍ୟାଳୟରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ପ୍ରତୀକ୍ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର, ଦେବ ପ୍ରତାପ, ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକଙ୍କ ସହିତ ସମସ୍ତ ସବ୍‌ଡିଭିଜନର ଅଧିକାରୀ, ସମସ୍ତ ଥାନାଧିକାରୀ ଓ ଅନ୍ୟାନ୍ୟ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ଗତ ମାସର ଅପରାଧ ପରିସ୍ଥିତି, ଚାଲୁଥିବା ମାମଲାଗୁଡ଼ିକର ତଦନ୍ତର ଅଗ୍ରଗତି, ଆଇନଶୃଙ୍ଖଳା ପରିସ୍ଥିତି ଓ ଅପରାଧ ନିୟନ୍ତ୍ରଣ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଏଥିସହ ଅପରାଧ ନିୟନ୍ତ୍ରଣରେ ଉନ୍ନତ ରଣନୀତି ଅନୁସରଣ କରିବା, ତଦନ୍ତକୁ ଶୀଘ୍ର ଓ ଦୃଢ଼ କରିବା, କୋର୍ଟରେ ମାମଲାଗୁଡ଼ିକୁ ସୁଦୃଢ଼ ଭାବେ ପ୍ରସ୍ତୁତ କରିବାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

ଏସ୍‌ପି ଶ୍ରୀ ସିଂ ସମସ୍ତ ଥାନା ଅଧିକାରୀଙ୍କୁ ଅପରାଧ ନିୟନ୍ତ୍ରଣ, ଆଇନଶୃଙ୍ଖଳା ରକ୍ଷା ଓ ଜନସାଧାରଣଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମୟ ମଧ୍ୟରେ ଚାର୍ଜସିଟ୍ ଦାଖଲ ଏବଂ ଦୃଢ଼ ସାକ୍ଷ୍ୟ ପ୍ରଦାନ ଉପରେ ଜୋର୍ ଦେଇଥିଲେ। ଆଧୁନିକ ପୁଲିସିଂ ପ୍ରଣାଳୀକୁ ଆହୁରି ସକ୍ରିୟ କରିବା ପାଇଁ ସିସିଟିଭି ମନିଟରିଂ, ସାଇବର ଟୁଲ୍, ଡିଜିଟାଲ ତଦନ୍ତ ପ୍ରଣାଳୀ ଓ ଡାଟା ବିଶ୍ଳେଷଣର ବ୍ୟବହାର ବଢ଼ାଇବାକୁ କୁହାଯାଇଥିଲା। ସନ୍ଦେହଜନକ ବ୍ୟକ୍ତି ଓ ଅପରାଧ ପ୍ରବଣ ଅଞ୍ଚଳରେ ନିୟମିତ ଚେକିଂ, ପାଟ୍ରୋଲିଂ ଓ ଇଣ୍ଟେଲିଜେନ୍ସ ସଂଗ୍ରହକୁ ଶକ୍ତିଶାଳୀ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ପୁରୀ ଜିଲ୍ଲା ଏକ ବିଶ୍ୱପ୍ରସିଦ୍ଧ ଧାର୍ମିକ ଓ ପର୍ଯ୍ୟଟନସ୍ଥଳ ହୋଇଥିବାରୁ ପର୍ଯ୍ୟଟକମାନଙ୍କ ସୁରକ୍ଷା, ଟ୍ରାଫିକ୍ ପରିଚାଳନା ଓ ରଥଯାତ୍ରା ପାଇଁ ପୂର୍ବ ପ୍ରସ୍ତୁତି ଉପରେ ବିଶେଷ ଆଲୋଚନା କରାଯାଇଥିଲା। ସେଥିପାଇଁ ସମସ୍ତ ଅଧିକାରୀଙ୍କୁ ଆଗୁଆ ଯୋଜନା, ଫୋର୍ସ ବ୍ୟବସ୍ଥାପନା ଓ ଟ୍ରାଫିକ୍ ନିୟନ୍ତ୍ରଣରେ ଶୃଙ୍ଖଳାବଦ୍ଧ ଭାବେ କାମ କରିବାକୁ କୁହାଯାଇଥିଲା।

## ଶ୍ରମ କୋଡ୍ ପ୍ରତ୍ୟାହାର ଦାବିରେ 'ସିଟୁ'ର ବିକ୍ଷୋଭ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ**

ପୁରୀ,୨୨।୪(ସମିସ): ଶ୍ରମ କୋଡ୍ ପ୍ରତ୍ୟାହର, ସ୍ଥାୟୀ ନିଯୁକ୍ତି ଓ ମଜୁରୀ ୨୬ ହଜାର ଟଙ୍କା, ଶ୍ରମିକ କର୍ମଚାରୀମାନଙ୍କୁ ବେଆଇନ ଗିରଫ ପ୍ରତିବାଦରେ ବୁଧବାର ସିଟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିକ୍ଷୋଭକାରୀମାନେ କହିଛନ୍ତି ଯେ, ମୋଦୀ ସରକାରଙ୍କ କର୍ପୋରେଟ୍‌ପ୍ରୀତି ନାହିଁ। ଶ୍ରମ କୋଡ୍‌ରେ ଇପିଏଫ୍, ଇଏସ୍‌ଆଇ ଶ୍ରମିକ ପାଇଁ ଇଚ୍ଛାଧୀନ ହେଲା। ଫଳରେ ସାମାଜିକ ନିରାପତ୍ତା ପାଇବେ ନାହିଁ ଶ୍ରମିକ। ଶ୍ରମ ଅଫିସ ତା' ପାଇଁ କେବଳ ବୁଝାମଣା ଅଫିସ ଭାବେ କାର୍ଯ୍ୟ କରିବ। ଆଇନଗତ ଭାବେ ମାଲିକ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଏଣୁ ୮ ଘଣ୍ଟିଆ ଶ୍ରମ ଦିବସ, ମାସିକ ମଜୁରି ୨୬ ହଜାର ଟଙ୍କା, ଖାଲିଥିବା ପଦରେ ସ୍ଥାୟୀ ନିଯୁକ୍ତି,




ମାଲିକ ସପକ୍ଷରେ ଶ୍ରମ କୋଡ୍ ଆଣି ଶ୍ରମିକର ଅଧିକାର ଅପହରଣ କରିଛନ୍ତି। ଶ୍ରମିକ ଓ କର୍ମଚାରୀ ଯଦି ଦରମା, ଇପିଏଫ୍, ଇଏସ୍‌ଆଇ, ଗ୍ରାଚ୍ୟୁଇଟି ମାଗୁଛନ୍ତି ତାଙ୍କୁ ଛଟେଇ ଧମକ ଦିଆଯାଉଛି। ଆନ୍ଦୋଳନ ପ୍ରତିବାଦ କଲେ ମିଥ୍ୟା ମାମଲାରେ ପୁଲିସ ଲଗାଇ ବାନ୍ଧିଛନ୍ତି। ଯାହା ଦିଲ୍ଲୀ, ହରିୟାଣା ସମେତ ବିଭିନ୍ନ ସ୍ଥାନରେ ଶ୍ରମିକମାନଙ୍କ ଗିରଫଦାରୀକୁ ନିନ୍ଦା କରିଛି ସିଟୁ। ବୁଧବାର ପୁରୀ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରତିବାଦ କରିବାବେଳେ ନେତୃତ୍ୱମାନେ କହିଥିଲେ, ଶ୍ରମିକମାନଙ୍କୁ ଠିକାରେ କାମରେ ଲଗାଇ ଶ୍ରମ ଶୋଷଣ କରୁଛି ବିଜେପି ସରକାର। ଏବେ ୮ରୁ ୧୨ ଘଣ୍ଟା ଶ୍ରମ ଦିବସ ପାଇଁ ସରକାର ଘୋଷଣା କଲେ। ହେଲେ ଦରମା ବଢ଼ିଲା ସମାନ କାମକୁ ସମାନ ଦରମା, ଆଉଟ୍‌ସୋର୍ସିଂ ପ୍ରଥା ଉଚ୍ଛେଦ, ଶ୍ରମ କୋଡ୍ ପ୍ରତ୍ୟାହର, ଅଟୋ ଚାଳକଙ୍କ ପାଇଁ କଲ୍ୟାଣ ବୋର୍ଡ, ଚାଳକମାନଙ୍କ ଉପରେ ବେଆଇନ ଜରିମାନା ବନ୍ଦ, ଦିଲ୍ଲୀ, ହରିୟାଣାରେ ଗିରଫ ଶ୍ରମିକ ଓ କର୍ମଚାରୀଙ୍କୁ ଖଲାସ ସହ ମିଥ୍ୟା ମୋକଦ୍ଦମା ପ୍ରତ୍ୟାହର, ପ୍ରବାସୀ ଶ୍ରମିକମାନଙ୍କୁ ଏଲ୍‌ପିଜି ସିଲିଣ୍ଡର ଯୋଗାଇବା ପାଇଁ ଦାବିପତ୍ର ଦିଆଯାଇଛି। ଏଥିରେ ସିଟୁ ପୁରୀ ଜିଲ୍ଲା ସମ୍ପାଦକ ଶରତ କୁମାର ରାୟଗୁରୁ, ଜଗନ୍ନାଥ ଦେଓ, ଟୁନା ନାୟକ, ସୁନୀଲ ମହାରଣା, ଟୁନା ବାରିକ, ଦାଶରଥି ସାହୁ, ରଶ୍ମିତା ଗୋଛିକାର, ପୂର୍ଣ୍ଣ ମୁଦୁଲି, ବାହନ ପରିଡ଼ା, ଅନୀଲ ସୁବୁଦ୍ଧି, ଦେବ ସାହୁ, ସୁଜାତା ବିଶ୍ୱାସ ପ୍ରମୁଖ ଡବଲ ଇଞ୍ଜିନ ସରକାରଙ୍କ ଜନ ବିରୋଧୀ ଓ ଶ୍ରମିକ ବିରୋଧୀ ଆଇନକୁ ସମାଲୋଚନା କରିଥିଲେ।

## ସ୍ୱତନ୍ତ୍ର ଦର୍ଶନ ସୁବିଧା ଦାବିରେ ପଦଯାତ୍ରା ଜାରି



**କେବେ ସରକାରଙ୍କ ନିଦ ଭାଙ୍ଗିବ ?**

ପୁରୀ,୨୨।୪(ସମିସ): ପୁରୀ ସହର ଓ ସଦରବାସୀଙ୍କୁ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ଖୋଦ୍ ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଏସ୍‌ପି ସମସ୍ତେ ପୁରୀବାସୀଙ୍କ ଏହି ନ୍ୟାଯ୍ୟ ଦାବି ବିଷୟରେ ଅବଗତ ଅଛନ୍ତି। ହେଲେ ସମସ୍ତେ ଚେଇଁ ଶୋଇଥିବା ଅଭିନୟ କରୁଛନ୍ତି। କିନ୍ତୁ ପୁରୀବାସୀ ସେମାନଙ୍କ ହକ୍ ହାସଲ ଜିଦ୍‌ରେ ଅଟଳ ରହିଛନ୍ତି। ଜାରି ରହିଛି ସଚେତନତା ପଦଯାତ୍ରା। ଏପ୍ରିଲ୍ ପହିଲାରୁ ଆରମ୍ଭ କରାଯାଇଥିବା ସଚେତନତା ପଦଯାତ୍ରା ବୁଧବାର ୨୨ ଦିନରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ଦାବି କରିବା ସହ କେବେ ସରକାରଙ୍କ ନିଦ ଭାଙ୍ଗିବ ବୋଲି କହିଥିଲେ। ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ସୁକାନ୍ତ ପଣ୍ଡା, ସରସ୍ୱତୀ ପାତ୍ର, କାହ୍ନୁ ଚରଣ ପ୍ରଧାନ, ପ୍ରକାଶ ଚନ୍ଦ୍ର ନାୟକ, ପବିତ୍ରା ନାୟକ, ନିବେଦିତା ରାୟ, ବିଶ୍ୱନାଥ ମିଶ୍ର, ପ୍ରତିଭା ନାୟକ, ସନ୍ତୋଷ ସେନାପତି, ନିହାରିକା ତ୍ରିପାଠୀ, ସୁମିତ୍ରା ବାରିକ, ମନୋଜ ସାମଲ, ସନ୍ଧ୍ୟାରାଣୀ ମିଶ୍ର, ଯାଦବାନନ୍ଦ ରାୟ, ପ୍ରଣତୀ ରାୟ, ଅରୁଣା ପଟ୍ଟନାୟକ, ରାଜା ମହାନ୍ତି, ବାସନ୍ତୀ ବେହେରା, ମିନାକ୍ଷୀ ଦାସ, ସୁଷମା ଦେବନାଥ, କିଶୋର ଦାସ, ଜଗନ୍ନାଥ ମହାନ୍ତି, ନୃସିଂହନାଥ ନାୟକ ପ୍ରମୁଖ ସାମିଲ୍ ଥିଲେ।

**ଡିସେମ୍ବର ୧୩ରେ କୋଷ୍ଟାଲ ମାରାଥନ୍**

# ବିଜେତାଙ୍କୁ ମିଳିବ ୧ କୋଟି ପୁରସ୍କାର ରାଶି

ପୁରୀ,୨୨।୪(ସମିସ): କୋଷ୍ଟାଲ ମାରାଥନ ଓଡ଼ିଶା ପର୍ଯ୍ୟଟନକୁ ଅଧିକ ଋଦ୍ଧିମନ୍ତ କରିବ। ଏହି ମାରାଥନ ପୁରୀରେ ଆସନ୍ତା ଡିସେମ୍ବର ୧୩ ତାରିଖ ଦ୍ୱିତୀୟ ରବିବାର ଅନୁଷ୍ଠିତ ହେବ। ମାରାଥନର ବିଜେତାଙ୍କୁ ୧ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଓଡ଼ିଶା ପର୍ଯ୍ୟଟନ ବିଭାଗ ଏବଂ ଓଏମ୍‌ସି ସହଯୋଗରେ ପୁରୀ କୋଷ୍ଟାଲ ମାରାଥନ ନାମରେ ଏକ ମେଗା ବା ବୃହତ୍ ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସଚେତନତା ଉଦ୍ଦେଶ୍ୟରେ ବୁଧବାର ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ଠାରୁ ତାଜ୍ ହୋଟେଲ ପର୍ଯ୍ୟନ୍ତ ମାରାଥନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଯୋଗଦେଇ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ



ଦ୍ୱାରା ବାଲୁକା କଳାରେ ପ୍ରସ୍ତୁତ ଏହି ଲୋଗୋକୁ ଉଦ୍‌ଘାଟନ କରିଥିଲେ। ପରେ ଉପମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥିମାନେ ବ୍ଲୁ ଫ୍ଲାଗ୍ ବିଚ୍‌ରେ ପତାକା ଦେଖାଇ ମାରାଥନ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ମାରାଥନ ଅଂଶଗ୍ରହଣକାରୀମାନେ ପହଞ୍ଚିବା ପରେ ତାଜ୍ ହୋଟେଲ ପରିସରରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ନୂତନ ଟ୍ୟାଗ୍ ଲାଇନ୍ "ଥିଙ୍କ୍ ଇଣ୍ଡିଆ, ଥିଙ୍କ୍ ଓଡ଼ିଶା'କୁ ଉନ୍ମୋଚନ କରାଯାଇଥିଲା। ଓଡ଼ିଶା ପର୍ଯ୍ୟଟନ ବିଭାଗ ଓଏମ୍‌ସି ଦ୍ୱାରା ହେବାକୁ ଥିବା ଏହି କୋଷ୍ଟାଲ ମାରାଥନରେ ଭାଗ ନେବା ପାଇଁ ବିଭିନ୍ନ କ୍ରୀଡ଼ାବିତ୍‌ମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା।

ମୁଖ୍ୟଅତିଥି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ତାଙ୍କ ବକ୍ତବ୍ୟରେ ପର୍ଯ୍ୟଟନ ଆମ ଜୀବନ ରେଖା। ପୁରୀ ପାଇଁ ମହାପ୍ରଭୁଙ୍କ ଦର୍ଶନ ସହ ପର୍ଯ୍ୟଟନ ପାଇଁ ଲୋକମାନେ ଆସିଥା'ନ୍ତି। ତେଣୁ ଆମକୁ ଏପରି ଭାବେ ପର୍ଯ୍ୟଟନର ବିକାଶ କରିବାକୁ ପଡ଼ିବ, ଯାହା ଅଧିକ ପର୍ଯ୍ୟଟକଙ୍କୁ ଅଧିକ ଦିନ ପର୍ଯ୍ୟନ୍ତ ପୁରୀ ଓ ଓଡ଼ିଶାରେ ରହିବାକୁ ଉତ୍ସାହିତ କରିବ ବୋଲି କହିଥିଲେ। ପୂର୍ବାପେକ୍ଷା ପର୍ଯ୍ୟଟନ ବିଭାଗର ବଜେଟକୁ ବୃଦ୍ଧି କରି ହଜାରେ କୋଟିରେ ପହଞ୍ଚାଯାଇଛି। ପର୍ଯ୍ୟଟନକୁ ଆଉ ସିକ୍ରେଟ ଭାବେ ନ ରଖି ସାର୍ବଜନୀନ କରି ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ବିଭିନ୍ନ ସ୍ଥାନରେ ଏହିଭଳି ଡମି ମାରାଥନ ମାଧ୍ୟମରେ ସଚେତନ ଓ ଆଗ୍ରହ ସୃଷ୍ଟି ପାଇଁ ଉଦ୍ୟମ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଓଡ଼ିଶାରେ ପର୍ଯ୍ୟଟନର ବିପୁଳ ଭଣ୍ଡାର ରହିଥିବାବେଳେ ଏହାର ବିକାଶ ଓ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବାର ପ୍ରୟାସ ସ୍ୱାଗତଯୋଗ୍ୟ। ଏହାଦ୍ୱାରା ଆର୍ଥିକ ଅଗ୍ରଗତି ଘଟିବା ସହ ରାଜ୍ୟ, ଜିଲ୍ଲା ଓ ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହନ ମିଳିବ ବୋଲି କହିଥିଲେ। ଏହି ଅବସରରେ ରାଜ୍ୟ ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂ, ଡିଏଫ୍‌ଓ ଧନଜ ରାକୋସ ମଗର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ କ୍ରୀଡ଼ାବିତ୍‌ମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

**'କୋଷ୍ଟାଲ ମାରାଥନ୍ ଓଡ଼ିଶା ପର୍ଯ୍ୟଟନକୁ ଅଧିକ ଋଦ୍ଧିମନ୍ତ କରିବ'**

## ମାଙ୍କଡ଼ ଆକ୍ରମଣରେ ଗର୍ଭବତୀ ମହିଳା ଆହତ

ନିରାକାରପୁର,୨୨।୪(ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବନାଞ୍ଚଳ ଅଧୀନରେ ଥିବା ନିରାକାରପୁର ଅଞ୍ଚଳରେ ମାଙ୍କଡ଼ଙ୍କ ଉତ୍ପାତ ଦେଖିବାକୁ ମିଳିଛି। ମାତ୍ର ୨୪ ଘଣ୍ଟା ମଧ୍ୟରେ ଦୁଇ ଦୁଇ ଜଣଙ୍କୁ ରକ୍ତାକ୍ତ କରିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ବନ ବିଭାଗର ନିଷ୍କ୍ରିୟତାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗତକାଲି ଜଣେ ବୃଦ୍ଧଙ୍କୁ ଆକ୍ରମଣ କରିଥିବାବେଳେ ଆଜି ଗର୍ଭବତୀ ମହିଳା ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ନିରାକାରପୁର ମଞ୍ଜାରିଆପାଟଣା ଗ୍ରାମର ଧ୍ୱଜ ବାରିକ (୬୫)ଙ୍କୁ ମାଙ୍କଡ଼ ଆକ୍ରମଣ କରିଥିବାବେଳେ ବୁଧବାର ସେହି ଗ୍ରାମରେ ବାପା ଘରକୁ ଆସିଥିବା ଜଣେ ଗର୍ଭବତୀ ମହିଳା ମୋନାଲିସା ଭୋଇ (୨୫)ଙ୍କୁ ମାଙ୍କଡ଼ ଆକ୍ରମଣ କରିଥିବା ଜଣାପଡ଼ିଛି। ତାଙ୍କୁ ତୁରନ୍ତ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୂର୍ବରୁ ଏହି ଅଞ୍ଚଳରେ ମାଙ୍କଡ଼ ଆକ୍ରମଣରେ ପ୍ରାୟ ୪୦ରୁ ଅଧିକ ଲୋକ ଶିକାର ହୋଇ ସାରିଲେଣି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବନ ବିଭାଗ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁନଥିବାରୁ ଅସନ୍ତୋଷ ବଢୁଥିବା ଜଣାପଡ଼ିଛି।

## ପୂର୍ବ ଶତ୍ରୁତାରୁ ଖଣ୍ଡା ଚୋଟ

ଜଟଣୀ,୨୨।୪(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଟଣୀରେ ପୁଣି ବୁଲିଲା ଖଣ୍ଡା। ଆଜି ଜଣେ ଯୁବକ କେତେକ ଅସାମାଜିକ ବ୍ୟକ୍ତିଙ୍କ ଖଣ୍ଡା ଚୋଟରେ ଲହୁଲୁହାଣ ହୋଇଛନ୍ତି। ହାତରେ ଲାଗିଛି ଗୁରୁତର ଆଘାତ। ବୁଧବାର ସନ୍ଧ୍ୟାରେ ଜଟଣୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ଏହି ଘଟଣା ଘଟିଛି। ବାଛରା ଗ୍ରାମର ସିଦ୍ଧାନ୍ତ ବେହେରା ଓରଫ ଗୁଡୁ ନାମକ ଜଣେ ଯୁବକଙ୍କୁ ରାଜାବଜାର ଅଞ୍ଚଳର କିଛି ଅସାମାଜିକ ଯୁବକ ଖଣ୍ଡାରେ ଆକ୍ରମଣ କରିଥିବା ଜଣାପଡିଛି। ଆହତ ଯୁବକଙ୍କ ହାତ ପାପୁଲିରେ ଗଭୀର ଆଘାତ ଲାଗିଥିବା ବେଳେ ପ୍ରଥମେ ଜଟଣୀ ମେଡିକାଲ ଏବଂ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଆହତ ଗୁଡୁଙ୍କ ସହ ଅଭିଯୁକ୍ତମାନଙ୍କର ପୂର୍ବ ଶତ୍ରୁତା ରହିଥିବା ଏବଂ ଅଭିଯୁକ୍ତଙ୍କ ନାମରେ କିଛି ଦିନ ପୂର୍ବରୁ ଜଟଣୀ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ତେବେ ଆଜି ସନ୍ଧ୍ୟାରେ ଘଟିଥିବା ଏହି ଆକ୍ରମଣ ଘଟଣାରେ ଥାନାରେ କୌଣସି ଅଭିଯୋଗ ହୋଇନଥିବା ପୁଲିସ ସୂତ୍ରରୁ ପ୍ରକାଶ।

## ୪୧ କେଜି ଗଞ୍ଜେଇ ଜବତ; ୩ ଗିରଫ

ଖୋର୍ଦ୍ଧା,୨୨।୪(ସମିସ): ବୋଲଗଡ ପୁଲିସ ୫୭ନଂ ଜାତୀୟ ରାଜପଥ ପାଶ୍ୱର ମଙ୍ଗଳା ମନ୍ଦିର ନିକଟ ରୁ ଗଞ୍ଜେଇ ବୋଝେଇ ଏକ କାର କୁ ଜବତ କରିଛି। କାର ଭିତରୁ ପୁଲିସ ୪୧.୫୦୦ଗ୍ରାମ ଓଜନର ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ପୁଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ଫୁଲବାଣୀ ସଦର ଥାନା ଅଂଚଳର ପଦ୍ମଚରଣ ଦିଗାଲ (୩୦), ରାକେଶ କୁମାର ପ୍ରଧାନ (୧୯) ଏବଂ ବୋଲଗଡ ଚୁଡା ର ପ୍ରେମାନନ୍ଦ ସାହୁ (୩୨)।

ପୁଲିସ ସୂଚନା ଅନୁସାରେ, ନୟାଗଡ ଦିଗରୁ ଏକ କାର୍ ରେ ଗଞ୍ଜେଇ ବୋଝେଇ ହୋଇ ଆସୁଥିବା ବିଶେଷସୂତ୍ରରୁ ପୁଲିସ ଖବର ପାଇଥିଲା। ଉକ୍ତ ଗାଡିକୁ ଧରିବା ଲାଗି ଥାନା ଅଧିକାରୀ ସୁକାନ୍ତ କୁମାର ଦଳେଇ ଙ୍କ ନେତୃତ୍ୱର ଏକ ଟିମ୍ ମଙ୍ଗଳା ମନ୍ଦିର ନିକଟରେ ଛପି ରହିଥିଲା। ଓଡି.୦୨ଏସି-୧୨୯୯ ନଂ ବିଶିଷ୍ଟ କାର ଆସବାମାତ୍ରେ ପୁଲିସ ତାକୁ ଅଟକାଇ ଯାଂଚ କରିଥିଲା। ଯାଂଚବେଳେ ବେଆଇନ ଗଞ୍ଜେଇ ଚାଲାଣ ହେଉଥିବା ପୁଲିସ ଜାଣିବାକୁ ପାଇଥିଲା। ଗାଡି ଭିତରୁ ୨ଟି ଜରିବସ୍ତାରେ ବନ୍ଧା ହୋଇଥିବା ୪୧.୫୦୦ଗ୍ରାମ ଓଜନର ଗଞ୍ଜେଇ କୁ ଜବତ କରିଛି। ଯାହାର ମୂଲ୍ୟ ୪ଲକ୍ଷ ୧୦ହଜାର ହେବ ବୋଲି ପୁଲିସ ଆକଳନ କରିଛି। ଗିରଫ ୩ଜଣଙ୍କୁ ୧୬୪/୨୪ରେ ଏକ ମାମଲା ରୁଜୁ କରି ପୁଲିସ କୋର୍ଟ ଚାଲାଣ କରିଛି।

## ବରଯାତ୍ରୀରେ ଆସି ଗୁଳିଚଳାଇବା ଘଟଣା; ୨ ଗିରଫ

ଖୋର୍ଦ୍ଧା,୨୨।୪(ସମିସ): ମଙ୍ଗଳବାର ଅପରାହ୍ନରେ ପଲ୍ଲା ଇସ୍କନ ମନ୍ଦିର ନିକଟରେ ବରଯାତ୍ରୀରେ ଆସି ଗଣ୍ଡଗୋଳ କରିବା ଓ ଫାଙ୍କା ଗୁଳିଚାଳନା କରିବା ଅଭିଯୋଗରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ମୁକୁନ୍ଦପ୍ରସାଦ ର ଫରଦିନ୍ ଖାନ୍ (୨୨) ଓ ଅହମ୍ମଦ ଅଲ୍ଲୀ ଖାନ୍ (୧୯)। ସେମାନଙ୍କ ଠାରୁ ପୁଲିସ ଏକ ବାଇକ୍ ଓ ବନ୍ଧୁକ ଜବତ କରିଛି। ଏହି ଘଟଣାରେ ପୁଲିସ ୨୨୩/୨୬ରେ ଏକ ମାମଲା ରୁଜୁ କରି ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମାମଲା ର ତଦନ୍ତଭାର ଏସଆଇ ବସନ୍ତ ପଟ୍ଟନାୟକଙ୍କୁ ଦିଆଯାଇଛି। ଘଟଣା ର ମୁଖ୍ୟ ଅଭିଯୁକ୍ତ ଏବେ ଫେରାର ରହିଥିବାବଳେ ତାକୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ସଞ୍ଜୟ ନାୟକ ପ୍ରକାଶ କରିଛନ୍ତି।

## ଲୁଟ୍ ଓ ଆକ୍ରମଣ ଅଭିଯୋଗରେ ୨ ଗିରଫ

ଜଟଣୀ,୨୨।୪(ସମିସ): ଜଟଣୀ ଥାନା ଦେଉଳବସ୍ତ ଗ୍ରାମର ଦେବାଶିଷ ରାୟଙ୍କ ଘରେ ଲୁଟପାଟ କରିବା ସହିତ ତାଙ୍କ ବୃଦ୍ଧ ପିତାଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୁଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଟଣୀ ଥାନା ବେଣାପଞ୍ଜାରୀ ଗ୍ରାମର ଅବଜାନ ଖାନ ଓ ଅମିରୁଦିନ ଖାନ ବୋଲି ପୁଲିସ ସୂତ୍ରରୁ ପ୍ରକାଶ। ଦେଉଳବସ୍ତ ଗ୍ରାମର ଦେବାଶିଷ ରାୟଙ୍କ ଘରେ ଗତ ୨୦୨୧ ମସିହା ମାର୍ଚ୍ଚ ମାସ ୭ ତାରିଖ ରାତ୍ର ସାଢେ ୨ଟା ସମୟରେ



ବେଣାପଞ୍ଜାରୀ ଗ୍ରାମର ଅବଜାନ ଏବଂ ଅମିରୁଦିନ ଦୁହେଁ ତାଙ୍କ ଘରର କବାଟ ଭାଙ୍ଗି ପଶିଥିଲେ. ଘରେ ଥିବା ନଗଦ ୧୫ ହଜାର ଟଙ୍କା, ସୁନା ଅଳଙ୍କାର, ମୋବାଇଲ ଫୋନ ଏବଂ ଏଟିଏମ କାର୍ଡ ଲୁଟି ନେଇଥିଲେ। ଏହି ଘଟଣାରେ ପୁଲିସ ଉକ୍ତ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ବେଳେ ଚୋରି ସାମଗ୍ରୀ ଉଦ୍ଧର ହୋଇନାହିଁ. ଏନେଇ ଜଟଣୀ ଥାନାରେ ୧୨୬/୨୧ରେ ମାମଲା ରୁଜୁ ହୋଇଛି।

### ଟ୍ରକ୍ ଟ୍ରକ୍ ମୁରୁଜମାଟି ଚାଲାଣ; ରାଜସ୍ୱ ହାନି

# ସଫା ହରାଉଛି ବରକନ୍ୟା ପାହାଡ଼!

ଖୋର୍ଦ୍ଧା/ଗମ୍ଭାରୀମୁଣ୍ଡା,୨୨।୪(ସମିସ)



ଜିଲ୍ଲାରେ ଲଘୁ ଖଣିଜ ସମ୍ପଦ ହରିଲୁଟ ଚାଲିଛି। ମାଫିଆମାନେ ଦୈନିକ ଶହ ଶହ ଟ୍ରକରେ ମୋରମ, ମୁରୁଜ ମାଟି, ବାଲି ଚାଲାଣ କରୁଛନ୍ତି। ବେଆଇନ ଭାବେ ପାହାଡ଼ ଖନନ ଚାଲିଛି। ଏଠାରୁ ଲଘୁଖଣିଜ ସମ୍ପଦ ଜିଲ୍ଲା ତଥା ଜିଲ୍ଲା ବାହାରକୁ ଚାଲାଣ ହେଉଛି। ପ୍ରଶାସନର ବାରମ୍ବାର ଚଢଉ, ଜରିମାନା ଆଦାୟ ସତ୍ତ୍ୱେ ଏଥିରେ କୌଣସି ଫରକ ପଡୁନାହିଁ। ବରଂ ଏହା ବଢିବାରେ ଲାଗିଛି। ଏମାନଙ୍କ ନଜରରେ ସରକାରୀ ଏବଂ ଗୋଚର ଜମି ଉପରେ ରହିଛି। ଚିଲିକା ଠାରୁ ଆରମ୍ଭ କରି ଭୁବନେଶ୍ୱର ତଳି ଅଂଚଳ ପର୍ଯ୍ୟନ୍ତ ସବୁଠି ବେଆଇନ ଭାବେ ଲଘୁଖଣିଜ ସମ୍ପଦ ଚାଲାଣ ଚାଲିଛି। ପ୍ରଶାସନ ସବୁଜାଣି ଚୁପ। ବଡବଡିଆ ଓ ରାଜନେତାଙ୍କ ଛତ୍ରଛାୟା ତଳେ ରହି ମାଫିଆମାନେ ଦିନରାତି ଲୁଟ କରିବାରେ ଲାଗିଛନ୍ତି।

**ମାଫିଆ ଖସୁଛନ୍ତି ନା ଖସାଇ ଦିଆଯାଉଛି? ବଡ଼ବଡ଼ିଆ ଓ ରାଜନେତାଙ୍କ ହାତ**

ପ୍ରକାଶ ଥାଉକି, ବାଣପୁର ତହସିଲ ଦେଓଗାଁ ପଞ୍ଚାୟତ ଓଡ଼ଗାଁ ଗ୍ରାମ ନିକଟସ୍ଥ ଶୁଳିଆପଲ୍ଲୀ ମୌଜା ରେ ରହିଛି ବରକନ୍ୟା ପାହାଡ। ସବୁଜ ବନାନୀରେ ଭର୍ତି ପାହାଡ ଏବେ ମାଫିଆଙ୍କ ଯୋଗୁଁ ଲଣ୍ଡା ହୋଇଛି। ଏହି ପାହାଡ଼ର ମାଟି ହେଉଛି ମୁରୁଜ ମାଟି, ଯାହାର ଚାହିଦା ଅନେକ। ଗୋଟେ ହାଇୱା ସାଧା ମାଟିର ମୂଲ୍ୟ ୪ହଜାରରୁ ଉର୍ଦ୍ଧ୍ୱ ରହିଥିବାବେଳେ ଉକ୍ତ ସ୍ଥାନରେ ଗୋଟେ ହାଇୱା (୬ଚକିଆ) ମୁରୁଜ ମାଟିର ଚୋରା ମୂଲ୍ୟ ୩ ରୁ ସାଢ଼େ ୩ହଜାରରେ ବିକ୍ରି ହେଉଛି। ଏହି ମାଟିରେ ପଡ଼ିଛି ମାଫିଆଙ୍କ ଲୋଲୁପ ଦୃଷ୍ଟି। ପ୍ରଶାସନ ଏବଂ ପୁଲିସର କେତେଜଣ ଅସାଧୁ କର୍ମଚାରୀଙ୍କୁ ହାତବାରିସି କରି ଦିନରାତି ମୁରୁଜ ମାଟି ହରିଲୁଟ କରିଚାଲିଛନ୍ତି ମାଫିଆ। ବିଶେଷତଃ ଘରକାମ, ରାସ୍ତକାମ, ସରକାରୀ କାମ ପ୍ରଭୃତି ରେ ବ୍ୟବହାର ହେଉଛି ଏହି ଚୋରା ମୁରୁଜ ମାଟି। ପାହାଡ଼ର କେଇ ମାତ୍ର ଦୂରରେ ରହିଛି ବାଣପୁର ଥାନା, କୋର୍ଟ, ଅଗ୍ନିଶମ ବିଭାଗ ପ୍ରଭୃତି ସରକାରୀ କାର୍ଯ୍ୟାଳୟ। ଏଥିସହିତ କିଛିଦୂରରେ ମଧ୍ୟ ଏକ ଶିକ୍ଷାନୁଷ୍ଠାନ ରହିଛି। ତଥାପି ସରକାରୀ କର୍ମଚାରୀ ପାହାଡ଼ ଖନନ ସମ୍ପର୍କରେ ଅଜ୍ଞ ରହିବା ଘଟଣା ସମସ୍ତଙ୍କୁ ଚକିତ କରୁଛି। ସେହିପରି ପାହାଡ଼ ନିକଟରେ ଓଡ଼ଗାଁ, ହଳନ୍ଦା, କୋଳଥଡିହ ପ୍ରଭୃତି ୩ଟି ଗାଁ ରହିଛି। ଯାହାର ଲୋକ ସଂଖ୍ୟା ପ୍ରାୟ ସାଢ଼େ ୩ହଜାରରୁ ଉର୍ଦ୍ଧ୍ୱ ହେବ। ପାହାଡରୁ ମାଟି ଖନନ ଯୋଗୁଁ ନିକଟରେ ଥିବା ଜନବସତିରେ ଏହାର କୁପ୍ରଭାବ ପଡୁଛି। ଘର ଦ୍ୱାର ଓ ଆଖପାଖ ଅଞ୍ଚଳ ଧୂଳିଧୂସର ହେଉଛି। ଗଛପତ୍ର ରେ ଧୂଳିବସି ରହୁଥିବାବେଳେ ପାହାଡ ନିକଟ ଘର ଲୋକଙ୍କ ଦୁଃଖ କହିଲେ ନସରେ।

ତେବେ ଦୀର୍ଘ ପ୍ରାୟ ୭ବର୍ଷ ତଳୁ ଏହି ପାହାଡ ର ଲିଜ୍ ଅବଧି ଶେଷ ହୋଇଥିବାବେଳେ ବେଆଇନଭାବେ ଦିନରାତି ଏଠାରୁ ମାଫିଆମାନେ ମୁରୁଜ ମାଟିକୁ ଚୋରା ଚାଲାଣ କରୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଯେଉଁମାନେ ଏହି କାରବାର ପଛର ମୁଖ୍ୟ କାର୍ପେଟଦାର ସେମାନଙ୍କୁ ଧରିବାରେ ପ୍ରଶାସନ ଅକ୍ଷମ। ମାଟି ଚୋରା ଚାଲାଣ ପଛରେ ରାଜନୈତିକ ବ୍ୟକ୍ତି, ବଡବଡିଆଙ୍କ ହାତ ରହିଛି। ପ୍ରଶାସନ ହେଉ କି ପୁଲିସ ସବୁ ଜାଣି ଚୁପ ବସିଛନ୍ତି। ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ଏଥିରେ କୌଣସି ଫରକ ପଡୁନଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବାଣପୁର ତହସିଲଦାର ଟି. ପଦ୍ମନାଭ ଦୋରାଙ୍କୁ ପଚାରିବାରେ ସେ ମୁରୁଜମାଟି ଚୋରା ଚାଲାଣ ସମ୍ପର୍କରେ ଅବଗତ ନଥିଲି। ଆସିଥିବା ଅଭିଯୋଗର ତଦନ୍ତ କରାଯାଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି

### ସାମ୍ବାଦିକ ପଦ୍ମନାଭ ବିଶ୍ୱାଳଙ୍କୁ ଆକ୍ରମଣ ଘଟଣା

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏସ୍‌ପିଙ୍କୁ ଫେରାଦ

ଖୋର୍ଦ୍ଧା,ଟାଙ୍ଗୀ,୨୨।୪(ସମିସ): ଜଣେ ବରିଷ୍ଠ ସାମ୍ବାଦିକ ତଥା ଟାଙ୍ଗୀ ବ୍ଲକ୍ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କୁ ଆକ୍ରମଣ ଘଟଣାରେ ଶତାଧିକ ସାମ୍ବାଦିକ ଏସ୍‌ପିଙ୍କୁ ଭେଟି ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି କରିଛନ୍ତି। ଏକ ଖବର ପରିବେଷଣକୁ କେନ୍ଦ୍ରକରି ବଡ଼ପାରୀ ପଞ୍ଚାୟତ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ ତାଙ୍କ ଘରେ ପଶି ଗାଳିମନ୍ଦ କରିବା ଓ ହତ୍ୟାଧମକ ଦେବା ଦେଇଥିଲେ। ଏହାର ପ୍ରତିବାଦରେ ଆଜି ଖୋର୍ଦ୍ଧା ତଥା ଟାଙ୍ଗୀ ବ୍ଲକସ୍ତରୀୟ ସାମ୍ବାଦିକ ଏସ୍‌ପିଙ୍କୁ ଭେଟି ଅଭିଯୁକ୍ତଙ୍କ ବିରୁଦ୍ଧରେ କଡ଼ା ପଦକ୍ଷେପ ନେବାକୁ ଦାବି କରିଥିଲେ। ଏହି ମର୍ମରେ ସାମ୍ବାଦିକଙ୍କ ପ୍ରତିନିଧି ମଣ୍ଡଳୀ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ ଦାବିପତ୍ର ପ୍ରଦାନ କରି ୭ ଦିନ ଭିତରେ ପଦକ୍ଷେପ ନେବାକୁ



ଜଣାଇଛନ୍ତି। ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସଂଘର ଖୋର୍ଦ୍ଧା ଜିଲ୍ଲା ସଭାପତି ପ୍ରକାଶ ହାତୀ ଚେତାବେନୀ ଦେଇଛନ୍ତି। ଟାଙ୍ଗୀ ବ୍ଲକ୍ ସାମ୍ବାଦିକ ସଂଘର ସଭାପତି ତଥା ବରିଷ୍ଠ ନାଗରିକ ପଦ୍ମନାଭ ବିଶ୍ୱାଳ (୮୨) ଜଣେ ଶ୍ରମଜୀବୀ ବିବାହିତ ମହିଳାଙ୍କ ଆତ୍ମହତ୍ୟା ସମ୍ପର୍କିତ ଖବର ପ୍ରସାରଣ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଗତ ୧୬ ତାରିଖରେ ବଡ଼ପାରି ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ ଶ୍ରୀ ବିଶ୍ୱାଳଙ୍କ ଘରେ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ହତ୍ୟା କରି ନିଜେ ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଥିଲେ। ଏହି ଘଟଣାରେ ଜିଲ୍ଲା ମୁଖ୍ୟାଳୟର ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ ବୋଲି ଏସ୍‌ପି ଶ୍ରୀ ଶର୍ମା ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଖୋର୍ଦ୍ଧା ପ୍ରେସକ୍ଲବ ସଭାପତି ଶୁଭ୍ରାଂଶୁ ସାମନ୍ତରାୟ, ସମ୍ପାଦକ ଦିଲ୍ଲୀପ ପଟ୍ଟନାୟକ, ଓୟୁଜେ ଖୋର୍ଦ୍ଧା ଜିଲ୍ଲା ସଭାପତି ତପନ କୁମାର ନାୟକ, ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ (ଓୟୁଡବ୍ଲୁଜେ) ଖୋର୍ଦ୍ଧା ଜିଲ୍ଲା ସଭାପତି ପ୍ରକାଶ କୁମାର ହାତୀ, ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲା ସଭାପତି ଅବ୍ୟକ୍ତ ହରିହର ଖାଡେଙ୍ଗ ପ୍ରମୁଖଙ୍କ ସମେତ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘର ସଭାପତି ଶ୍ରୀ ବିଶ୍ୱାଳ, ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ପ୍ରଦୀପ କୁମାର ମହାପାତ୍ର, କୋଷାଧକ୍ଷ ଦାମୋଦର ସାହୁ, ଉମେଶ ପଟ୍ଟନାୟକ, ଆଲୋକ କୁମାର ମହାରଣା, ପ୍ରଦୀପ କୁମାର ସାହୁ, ମାନସ ପ୍ରଧାନ, ରଜନୀକାନ୍ତ ମିଶ୍ରଙ୍କ ସମେତ ଖୋର୍ଦ୍ଧା ପ୍ରେସ କ୍ଲବ୍ ଓ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ।

## ଜନଗଣନା କରିବାକୁ ଯାଇ ଆକ୍ରୋଶର ଶିକାର ହେଲେ ଶିକ୍ଷୟିତ୍ରୀ

ଟାଙ୍ଗୀ,୨୨।୪(ସମିସ): ଗୋବିନ୍ଦପୁର ପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଉଲ୍ଲାସିନୀ ଦେଇ ଜନଗଣନା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଶିକ୍ଷୟିତ୍ରୀ ଜଣକ ୟୁନିଫର୍ମ ପିନ୍ଧି ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପରିଚୟପତ୍ର ବେକରେ ଝୁଲାଇ ଟାଙ୍ଗୀ ଏନ୍‌ଏସି ଅଧୀନ ବାଟମଙ୍ଗଳା ସାହିରେ ଜନଗଣନା କରିବାକୁ ଯାଇଥିଲେ। ତେବେ ଶିକ୍ଷୟିତ୍ର ନିଜ କାର୍ଯ୍ୟ କରୁଥିବାବେଳେ ଜଣେ ଯୁବକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ଯୁବକଙ୍କୁ ଜନଗଣନା କାର୍ଯ୍ୟରେ ନିୟୋଜିତ ଶିକ୍ଷୟିତ୍ରୀ ନିଜର ପରିଚୟ ପତ୍ର ଦେଖାଇ ଥିଲେ ମଧ୍ୟ ସେ ତାହାକୁ ଭ୍ରୂକ୍ଷେପ ନକରି ଶିକ୍ଷୟିତ୍ରୀ ଜଣଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଏକ ବଡ଼ ପାଞ୍ଚଣରେ ପିଟିବାକୁ ଗୋଡ଼ାଇ ଥିଲେ। ଉକ୍ତ ଯୁବକ ଜଣକଙ୍କ ନାମ ଅକ୍ଷୟ ମଙ୍ଗରାଜ ବୋଲି ଜଣାପଡ଼ିଛି। ଟାଙ୍ଗୀ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ଜନଗଣନା କାର୍ଯ୍ୟରେ ନିୟୋଜିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶାସନ ତରଫରୁ ସୁରକ୍ଷା ଯୋଗାଇ ଦେବାକୁ ଦାବି କରାଯାଇଛି। ଅସହ୍ୟ ତାତିରେ ଜାତୀୟ କର୍ତ୍ତବ୍ୟରେ ନିୟୋଜିତ ଶିକ୍ଷକ ଭାଇ ଭଉଣୀମାନଙ୍କୁ ଆବଶ୍ୟକ ସୁବିଧା ଓ ସୁରକ୍ଷା ପ୍ରଦାନ କରିବା ପାଇଁ ଟାଙ୍ଗୀ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସଲିଳ କୁମାର ସ୍ୱାଇଁ, ସମ୍ପାଦକ ସନ୍ତୋଷ କୁମାର ବେହେରା, ଖୋର୍ଦ୍ଧା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ ଓ ଖୋର୍ଦ୍ଧା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଂଗଠନ ସମ୍ପାଦକ ସମରେଶ ବେହେରା ପ୍ରଶାସନକୁ ଅନୁରୋଧ କରିଛନ୍ତି।

## ପୂର୍ବତନ ବ୍ଲକ୍ ଅଧକ୍ଷା ମିନାକ୍ଷୀ ହରିଚନ୍ଦନଙ୍କ ପରଲୋକ



ନିରାକାରପୁର,୨୨।୪(ସମିସ): ଖୋର୍ଦ୍ଧା ଜିଲ୍ଲା ଜଣେ ଦକ୍ଷ ସଂଗଠିକା, କଂପୁର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଖୋର୍ଦ୍ଧା ବ୍ଲକର ପୂର୍ବତନ ଅଧକ୍ଷା ମିନାକ୍ଷୀ ହରିଚନ୍ଦନଙ୍କର ୭୪ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କର ବିୟୋଗ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେ କିଛି ଦିନ ହେବ ଅସୁସ୍ଥ ଥିବାବେଳେ ଗତକାଲି ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ତାଙ୍କ ପରଲୋକ ହୋଇଯାଇଥିଲା। ସେ ସ୍ୱର୍ଗତ ପ୍ରଫେସର ବିଜୟ କୁମାର ହରିଚନ୍ଦନଙ୍କ ଧର୍ମପତ୍ନୀ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଜ୍ୟେଷ୍ଠା କନ୍ୟା ଡାକ୍ତର ନମ୍ରତା ହରିଚନ୍ଦନ, ଜ୍ୟେଷ୍ଠ ପୁତ୍ର ବିକ୍ରାନ୍ତ ହରିଚନ୍ଦନ, କନିଷ୍ଠ ପୁତ୍ର ଆର୍ଯ୍ୟଦୀପ୍ତ ହରିଚନ୍ଦନ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଜଣେ ସଫଳ ଜନପ୍ରତିନିଧି ଭାବରେ ସେ ଦୀର୍ଘ ଦିନ ଧରି ଜନସେବାରେ ନିଜକୁ ନିୟୋଜିତ କରିଥିଲେ। କଂପୁର ପଞ୍ଚାୟତର ସରପଞ୍ଚ ଭାବେ ଗ୍ରାମାଞ୍ଚଳର ବିକାଶ ହେଉ କିମ୍ବା ଖୋର୍ଦ୍ଧା ବ୍ଲକ ଅଧକ୍ଷା ଭାବେ ପ୍ରଶାସନିକ ଦକ୍ଷତା, ସବୁଥିରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କର ମେଳାପୀ ଗୁଣ ଓ ସମାଜ ସେବା ପାଇଁ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

## ଅଗ୍ନି ନିର୍ବାପକ ସପ୍ତାହ ଉଦ୍‌ଯାପିତ

ବେଗୁନିଆ,୨୨।୪(ସମିସ): ବେଗୁନିଆ ସଦର ମହକୁମାସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟ ପକ୍ଷରୁ ଅଗ୍ନି ନିର୍ବାପକ ସୁରକ୍ଷା ସପ୍ତାହ ଉଦ୍‌ଯାପିତ ହୋଇଛି। ଏହା ଚଳିତ ମାସ ୧୪ ରିଖରୁ ଆରମ୍ଭ ହୋଇ ୨୦ ରିଖରେ ସମାପନ ହୋଇଥିଲା। ଏଥିରେ ଅଗ୍ନିବୀର ମୁସ୍ତାକିମ ମହମ୍ମଦଙ୍କ ନେତୃତ୍ୱରେ ଅଗ୍ନିବୀର ଦୁର୍ଯ୍ୟୋଧନ ସାହୁ ଓ ଶଶିକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ଗ୍ୟାସ ସିଲିଣ୍ଡର ଜନିତ ନିଆଁ



ଲିଭାଇବା କୌଶଳ, ତୈଳ ଜନିତ ନିଆଁ, ଆକସ୍ମିକ ଦୈବ ଦୁର୍ବିପାକ, ଅଗ୍ନି ନିର୍ବାପକ ସିଲିଣ୍ଡର ବ୍ୟବହାର ଓ ବିଭିନ୍ନ କୌଶଳ ଉପରେ ପ୍ରଶିକ୍ଷଣ ଦେବା ସହ ସଚେତନତା ସୃଷ୍ଟି କରିଥିଲେ। ଏହା ବେଗୁନିଆ, ବାଘମାରୀ, କଣ୍ଟାବାଡ଼ ଓ ପୋଡ଼ାଡିହ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସଚେତନତା ସୃଷ୍ଟି କରା ଯାଇଥିଲା।

## ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ

ନିରାକାରପୁର,୨୨।୪(ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ପ୍ରସିଦ୍ଧ ଟୁବୁରୀ ପାହାଡ଼ସ୍ଥିତ ଶ୍ରୀ ଶ୍ରୀ ମହାବୀର ଦେବଙ୍କ ପୀଠରେ ଚାଲିଥିବା ୨୯ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହୋତ୍ସବ ଆଜି ପୂର୍ଣ୍ଣାହୁତି ସହିତ ସମାପ୍ତ ହୋଇଯାଇଛି। ଗତ ଏପ୍ରିଲ ୧୩ ତାରିଖ ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆଜି ବୁଧବାର ଅପରାହ୍ନ ୪ଟାରେ ଶ୍ରଦ୍ଧାଳୁଙ୍କ ଗହଣରେ ବିଧିବଦ୍ଧ ଭାବେ ଉଦ୍‌ଯାପିତ ହୋଇଛି। ଏହି ନଅ ଦିନ ଧରି ମହନ୍ତ କମଳ ଲୋଚନ ଦାସ ମହାରାଜଙ୍କ ଆନୁକୂଲ୍ୟରେ ପ୍ରତିଦିନ ସକାଳ ୮ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ସାମୂହିକ ପାରାୟଣ ପାଠ କରାଯାଉଥିଲା। ସନ୍ଧ୍ୟା ସମୟରେ "ଶିବ ବିବାହ", "ରାମ ଜନ୍ମ", "ସୀତା ବିବାହ", "ରାମ ବନବାସ", "ହନୁମାନଙ୍କ ଲଙ୍କା ଦହନ" ଓ "ରାବଣ ବଧ" ପରି ପ୍ରସଙ୍ଗ ଉପରେ ବିଶିଷ୍ଟ ପ୍ରବକ୍ତା ପଣ୍ଡିତ ରାମଚନ୍ଦ୍ର ସିଦ୍ଧେଶ୍ୱର ଦାସ, କମଳେଶ ମହାରାଜା ଏବଂ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ମନୋଜ୍ଞ ପ୍ରବଚନ ପ୍ରଦାନ କରି ଶ୍ରଦ୍ଧାଳୁଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଆଜି ଅପରାହ୍ନ ୪ଟାରେ ଯଜ୍ଞ କୁଣ୍ଡରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି। ଏହି ସମୟରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ଠାକୁରଙ୍କ ଆଶିଷ ଲାଭ କରିଥିଲେ। ଆଜି ସନ୍ଧ୍ୟାରେ ଏକ ଭବ୍ୟ ଭଜନ ସମାରୋହର ଆୟୋଜନ କରାଯାଇଥିଲା। ମହନ୍ତ ପୀତାମ୍ବର ଦାସ ମହାରାଜ, ମହନ୍ତ ବିଶ୍ୱମ୍ଭର ଦାସଜୀ ମହାରାଜ ଏବଂ ଜଙ୍କିଆ, ବାଲିଗାଡ଼ିଆ ଓ ନୂଆଗାଁ ଗ୍ରାମବାସୀ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।



### ନିର୍ମାଣାଧୀନ ଓଭରବ୍ରିଜ ତଳେ ଆବର୍ଜନା ଜଳ

## ଜିଲ୍ଲାପାଳଙ୍କୁ ଭେଟିଲେ ସ୍ଥାନୀୟ ଲୋକ

ଖୋର୍ଦ୍ଧା,୨୨।୪(ସମିସ): ଗୁରୁଜଙ୍ଗ-ଉଇଲକିଶନ ନଗର ନୂତନ ନିର୍ମାଣଧୀନ ଓଭରବ୍ରିଜ ତଳ ପାଲଟିଛି ନର୍କକୁଣ୍ଡ। ଗୁରୁଜଙ୍ଗର ଦୁଇଟି ୱାର୍ଡର ଶୌଚାଳୟ ଓ ଡ୍ରେନ୍ ପାଣି ଏଠାରେ ଭାସିବା ଯୋଗୁଁ ପ୍ରାୟ ୨୦ଖଣ୍ଡ ଗାଁ ଲୋକଙ୍କ ଲାଗି ସମସ୍ୟା ପାଲଟିଛି ଏହି ରାସ୍ତା। ତେଣୁ ଏହି ରାସ୍ତାର ଏକ ସ୍ଥାୟୀ ସମାଧାନ ଦାବିରେ ଆଜି ସ୍ଥାନୀୟ ବାସିନ୍ଦା ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଅଭିଯୋଗ ଅନୁସାରେ, ଗୁରୁଜଙ୍ଗ-ଉଇଲକିଶନ ନଗର ରାସ୍ତାର ଗୁରୁଜଙ୍ଗ ଉପକଣ୍ଠରେ ନୂତନ ଓଭରବ୍ରିଜ୍ କାମ ନିର୍ମାଣ ଚାଲିଛି। ଏହି ଓଭର ବ୍ରିଜ୍ ତଳ ଲୋକଙ୍କ ପାଇଁ ସମସ୍ୟା ପାଲଟିଛି। ପୌରାଞ୍ଚଳ ଅନ୍ତର୍ଗତ ଗୁରୁଜଙ୍ଗ ୧୭ନଂ ଓ ୧୮ନଂ ୱାର୍ଡର ଆବର୍ଜନା ଜଳ ଏହି ବ୍ରିଜ୍ ତଳେ ଆଣ୍ଠୁଏ ଉଚ୍ଚରେ ଜମା ହୋଇ ରହୁଛି। ଫଳରେ ଉକ୍ତ ବ୍ରିଜ ତଳ ଦେଇ ଯାଉଥିବା ଉଇଲକିଶନ ନଗର, କୁମାରବସ୍ତ, ଅରାଙ୍ଗ, ମହୁଲ, ମଧୁପୁର, ମାଜଣା, ବିଞ୍ଝଗିରି, ପିତାପଲ୍ଲୀ, ଅଙ୍ଗାରପଡା, ମିନସିନପାଟଣା,



ପଳାସପୁର, ଛତାବର, ମେଣ୍ଢାଶାଳ, ମଦନପୁର, ଅରିସଲ, ଏମିତିକି କଟକ ବାରଙ୍ଗ ପର୍ଯ୍ୟନ୍ତ ଯାଉଥିବା ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବ୍ରିଜ ତଳଦେଇ ସାଧାରଣ ଲୋକ ଚାଲିକି ଯିବା ସମ୍ଭବ ହେଉନି। ଏପରିକି ଆମ୍ବୁଲାନ୍ସ ଗାଡି ଆସିଲେ କିଛି ସମୟ ଅପେକ୍ଷା କରିବାକୁ ପଡୁଛି। ଫଳରେ ଉକ୍ତ ବ୍ରିଜତଳ ଆବର୍ଜନା ପାଣିରେ ପ୍ରତିଦିନ ଅନେକ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ପଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ମାତ୍ର ଉକ୍ତ ରାସ୍ତାରୁ ଏହି ନର୍ଦ୍ଦମା ପାଣି କିଭଳି ନିଷ୍କାସନ କରାଯିବ ଏବଂ ଏହାର ସ୍ଥାୟୀ ଡ୍ରେନେଜ୍ କିପରି ବ୍ୟବସ୍ଥା କରାଯିବ ଏନେଇ ପୌରକର୍ତ୍ତୃପକ୍ଷ କିମ୍ବା ପୂର୍ତ୍ତ ବିଭାଗ ଆଡ ଆଖିରେ ଦେଖୁନଥିବାରୁ ଲୋକେ ହିନସ୍ତା ହେଉଛନ୍ତି। ଯାହାକୁ ନେଇ ସ୍ଥାନୀୟ ଲୋକମାନେ ଦୀର୍ଘ ମାସେ ହେବ ଅଭିଯୋଗ କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ତେଣୁ ଆଜି ପୁନର୍ବାର ସ୍ଥାନୀୟ ବାସିନ୍ଦା ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦେଇ ଏହାର ସ୍ଥାୟୀ ସମାଧାନ ଲାଗି ଅନୁରୋଧ କରିଛନ୍ତି। ସ୍ଥାନୀୟ ଅଂଚଳର ଯୁବ ସମାଜସେବୀ ଗୋପାଳକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଆକାଶ କୁମାର ବିଶ୍ୱାଳ, ପ୍ରକାଶ କୁମାର ହାତୀ, ଅକ୍ଷୟ କୁମାର ସାହୁ, ଦୀପକ ସୁନ୍ଦରାୟ, ମନୁଆ ପ୍ରଧାନ, ଧଡୁ ବଳିୟାରସିଂହ, ବିଭୁତିଭୁଷଣ ଦାସ ପ୍ରମୁଖ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ବେଉରାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଅଭିଯୋଗକୁ ଗୁରୁତର ସହ ଗ୍ରହଣ କରି ଶ୍ରୀ ବେଉରା କାର୍ଯ୍ୟ କରୁଥିବା ସମ୍ପୃକ୍ତ ଠିକାଦାର କୁ ଏହାର ସ୍ଥାୟୀ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

## ପ୍ରଦୀପ ମହାରଣାଙ୍କୁ 'ଶରତ ଚନ୍ଦ୍ର ଶିକ୍ଷକ ସମ୍ମାନ'

ନିରାକାରପୁର,୨୨।୪(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଶରତ ଚନ୍ଦ୍ର ପ୍ରଧାନ ସେବା ସଂସ୍ଥାନ ଆନୁକୂଲ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଶରତ ଚନ୍ଦ୍ର ପ୍ରଧାନଙ୍କ ତୃତୀୟ ଶ୍ରାଦ୍ଧ ଦିବସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଝରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ମହାରଣାଙ୍କୁ 'ଶରତ ଚନ୍ଦ୍ର ଶିକ୍ଷକ ସମ୍ମାନ-୨୦୨୬' ପ୍ରଦାନ କରାଯାଇଛି। ସ୍ୱର୍ଗତ ପ୍ରଧାନଙ୍କ ପୁତ୍ର ମୃତ୍ୟୁଞ୍ଜୟ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷାବିତ୍ ଦିବ୍ୟସିଂହ ତ୍ରିପାଠୀ ସଭାରେ ସଭାପତିତ୍ୱ କରିଥିଲେ। ପରେ ଶିକ୍ଷକ ଗୋପାଳ ସେନ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବଂଶୀଧର ଜଗଦେବ, ମୁଖ୍ୟ ବକ୍ତା ଭାବେ ଟାଙ୍ଗୀ ବ୍ଲକ ବିଇଓ ପ୍ରଦୀପ କୁମାର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ରାଜନେତା ତଥା ସଖା ସଂଘ କ୍ରୀଡ଼ା ସଂସଦର ସଭାପତି ବିପିନ କୁମାର ଜୟସିଂହ ଯୋଗ ଦେଇଥିଲେ। ସମାରୋହରେ ସାମ୍ବାଦିକ ଶ୍ୟାମ ସୁନ୍ଦର ପଟ୍ଟନାୟକ, ନାରାୟଣ ଶତପଥୀ, ରମାକାନ୍ତ ପୁରୋହିତ, କମଳ ଲୋଚନ ପ୍ରଧାନ, ରଜନୀ କାନ୍ତ ପରିଡ଼ା, କାଙ୍ଗାଳୀ ଚରଣ ବିଶୋଇ, ଅଦୈତ ପାଇକରାୟ, ଗଙ୍ଗାଧର ତ୍ରିପାଠୀ, ଅମ୍ଳାନ ପ୍ରହରାଜ,



ଗୌରୀ ଶଙ୍କର ବେହେରା, ପୂର୍ଣ୍ଣଚନ୍ଦ୍ର ମିଶ୍ର, ମଳୟ ମଙ୍ଗରାଜ, ନିଳାଦ୍ରୀ କୁମାର ସିଂହ, ରେଣୁବାଳା ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ମୃତ୍ୟୁଞ୍ଜୟ ପ୍ରଧାନ, ରଙ୍ଗନାଥ ପ୍ରଧାନ ଏବଂ କନ୍ୟା ସାବିତ୍ରୀ ପ୍ରଧାନ ପରିଚାଳନା କରିଥିଲେ। ବଡ଼ଝିଅ ଶୁଭଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ରାଜପଥରେ ନାକେଦମ୍ କଲା ରାସ୍ତା ଜାମ୍





ଭୁବନେଶ୍ୱର, ୨୨।୪(ସମିସ): ୧୬ ନମ୍ବର ଜାତୀୟ ରାଜପଥର ପଳାଶୁଣି ବ୍ରିଜ୍ ଉପରେ ଏକ ଟ୍ରକ ଜଳିଯିବାରୁ ଦୀର୍ଘ ସମୟ ଧରି ରାସ୍ତା ଜାମ୍ ହୋଇଯାଇଥିଲା। ଖବର ନେବାରୁ ଜଣାପଡ଼ିଛି ଯେ, ଟ୍ରକଟି ପାରାଦ୍ୱୀପରୁ ଆସୁଥିଲା। ଗାଡ଼ିରେ ଥିଲା ବିପୁଳ ସାବୁନ ଓ ରସାୟନିକ ସାମଗ୍ରୀ। ଟ୍ରକଟି ଗୁଜୁରାଟର ଅହମ୍ମଦାବାଦ ଯାଇଥାନ୍ତା। ଦିନ ବେଳେ ଜାତୀୟ ରାଜପଥରେ ଭାରୀଜାନ ଚଳାଚଳ ଉପରେ କଟକଣା ରହିଛି। ହେଲେ ଟ୍ରକ୍‌ଟି କିଭଳି ସହର ଭିତରକୁ ପ୍ରବେଶ କଲା। କିଏ ଏହାକୁ ଅନୁମତି ଦେଇଥିଲା। କେଉଁ ବାବୁମାନେ ଏହାକୁ ଅନୁମତି ଦେଇଥିଲେ। ତାହାକୁ ନେଇ ଏବେ ଆରମ୍ଭ ହୋଇଛି କଳ୍ପନା ଜଳ୍ପନା। ପୁଲିସ, ଆର୍‌ଟିଓଙ୍କ ଏଭିଳି କାରନାମା ଉପରେ ଲୋକଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଅନ୍ୟପକ୍ଷରେ ଜାତୀୟ ରାଜପଥରେ ନିୟମିତ ଦୁର୍ଘଟଣା ଘଟୁଛି। କମିସନରେଟ୍ ପୁଲିସ ପାଖରେ ଦୁର୍ଘଟଣା ମୁକାବିଲା କରିବାକୁ ନା ଦକ୍ଷ କର୍ମଚାରୀ ରହିଛନ୍ତି, ନା ଅତ୍ୟାଧୁନିକ ଯନ୍ତ୍ରପାତି ରହିଛି। ଗୋଟିଏ ପଟେ ରାସ୍ତାରୁ ଗାଡି ହଟୁ ନଥିଲା ବେଳେ କମିସନରେଟ୍ ପୁଲିସ ଡାଇଭର୍ଜନ କରିବାରେ ଅହେତୁକ ବିଳମ୍ବ କରିଦେଲା। ଫଳରେ ଫୁଲନଖରାରୁ ଗାଡ଼ିଗୁଡ଼ିକ ଭୁବନେଶ୍ୱର ମୁହାଁ ହୋଇ ଜାତୀୟ ରାଜପଥରେ ଏକତ୍ରିତ ହୋଇଗଲେ। ବହୁ ବିଳମ୍ବରେ କଟକରୁ ଭୁବନେଶ୍ୱର ଆସୁଥିବା ଗାଡ଼ି ଗୁଡ଼ିକୁ ବାଲିକୁଦା ପାଖରୁ ଜଟଣୀ ଦେଇ ଯିବାକୁ ନିର୍ଦ୍ଦେଶ ଦିଆଗଲା। ହେଲେ ସେତେବେଳକୁ ଭିଡ଼ ଅଣାୟତ୍ତ ହୋଇପଡ଼ିଥିଲା। ୩ଟାରେ ଅଗ୍ନିକାଣ୍ଡ ଘଟିଥିଲା ବେଳେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଡାଇଭର୍ଜନ କିମ୍ବା ଜାତୀୟ ରାଜପଥ ଭିଡ଼ ସମ୍ପର୍କରେ ସାଧାରଣ ଲୋକଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା। ୫ଟା କିମ୍ବା ୫ଟା ୨୪ରେ ଲୋକେ ପଳାଶୁଣି ରାସ୍ତାରେ ନ ଯିବା ପାଇଁ ଟ୍ରାଫିକ୍ ପକ୍ଷରୁ ସୂଚନା ପାଇଲେ।

ସେହିପରି କମିସନରେଟ୍ ପୁଲିସର ଟ୍ରାଫିକ୍ ବିଭାଗ ପଖରେ ଗୋଟିଏ କ୍ରେନ୍ କିମ୍ବା ହାଇଡ୍ରା ନାହିଁ, ଯାହାକୁ ବ୍ୟବହାର କରି ରାସ୍ତାରୁ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ତୁରନ୍ତ ହଟାଯାଇ ପାରିବ। ବୁଧବାର ଟ୍ରକ୍ ଟିକୁ ରାଜରାସ୍ତାରୁ ହଟାଇବାକୁ ଟ୍ରାଫିକ୍ ଅଧିକାରୀମାନେ ଭଡାରେ କ୍ରେନ୍ ଯୋଗାଡ଼ କରିବାକୁ ଗଲେ। ୨ ଘଣ୍ଟା ଧରି ସେମାନଙ୍କୁ କ୍ରେନ୍ ମିଳିଲା ନାହିଁ। ୨ ଘଣ୍ଟା ପରେ ଯେଉଁ କ୍ରେନ୍ ଆସିଲା ତାହା ଟ୍ରକ୍‌ଟିକୁ ହଟାଇ ପାରିଲା ନାହିଁ। ଏହାପରେ ଜାତୀୟ ରାଜପଥର କର୍ତ୍ତୃପକ୍ଷ ଏକ କ୍ରେନ୍ ପଠାଇଲେ। ହେଲେ ସେମାନଙ୍କ ଦ୍ୱାରା ପଠାଯାଇଥିବା କ୍ରେନ୍ ଏତେ ଦଦରା ଥିଲା ଯେ ତାହାର ଚେନ୍ ତୁରନ୍ତ ଛିଣ୍ଡି ଯାଇଥିଲା। ଗୋଟିଏ ପରେ ଗୋଟିଏ ଉପାୟ ଫେଲ୍ ମାରିବା ଦେଖି ଯିଏ ଯାହା ପାରିଲା ଉପଦେଶ ଦେବାରେ ଲାଗିଲା। ଆଉ ଟ୍ରାଫିକ୍ ବିଭାଗ ମଧ୍ୟ ସେଭଳି କାମ କାରି ଚାଲିଲେ। ଅନ୍ୟ କିଛି ଉପାୟ ନ ପାଇ ଜେସିବି ଲଗାଇ ଟ୍ରକ୍‌ଟିକୁ ଭଙ୍ଗି ଦେବାକୁ ଉଦ୍ୟମ କଲେ। କିନ୍ତୁ କିଛି ଲାଭ ହେଲା ନାହିଁ। ଶେଷର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ କିଛି ବ୍ୟକ୍ତିଙ୍କୁ ହାଇଡ୍ରା ପଠାଇବାକୁ ଟ୍ରାଫିକ୍ ବିଭାଗ ନେହୁରା ହେଲା। ସେମାନେ ୩ଟି ହାଇଡ୍ରା ପଠାଇ ଥିଲେ। ରାତି ପ୍ରାୟ ୯ଟା ୩୦ ମିନିଟ୍ ସମୟରେ ରାସ୍ତାରୁ ଟ୍ରକ୍‌ଟିକୁ ହଟାଇ ଦିଆଯାଇଥିଲା। ଗାଡ଼ି ହଟିବାର ୨ଘଣ୍ଟା ପର୍ଯ୍ୟନ୍ତ ଅଚଳାବସ୍ଥା ଜାରି ରହିଥିଲା। ରାତ୍ରି ପ୍ରାୟ ୧୨ଟା ସମୟରେ ପରିସ୍ଥିତି ସ୍ୱାଭାବିକ୍ ହୋଇଥିଲା।

## ମଦୁଆ ଡ୍ରାଇଭର୍‌ଙ୍କୁ ୬ ମାସ ଜେଲ୍

ଭୁବନେଶ୍ୱର, ୨୨।୪ (ସମିସ): ନିଶା ସେବନ କରି ଗାଡ଼ି ଚଳାଇବା ମହଙ୍ଗା ସାବ୍ୟସ୍ତ ହୋଇଛି। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ମଦ୍ୟପାନ କରି ଗାଡ଼ି ଚଳାଇବା ମାମଲାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଜେଏମଏଫସି - ୨ର ବିଚାରପତି ପ୍ରିୟଦର୍ଶିନୀ ତ୍ରିପାଠୀ ମଦ୍ୟପାନ କରି ଗାଡ଼ି ଚଳାଇଥିବା ଆସାମୀ ସ୍ମାରକୀ ରଞ୍ଜନ ପାତ୍ରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁସାରେ, ୨୦୨୩ ମସିହା ଡିସେମ୍ବର ୨୯ ତାରିଖ ରାତିରେ ଚନ୍ଦ୍ରଶେଖରପୁର ଥାନା ପକ୍ଷରୁ ଡମଣା ଛକ ନିକଟରେ ଏମଭି ଆକ୍ଟ ଅନୁଯାୟୀ ଯାନବାହାନ ଯାଞ୍ଚ ଚାଲିଥିଲା। ସ୍ମାରକୀ ଏକ ଧଳା ହୋଣ୍ଡା ସିଟି କାରରେ ଅତ୍ୟଧିକ ଦ୍ରୁତଗତିରେ ଓ ଅବହେଳାପୂର୍ଣ୍ଣ ଭାବରେ ଡମଣା ଛକ ଦିଗକୁ ଆସୁଥିଲେ। ସବ୍ ଇନ୍ସପେକ୍ଟର ସିଦ୍ଧାର୍ଥ ରଞ୍ଜନ ଜାଲି କାରଟିକୁ ଅଟକାଇଥିଲେ। ଯାଞ୍ଚ କରିବାରୁ, ଡ୍ରାଇଭର ସ୍ମାରକୀ ମଦ୍ୟପାନ କରିଥିବା ଓ ଯାନ ଉପରେ ସଠିକ୍ ନିୟନ୍ତ୍ରଣ ରଖିପାରୁନଥିବା ଜଣାପଡ଼ିଥିଲା। ଶ୍ୱାସ ବିଶ୍ଳେଷକ ପରୀକ୍ଷାରେ ୭୨/୧୦୦ ମିଲି ଆଲକୋହଲ୍ ଥିବା ସ୍ପଷ୍ଟ ହୋଇଥିଲା। ସାକ୍ଷୀମାନଙ୍କ ସମ୍ମୁଖରେ ଯାନଟିକୁ ଜବତ କରିବା ସହ ଏସ୍‌ଆଇ ସିଦ୍ଧାର୍ଥ ରଞ୍ଜନ ଜାଲି ଥାନାରେ ଏତଲା ଦେଇଥିଲେ। ଚନ୍ଦ୍ରଶେଖରପୁର ଥାନା କେସ୍ ନଂ-୬୬୩/୨୩ ରେ ମାମଲା ରୁଜୁ କରିଥିଲା। ଏଏସ୍‌ଆଇ ହେନା ବିଶ୍ୱାଳ ତଦନ୍ତ କରି ସ୍ମାରକୀଙ୍କୁ କୋର୍ଟ ଚାଲାଣ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ଘଟଣା ସହିତ ସମ୍ପୃକ୍ତ ସାକ୍ଷୀମାନଙ୍କ ଜମାନବନ୍ଦୀ ଓ ପ୍ରାସଙ୍ଗିକ ଦଲିଲପତ୍ର ଅଧ୍ୟୟନ କରି ବିଚାର କାର୍ଯ୍ୟ ସମାପ୍ତ କରିଥିଲେ। ତାଙ୍କ ରାୟରେ ଅଭିଯୁକ୍ତଙ୍କୁ ଆଇପିସି ଧାରା ୨୭୯ ଓ ମୋଟର ଯାନ ଆଇନର ଧାରା ୧୮୫ ଅନୁଯାୟୀ ୬ ମାସର ସରଳ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବିଜନ ବିହାରୀ କର ଓ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

## ଦୁଇ ଚୋରଙ୍କୁ ଦଶ ମାସ ଜେଲ୍

ଭୁବନେଶ୍ୱର, ୨୨।୪ (ସମିସ): ମଞ୍ଚେଶ୍ୱର ଓ ନୂଆପଲ୍ଲୀ ଥାନା ଅଞ୍ଚଳରେ ଘଟିଥିବା ଦୁଇଟି ଚୋରି ମାମଲାର ରାୟ ପ୍ରକାଶ ପାଇଛି। ଅଦାଲତ ମାମଲାର ବିଚାରକରି ଦୁଇ ଅଭିଯୁକ୍ତ ଦୁର ବେହେରା ଓ ତୋଫାନ ଦାସଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁସାରେ, ଗତବର୍ଷ ସେପ୍ଟେମ୍ବର ୩ ତାରିଖ ଦିନ ଧିରକୁଟ ବସ୍ତିର ରୀତା ଦାସ ଘରେ ଥିବାବେଳେ ଦୁର ତାଙ୍କ ଘର ପାଖକୁ ଆସି ତାଙ୍କୁ ଗାଳିଗୁଲଜ କରିଥିଲେ। ରୀତା ପ୍ରତିବାଦ କରିବାରୁ ସେ ଘଟଣାସ୍ଥଳ ଛାଡ଼ି ଯାଇଥିଲେ। ପରବର୍ତ୍ତୀ ସମୟରେ ରୀତା କାମ ପାଇଁ ଘର ବାହାରେ ଥିବାବେଳେ ଦୁର ସୁଯୋଗ ନେଇ ତାଙ୍କ ଘର ଭିତରୁ ପ୍ରାୟ ୧୦ ହଜାର ଟଙ୍କାର ସୁନା ଓ ରୁପାର ଅଳଙ୍କାର ସହ ଏକ କଟର ମେସିନ୍ ଚୋରି କରି ନେଇଥିଲା। ରୀତା ଏନେଇ ଲିଖିତ ଅଭିଯୋଗ କରିବା ପରେ ମଞ୍ଚେଶ୍ୱର ଥାନା କେସ୍ ନଂ-୫୫୦/୨୫ ରେ ମାମଲା ରୁଜୁ କରିଥିଲା। ଏଏସ୍‌ଆଇ ଜିତେନ୍ଦ୍ର ସେନାପତି ଘଟଣାର ତଦନ୍ତ କରି ଦୁରଙ୍କୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ।

ଭୁବନେଶ୍ୱର ସ୍ଥିତ ଜେଏମଏଫସି - ୨ର ବିଚାରପତି ପ୍ରିୟଦର୍ଶିନୀ ତ୍ରିପାଠୀ ଘଟଣା ସହିତ ସମ୍ପୃକ୍ତ ୬ ଜଣ ସାକ୍ଷୀଙ୍କ ଜବାନବନ୍ଦି ଓ ୧୩ଟି ପ୍ରାସଙ୍ଗିକ ଦସ୍ତାବିଜ ଆଧାରରେ ମାମଲାର ବିଚାର ସାରିଛନ୍ତି। ଆସାମୀ ଦୁରଙ୍କୁ ବିଏନଏସ୍ ଧାରା ୩୩୧(୧) ଅନୁଯାୟୀ ୬ ମାସ ଓ ଧାରା ୩୦୫ ଅନୁଯାୟୀ ୧୦ ମାସର ସରଳ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୁଇଟି ଯାକ ଦଣ୍ଡ ସମବର୍ତ୍ତୀ ଭାବେ ଚାଲିବାକୁ ଆଦେଶ ଦିଆଯାଇଛି। ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବିଜନ ବିହାରୀ କର ଓ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

ସେହିପରି ନୂଆପଲ୍ଲୀ ବେହେରା ସାହିରେ ରହୁଥିବା ରୁଦ୍ର କୁମାର ଲେଙ୍କା ଗତ ଫେବୃଆରୀ ୨ ତାରିଖ ରାତିରେ ସେ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ତୋଫାନ କୌଶଳପୂର୍ବକ ଘର ଭିତରୁ ତାଙ୍କ ମୋବାଇଲ ଫୋନ ଚୋରି କରି ନେଇଥିଲେ। ପର ଦିନ ଭୋରରୁ ଘରୁ ମୋବାଇଲ ଫୋନ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ରୁଦ୍ର ଲିଖିତ ଏତଲା ଦେବାପରେ ନୂଆପଲ୍ଲୀ ଥାନା ପୁଲିସ କେସ୍ ନଂ - ୮୧/୨୬ ରେ ମାମଲା ରୁଜୁ କରିଥିଲା। ସବ୍ ଇନ୍ସପେକ୍ଟର ଶୁଭ୍ରାଂଶୁ ମହାପାତ୍ର ଘଟଣାର ତଦନ୍ତ କରି ତୋଫାନଙ୍କୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ। ଭୁବନେଶ୍ୱର ସ୍ଥିତ ଜେଏମଏଫସି - ୩ର ବିଚାରପତି କରୋଣିକା ଘୋଷ ସାକ୍ଷୀଙ୍କ ଜମାନବନ୍ଦୀ ଓ ପ୍ରାସଙ୍ଗିକ ଦଲିଲପତ୍ର ଆଧାରରେ ବିଚାର କାର୍ଯ୍ୟ ସମାପ୍ତ କରିଛନ୍ତି। ବିଏନଏସ୍ ଧାରା ୩୦୫(ଏ) ଅନୁଯାୟୀ ତୋଫାନଙ୍କୁ ୧୦ ମାସର ସରଳ କାରାଦଣ୍ଡ ସହିତ ଏକ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୧ ମାସର ସରଳ କାରାଦଣ୍ଡ ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ଚିରନ୍ତନୀ ବାଗ ଓ ବିଜୟ ବାରିକ ଏହି ମାମଲାକୁ ପରିଚାଳନା କରୁଥିଲେ।

## କେଭିଙ୍କୁ ଭେଟିଲେ ଆମେରିକୀୟ କନସୁଲ୍ ଜେନେରାଲ

ଭୁବନେଶ୍ୱର, ୨୨।୪(ସମିସ): ଆନ୍ତର୍ଜାତୀୟ ସହଯୋଗକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଆମେରିକାର କନସୁଲ୍ ଜେନେରାଲ୍ ମିସ୍ ଲୌରା ବୁଧବାର ଲୋକସେବା ଭବନଠାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ଉପସ୍ଥିତ ଥିଲେ।

● ବିକ୍ରି ଜମି ବିକିବାକୁ ଷଡ଼ଯନ୍ତ୍ର

## ଟଙ୍କା ମାଗିବାରୁ ବରିଷ୍ଠ ନାଗରିକଙ୍କୁ ଲୁହାଛଡ଼ରେ ଆକ୍ରମଣ

ଭୁବନେଶ୍ୱର, ୨୨।୪ (ସମିସ): ବିକ୍ରି ହୋଇଥିବା ଜମିକୁ ଆଉଥରେ ବିକିବାକୁ ଷଡ଼ଯନ୍ତ୍ର କରିଥିଲେ। କେବଳ ଷଡ଼ଯନ୍ତ୍ର କରିନଥିଲେ, ବରଂ ୫ ଲକ୍ଷରୁ ଅଧିକ ଟଙ୍କା ମଧ୍ୟ ନେଇଥିଲେ। ଠକାମୀର ଶିକାର ହୋଇ ଟଙ୍କା ଫେରସ୍ତ ମାଗିବାରୁ ବୟସ୍କ ବ୍ୟକ୍ତିଙ୍କୁ ଲୁହା ଛଡ଼ରେ ଆକ୍ରମଣ କଲେ। ଶ୍ୟାମପୁର ଛକରେ ଘଟିଥିବା ଏଭଳି ଘଟଣାରେ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ମଳିପଡ଼ାର ଚଣ୍ଡିଆ ଓରଫ୍ ବିକାଶ ଦଳବେହେରା (୩୬)।



ପୁଲିସ ସୂଚନାନୁସାରେ, ବୃନ୍ଦାବନ ନାୟକ ଏକ ଜମି କିଣିବାକୁ ଯୋଜନା କରୁଥିବା ବେଳେ ଚଣ୍ଡିଆ ତାଙ୍କୁ ଏକ ଜମି କିଣା ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଅଗ୍ରୀମ ବାବଦକୁ ୫ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲା। ହେଲେ ସମ୍ପୃକ୍ତ ଜମି ପୂର୍ବରୁ ବିକ୍ରି ହୋଇଥିବା ଜାଣିବା ପରେ ବୃନ୍ଦାବନଙ୍କ ପାଦ ତଳୁ ମାଟି ଖସି ଯାଇଥିଲା। ବୃନ୍ଦାବନ ୨୦୨୪ ମସିହା ମାର୍ଚ୍ଚ ୨୦ ତାରିଖ ସନ୍ଧ୍ୟାରେ ଶ୍ୟାମପୁର ଛକରେ ଚଣ୍ଡିଆକୁ ଟଙ୍କା ଫେରସ୍ତ ମାଗିଥିଲେ। ହେଲେ ଚଣ୍ଡିଆ ଓ ତାର ସହଯୋଗୀମାନେ ଟଙ୍କା ଫେରେଇବାକୁ ମନା କରିବା ସହ ତାଙ୍କ ସହିତ ଝଗଡ଼ା କରିଥିଲେ। ଏହା ପରେ, ମଳିପଡ଼ା ରୋଡ୍?ର ଆଶାବାରୀ ଆପାର୍ଟମେଣ୍ଟ ନିକଟରେ ଅଭିଯୁକ୍ତମାନେ ମିଶି ବୃନ୍ଦାବନ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହିତ ଲୁହା ଛଡ଼ରେ ଓ ପଥରରେ ଆକ୍ରମଣ କରି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଫଳରେ ସେମାନେ ଗୁରୁତର ଆହତ ହୋଇଥିଲେ। ଏହା ସହିତ ବୃନ୍ଦାବନଙ୍କ ଠାରୁ ଏକ ସୁନା ଚେନ୍ ଓ ହାତ ଘଣ୍ଟା ମଧ୍ୟ ଛଡ଼ାଇ ନେଇଥିଲେ। ଏନେଇ ବୃନ୍ଦାବନ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସହଯୋଗୀ ସନ୍ତୋଷ କୁମାର ଦଳବେହେରା କୋର୍ଟରେ ଆତ୍ମସମର୍ପଣ କରିଥିବା ବେଳେ ଆଜି ଚଣ୍ଡିଆକୁ ଗିରଫ କରିଛି ପୁଲିସ।

## ଚୋରି କରିବାବେଳେ ମାଡ଼ି ବସିଲେ ଶ୍ରମିକ

ଭୁବନେଶ୍ୱର, ୨୨।୪ (ସମିସ): ଚୋରି କରିବାକୁ ଘରେ ପଶିଥିବା ବେଳେ ମାଡ଼ି ବସିଛନ୍ତି ଶ୍ରମିକ। ଦୁର୍ଗାମାଧବ ନଗର ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଅଭିଯୋଗ ପାଇବା ପରେ ଅଭିଯୁକ୍ତକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭରତପୁର ଲେନ୍-୪ର ଦେବରାଜ ବେହେରା (୨୨)।



ପୁଲିସ ସୂଚନାନୁସାରେ, ମୋହନ ଦାସଙ୍କ ସମେତ ଅନ୍ୟ କିଛି ଶ୍ରମିକ ଦୁର୍ଗାମାଧବ ନଗରରେ ଏକ ଘରେ ଭଡ଼ାରେ ରହୁଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସେମାନେ ବଜାରକୁ ଯାଇଥିବା ବେଳେ ଦେବରାଜ ତାଙ୍କ ଘରେ ପଶି ମୋବାଇଲ ଓ ଟଙ୍କା ଚୋରି କରି ନେଇଥିଲା। ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ଶ୍ରମିକମାନେ ଘଟଣାସ୍ଥଳକୁ ଫେରି ଆସିଥିଲେ। ଦେବରାଜ ପଳାଇବାକୁ ଚେଷ୍ଟା କରୁଥିବାବେଳେ ଶ୍ରମିକମାନେ କାବୁ କରିନେଇଥିଲେ। ତଲାସୀ କରିବା ପରେ ତା' ନିକଟରୁ ଦୁଇଟି ମୋବାଇଲ୍ ଫୋନ୍ ଓ ନଗଦ ୫ ହଜାର ଟଙ୍କା ଜବତ କରି ପୁଲିସକୁ ହସ୍ତାନ୍ତର କରିଥିଲେ। ମୋହନ ଏନେଇ ଅଭିଯୋଗ କରିବା ପରେ ଭରତପୁର ଥାନା ପୁଲିସ ଦେବରାଜକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତା' ନାମରେ ପୂର୍ବରୁ ଖଣ୍ଡଗିରି ଓ ଭରତପୁର ଥାନାରେ ୩ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

■ ଜାତିଗତ ଜନଗଣନା

## ୧୨ ନମ୍ବର ସ୍ତମ୍ଭରେ 'ଓବିସି' ସାମିଲ ଦାବି



ଭୁବନେଶ୍ୱର, ୨୨।୪(ସମିସ): ଚଳିତ ଜାତିଗତ ଜନଗଣନାର କେନ୍ଦ୍ର ସରକାରଙ୍କ ୧୨ ନମ୍ବର କଲମ ଏବଂ ରାଜ୍ୟସରକାରଙ୍କ ୧୩ ନମ୍ବର କଲମରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)କୁ ଯୋଡ଼ିବା ଦାବି ନେଇ ରାଜ୍ୟ ଓବିସି ମଞ୍ଚ ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଧାରଣାରେ ରାଜ୍ୟର ସମସ୍ତ ଜିଲ୍ଲାରୁ ଶହଶହ ଓବିସି କର୍ମୀ, କର୍ମକର୍ତ୍ତା ଓ ନେତୃବର୍ଗ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ଏହି ନୀତିକୁ ସମାଲୋଚନା କରିଛନ୍ତି। ରାଜ୍ୟ ସଭାପତି ଶଙ୍କର କୁମାର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭ ସଭାରେ ସରକାରଙ୍କ ପକ୍ଷରୁ ଜନ ଗଣନା ପାଇଁ ଉଦ୍ଦିଷ୍ଟ ପ୍ରଥମ ପର୍ଯ୍ୟାୟ ଗୃହ ଗଣନା ଫର୍ମରେ ଓବିସି ବର୍ଗଙ୍କୁ ଜାତିଭିତ୍ତିକ ଗଣନାରେ ରଖି ନ ଥିବାରୁ ଦୃଢ ନିନ୍ଦା କରାଯିବା ସହ ଏହାର ସଂଶୋଧନ ଦାବି କରାଯାଇଥିଲା। ଏହି ବିକ୍ଷୋଭରେ ଶୁଭେନ୍ଦୁ ସାହୁ, ନରେନ ସାହୁ, ପ୍ରତାପ ବାରିକ, କୁଳମଣି ବାରିକ, ନିର୍ମଳ ଯତି, ଅନାଦି ସାହୁ, ରଞ୍ଜିତା ରାଣୀ ପ୍ରଧାନ, ସୁଧାଂଶୁ ଶେଖର ମହାରଣା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ସରୋଜ ସାହୁଙ୍କ ସଂଯୋଜନାରେ ଏକ ରାଲି ମାଷ୍ଟରକ୍ୟାଣ୍ଟିନ୍ ଛକରୁ ବାହାରି ବିକ୍ଷୋଭସ୍ଥଳୀରେ ପହଞ୍ଚିଥିଲେ। ଶେଷରେ ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ୍ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ରାଜ୍ୟ ଓବିସି ମଞ୍ଚ ଏକ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଦାବି ପତ୍ରକୁ ରାଜଭବନରେ ପ୍ରଦାନ କରିଥିଲେ।

● ସାମାନ୍ୟ ବଚସାରୁ ଛୁରାମାଡ଼

## ୭ ବର୍ଷ ପରେ ଅଭିଯୁକ୍ତ ଗିରଫ



ଭୁବନେଶ୍ୱର, ୨୨।୪ (ସମିସ): ସାମାନ୍ୟ ବଚସାରୁ ଛୁରାମାଡ଼ କରିଥିବା ଘଟଣାର ୭ ବର୍ଷ ପରେ ଅଭିଯୁକ୍ତକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ସାଲିଆ ସାହି ବାଜପେୟୀ ନଗରରେ ରହୁଥିବା କାଳିଆ ବେହେରା ଓରଫ୍ କାଲୁ (୪୦)। ପୁଲିସ ସୂଚନାନୁସାରେ, ୨୦୧୮ ମସିହା ଏପ୍ରିଲ ୧୯ ତାରିଖ ସନ୍ଧ୍ୟାରେ ଡି. କିଷାନ୍ ତାଳବଣିଆରେ ଏକ ଭୋଜିରେ ଯୋଗଦେବାକୁ ଯାଇଥିବା ବେଳେ କୌଣସି କଥାକୁ ନେଇ ସେଠାରେ କିଛି ବ୍ୟକ୍ତିଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ସେହି ଝଗଡ଼ା ସମୟରେ କାଳିଆ ଏକ ଛୁରିରେ କିଷାନଙ୍କୁ ବାରମ୍ବାର ଆକ୍ରମଣ କରିଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିଷାନଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତ ସମୟରେ ଘଟଣାସ୍ଥଳରୁ ରକ୍ତ ଲାଗିଥିବା ସାର୍ଟ ଓ ଏକ ଭଙ୍ଗା ଛୁରି ଜବତ ହୋଇଥିଲା। ସାମାନ୍ୟ କଥା କଟାକଟିରୁ ଝଗଡ଼ା ଓ ଆକ୍ରମଣ ହୋଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଘଟଣା ପରଠାରୁ ଫେରାର ଥିବା କାଳିଆକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

## 'ରମାଦେବୀ'ରେ ଖୋଲିବ ଯୋଗ ସାର୍ଟିଫିକେଟ କୋର୍ସ

ଭୁବନେଶ୍ୱର, ୨୨।୪(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଯୋଗ ପାଠ୍ୟକ୍ରମ ପାଇଁ ସାର୍ଟିଫିକେଟ୍ କୋର୍ସ ଖୋଲବ। ପ୍ରତି ସପ୍ତାହରେ ଅତିକମ୍‌ରେ ୩ ଦିନ ଛାତ୍ରୀନିବାସର ଅନ୍ତେବାସୀମାନେ ଯୋଗାଭ୍ୟାସ କରିବେ। ଶାରୀରିକ ଓ ମାନସିକ ଭାବେ ଛାତ୍ରୀଙ୍କୁ ସୁସ୍ଥ ରଖିବା ପାଇଁ ଏହି ପାଠ୍ୟକ୍ରମ ଖୋଲିବାକୁ ନିଷ୍ପତ୍ତି ହେଇଥିବା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କେ.ବି. ରାଉତ ସୂଚନା ଦେଇଛନ୍ତି। ବିଶ୍ୱବିଦ୍ୟାଳୟ ପରିସରରେ ଆଜି ଛାତ୍ରୀଙ୍କ ପାଇଁ ଅନୁଷ୍ଠିତ ଏକ ଯୋଗ ଶିବିରକୁ ଉଦଘାଟନ କରି ସେ ଆହୁରି କହିଛନ୍ତି ଯେ ବିଶ୍ୱବିଦ୍ୟାଳୟରେ ଯୋଗର ଏକ ସାର୍ଟିଫିକେଟ କୋର୍ସ ଖୋଲିବା ଦ୍ୱାରା ଛାତ୍ରୀମାନେ ଯୋଗପ୍ରତି ଆକୃଷ୍ଟ ହେବେ। ଉଚିତ୍ ମାର୍ଗଦର୍ଶନ ପାଇବା ସହ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହି ପାରିବେ। ଯାହା ସେମାନଙ୍କ ଭବିଷ୍ୟତ ଜୀବନକୁ ସରସ ଓ ସୁନିଦର କରିବାରେ ସହାୟକ ହେବ। କାର୍ଯ୍ୟକ୍ରମରେ ଯୋଗଗୁରୁ ଡ. ସୁଶୀଲ କୁମାର ପଟ୍ଟନାୟକ ଯୋଗଶିକ୍ଷା ପ୍ରଦାନ କରିଥିବାବେଳେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥ, ପ୍ରାଧ୍ୟାପକ ଡ. ମାନସ ବେହେରା, ଡ. ସସ୍ମିତା କର, ଡ. ଶକ୍ତିକାନ୍ତ ରଥ, ଡ. କଲ୍ୟାଣୀ ଷଡ଼ଙ୍ଗୀ, ଡ. ରେବତୀକାନ୍ତ ମହାରଣା, କୁନୁମୁନ ବେହେରାଙ୍କ ସମେତ ବହୁ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

**ପୁଲିସ ପଞ୍ଝାରେ ଜମତରା ଗ୍ୟାଙ୍ଗ୍**

## ପାଠରେ ଦଶମ ଫେଲ୍; ଠକେଇରେ ପିଏଚ୍‌ଡି

ଭୁବନେଶ୍ୱର ୨୨।୪ (ସମିସ): ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ୭ ଲକ୍ଷ ଟଙ୍କା ଠକେଇର ତଦନ୍ତ କରୁଥିବା ସାଇବର ଥାନା ପୁଲିସ ବଡ଼ ଧରଣର ସାଇବର ଠକେଇ ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି। ତେଲେଙ୍ଗାନାରେ ଚଢ଼ଉ କରି ଜମତରା ଗ୍ୟାଙ୍ଗକୁ କାବୁ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ଜମତରାର ମୁକେଶ ତୁରି (୨୭), ହାଇଦ୍ରାବାଦ

■ ଘର ଝାଡ଼ଖଣ୍ଡ; ଚଳାଉଥିଲା ତେଲଙ୍ଗାନା ମଡ୍ୟୁଲ୍
■ ମୁଖ୍ୟ କାର୍ପଟଦାର ସମେତ ୪ ଗିରଫ
■ ବିମାନରେ ବୁଲି ଯୋଗସୂତ୍ର ରଖୁଥିଲା
■ ଏପିକେ ଫାଇଲ୍ ପଠାଇ ଲୋକଙ୍କୁ ଠକୁଥିଲେ
■ ମାସିକିଆ ଟଙ୍କା ନେଉଥିଲେ ମ୍ୟୁଲ୍ ଆକାଉଣ୍ଟଧାରୀ
■ ଏବେବି ଫେରାର ଆଉ ୪ ସହଯୋଗୀ



ଆଲିଗଡ଼ର ମହମ୍ମଦ ଆବାସ (୩୭), ଏମଡି ସଲମାନ (୨୯) ଓ ଏମଡି ଅମିର୍ (୩୧)। ସେମାନଙ୍କ ଠାରୁ ୫ଟି ମୋବାଇଲ ଫୋନ୍, ସିମ୍ କାର୍ଡ, ୧୧ଟି ଏଟିଏମ୍ କାର୍ଡ, ଗୋଟିଏ ସ୍ମାର୍ଟ ଫୋନ୍ ଓ ବିମାନ ଟିକେଟ ଜବତ ହୋଇଛି। ଦଶମ ଫେଲ୍ ମୁକେଶ ହିଁ ମୁଖ୍ୟ କାର୍ପଟଦାର ହୋଇଥିବା ବେଳେ ସେ ତେଲେଙ୍ଗାନା ମଡ୍ୟୁଲ୍ ଅପରେଟ୍ କରୁଥିଲା ବୋଲି ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି।

ପୁଲିସ ସୂଚନାନୁସାରେ, ଗତବର୍ଷ ସେପ୍ଟେମ୍ବର ମାସରେ ପାଣ୍ଡରା ଅଞ୍ଚଳର ଯଶୋବନ୍ତ ଜେନାଙ୍କ ପାଖକୁ ଏପିକେ ଫାଇଲ୍ ଆସିଥିଲା। ସେ ଫାଇଲ୍ ଖୋଲୁ ଖୋଲୁ ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟରୁ ୭ ଲକ୍ଷ ଟଙ୍କା ଉଡ଼ି ଯାଇଥିଲା। ଏନେଇ ସେ ଭୁବନେଶ୍ୱର ସାଇବର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆବାସ୍ ଆକାଉଣ୍ଟକୁ ୩ ଲକ୍ଷ ଟଙ୍କା ଯାଇଥିବାର ପ୍ରମାଣ ମିଳିବା ପରେ ପୁଲିସ ତା'କୁ ପାଖରେ ପହଞ୍ଚିଥିଲା। ଆବାସକୁ ପଚରାଉଚରା କରିବା ପରେ ସଲମାନ ଓ ଅମିର୍ କଥା ପଦାକୁ ଆସିଥିଲା।







ତେବେ ମୁକେଶ ହିଁ ମୁଖ୍ୟ କାର୍ପଟଦାର ବୋଲି ଅମିର୍ କହିବା ପରେ ପୁଲିସ ତା'କୁ ଉଠାଇ ଆଣିଥିଲା। ଆବାସ୍ ମ୍ୟୁଲ୍ ଆକାଉଣ୍ଟ ଯୋଗାଇବା ପାଇଁ ନିଜ ପରିବାର ଓ ସାଙ୍ଗମାନଙ୍କ ନାମରେ ବ୍ୟାଙ୍କ୍ ଆକାଉଣ୍ଟ ଖୋଲୁଥିଲା। ସଲମାନ ଏହି କାମରେ ଆବାସକୁ ସହଯୋଗ କରୁଥିଲା। ଆବାସ୍ ଓ ସଲମାନ ମିଶି ଅମିରକୁ ମ୍ୟୁଲ୍ ଆକାଉଣ୍ଟ ଯୋଗାଉଥିଲେ। ଗୋଟିଏ ମ୍ୟୁଲ୍ ଆକାଉଣ୍ଟ ପିଛା ୬ ହଜାର ଟଙ୍କା ଲେଖାଏଁ ପାଉଥିଲେ। ଅମିର୍ ମ୍ୟୁଲ୍ ଆକାଉଣ୍ଟ ଗୁଡ଼ିକୁ ମୁକେଶକୁ ଦେବା ସହ ବଦଳରେ ୮ ହଜାର ଟଙ୍କା ଆଣୁଥିଲା।

ଜମତରାର ମୁକେଶ, କିଙ୍ଗ୍ ଖାନ୍, ରେହାନ୍ ଖାନ୍, ଡଟ୍ ଶୁଭମ୍ ଓ ରାଜକୁମାର ମିଶି ସାଇବର ଠକେଇ ଗ୍ୟାଙ୍ଗ୍ ଗଢ଼ିଥିଲେ। ତେଲେଙ୍ଗାନା ମଡ୍ୟୁଲ୍ ଅପରେଟ୍ କରୁଥିବା ମୁକେଶ ଏପିକେ ଫାଇଲ୍ ଗୁଡ଼ିକ ବିଭିନ୍ନ ଲୋକଙ୍କୁ ପଠାଉଥିଲା। ସେମାନେ ଏପିକେ ଫାଇଲରେ କ୍ଲିକ୍ କରିବା ମାତ୍ରେ ବ୍ୟାଙ୍କ୍ ତଥ୍ୟ ଓ ଓଟିପି ମୁକେଶ ପାଖକୁ ପଳାଇ ଯାଉଥିଲା। ମୁକେଶ ଓଟିପି ପାଇବା ପରେ ସଂପୃକ୍ତ ବ୍ୟକ୍ତିଙ୍କ ଆକାଉଣ୍ଟରୁ ଆବାସ୍ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରି ଦେଉଥିଲା। ଠକେଇ ଟଙ୍କାକୁ ଆବାସ୍ ଆକାଉଣ୍ଟରୁ ଉଠାଇବା ପରେ ବିଭିନ୍ନ ସଦସ୍ୟଙ୍କ ମଧ୍ୟରେ ବଣ୍ଟା ଯାଉଥିଲା। ମୁକେଶ ନିୟମିତ ବିମାନ ଯୋଗେ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯାଉଥିଲା। ବିଭିନ୍ନ ରାଜ୍ୟକୁ ଯାଇ ମ୍ୟୁଲ୍ ଆକାଉଣ୍ଟଧାରୀ, ଏଜେଣ୍ଟ ଓ ଅନ୍ୟ କାର୍ପଟଦାରଙ୍କ ମଧ୍ୟରେ ଯୋଗସୂତ୍ର ରଖୁଥିଲା। ତେବେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ କିଙ୍ଗ୍ ଖାନ୍, ରେହାନ୍ ଖାନ୍, ଡଟ୍ ଶୁଭମ୍ ଓ ରାଜକୁମାର ଏବେ ଫେରାର ରହିଛନ୍ତି।

## ରାଷ୍ଟ୍ରପତିଙ୍କ ଘର ସମ୍ମୁଖରେ ସଡ଼କ ଦୁର୍ଘଟଣା; ବୃଦ୍ଧଙ୍କ ମୃତ୍ୟୁ

ରାଇରଙ୍ଗପୁର,୨୨।୪(ସମିସ): ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ବାଇଦାପୋଷି ସ୍ଥିତ ରାଷ୍ଟ୍ରପତିଙ୍କ ଘର ସମ୍ମୁଖରେ ସଡ଼କ ଦୁର୍ଘଟଣାରେ ଆହତ ବୃଦ୍ଧଙ୍କ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ବାଇଦାପୋଷି ଗ୍ରାମର ସୋମନାଥ ମାର୍ଣ୍ଡି(୬୬)। ସେ ତାଙ୍କ ପତ୍ନୀଙ୍କ ସହ ସନ୍ଧ୍ୟାକାଳୀନ ଭ୍ରମଣ କରୁଥିବାବେଳେ ଏକ ଦ୍ରୁତଗାମୀ ସ୍କୁଟି ଧକ୍କା ଦେଇଥିଲା। ଉଭୟ ଗୁରୁତର ଆହତ ହୋଇ ସ୍ଥାନୀୟ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସୋମନାଥଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବାରିପଦା ସ୍ଥିତ ପିଆରଏମ ହସ୍ପିଟାଲ ଓ ପରେ କଟକ ସ୍ଥିତ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ପରିବାର ଲୋକେ ରାଇରଙ୍ଗପୁର ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି।

## ରାସ୍ତାକଡ଼ରେ ଶସ୍ତା ଆଳୁ; ଘଣ୍ଟାଏରେ ଟ୍ରକ୍ ଖାଲି



ରାସଗୋବିନ୍ଦପୁର,୨୨।୪(ସମିସ): ରାସ୍ତା କଡ଼ରେ ଶସ୍ତାରେ ବିକ୍ରି ହେଲା ଆଳୁ। ଘଣ୍ଟାଏରେ ଖାଲି ହୋଇଗଲା ଟ୍ରକ୍। ଏପରି ଦେଖିବାକୁ ମିଳିଥିଲା ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ସାରୁମୂଳା ପଞ୍ଚାୟତରେ। ବଜାରକୁ ଲାଗି ଏକ ଆଳୁ ଟ୍ରକ୍ ରହିଥିବାବେଳେ ଆଳୁ କିଣିବାକୁ ଭିଡ଼ ଜମିଥିଲା। ଦୋକାନରେ ଆଳୁ ଦର କିଲୋ ପ୍ରତି ୮ରୁ ୧୦ ଟଙ୍କା ଥିବା ବେଳେ ଟ୍ରକରୁ ସିଧାସଳଖ ବିକ୍ରି ହେଉଥିଲା ୫୦ କିଲୋ ବସ୍ତା ମାତ୍ର ୨୦୦ ଟଙ୍କାରେ। ଅର୍ଥାତ୍ କିଲୋ ପିଛା ମାତ୍ର ୪ ଟଙ୍କା। ଶସ୍ତା ଦରରେ ଆଳୁ ମିଳୁଥିବା ଖବର ପାଇ ଲୋକମାନେ ବୋହି ନେଇଥିଲେ। ଚାହୁଁ ଚାହୁଁ ଟ୍ରକ୍ ଖାଲି ହୋଇଯାଇଥିଲା ମାତ୍ର ଘଣ୍ଟାଏ ଭିତରେ। ଏ ଆଳୁ କାହିଁକି ଶସ୍ତାରେ ବିକ୍ରି ହେଉଛି ତାହା ସାଧାରଣରେ ଚର୍ଚ୍ଚା ସହ ସନ୍ଦେହ ସୃଷ୍ଟି କରିଛି।

**ପୁଣି ମୟୂରଭଞ୍ଜକୁ ଅଣଦେଖା**

# ୧୮ ଶିଳ୍ପ ପ୍ରକଳ୍ପ ଘୋଷଣାରେ ଜିଲ୍ଲାର ସ୍ଥାନ ନାହିଁ

ବାରିପଦା,୨୨।୪(ସମିସ):

ଶିମିଳିପାଳ ସମେତ ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ଓ ଐତିହ୍ୟ ସ୍ଥଳୀର ଗନ୍ତାଘର ମୟୂରଭଞ୍ଜ। ଏଠାରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା, ବିଭିନ୍ନ ବନ୍ୟଜାତ ଦ୍ରବ୍ୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପର ଉଚିତ ବ୍ୟବସାୟୀକରଣ ଦ୍ୱାରା ତଥା ବିଭିନ୍ନ କୁଟୀରଶିଳ୍ପ ମାଧ୍ୟମରେ ହିଁ ବେକାରୀ ସମସ୍ୟା ଦୂର ହୋଇପାରିବ ବୋଲି ଜିଲ୍ଲାର ଦାଦନ ଦୁଃଖ ସମସ୍ୟା ଦୂର ହେବା ଏବଂ ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟ ହୋଇପାରିବ ବୋଲି ଦୀର୍ଘ ୧୦ ବର୍ଷ ଧରି ଭଞ୍ଜସେନା ପକ୍ଷରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖରେ ଦାବି କରିଆସୁଥିଲେ।

ଏପରିକି ନୂତନ ସରକାରଙ୍କୁ ମଧ୍ୟ ବାରମ୍ବାର ଦାବିପତ୍ର, ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ସହିତ ବିଶାଳ ରାଲି କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରଚେଷ୍ଟା କରିଥିଲେ ସୁଦ୍ଧା ସରକାର ନିଦାବିଷ୍ଟୁ ସାଜି ବସିଛନ୍ତି।



ଏହାର ସଦ୍ୟତମ ଉଦାହରଣ ହେଲା ଆଜି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କର ସ୍ୱାକ୍ଷରରେ ରାଜ୍ୟରେ ଆଉ ନୂତନ ଭାବେ ୧୮ ଗୋଟି ଶିଳ୍ପ ପ୍ରକଳ୍ପ ପାଇଁ ୩,୮୭୭.୧୪ କୋଟି ଟଙ୍କା ବ୍ୟୟ ବରାଦ କରିଥିବା ବେଳେ ଉକ୍ତ ପ୍ରକଳ୍ପ ମାଧ୍ୟମରେ ୭୫୭୫ ନିଯୁକ୍ତି ସୃଷ୍ଟି ହେବ ବୋଲି ସରକାରୀ ସ୍ତରରେ ଘୋଷଣା କରିଛନ୍ତି। ଆଉ ଏହି ତାଲିକାରେ ମୟୂରଭଞ୍ଜ ଜିଲ୍ଲାକୁ ସମ୍ପୂର୍ଣ୍ଣ ଅଣଦେଖା କରିବା ଜିଲ୍ଲାବାସୀଙ୍କୁ ଗଭୀର ଆଘାତ ଦେଇଛି। ନୂତନ ଭାବେ ୧୮ ଗୋଟି ଶିଳ୍ପ ପ୍ରକଳ୍ପ ଘୋଷଣାରେ ମୟୂରଭଞ୍ଜ ଜିଲ୍ଲାକୁ ଅଣଦେଖା କରାଯିବା ଓ ନିଷ୍ପତ୍ତିର ପୁର୍ନବିଚାର କରିବା ଦାବି ନେଇ ଆଜି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସାମାଜିକ ଗଣମାଧ୍ୟମ 'ଡ' (ଟ୍ୱିଟ) ଯୋଗେ ମୁଖ୍ୟମନ୍ତ୍ରୀଙ୍କୁ ପୁନର୍ବାର ନିବେଦନ କରିଛନ୍ତି।

ଡବଲ ଇଞ୍ଜିନ ସରକାର ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ପକ୍ଷରୁ ଶତପ୍ରତିଶତ ସମର୍ଥନ ପାଇଥିଲେ ସୁଦ୍ଧା ଜିଲ୍ଲା ପାଇଁ କୌଣସି ଶିଳ୍ପ ପ୍ରକଳ୍ପ ଘୋଷଣା ନକରିବା ଦୁଃଖଦାୟକ। ଏହାର ପ୍ରତିବାଦ ସହିତ ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ ଯଥାଶୀଘ୍ର ଜିଲ୍ଲାର ବେରୋଜଗାର ମାନଙ୍କୁ ରୋଜଗାର ପ୍ରଦାନ ନିମନ୍ତେ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ କରିବାର ଦାବିନେଇ ଭଞ୍ଜସେନା ପକ୍ଷରୁ

**ମେ' ୧୧ରେ ଭଞ୍ଜସେନା ପକ୍ଷରୁ ରାଜରାସ୍ତାରେ ଅଭିନବ ପ୍ରତିବାଦ ଚେତାବନୀ**

ଆସନ୍ତା ମେ' ୧୧ ତାରିଖ ସୋମବାର ଦିନ ମୟୂରଭଞ୍ଜ ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ୧୮, ୪୯ ଓ ୨୨୦ନଂ ସହିତ ସମସ୍ତ ରାଜ୍ୟ ରାଜପଥ ଉପରେ ଜିଲ୍ଲାର ଯୁବସମାଜ ସମେତ କାରିଗର ସେମାନଙ୍କର ପାରମ୍ପାରିକ ହସ୍ତଶିଳ୍ପକୁ ରାଜରାସ୍ତାରେ ପ୍ରସ୍ତୁତି ମାଧ୍ୟମରେ ଶାନ୍ତିପୂର୍ଣ୍ଣ ହରତାଳ କରାଯିବ ବୋଲି ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସୂଚନା ପ୍ରଦାନ କରିଛନ୍ତି। ଜିଲ୍ଲା ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ଏକ ପ୍ରେସ୍ ବିବୃତିରେ ଏହା ଜଣାଇଛନ୍ତି।

# ପୋଲ କାମକୁ ତୀବ୍ର ବିରୋଧ



ଉଦଳା,୨୨।୪(ସମିସ): ଉଦଳା ରଥଛକ ଠାରେ ହୋଇଥିବା ପୋଲ କାମକୁ ନେଇ ବିବାଦ ଦେଖା ଦେଇଛି। ଯାହାକୁ ନେଇ କାର୍ଯ୍ୟସ୍ଥଳୀରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ଉଦଳା ରଥ ଛକଠାରେ ଏକ ଛୋଟ ପୋଲ ନିର୍ମାଣ କରାଯାଇଛି। ଯାହାର ଉଚ୍ଚତା ବହୁତ ଅଧିକ। ଆଜି ପୁନଶ୍ଚ ଠିକାଦାର ସେହି ପୋଲ କାମ କରିବାକୁ ଆସିଥିବା ବେଳେ ତାହାକୁ ବିରୋଧ କରିଛନ୍ତି ସ୍ଥାନୀୟ ଲୋକେ ଏବଂ ଦୋକାନୀ। ଏହି ବିବାଦ ଦେଖା ଦେବାରୁ ପୂର୍ତ୍ତ ବିଭାଗ ଏସଡ଼ିଓଙ୍କ ସମେତ ଉଦଳା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲା। ଏହାସହିତ ହେବାକୁ ଥିବା ପୋଲ କାମକୁ ଏବେ ବନ୍ଦ ରଖାଯିବା ସହିତ ୭ ଦିନ ଭିତରେ ପୋଲର ଉଚ୍ଚତା କମ୍ କରାଯିବ ବୋଲି ଏସ୍‌ଡିଓ କହିବା ପରେ ଉତ୍ତେଜନା କମିଥିଲା। ଏସଡ଼ିଓ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ଯଦି ଏହାର ୭ ଦିନ ମଧ୍ୟରେ ସମାଧାନ ନ ହୁଏ ତେବେ ଏହାକୁ ତୀବ୍ର ବିରୋଧ କରାଯାଇ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।



## ଦୁଆରଶୁଣି ଘାଟିରେ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ

- ଅଳ୍ପକେ ବର୍ତ୍ତିଲେ ୧୦୦ରୁ ଊର୍ଦ୍ଧ୍ୱ ମୁର୍ଶିଦାବାଦ ଶ୍ରମିକ
- ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ଗାଁକୁ ଯାଉଥିଲେ

ବାରିପଦା,୨୨।୪(ସମିସ): ମୟୂରଭଞ୍ଜ ବାଙ୍ଗିରିପୋଷି ନିକଟ ଦୁଆରଶୁଣି ଘାଟିରେ ଏକ ଯାତ୍ରୀବାହୀ ଘରୋଇ ବସର ବ୍ରେକ ଫେଲ୍ ହେବାରୁ ୪୯ନଂ ଜାତୀୟ ରାଜପଥର ଘାଟି ରାସ୍ତାରୁ ଗଡ଼ି ଗଡ଼ି ତଳକୁ ଆସିଥିଲା। ସୌଭାଗ୍ୟବଶତଃ ବସଟି ପଥରରେ ଧକ୍କା ହୋଇ ଅଟକି ଯାଇଥିଲା। ଫଳରେ ଏକ ନିଶ୍ଚିତ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଛନ୍ତି ୧୦୦ରୁ ଅଧିକ ଯାତ୍ରୀ। ବସଟି କେନ୍ଦୁଝରରୁ କଲିକତା ଯାଉଥିବା ବେଳେ ବାଙ୍ଗିରିପୋଷି ଘାଟିର ଅଧା ରାସ୍ତାରେ ବ୍ରେକ ଫେଲ ହୋଇଥିଲା। ବସରେ କଲିକତା ମୁର୍ଶିଦାବାଦ ଅଞ୍ଚଳର ୧୦୦ରୁ ଅଧିକ ଲୋକ ଥିଲେ। ପଶ୍ଚିମବଙ୍ଗରେ ନିର୍ବାଚନ ଥିବାରୁ ସେମାନେ ଘରକୁ ଯାଉଥିଲେ। ୫ରୁ ୬ଜଣ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ବାଙ୍ଗିରିପୋଷି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଦମକଳବାହିନୀ ଓ ପୁଲିସ ପହଞ୍ଚି ଲୋକଙ୍କୁ ଉଦ୍ଧାର କରିଛନ୍ତି।

## ଶାଳଗାଁ ପଞ୍ଚାୟତ ବିଦ୍ୟାଳୟରେ ବିଶ୍ୱ ଧରିତ୍ରୀ ଦିବସ



ବଡ଼ସାହି,୨୨।୪(ସମିସ): ବଡ଼ସାହି ବ୍ଲକ ଶାଳଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ ଦ୍ୱାରା ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ଇକୋ କ୍ଲବ ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବେହେରା ସଭାପତିତ୍ୱ କରିଥିଲେ।

ମୁଖ୍ୟଅତିଥି ଭାବେ ଚୈତନ୍ୟ ପ୍ରସାଦ ସିଂ ପୂର୍ବତନ ସମିତିସଭ୍ୟ, ମୁଖ୍ୟବକ୍ତା ଭାବେ ବିଜୟ ଭାସ୍କର ମହାଳିକ ବିଜ୍ଞାନ ଶିକ୍ଷକ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ଉମାକାନ୍ତ ସାସମଲ ପ୍ରମୁଖ ଯୋଗ ଦେଇ ଧରିତ୍ରୀ ମାତାର ସୁରକ୍ଷା ପାଇଁ ସମାଜ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ନିଜ ନିଜ ଜମିରେ ଜନ୍ମଦିନ, ବିଭାଘର, ସୁଧଘର ଓ ଅନ୍ୟାନ୍ୟ ଦିବସକୁ ସ୍ମରଣୀୟ କରିବାକୁ ଗୋଟିଏ ଗୋଟିଏ ବୃକ୍ଷ ଲଗାଇବାକୁ ଅତିଥି ବୃନ୍ଦ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜଗଦୀଶ ଜେନା, ରାଜକିଶୋର ସିଂ ଓ ଅନ୍ୟମାନେ ସହଯୋଗ କରିଥିଲେ। ସର୍ବଶେଷରେ ହିତେଶ କୁମାର ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**● ଜନଗଣନାବେଳେ ଅଘଟଣ**

## ବୁଲା କୁକୁର ଆକ୍ରମଣରେ ଶିକ୍ଷକ ଆହତ



ବେତନଟୀ,୨୨।୪(ସମିସ): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ଅଧୀନ ବାହାନଡା ଅଞ୍ଚଳରେ ଜନଗଣନା କାର୍ଯ୍ୟ ସମୟରେ ଜଣେ ଶିକ୍ଷକ ବୁଲା କୁକୁର ଆକ୍ରମଣରେ ଆହତ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚିନ୍ତାର ବିଷୟ ପାଲଟିଛି। ସୂଚନା ମୁତାବକ, ଦାହିକୋଟି ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଗଣେଶ୍ୱର ମହାନ୍ତ ବାହାନଡା ଅଞ୍ଚଳର ୨୦ ନମ୍ବର ଇନ୍ୟୁମେରେଟର ଭାବେ ଜନଗଣନା ସର୍ଭେ କାର୍ଯ୍ୟରେ ନିୟୋଜିତ ଥିଲେ। ସେ ସର୍ଭେ କାମ କରୁଥିବା ସମୟରେ ହଠାତ୍ ଏକ ବୁଲା କୁକୁର ତାଙ୍କୁ ଆକ୍ରମଣ କରିଥିଲା। ଏଥିରେ ସେ ଆହତ ହୋଇଥିବାବେଳେ ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ବେତନଟୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କୁ ପ୍ରଥମିକ ଚିକିତ୍ସା ସହ ଆଣ୍ଟି-ରେବିଜ୍ ଟିକା ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଘଟଣା ପରେ ବାହାନଡା ଅଞ୍ଚଳରେ ବୁଲା କୁକୁର ଉତ୍ପାତ ନେଇ ଚିନ୍ତା ବୃଦ୍ଧି ପାଇଛି।

**● ବନ୍ଦେ ବରପୁତ୍ରମ୍ କାର୍ଯ୍ୟକ୍ରମ**

## 'ପ୍ରତିମୂର୍ତ୍ତି ସଫେଇ, ସଂରକ୍ଷଣ ଆମ ନୈତିକ ଦାୟିତ୍ୱ'



ବାରିପଦା,୨୨।୪(ସମିସ): ବନ୍ଦେ ବରପୁତ୍ରମ୍ କାର୍ଯ୍ୟକ୍ରମରେ ବାରିପଦାରେ ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଷ୍ଟେସନ ରୋଡ଼ରୁ ବିଶାଳ ଶୋଭାଯାତ୍ରାକୁ ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ କମିଟିର ଅଧ୍ୟକ୍ଷ ସେବାନିବୃତ୍ତ ପୁଲିସ ଅଧିକାରୀ ଦୁର୍ଗା ପ୍ରସାଦ ମିଶ୍ର ଉଦଘାଟନ କରିଥିଲେ। ଶୋଭାଯାତ୍ରା କେସି ସର୍କଲ, ମାର୍କେଟ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲା। ମହାରାଣୀ ନର୍ସିଂ ସ୍କୁଲ, ପ୍ରିନ୍ସ କଲେଜ, ସାଇସିଦ୍ଧି କଲେଜର ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀମାନେ ସାମିଲ ହୋଇଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତି ଧୋଇ ସଫେଇ ପରେ ସମୂହ ମାଲ୍ୟାର୍ପଣ କରାଯାଇଥିଲା। ଆୟୋଜିତ ସଭାରେ ମୁଖ୍ୟଅତିଥି ଏମଏସସିବି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହେନ୍ଦ୍ର ମହାନ୍ତି, ମୁଖ୍ୟବକ୍ତା ପୂର୍ବତନ ଲୋକାୟୁକ୍ତ ଡ଼ ଦେବବ୍ରତ ସ୍ୱାଇଁ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଡ଼ ବନଜା ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ ଗୋଚ୍ଛାୟତ ପ୍ରମୁଖ ଯୋଗ ଦେଇଥିଲେ। ଦିବସର ପ୍ରତିଷ୍ଠାତା ସଞ୍ଜୟ କୁମାର ଚୌଧୁରୀ ତାତ୍ପର୍ଯ୍ୟ ବର୍ଣ୍ଣନା କରି ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ କାର୍ଯ୍ୟକ୍ରମ ଆମ ନୈତିକ ଦାୟିତ୍ୱ ବୋଲି କହିଥିଲେ। ଏହି ଅବସରରେ ଶିଶୁ ନୃତ୍ୟ ଶିଳ୍ପୀ ଆୟୁକ୍ତା ତ୍ରିପାଠୀଙ୍କ ଓଡିଶୀ ନୃତ୍ୟ ଓ ଅଭିରାମ ବେଦ ବେଦାନ୍ତ ବିଦ୍ୟାଳୟର ଦେଶାତ୍ମବୋଧକ କାର୍ଯ୍ୟକ୍ରମ ସମସ୍ତଙ୍କୁ ବାନ୍ଧି ରଖିଥିଲା। ଡ଼ ପୁଷ୍ପା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଭିନ୍ନ ସଂଗଠନ ଓ ଶତାଧିକ ସଂସ୍କୃତି ସଚେତନ ଯୁବପିଢ଼ି, ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀଙ୍କ ଦ୍ୱାରା ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିକୁ ସଫେଇ କରି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା।

## ପିଆରଏମ୍‌ରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ଦାବି

ବାରିପଦା,୨୨।୪(ସମିସ): ୨୦୧୭ରୁ ବାରିପଦାରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଥିଲେ ମଧ୍ୟ ଆଜି ବି ମୟୂରଭଞ୍ଜବାସୀ ଉତ୍ତମ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ। ମୟୂରଭଞ୍ଜ ଏକ ଆଦିବାସୀ ବହୁଳ ଜିଲ୍ଲା ସମସ୍ତେ ଗରିବ ସୀମାରେଖା ତଳେ ଅଛନ୍ତି। ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ କଲେଜ ଓ ହସ୍ପିଟାଲ ଏକ ରେଫରାଲ ସେଣ୍ଟରରେ ପରିଣତ ହେବାରୁ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଶିଷ୍ଟ ସମାଜସେବୀ ବିଶ୍ୱଜିତ ନାୟକ। ଶ୍ରୀ ନାୟକଙ୍କ ସହିତ ଏକ ପ୍ରତିନିଧିମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ବିଭିନ୍ନ ସୁପର ସ୍ପେଶାଲିଷ୍ଟ ବିଭାଗ ଖୋଲି ଜିଲ୍ଲାବାସୀଙ୍କୁ ଉଚିତ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଦାବି କରିଛନ୍ତି। ବିଭାଗ ଗୁଡିକ ମଧ୍ୟରୁ ହେମାଟୋଲୋଜି, ସ୍ନାୟୁ ରୋଗ ବିଭାଗ, କର୍କଟ ରୋଗ ବିଭାଗ, ହୃଦ୍‌ରୋଗ ବିଭାଗ, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ୟୁରୋଲୋଜି, ଏଣ୍ଡୋକ୍ରାଇନୋଲୋଜି ଓ ବୃକକ୍ ରୋଗ ବିଭାଗ ଅଗ୍ରାଧିକାର ଭିତ୍ତିରେ ମଞ୍ଜୁର ଓ ପ୍ରତିଷ୍ଠା କରିବା ପାଇଁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନବେଳେ ଶ୍ରୀ ନାୟକଙ୍କ ସହିତ ବୁଦ୍ଧିଜୀବୀ ରାଜୀବ କୁମାର ଜେନା, ବୁଦ୍ଧେଶ୍ୱର କର, ପ୍ରଦୀପ କୁମାର ମିସ୍ତ୍ରୀ, ଆନନ୍ଦାନନ୍ଦ ଶଙ୍ଖୁଆ, ମାନସ ସ୍ୱାଇଁ, ମନୋଜ ବେହେରା, ତପନ ମଣ୍ଡଳ, ବିକର୍ଥନ ଲେଙ୍କା, ଯୋଗେଶ୍ୱର ପାଲବାବୁ ଓ ସୌରେନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ।



## ଫିଜିକାଲ ଫିଟ୍‌ନେସ ସ୍ପୋର୍ଟସ୍ ଏକାଡେମୀର ବାର୍ଷିକ କ୍ରୀଡ଼ା



ବାରିପଦା,୨୨।୪(ସମିସ): ସ୍ଥାନୀୟ ଛଉ ପଡ଼ିଆରେ ବାରିପଦା ଫିଜିକାଲ ଫିଟନେସ ସ୍ପୋର୍ଟସ ଏକାଡେମୀ ଆନୁକୂଲ୍ୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନିଆ ଏହି କ୍ରୀଡ଼ା ପ୍ରତିଯୋଗିରେ ୫ରୁ ୫୦ ବର୍ଷ ବୟସର ଉଭୟ ପୁରୁଷ ଓ ମହିଳା ସମେତ ମୋଟ ୧୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ କ୍ରୀଡ଼ାବିତ ବିଜୟକୁମାର ଦାସ ଏହାକୁ ଉଦଘାଟନ କରିଥିଲେ। ମହିଳା ବିଭାଗ ୧୦୦ମି ଦୌଡରେ ଦାନଗି ମାରାଣ୍ଡି, ୧୦ ହଜାର ମିଟର ମାରାଥନରେ ସାନେ ଟୁଡୁ, ୬୦ ମି ଦୌଡରେ ଅନନ୍ୟା ହେମ୍ବ୍ରମ, ୪୦୦ ମି. ଦୌଡରେ ସନ୍ଧ୍ୟା ହେମ୍ବ୍ରମ, ୧୫୦୦ ମି. ଦୌଡରେ ରୀତା ଦାସବାବୁ ଓ ଜୁନିୟର ବିଭାଗରେ ହରପ୍ରିୟା ପାତ୍ର, ୱାକିଙ୍ଗରେ ଶାନ୍ତିଲତା ହେମ୍ବ୍ରମ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପୁରୁଷ ବିଭାଗ ୧୦ ହଜାର ମିଟର ମାରାଥନରେ କୁସୁନ ମୁଣ୍ଡା, ୩ ହଜାର ମିଟର ମାରାଥନରେ ନମନ କୁମାର ଦାସ, ସଟ୍‌ପୁଟ ଥ୍ରୋ ରେ ଅମିତ କୁମାର ଦଳବେହେରା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଜୁନିୟର ବାଳିକା ଦଳ ସିନିୟର ବାଳିକା ଦଳକୁ ଦଉଡି ଟଣାରେ ପରାସ୍ତ କରି ଚମ୍ପିଅନ ହୋଇଥିଲେ। ରୋଟାରୀ କ୍ଲବରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ ମାସା ଆର୍ମିର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଆୟୋଜକ ଦଳନ ଚନ୍ଦ୍ର କୁଁଅର ଦେଓ ଓ ସହ ସମ୍ପାଦକ ପ୍ରଶାନ୍ତ ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ଛତିଶଗଡ ଠାରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଟ୍ରାଇବଲ ଗେମ୍ସରେ ୧୦ ହଜାର ମିଟର ଦୌଡରେ ୨ୟ ସ୍ଥାନ ଅଧିକାର କରିଥିବା ସନ୍ଧ୍ୟା ମୁର୍ମୁଙ୍କୁ ସମ୍ମାନିତ କରାଯାଇଥିଲା।

**ବଳାଙ୍ଗୀ ମହୋତ୍ସବର ଷଷ୍ଠ ସନ୍ଧ୍ୟା; ଝୁମର ନୃତ୍ୟରେ ଝୁମିଲେ ଦର୍ଶକ**

# 'କଳା ସଂସ୍କୃତି ହିଁ, ଗୋଟିଏ ଭୂଖଣ୍ଡର ସ୍ୱତନ୍ତ୍ର ପରିଚୟ'

ବାରିପଦା,୨୨।୪(ସମିସ):

ଓଡ଼ିଆ ନବବର୍ଷ ପାଳନ ଉପଲକ୍ଷେ ବାରିପଦାର ବୁଢାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ମୟୂରଭଞ୍ଜର ମହାନ ଗଣପର୍ବ ବଳାଙ୍ଗୀ ମହୋତ୍ସବ ୧୭ ତାରିଖରେ ଉଦ୍‌ଘାଟିତ ହୋଇଥିବା ବେଳେ ଏହାର ଷଷ୍ଠ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ କଳା ସଂସ୍କୃତି ହିଁ ଗୋଟିଏ ଭୂଖଣ୍ଡର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ ବୋଲି କହିବା ସହିତ ଦୀର୍ଘ ୨୪ବର୍ଷ ଧରି ପାଳିତ ହୋଇ ଆସୁଥିବା ବଳାଙ୍ଗୀ ମହୋତ୍ସବ ମୟୂରଭଞ୍ଜ ଜିଲ୍ଲାରେ କଳା ସଂସ୍କୃତିର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଆସୁଛି ବୋଲି କହିଥିଲେ। ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ୟୁରୋକିଡ୍ସର ନିର୍ଦ୍ଦେଶିକା





ସମାଜସେବୀ ସୁନିତା ଘିବେଲା, ମହୋତ୍ସବ କମିଟିର ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ ବଳାଙ୍ଗୀ କେବଳ ମହୋତ୍ସବ ଭିତରେ ସୀମିତ ନରହି ଜିଲ୍ଲାରେ ଏକ ସାଂସ୍କୃତିକ ଆନ୍ଦୋଳନର ରୂପ ନେଇଛି ବୋଲି କହିଥିଲେ।

ଏହି ଅବସରରେ ପଦ୍ମଶ୍ରୀ ଚରଣ ହେମ୍ବ୍ରମ, କ୍ଷୀରୋଦ ଚନ୍ଦ୍ର ମହାନ୍ତି, ଅନୁପ ଦଣ୍ଡପାଟ, ତରୁଣ କୁମାର ଦାଶ, ଶ୍ରୀବତ୍ସ ବେହେରା, ସନ୍ଦୀପ ମହାନ୍ତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସୌମ୍ୟ ରଞ୍ଜନ ମିଶ୍ରଙ୍କୁ ବଳାଙ୍ଗୀ ଯୁବସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ବିଶିଷ୍ଟ ଆର୍କିଟେକ ଇଂ ମନୋଜ କୁମାର କୁଅଁରଙ୍କ ଦ୍ୱାରା ପରିଚାଳିତ ମୟୂରଭଞ୍ଜ ଛଉ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ସମ୍ବନ୍ଧୀୟ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସହ ସମ୍ପାଦକ ଡ଼ ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବା ବେଳେ, ସମ୍ପାଦକ ଦୀପକ କୁମାର ନାୟକ ସମ୍ବର୍ଦ୍ଧନା ପର୍ବ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ସାଂସ୍କୃତିକ ଦଳ ଯୋଗଦେଇ ସେମାନଙ୍କର କଳା କୌଶଳ ପ୍ରଦର୍ଶନ କରିଥିବା ବେଳେ ମୟୂରଭଞ୍ଜର ପ୍ରସିଦ୍ଧ ଝୁମର ନୃତ୍ୟ ସଂଗୀତ ଦର୍ଶକଙ୍କୁ ମତୁଆଲା କରିଥିଲା। ବଳାଙ୍ଗୀ ସେନାର କୁମାରେଶ ନାୟକ, ମିଥୁନ ବାରିକ, ସନତ ବାରିକ, ଦିଲ୍ଲୀପ ପାତ୍ର, ପ୍ରକାଶ କାଣ୍ଡି, ରୋହିତ ବେହେରା, ମନୋରଞ୍ଜନ ବାରିକ, ରାଜକିଶୋର ମହାନ୍ତ ପ୍ରମୁଖଙ୍କ ନେତୃତ୍ୱରେ ବହୁ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



ରାଇରଙ୍ଗପୁର,୨୨।୪(ସମିସ): ସାମ୍ବାଦିକ ଜଗତ ରଞ୍ଜନ ବେହେରାଙ୍କ ମାତା ମୁକ୍ତାମଣି ବେହେରା (୭୭)ଙ୍କ ପରଲୋକ ରାଇରଙ୍ଗପୁରର ବାଇଦାପୋଷି ଗ୍ରାମରେ ସ୍ଥିତ ବାସଭବନରେ ଘଟିଛି। ଅନେକ ବ୍ୟକ୍ତି ବିଶେଷ ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ, ଝିଅ, ପୁତ୍ରବଧୂ, ନାତି, ନାତୁଣୀ, ପୁତୁରା, ଝିଆରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କୁ ଫାର୍ସାରେ ହାଣି ହତ୍ୟା; ଅଭିଯୁକ୍ତ ଗିରଫ

## ● ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ

ବଣାଇଁ,୨୨।୪(ସମିସ): ଏକ ବାହାଘର ଭୋଜି ଖାଇବା ପାଇଁ ନିଜ ଭିଣୋଇ ଘର ଗାଁକୁ ଯାଇଥିବା ଯୁବକଙ୍କୁ ଫାର୍ସାରେ ହାଣି ହତ୍ୟା ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଲହୁଣିପଡ଼ା ଥାନା ଅନ୍ତର୍ଗତ ଉଲସୁରେଇ ଗ୍ରାମର ମୁଚି ମୁଣ୍ଡାର ପୁଅ ଫଗୁ ମୁଣ୍ଡା (୧୯) ଗତକାଲି ଏକ ବିବାହ ଭୋଜି ଖାଇବା ପାଇଁ ତାଙ୍କ ଭିଣୋଇଙ୍କ ଘର ବଣାଇଁ ଥାନା ଭାଲୁଡୁଙ୍ଗୁରି ଗ୍ରାମକୁ ଯାଇଥିଲା। ଭୋଜିରେ ଫଗୁଙ୍କ ସହ ଗ୍ରାମର ଯୁବକ ରାଜେଶ ନାଏକ ସହ ଗଣ୍ଡଗୋଳ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ଝଗଡ଼ା ତୀବ୍ର ହୋଇଥିଲା। ଉତ୍ୟକ୍ତ ରାଜେଶ ଘରୁ ଏକ ଧାରୁଆ ଫାର୍ସା ଆଣି ଫଗୁକୁ ଆକ୍ରମଣ କରିଥିଲା। ଏଥିରେ ଫଗୁଙ୍କ ବେକ କଟି ଯାଇଥିଲା। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବଣାଇଁ ଓ ପରେ ରାଉରକେଲା ସ୍ଥାନାନ୍ତରିତ କରାଯାଇଥିଲେ ହେଁ ଫଗୁଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ମୃତଦେହ ଏବେ ରାଉରକେଲା ସରକାରୀ ଡାକ୍ତରଖାନା ମର୍ଗ ହାଉସ୍‌ରେ ରହିଥିଲା। ଆଜି ସନ୍ଧ୍ୟାରେ ଏତଲା ହେବା ପରେ ବଣାଇଁ ପୁଲିସ ଥାନାରେ ଏକ ହତ୍ୟା ମାମଲା(୧୧୦ /୨୬) ରୁଜୁ କରି ଅଭିଯୁକ୍ତକୁ ଗିରଫ କରି ପଚରାଉଚରା ଚଳାଇଥିବା ଜଣାପଡିଛି। ଗୁରୁବାର ବ୍ୟବଚ୍ଛେଦ ପରେ ଶବକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ବଣାଇଁ ଥାନା ଭାରପ୍ରାପ୍ତ ଅଧିକାରୀ ପିଙ୍କି ମୁର୍ମୁ ସୂଚନା ଦେଇଛନ୍ତି।

## ■ ଆର୍‌ଏମ୍‌ସି ନିର୍ବାଚନ ପାଇଁ ପଥ ପରିଷ୍କାର

# ବିଜ୍ଞପ୍ତି ବିରୋଧରେ ଦାୟର ମାମଲା ହାଇକୋର୍ଟରେ ଖାରଜ

ରାଉରକେଲା,୨୨।୪(ସମିସ): ରାଉରକେଲା ମହାନଗର ନିଗମ(ଆର୍‌ଏମ୍‌ସି) ନିର୍ବାଚନ ହେବ। ଏଥିପାଇଁ ଥିବା ଆଇନଗତ ବାଧା ଦୂର ହୋଇଛି। ରାଉରକେଲା ପୌର ନିଗମ ଗଠନ ସଂପର୍କିତ ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ଦାୟର ଦୁଇ ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି। ଏଥିସହିତ ଏ ସମ୍ପର୍କିତ ୨୦୧୪, ନଭେମ୍ବର ୧୪ର ବିଜ୍ଞପ୍ତି ଉପରେ ରହିତାଦେଶ ଜାରି କରି ପୂର୍ବରୁ ପ୍ରଦାନ କରାଯାଇଥିବା ଅନ୍ତରୀଣ ନିର୍ଦ୍ଦେଶକୁ ହାଇକୋର୍ଟ ଉଠାଇ ଦେଇଛନ୍ତି। ୨୦୧୫ରୁ ବିଚାରାଧୀନ ଏ ସମ୍ପର୍କିତ ଦୁଇ ମାମଲାକୁ ଜଷ୍ଟିସ ଆରକେ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଖାରଜ କରିବା ସହିତ ପୂର୍ବର ଅନ୍ତରୀଣ ଆଦେଶ ଉଠାଇବାକୁ କହିଛନ୍ତି। ଏଥିସହିତ ରାଉରକେଲା ପୌର ନିଗମ ନିର୍ବାଚନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ରାଉରକେଲା ପୌର ପରିଷଦର ୩୩ଟି ୱାର୍ଡ ସହିତ କେତେକ ପଞ୍ଚାୟତକୁ ପୌର ନିଗମରେ ଅନ୍ତର୍ଭୁକ୍ତ କରି ୨୦୧୪, ନଭେମ୍ବର ୧୪ରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ପ୍ରକାଶ କରିଥିଲା। ନୂଆ କରି ସାମିଲ ହୋଇଥିବା କେତେକ ପଞ୍ଚାୟତର ବାସିନ୍ଦାଙ୍କ ତରଫରୁ ଏହି ବିଜ୍ଞପ୍ତିକୁ ବିରୋଧ କରି ୨୦୧୫ରେ ହାଇକୋର୍ଟରେ ଦୁଇଟି ମାମଲା ରୁଜୁ କରାଯାଇଥିଲା। ୨୦୧୫, ମାର୍ଚ୍ଚ ୨୬ରେ ହାଇକୋର୍ଟ ମାମଲାର ଶୁଣାଣି କରି ୨୦୧୪ର ବିଜ୍ଞପ୍ତି ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ମାମଲା ବିଚାରାଧୀନ ଥିବା ବେଳେ ଅନ୍ତରୀଣ ରହିତାଦେଶ ପାଇଁ ରାଉରକେଲା ମହାନଗର ନିଗମ ନିର୍ବାଚନ ହୋଇପାରୁ ନଥିଲା।

## ● ସ୍ୱସ୍ତି ଝଙ୍କାରର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

# ତୃତୀୟ ସନ୍ଧ୍ୟାରେ ‘ଦେବଦାସୀ’ ମଞ୍ଚସ୍ଥ

ରାଉରକେଲା,୨୨।୪(ସମିସ): ସ୍ୱସ୍ତି ଝଙ୍କାର ଆୟୋଜିତ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଆଜି “ଦେବଦାସୀ’ ନାଟକ ମଞ୍ଚସ୍ଥ ହୋଇଯାଇଛି। ସ୍ଥାନୀୟ ସିଭିକ ସେଣ୍ଟର୍‌ଠାରେ ଢ଼େଙ୍କାନାଳର ଅଲ୍‌ଟରନେଟିଭ୍ ରିଦମ୍ ଥିଏଟର ପକ୍ଷରୁ ପ୍ରସ୍ତୁତ ଏହି ନାଟକଟିକୁ ଦିନେଶ ଦାସ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ସଂଗୀତ ନିର୍ଦ୍ଦେଶନା ମଣ୍ଟୁ ଦେଇଥିବା ବେଳେ ବିକାଶ ପ୍ରଧାନ ଆଲୋକ ସଜ୍ଜା କରିଥିଲେ। ସେହିପରି ମଞ୍ଚ ସଜ୍ଜା କରିଥିଲେ କାର୍ତ୍ତିକ, ପ୍ରମୋଦ ଓ ମାଧବ। ଆଜିର ଉତ୍ସବକୁ ବରିଷ୍ଠ ଅଭିନେତା ଆଲୋକ ବୋଷ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଦର୍ଶକ ଭାବେ ବସ୍ତିଆ ମେମୋରିଆଲ ଟ୍ରଷ୍ଟର



ସମ୍ପାଦକ ଇଂ.ଗୌତମ ମିଶ୍ର ଯୋଗ ଦେଇଥିଲେ। ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ପବିତ୍ର ମହାନ୍ତିଙ୍କୁ ବିଶିଷ୍ଟ ରାଜନୀତିଜ୍ଞ ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ସ୍ମୃତିରେ “ସୁରେନ୍ଦ୍ର ଦ୍ୱିବେଦୀ ସ୍ମୃତି ନାଟ୍ୟ ସମ୍ମାନ’ରେ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପାଢ଼ୀଙ୍କୁ ସ୍ୱସ୍ତି ନାଟ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ତଥା ଶିକ୍ଷାବିତ୍ତ ଶର୍ମିଷ୍ଠା କବି ଶତପଥି ଏଥିରେ ଅଧକ୍ଷତା କରିଥିଲେ। ସ୍ୱସ୍ତିର ଯୁଗ୍ମ ନାଟ୍ୟ ସଂପାଦକ ଗୌତମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ନିରୁପମା ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ରାଜୀବ ପାଣି, ବିଜୟ ପାତ୍ର, ପ୍ରଳୟ ଶତଥି, କଲ୍ୟାଣୀ ଦାସ, ରୁନୁ ବେକ, ସନ୍ଧ୍ୟା ପଟ୍ଟନାୟକ, ଡ. ଅଜୟ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ନାଟକର ବିଭିନ୍ନ ଭୂମିକାରେ ମନୋହର, ଦିନେଶ, କାମାକ୍ଷା, ଜୟଦେବ, କାର୍ତ୍ତିକ, ନିରଞ୍ଜନ, ମାନସ, ପ୍ରମୋଦ, ଆଶୁତୋଷ, ବିଶ୍ୱଜିତ, ଜୟଚନ୍ଦ୍ର, ସତ୍ୟଜିତ, ମାଧବ ସୁଶ୍ରୀ ସାଲ୍‌ଭି, ଦେବଯାନୀ, ସୌମ୍ୟା ପ୍ରମୁଖ ସୁନ୍ଦର ଅଭିନୟ କରିଥିଲେ। ନାଟକ ଶେଷରେ ନାଟ୍ୟ ନିର୍ଦ୍ଦେଶକ ଦିନେଶ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆର୍‌ଏସ୍‌ପିର ସମ୍ପ୍ରସାରଣ କାର୍ଯ୍ୟ ପାଇଁ ପ୍ରକ୍ରିୟା ଆରମ୍ଭ

# ଖୁବ୍‌ଶୀଘ୍ର ଆରମ୍ଭ ହେବ ପାଚେରି ନିର୍ମାଣ; ବଢ଼ିବ ଉତ୍ପାଦନ କ୍ଷମତା

ରାଉରକେଲା,୨୨।୪(ସମିସ):




ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସମ୍ପ୍ରସାରଣ କାର୍ଯ୍ୟ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସମ୍ପ୍ରସାରଣ ସ୍ଥାନର ସୀମା ନିର୍ଦ୍ଧାରଣ ସହ ଖୁବ୍‌ଶୀଘ୍ର ପାଚେରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବା ନେଇ ଆର୍‌ଏସ୍‌ପି ପକ୍ଷରୁ ସୂଚନାଦିଆଯାଇଛି। ସୂଚନାନୁଯାୟୀ, ବର୍ତ୍ତମାନର ସମ୍ପ୍ରସାରଣ ଯୋଜନା ଅନୁଯାୟୀ ଆରଏସପିର ହଟ୍ ମେଟାଲ୍ ଉତ୍ପାଦନ କ୍ଷମତା ବାର୍ଷିକ ୪.୬୫ ନିୟୁତ ଟନ୍ (ଏମଟିପିଏ) ରୁ ୯.୮ ଏମଟିପିଏକୁ ବୃଦ୍ଧି କରାଯିବ। ଏହି ଯୋଜନାରେ ପରିକଳ୍ପିତ ପ୍ରମୁଖ ଉତ୍ପାଦନ ୟୁନିଟ୍ ହେଉଛି ଦୁଇଟି ଷ୍ଟାମ୍ପ ଚାର୍ଜଡ୍ କୋକ୍ ଓଭନ୍ ବ୍ୟାଟେରୀ, ଏକ ସିଣ୍ଟର୍ ପ୍ଲାଣ୍ଟ, ଏକ ପେଲେଟ୍ ପ୍ଲାଣ୍ଟ, ଏକ ବ୍ଲାଷ୍ଟ ଫର୍ଣ୍ଣେସ୍ (୫.୧୫ ଏମଟିପିଏ କ୍ଷମତା), ଏକ ଷ୍ଟିଲ୍ ମେଲ୍ଟିଂ ସପ, ଏକ ହଟ୍ ଷ୍ଟ୍ରିପ୍ ମିଲ୍, ଏକ ସିଲିକନ୍ ଷ୍ଟିଲ୍ ମିଲ୍, ଏକ କୋଲ୍ଡ ରୋଲିଂ ମିଲ୍ ଏବଂ ଏକ ଇଉ ଓ ଇ ପାଇପ୍ ପ୍ଲାଣ୍ଟ। ଏହି ସମ୍ପ୍ରସାରଣର ଆଟକଳ ମୂଲ୍ୟ ପ୍ରାୟ ୩୦ ହଜାର କୋଟି ଟଙ୍କା ରହିଥିବା ବେଳେ ୨୦୩୨ ସୁଦ୍ଧା ଏହି କାର୍ଯ୍ୟ ସମାପ୍ତ କରିବାକୁ ଯୋଜନା କରାଯାଇଛି। ସମ୍ପ୍ରସାରଣ ପାଇଁ ବର୍ତ୍ତମାନର ଯୋଜନା କେବଳ ଏକ କର୍ପୋରେଟ୍ ମାଇଲଖୁଣ୍ଟ ନୁହେଁ, ଏହା ଏହି ଅଞ୍ଚଳ, ରାଜ୍ୟ ଏବଂ ଦେଶ ପାଇଁ ଏକ ମୌଳିକ ଆବଶ୍ୟକତା ମଧ୍ୟ। ଜାତୀୟ ଇସ୍ପାତ ଯୋଜନା ଅଧୀନରେ ଭାରତ ୨୦୩୦ ସୁଦ୍ଧା ୩୦୦ ଏମଟିପିଏ ଅଶୋଧିତ ଇସ୍ପାତ କ୍ଷମତା ହାସଲ କରିବାର ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ରଖିଛି। ଏହି ପ୍ରତିଯୋଗିତାମୂଳକ ପରିପ୍ରେକ୍ଷୀରେ ନିଜର ସ୍ଥାୟୀତ୍ୱ ଓ ଚିରନ୍ତନୀ ବ୍ୟାପାର ଲକ୍ଷ୍ୟ ହାସଲ ନିମନ୍ତେ ଆରଏସପି ଏହି ଭବିଷ୍ୟତ ସମ୍ପ୍ରସାରଣ ଯୋଜନା ଆରମ୍ଭ କରିଛି। ସମ୍ପ୍ରସାରଣର ଏହି ପର୍ଯ୍ୟାୟ ପାଇଁ ଧାର୍ଯ୍ୟ କରାଯାଇଥିବା ୩୦ ହଜାର କୋଟି ଟଙ୍କା ନିବେଶ ସମଗ୍ର ପଶ୍ଚିମ ଓଡ଼ିଶା ପାଇଁ ଏକ ବିଶାଳ ଆର୍ଥିକ ଗୁଣକ ଭାବରେ କାର୍ଯ୍ୟ କରିବ। ହଜାର ହଜାର ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବା ବ୍ୟତୀତ ସମ୍ପ୍ରସାରଣର ଏହି ପର୍ଯ୍ୟାୟ ଏମଏସଏମଇ (ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ) କ୍ଷେତ୍ରକୁ ପୁନର୍ଜୀବିତ କରିବା ସହ ଆଖପାଖ ଗାଁଗୁଡ଼ିକରେ ରହୁଥିବା ଲୋକଙ୍କ ଜୀବନ ଧାରଣ ମାନରେ ଉଲ୍ଲେଖନୀୟ ଉନ୍ନତି ଆଣିବ। ଉଲ୍ଲେଖନୀୟ ଯେ, ସାଂପ୍ରତିକ ଇସ୍ପାତ ଦୃଶ୍ୟପଟର ଅଧ୍ୟୟନ ଅନୁଯାୟୀ ଘରୋଇ ଇସ୍ପାତ ନିର୍ମାତାମାନଙ୍କ ଦ୍ୱାରା ଦ୍ରୁତ କ୍ଷମତା ବୃଦ୍ଧି ଦୃଷ୍ଟିରୁ ୫ ଏମଟିପିଏରୁ କମ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନାଗୁଡ଼ିକ ନିକଟ ଭବିଷ୍ୟତରେ ତିଷ୍ଠି ରହିବାର

**ଉତ୍ପାଦନ କ୍ଷମତା ୪.୬୫ରୁ ୯.୮ ଏମଟିପିଏକୁ ବୃଦ୍ଧି କରିବାକୁ ଲକ୍ଷ୍ୟ**

ଆହ୍ୱାନର ସମ୍ମୁଖୀନ ହେବେ। ବର୍ତ୍ତମାନ କ୍ଷମତା ବୃଦ୍ଧି କରି, ଆରଏସପି କେବଳ ନିଜର ଭବିଷ୍ୟତକୁ ମଜବୁତ କରିବା ପାଇଁ ନୁହେଁ, ବରଂ ଏହା ଉପରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ନିର୍ଭରଶୀଳ ଲକ୍ଷ ଲକ୍ଷ ବ୍ୟକ୍ତିଙ୍କ ଆର୍ଥିକ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ପରିବର୍ତ୍ତନରେ ସମଭାଗୀ ହୋଇ ରାଉରକେଲାକୁ ଏକ ସମୃଦ୍ଧ, ପ୍ରଗତିଶୀଳ, ସ୍ପନ୍ଦନଶୀଳ ଏବଂ ଭବିଷ୍ୟତ ପାଇଁ ସଦାପ୍ରସ୍ତୁତ ଶିଳ୍ପ କେନ୍ଦ୍ର ରୂପେ ଗଢି ତୋଳିବାକୁ ଆରଏସପି ପକ୍ଷରୁ ଏହାର ସମସ୍ତ ପଣଧାରୀମାନଙ୍କୁ ଅନୁରୋଧ କରାଯାଇଛି।

# ଏନ୍‌ଆଇଟିର ନୂତନ ବାୟୋ-ଇଙ୍କ ପେଟେଣ୍ଟ ଉଦ୍ଭାବନ








ରାଉରକେଲା,୨୨।୪(ସମିସ): ରାଉରକେଲା ଏନଆଇଟିର ଗବେଷଣା ଦଳ ଏକ ନୂତନ ବାୟୋ-ଇଙ୍କ ବିକଶିତ କରିଛି। ଯାହାକୁ ୩ଡି ବାୟୋପ୍ରିଣ୍ଟିଂ ଏବଂ ଟିସୁ ଇଞ୍ଜିନିୟରିଂରେ ବ୍ୟବହାର କରାଯାଇପାରିବ। ଏଥିସହ ହାଡ଼ ଏବଂ କାର୍ଟିଲେଜ୍ ମରାମତିରେ ମଧ୍ୟ ଏକ ପ୍ରଭାବଶାଳୀ ଭାବେ ବ୍ୟବହାର କରାଯାଇପାରିବ ବୋଲି ଏନ୍‌ଆଇଟିର ବିଶେଷଜ୍ଞ ଦଳ ପକ୍ଷରୁ କୁହାଯାଇଛି। ସୂଚନାପ୍ରକାରେ, ବାୟୋ-ଇଙ୍କ ହେଉଛି ଟିସୁ ପରି ଗଠନ ନିର୍ମାଣ ପାଇଁ ୩ଡି ବାୟୋପ୍ରିଣ୍ଟିଂରେ ବ୍ୟବହୃତ ସାମଗ୍ରୀ। ତଥାପି ଯାନ୍ତ୍ରିକ ଶକ୍ତି, ଜୈବିକ ସୁସଙ୍ଗତତା ଏବଂ ମୁଦ୍ରଣଯୋଗ୍ୟତାକୁ ମିଶ୍ରଣ କରୁଥିବା ବାୟୋ-ଇଙ୍କ ଅଭାବ ଯୋଗୁଁ ଏହି ପ୍ରଯୁକ୍ତିର ବ୍ୟାପକ ବ୍ୟବହାର ସୀମିତ ରହିଛି। ଏହି ଚ୍ୟାଲେଞ୍ଜର ମୁକାବିଲା ପାଇଁ ଏନ୍‌ଆଇଟିର ବାୟୋଟେକ୍ନୋଲୋଜି ଏବଂ ମେଡିକାଲ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଦେବେନ୍ଦ୍ର ବର୍ମା, ସହଯୋଗୀ ପ୍ରଫେସର ଶ୍ରେୟା କୁଙ୍ଗୁ ଏବଂ ଡ. ତନ୍ମୟ ଭରଦ୍ୱାଜ ଏକ ଉଚ୍ଚ ଆକୃତି-ନିଷ୍ଠା ପ୍ରୋଟିନ-ପଲିସାକାରାଇଡ୍ ବାୟୋ-ଇଙ୍କ ବିକଶିତ କରିଛନ୍ତି। ଯାହାକୁ ହାଡ଼ ଏବଂ କାର୍ଟିଲେଜ୍ ମରାମତିରେ ପ୍ରଭାବଶାଳୀ

**ହାଡ଼ ଓ କାର୍ଟିଲେଜ୍ ମରାମତିରେ ହୋଇପାରିବ ବ୍ୟବହାର**

ଭାବରେ ବ୍ୟବହାର କରାଯାଇପାରିବ। ଇଚ୍ଛିତ ଫଳାଫଳ ହାସଲ କରିବା ପାଇଁ ଗବେଷଣା ଦଳ ବୋଭାଇନ୍ ସେରମ୍ ଆଲବୁମିନ୍ (ବିଏସଏ), ସୋଡିୟମ୍ ଆଲଜିନେଟ୍ ଏବଂ ଜିଲାଟିନ୍ ଏବଂ ଚିଟୋସାନ୍‌ର ପଲିଇଲେକ୍ଟ୍ରୋଲାଇଟ୍ କମ୍ପ୍ଲେକ୍ସକୁ ମିଶ୍ରଣ କରିଥିଲେ। ଏହି ମିଶ୍ରଣ ଏକ ଜୈବ ସକ୍ରିୟ ପ୍ରଣାଳୀ ସୃଷ୍ଟି କରିଥିଲା ଯାହା ମୁଦ୍ରଣ ପ୍ରକ୍ରିୟା ସମୟରେ ଏବଂ ପରେ ସଂରଚନାତ୍ମକ ବିଶ୍ୱସ୍ତତା ବଜାୟ ରଖି କୋଷ ବୃଦ୍ଧିକୁ ସମର୍ଥନ କରିଥିଲା। ପ୍ରଫେସର ଦେବେନ୍ଦ୍ର ବର୍ମା କହିଛନ୍ତି, ନାନୋଫାଇବ୍ରସ୍ କମ୍ପ୍ଲେକ୍ସ ସହିତ ପ୍ରୋଟିନ୍-ପଲିସାକାରାଇଡ୍ ପାରସ୍ପରିକ କ୍ରିୟାକୁ ଏକୀକୃତ କରି ଆମେ ଏକ ସିଷ୍ଟମ୍ ବିକଶିତ କରିଛୁ ଯାହା କେବଳ ଉଚ୍ଚ ସଠିକତା ସହିତ ପ୍ରିଣ୍ଟ କରେ ନାହିଁ ବରଂ ସେଲୁଲାର କାର୍ଯ୍ୟ ଏବଂ ଟିସୁ ପୁନର୍ଜନ୍ମକୁ ସକ୍ରିୟ ଭାବରେ ସମର୍ଥନ କରେ। ପରବର୍ତ୍ତୀ ପଦକ୍ଷେପ ଭାବରେ ଗବେଷଣା ଦଳ ବିକଶିତ ଜୈବ-କାଳିର ସୁରକ୍ଷା ଏବଂ ପ୍ରଭାବକୁ ଆହୁରି ପ୍ରତିଷ୍ଠା କରିବା ପାଇଁ ପ୍ରାଣୀ ଅଧ୍ୟୟନ କରିବାକୁ ଯୋଜନା କରିଛି, ତା’ପରେ ବୈଧତା ପାଇଁ କ୍ଲିନିକାଲ୍ ଅଧ୍ୟୟନ କରାଯିବ। ସୂଚନାଯୋଗ୍ୟ, ବିକଶିତ ଜୈବ-କାଳି ପୁନର୍ଜନ୍ମାଳକ ଔଷଧ ପାଇଁ ଗୁରୁତ୍ୱପୂର୍ଣ୍ଣ ସମ୍ଭାବନା ରଖିଛି। ରୋଗୀ-ନିର୍ଦ୍ଦିଷ୍ଟ, ଟିସୁ ପରି ଗଠନର ନିର୍ମାଣକୁ ସକ୍ଷମ କରିବାର ଏହାର କ୍ଷମତା ବ୍ୟକ୍ତିଗତ ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ପ୍ରୟୋଗରେ ନୂତନ ରାସ୍ତା ଖୋଲିଥାଏ।

# ଗୋପିନାଥ ମହାନ୍ତିଙ୍କ ଜୟନ୍ତୀ

ରାଉରକେଲା,୨୨।୪(ସମିସ): ଦୀପିକା ଇସ୍ପାତ ଶିକ୍ଷା ସଦନ ଓ ଓଡ଼ିଆ ଭାଷା ବିକାଶ ମଞ୍ଚର ମିଳିତ ଆନୁକୁଲ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ଲେଙ୍କାଙ୍କ ସଭାପତିତ୍ୱରେ ଶିକ୍ଷୟିତ୍ରୀ ମୋନାଲିସା ଗୌଡଙ୍କ ସଂଯୋଜନାରେ କାଳଜୟୀ କଥାଶିଳ୍ପି ଗୋପିନାଥ ମହାନ୍ତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଜୟନ୍ତୀ ସଭାରେ ଓଡ଼ିଆ ଭାଷା ବିକାଶ ମଞ୍ଚର ସଂପାଦକ ଆର୍ତ୍ତତ୍ରାଣ ମହାପାତ୍ର ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଜଣାଇ କହିଥିଲେ, ପଦ୍ମଭୂଷଣ ଗୋପୀନାଥ ମହାନ୍ତି ଆଧୁନିକ ଓଡ଼ିଆ ଉପନ୍ୟାସର ଯୁଗ ସ୍ରଷ୍ଟା। ସେ



ଜଙ୍ଗଲର ଆଦିବାସିଙ୍କ ଜୀବନକୁ ଗଭୀର ଭାବେ ଅଧ୍ୟୟନ କରିଥିଲେ। ସଭାପତି ଶ୍ରୀମତୀ ଲେଙ୍କା ଗୋପୀନାଥ ମହାନ୍ତି ହରିଜନ, ଦାନାପାଣି, ଲୟ ବିଲୟ, ମାଟି ମଟାଳ, ଆଦି କାଳଜୟୀ ଉପନ୍ୟାସ ରଚନା କରି ବଳିଷ୍ଠ ସ୍ୱାକ୍ଷର ଛାଡିଯାଇଛନ୍ତି ବୋଲି କହିଥିଲେ। ବିଦ୍ୟାଳୟର ଛାତ୍ରୀ ସୁନିଧି ବାଗ, ସୁଚିସ୍ମିତା ସତପଥୀ, ଦୀପାଞ୍ଜଳୀ ସାହାରେ, ଗୋପୀନାଥଙ୍କ ଜୀବନ ଦର୍ଶନ ଉପରେ କ୍ଷୁଦ୍ର ନିବନ୍ଧ ପାଠକରି ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସଭା ପରିଚାଳନାରେ ସଂଦୀପ ପାତ୍ରୀ, ପ୍ରିୟଙ୍କା ମହାରଣା, ପ୍ରଭାତୀ ଦାଣ୍ଡିଆ, ସରୋଜିନୀ ନାୟକ, ନିଲିମା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସହ ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଦେଇଥିଲେ।

## ● ସିଏମ୍ ଟ୍ରଫି ବାଳିକା କବାଡି ଚାମ୍ପିଅନ୍‌ସିପ୍

# ଲହୁଣୀପଡା ଏକଲବ୍ୟ ସ୍କୁଲ ବିଜେତା




ରାଉରକେଲା,୨୨।୪(ସମିସ): ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ସୁନ୍ଦରଗଡ଼ ଆଥଲେଟିକ୍ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ଛେଣ୍ଡ ସ୍ଥିତ ହୃଷିକେଶ ରାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଜି ସିଏମ୍ ଟ୍ରଫି ଆନ୍ତଃ କ୍ଲବ୍ ଓ ଅନ୍ତଃଜିଲ୍ଲା ବାଳିକା କବାଡି ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଯାଇଛି। ସକାଳେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ହୃଷିକେଶ ରାୟ କଲେଜର ପ୍ରିନ୍‌ସିପାଲ୍ ବିନୟ କୁମାର ସାହାଣୀ ଓ ସମାଜସେବୀ ହରିହର ରାଉତରାୟ ବରେଣ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବଣେଇଁ ବିକାଶ ପରିଷଦର ସଭାପତି ସନତ୍ କୁମାର ପ୍ରଧାନ ଓ ସାମ୍ବାଦିକ ତଥା ସମାଜସେବୀ ବିବେକାନନ୍ଦ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ସୁନ୍ଦରଗଡ ଜିଲ୍ଲାର ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଲହୁଣିପଡ଼ାର ଏକଲବ୍ୟ ମଡେଲ୍ ରେସିଡେନ୍‌ସିଆଲ୍ ସ୍କୁଲ ବିଜେତା ହୋଇଥିବା ବେଳେ ସୁନ୍ଦରଗଡ଼ସଦର କୁଇନ୍ ଦଳ ଉପବିଜେତା ହୋଇଥିଲେ। ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍‌ର ପ୍ରମୁଖ କର୍ମକର୍ତ୍ତା ରାଧାମୋହନ ନାୟକ, ବିଭୂଦତ୍ତ ବେହେରା, ପ୍ରସାଦ କୁମାର ପଟେଲ, ଅରବିନ୍ଦ ପାତ୍ର, ଗୋପିନାଥ ପଣ୍ଡା ପ୍ରମୁଖ ଏହି କ୍ରୀଡା ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ। ବିଜେତା ଚୟନ ଦଳରେ ବେଣୁଧର କୁମ୍ଭାର, ବଜରଙ୍ଗ ବାଗ୍ ଓ ପାର୍ବତୀ ସାହୁ ରହିଥିବା ବେଳେ ଏହି କ୍ରୀଡ଼ା ପ୍ରତିଯୋଗିତା ପରିଚାଳନାରେ ବିଦ୍ୟାଧର ସେଠୀ, ନରହରି ପଣ୍ଡା, ରାମଚନ୍ଦ୍ର ବିଶ୍ୱାଳ, ରାକେଶ ବାରିକ, ଅଶୋକ କୁମାର ରାଉତ, ସତ୍ୟରଞ୍ଜନ ପଣ୍ଡା, ଭରତ କୁମାର ସାହୁ, ଆଶିଷ କୁମାର ପ୍ରଧାନ, ସଂଜୀବ ସିଂ ପ୍ରମୁଖ ସହଯୋଗ କରିଥିଲେ।

## ପଞ୍ଚ ପଟ୍ଟମାଳୀ ନାଟ୍ୟ ମହୋତ୍ସବରେ ‘ପ୍ରତିବିମ୍ବ’ ପୁରସ୍କୃତ

# ‘ହେଲୋ ନିଲେଶ୍’କୁ ଶ୍ରେଷ୍ଠ ନାଟକ ପୁରସ୍କାର

ରାଉରକେଲା,୨୨।୪(ସମିସ): କୋରାପୁଟ ଜିଲ୍ଲା ନାଲ୍‌କୋ ଦାମନଯୋଡିଠାରେ ଅନୁଷ୍ଠିତ ବିଂଶ ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବରେ ରାଉରକେଲାର “ପ୍ରତିବିମ୍ବ’ ନାଟ୍ୟାନୁଷ୍ଠାନ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛି। “ପ୍ରତିବିମ୍ବ’ର କଳାକାରମାନଙ୍କ ଦ୍ୱାରା ପରିବେଷିତ ନାଟକ “ହେଲୋ ନିଲେଶ୍’ ବେଶ୍ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିବା ସହ ଶ୍ରେଷ୍ଠ ପ୍ରଯୋଜିତ ନାଟକ ଭାବେ ପୁରସ୍କୃତ ହୋଇଥିଲା। ନାଟ୍ୟକାରଙ୍କ ବଳିଷ୍ଠ



କାହାଣୀ, ବଳିଷ୍ଠ ନିର୍ଦ୍ଦେଶନା ସାଙ୍ଗକୁ କଳାକାରମାନଙ୍କର ନିଖୁଣ ଅଭିନୟ ଏବଂ ଚମତ୍କାର ସଂଗୀତ ସଂଯୋଜନା ନାଟକଟିକୁ ମନଛୁଆଁ କରିଥିଲା। ପ୍ରତିଯୋଗିତାରେ ଶ୍ରେଷ୍ଠ ନାଟ୍ୟକାର ଭାବେ ପ୍ରଭାକର ପାତ୍ର, ଶ୍ରେଷ୍ଠ ନିର୍ଦ୍ଦେଶକ ପ୍ରଫୁଲ୍ଲ ଚନ୍ଦ୍ର ସେଠି, ଶ୍ରେଷ୍ଠ ଅଭିନେତା ପ୍ରଣବ କୁମାର ପାଣିଗ୍ରାହୀ, ଶ୍ରେଷ୍ଠ ପାୱାର୍ ଅଭିନେତା ଲକ୍ଷ୍ମୀ ନାରାଣ ତ୍ରିପାଠୀ, ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ ଅମୂଲ୍ୟ କୁମାର ବିଶୋଇ, ଦ୍ୱିତୀୟ ଶ୍ରେଷ୍ଠ ମଞ୍ଚସଜ୍ଜା ଗାୟତ୍ରୀ ବିଶୋଇ, ତୃତୀୟ ଶ୍ରେଷ୍ଠ ଅଭିନେତ୍ରୀ ସରୋଜିନୀ ସ୍ୱାଇଁ ବିବେଚିତ ହୋଇ ପୁରସ୍କାର ଲାଭ କରିଛନ୍ତି। ଏତଦ୍‌ବ୍ୟତୀତ “ପ୍ରତିବିମ୍ବ’ର ନାଟକ ହେଲୋ ନୀଲେଶ ଶ୍ରେଷ୍ଠ ପ୍ରଯୋଜିତ ନାଟକ ଭାବେ

**ପ୍ରଭାକର ଶ୍ରେଷ୍ଠ ନାଟ୍ୟକାର, ପ୍ରଫୁଲ୍ଲ ଶ୍ରେଷ୍ଠ ନିର୍ଦ୍ଦେଶକ**

ବିବେଚିତ ହୋଇ ପୁରସ୍କୃତ ହୋଇଛି। ଏହି ସଫଳତା ନିମନ୍ତେ ନାଟ୍ୟକାର, ନିର୍ଦ୍ଦେଶକଙ୍କ ସମେତ ସମସ୍ତ ଅଭିନେତା, ଅଭିନେତ୍ରୀ ଏବଂ ନାଟକରେ ସଂପୃକ୍ତ ସମସ୍ତଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୮ ଗୋଟି ନାଟ୍ୟ ଦଳ ଅଂଶ ଗ୍ରହଣ କରିଥିଲେ।

# ସ୍କୁଲପିଲାଙ୍କୁ କ୍ଷୀରବୋତଲ ବଣ୍ଟନ

ରାଉରକେଲା,୨୨।୪(ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନାର ସିଏସ୍‌ଆର ଯୋଜନା କ୍ଷୀର ଉପହାର କାର୍ଯ୍ୟକ୍ରମ ଅଧୀନରେ ସ୍କୁଲ ପିଲାମାନଙ୍କୁ କ୍ଷୀର ବୋତଲ ବଣ୍ଟନ କରାଯାଇଛି। ଏହି ଯୋଜନା ଅଧୀନରେ, ଏପ୍ରିଲ ୧୭ ତାରିଖରେ ସରକାରୀ ପ୍ରାଥମିକ ବିଦ୍ୟାଳୟ, କୋଇଲ ଗେଟ୍ ଏବଂ ଡୁମେର୍ତା ୟୁପି ସ୍କୁଲରେ ୨୦୦ ମିଲି ଫର୍ଟିଫାଇଡ୍ ସ୍ୱାଦଯୁକ୍ତ କ୍ଷୀର ବୋତଲ ବଣ୍ଟନ କରାଯାଇଥିଲା। ଏ ଅବସରରେ ଡିଜିଏମ୍ ଆରଏସ୍ ବାରା କ୍ଷୀର ବୋତଲ ବଣ୍ଟନ କରିଥିଲେ। ଉଲ୍ଲେଖଯୋଗ୍ୟ, ଓଡ଼ିଶା ମିଲ୍କ ଫେଡେରେସନ୍ (ଓମଫେଡ) ଦ୍ୱାରା ଯୋଗାଇ ଦିଆଯାଇଥିବା କ୍ଷୀର ଏନଡିଡିବି ଫର୍ ନ୍ୟୁଟ୍ରିସନ୍ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି।



# ଜେଏନ୍‌ଭି ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

କୋଇଡା,୨୨।୪(ସମିସ): କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଜବାହାର ନବୋଦୟ ବିଦ୍ୟାଳୟ ସୁନ୍ଦରଗଡ଼ ଜିଙ୍କନଗରର ୨୦୦୨-୨୦୦୯ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରାଉରକେଲା ସ୍ଥିତ ହୋଟେଲ୍ ମନ୍ତ୍ରା ପେଲେସ୍‌ଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଥିବା ପୁରାତନ ଛାତ୍ରଛାତ୍ରୀମାନେ ବ୍ୟସ୍ତତା ସତ୍ତ୍ୱେ ସମଗ୍ର ଦେଶର ବିଭିନ୍ନସ୍ଥାନରୁ ଯୋଗଦେଇଥିଲେ।। ନବୋଦୟ ବିଦ୍ୟାଳୟରେ ବିତାଇଥିବା ଅଭୁଲା ସ୍ମୃତିକୁ ମନେ ପକାଇ ସମସ୍ତେ ଭାବବିହ୍ୱଳ ହୋଇପଡିଥିଲେ। ପରେ ଗୀତ,ନୃତ୍ୟ ଓ ଖେଳ, ମଜା ମସ୍ତିର ଆସର ଜମିଥିଲା। ପରିଶେଷରେ ସୁନ୍ଦର ଉପହାର ପ୍ରଦାନ କରାଯାଇ ସମସ୍ତେ ନିଜନିଜ କର୍ମ ଭୂମିକୁ ଫେରିଥିଲେ।



# ସୁନ୍ଦରଗଡ଼ରେ ଆଜିଠୁ ୪ଦିନ ସ୍କୁଲ ଛୁଟି

ରାଉରକେଲା,୨୨।୪(ସମିସ): କ୍ରମବର୍ଦ୍ଧିଷ୍ଣୁ ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ସୁନ୍ଦରଗଡ଼ ଜିଲ୍ଲାରେ ସମସ୍ତ ସ୍କୁଲକୁ ୨୩ ରୁ ୨୭ ତାରିଖ ପର୍ଯ୍ୟନ୍ତ ୪ ଦିନ ପାଇଁ ଛୁଟି ଘୋଷଣା କରାଯାଇଛି। ଗୁରୁବାରଠାରୁ ୨୭ ତାରିଖ ପର୍ଯ୍ୟନ୍ତ ପ୍ରଥମରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ ସମସ୍ତ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ,ଏସଏମଡି, ଓଏଭିଏସ ତଥା ବେସରକାରୀ ବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଥିବା ଜଣାପଡ଼ିଛି। ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଛୁଟି ଘୋଷଣା ନିମନ୍ତେ ସମସ୍ତ ବ୍ଲକ୍ ଶିକ୍ଷା ବିଭାଗ ଗୁଡ଼ିକୁ ନିର୍ଦ୍ଦେଶ ଆସିବା ପରେ ବ୍ଲକ୍ ଶିକ୍ଷା ବିଭାଗ ତରଫରୁ ସମସ୍ତ ବିଦ୍ୟାଳୟକୁ ଗୁରୁବାରଠାରୁ ୪ ଦିନ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି।

## ଅବ୍ୟବସ୍ଥା ଘେରରେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟ

# ଓପିଡିରେ ରହୁନାହାନ୍ତି ଆବଶ୍ୟକ ଡାକ୍ତର; ରୋଗୀ ହନ୍ତସନ୍ତ

ବଣାଇଁ,୨୨।୪(ସମିସ):

ବଣାଇଁ ଉପଖଣ୍ଡ ଚିକିତ୍ସାଳୟ ଅବ୍ୟବସ୍ଥା ଘେରରେ ରହିଛି। ଅଞ୍ଚଳବାସୀଙ୍କ ଏକମାତ୍ର ଭରସା ଯୋଗ୍ୟ ସରକାରୀ ଚିକିତ୍ସାଳୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବିଶେଷକରି ବହିଃବିଭାଗ (ଓପିଡି) ରେ ଡାକ୍ତର ଅନୁପସ୍ଥିତ ରହୁଥିବାରୁ ରୋଗୀମାନେ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ଉପସ୍ଥାନ ଖାତାରେ ଡାକ୍ତରଙ୍କ ନାମ ଥିଲେ ମଧ୍ୟ ସେମାନେ ପ୍ରାୟତଃ କାର୍ଯ୍ୟସ୍ଥଳରେ ଅନୁପସ୍ଥିତ ରହୁଥିବା ଅଭିଯୋଗ କରିଛନ୍ତି ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟ। ଆଜି ଅପରାହ୍ନ ୪ଟାରୁ ବହିଃବିଭାଗ ଖୋଲିବା ସମୟ ଥିଲେ ମଧ୍ୟ ମାତ୍ର ଜଣେ ଡାକ୍ତର ଉପସ୍ଥିତ ଥିଲେ। ଯାହାଦ୍ୱାରା ଦୂରଦୂରାନ୍ତରୁ ଆସିଥିବା ରୋଗୀମାନେ ଦୀର୍ଘ ସମୟ ଅପେକ୍ଷା କରି





ଅସୁବିଧାରେ ପଡିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହା ନିତିଦିନିଆ ସମସ୍ୟା ହୋଇପଡ଼ିଛି। ବିଭାଗୀୟ ଅଧିକାରୀ କିମ୍ବା ପ୍ରଶାସନ ଏଥିରେ ଗୁରୁତ୍ୱ ଦେଉ ନାହାନ୍ତି। ଅନ୍ୟପଟେ,ବହିଃବିଭାଗରେ ଅଭିଜ୍ଞ ଡାକ୍ତର ରହିବା କଥା, କିନ୍ତୁ ନୂତନ ଓ ଅନଭିଜ୍ଞ ଡାକ୍ତରଙ୍କୁ ଦାୟିତ୍ୱ ଦିଆଯାଉଥିବାରୁ ସେବାର ଗୁଣମାନ ନେଇ ପ୍ରଶ୍ନ ଉଠୁଛି। ଏହା ଫଳରେ ଗୁରୁତର ରୋଗୀମାନଙ୍କ ଚିକିତ୍ସା ବିଳମ୍ବ ହେଉଥିବା ଅଭିଯୋଗ ମଧ୍ୟ ଶୁଣିବାକୁ ମିଳୁଛି। ଅନେକ ସମୟରେ ମୋବାଇଲ ଗୁଗଲରେ ସର୍ଚ୍ଚ କରି ମେଡିସିନ ଲେଖୁଥିବା ମଧ୍ୟ ଦେଖିବାକୁ ମିଳିଛି। ଏ ସମ୍ବନ୍ଧରେ ବଣାଇଁ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ମନୋଜ କୁମାର ପତିଙ୍କୁ ପଚାରିବାରୁ ସେ ଦେଖୁଛି ବୋଲି କହି ଫୋନ କାଟିଦେଇଥିବାରୁ ଘଟଣାର ଗୁରୁତ୍ୱ ନେଇ ପ୍ରଶ୍ନ ଉଠିଛି। ସ୍ଥାନୀୟ ବାସିନ୍ଦା ଓ ରୋଗୀମାନେ ତତ୍କାଳ ସମାଧାନ ଦାବି କରିଛନ୍ତି। ସରକାର ଓ ସମ୍ପୃକ୍ତ ବିଭାଗ ଯଦି ଶୀଘ୍ର ପଦକ୍ଷେପ ନ ନିଅନ୍ତି, ତେବେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଉପରେ ଲୋକଙ୍କ ଆସ୍ଥା ଅଧିକ କମିଯିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।



## ଭୁବନେଶ୍ୱର ସିଟି

# ଡିଜିଟାଲ୍ ଯୁଗରେ ବି କମିନି ବହିର ଚାହିଦା

**ବହୁ ଗୁଣିତ ହୋଇଛି ପୁସ୍ତକ ପ୍ରକାଶନ**

**ଆଜି ବିଶ୍ୱ ପୁସ୍ତକ ଦିବସ**

ଭୁବନେଶ୍ୱର, ୨୨।୪(ସମିସ): କୁହାଯାଏ ଭଲ ବହିଟିଏ ଥିଲେ ବନ୍ଧୁ ଲୋଡ଼ା ନାହିଁ। ମଣିଷ ଯେକୌଣସି ପରିସ୍ଥିତିରେ ଥିଲେ ମଧ୍ୟ ବହି ପଢ଼ିବା ପରେ ମାନସିକ ପରିବର୍ତ୍ତନ ହୋଇଥାଏ। କାରଣ ପୁସ୍ତକରୁ ମାନସିକ, ଶାରିରୀକ ଓ ସାମାଜିକ ଶିକ୍ଷା ମିଳିଥାଏ। ବହି ବିଶ୍ୱର ଏପରି ଏକ ଅମୂଲ୍ୟ ସୃଷ୍ଟି, ଯାହା ମଣିଷ ପାଇଁ ଏକାଧାରରେ ସଙ୍କଟମୋଚକ, ପ୍ରେରଣାଦାୟକ ଓ ସଫଳତାର ସୂତ୍ରଧର ଭାବରେ କାର୍ଯ୍ୟକରେ। ପୂର୍ବରୁ ଆମେ ଗୁମ୍ଫା କାନ୍ଥରେ ପଢୁଥିଲେ, ପରେ ଶିଳାଲିପି, ତମ୍ବାପାତିଆ, ତାଳପତ୍ର, କାଗଜ ଉପରେ ହାତଲେଖା ଓ ପରେ କାଗଜ ଉପରେ ଛପା ଅକ୍ଷର ପଢ଼ିଲେ। ବର୍ତ୍ତମାନ କମ୍ପ୍ୟୁଟର ବା ମୋବାଇଲ ପରଦାରେ ପଢ଼ିବା ଆରମ୍ଭ କରିଛେ। ପଢ଼ିବାର ମାଧ୍ୟମ ବଦଳୁଥିଲେ ମଧ୍ୟ ପୁସ୍ତକର ଚାହିଦା ଏବେବି ରହିଛି।

ଜଗତିକରଣ ସହ ତାଳ ଦେଇ ବଦଳିଛି ପୁସ୍ତକର ପରିଭାଷା। ତାଳପତ୍ର ଲେଖନୀରୁ ଡିଜିଟାଇଜେସନ୍‌ରେ ପହଞ୍ôଚିଛି ପୁସ୍ତକ। ଯେତେବେଳେ କାଗଜ ନ ଥିଲା କି କଲମ ନ ଥିଲା ସେତେବେଳେ ତାଳପତ୍ରରୁ ଆରମ୍ଭ ହୋଇଥିଲା ଲେଖନୀ। ପୂର୍ବରୁ ଆମେ କାନ୍ଥ ଲେଖା, ମାଟି ପଟ୍ଟା, ତମ୍ବାପାତିଆ, ଶିଳାଲିପି, ତାଳପତ୍ର ଛାଡ଼ି ଯେମିତି ଧୀରେଧୀରେ ବହିକୁ ଆପଣେଇଲେ। ତେଣୁ ପଢ଼ିବାର ବିକଳ୍ପ କିଛି ବି ହୋଇପାରିବନାହିଁ ବୋଲି ପ୍ରକାଶକମାନେ ମତବ୍ୟକ୍ତ କରିଛନ୍ତି। ଆଦିକବି ସାରଳା ଦାସ, ଜଗନ୍ନାଥ ଦାସ, ବଳରାମ ଦାସଙ୍କ ପରି କବିମାନେ ଗ୍ରନ୍ଥ ସବୁକୁ ତାଳପତ୍ରରେ ଲିଖନ କରୁଥିଲେ। ଲେଖନୀର ପରିବର୍ତ୍ତନ ହୋଇ କାଗଜ କଲମ ସୃଷ୍ଟି ହେବା ପରେ ପୁସ୍ତକ ଲେଖା ଆରମ୍ଭ ହେଲା। କିନ୍ତୁ ଏବେ ସମୟର ପରିବର୍ତ୍ତନ ସହ ବଦଳିଛି ପୁସ୍ତକର ପରିଭାଷା, ମାତ୍ର ପୁସ୍ତକ ପଢ଼ାରୁ ଦୂରେଇ ପାରିନାହାଁନ୍ତି ପାଠକ। କାରଣ ଦିନକୁ ଦିନ ଇଣ୍ଟରନେଟ୍ ଓ ଡିଜିଟାଲ ଯୁଗରେ ସମସ୍ତଙ୍କ ହାତରେ ସ୍ମାର୍ଟ ଫୋନ୍। ଯେଉଁଥିରେ ପୃଥିବୀର ଯେକୌଣସି ଲେଖକଙ୍କ ବହି ଖୋଜିଲେ ମିଳି ପାରୁଛି। ଗୀତା ଭାଗବତ ଓ ପୁରାଣଶାସ୍ତ୍ର ମଧ୍ୟ ଅନଲାଇନ୍ ମାଧ୍ୟମରେ ଉପଲବ୍ଧ ହେଉଛି। ଯାହା ପାଠକମାନଙ୍କ ମାନଙ୍କ ପାଇଁ ଅତ୍ୟନ୍ତ ସହଜ ହେଉଛି। କିନ୍ତୁ ଏହାରି ମଧ୍ୟରେ ପୁସ୍ତକ ପଢ଼ିବାର ଆକାଂକ୍ଷା ବଢ଼ି ଚାଲିଛି। ଇଣ୍ଟରନେଟ୍ ଯୁଗରେ ମଧ୍ୟ କମିନି ବହି ପଢ଼ିବାର ଉତ୍ସାହ ଓ ପ୍ରକାଶନର ସଂଖ୍ୟା। ଯଦି ଆମେ ପୂର୍ବକୁ ଫେରିଯିବା ତେବେ କଟକ ଓ ଭୁବନେଶ୍ୱରରେ ମାତ୍ର ହାତ ଗଣତି ପ୍ରକାଶନୀ ସଂସ୍ଥା ରହିଥିଲା। ହେଲେ ବର୍ତ୍ତମାନ କେବଳ ରାଜଧାନୀରେ ୩୦ରୁ ଊର୍ଦ୍ଧ୍ୱ ପ୍ରକାଶନୀ ସଂସ୍ଥା ରହିଛି। ପୁସ୍ତକ ପ୍ରକାଶନକୁ ଅନେକ ପ୍ରକାଶକ ନିଜର ବୃତ୍ତି ଭାବେ ଗ୍ରହଣ କରିଛନ୍ତି। ତେବେ ବର୍ତ୍ତମାନ ଲେଖକଙ୍କ ସଂଖ୍ୟା



ବୃଦ୍ଧି ପାଇବା ସହ ପ୍ରକାଶକଙ୍କ ସଂଖ୍ୟା ଓ ପୁସ୍ତକ ସଂଖ୍ୟା ବି ବୃଦ୍ଧି ପାଉଛି। ବର୍ଷକୁ ୧୦୦ରୁ ୧୨୦୦ ପୁସ୍ତକ ପ୍ରକାଶ ପାଉଥିବା ବେଳେ ଓଡ଼ିଶାର ବିଭିନ୍ନ ସହରରେ ପ୍ରତି ବର୍ଷ ସଫଳତାର ସହ ପୁସ୍ତକ ମେଳା ଆୟୋଜନ କରାଯାଉଛି। କେବଳ ରାଜଧାନୀର ବର୍ଷକୁ ୩ରୁ ୪ଟି ପୁସ୍ତକମେଳା ଆୟୋଜନ ସହ ନୂତନ ପୁସ୍ତକ ପ୍ରକାଶନ ଏହାର ପ୍ରକାଶ ବୋଲି କୁହାଯାଇପାରେ। ଏହାସହ ବର୍ତ୍ତମାନ ଡିଜିଟାଲ ପ୍ଲାଟଫର୍ମରେ ମଧ୍ୟ ପୁସ୍ତକ ଉପଲବ୍ଧ ହୋଇଛି। ପାଠକମାନେ ପାଠ୍ୟପୁସ୍ତକ ଠାରୁ ଆରମ୍ଭ କରି ଉପନ୍ୟାସ, ଗଳ୍ପ ପୁସ୍ତକ ଆଦି ବହୁଳ ଭାବେ କିଣୁଛନ୍ତି। ଏନେଇ ପେନ୍ ଇନ୍ ପ୍ରକାଶନୀର ମୁଖ୍ୟ ଶୁଭ୍ରାଂଶୁ ପଣ୍ଡା କହିଛନ୍ତି ଯେ, ପୁସ୍ତକର ବିକଳ୍ପ ହୋଇପାରିବ ନାହିଁ। ପୁସ୍ତକକୁ ନେଇ ଓଡ଼ିଆ ବୁଦ୍ଧିଜୀବୀ ମହଲରେ ଗୋଟିଏ ଭ୍ରମଧାରଣା ଅଛି ଯେ, ଡିଜିଟାଲ ମନୋରଞ୍ଜନର ମାଧ୍ୟମ ଏହାକୁ ମାରି ଦେଉଛି, ଦିନକୁ ଦିନ ପାଠକ କମି ଯାଉଛନ୍ତି, ବହିପ୍ରତି ଲୋକଙ୍କ ଆଦର କମୁଛି ଏବଂ ବହି ବିକ୍ରି ହେଉନାହିଁ। ଏ ଚାରୋଟି ଯାକ ସଂଶୟ ଅମୂଳକ। ପାଠକ ପୂର୍ବାପେକ୍ଷା ବହୁଗୁଣିତ ହୋଇଛନ୍ତି, ଅନୁରୂପ ଭାବେ ବହି ବିକ୍ରି ମଧ୍ୟ ବଢ଼ିଛି। କିନ୍ତୁ ସମସ୍ୟା ହେଉଛି ଅନ୍ୟ ପ୍ରସିଦ୍ଧ ଶିଳ୍ପ ଓ ବଜାର ଭଳି ବହି ଶିଳ୍ପ ସଂଗଠିତ ନୁହେଁ ଓ ବହିର ବଜାର ନିୟନ୍ତ୍ରିତ ନୁହେଁ। ଓଡ଼ିଶାରେ ଭଲ ବହି ଦୋକାନ ନାହିଁ। ପ୍ରକାଶକ, ଲେଖକ ଓ ପାଠକଙ୍କ ସଂଖ୍ୟା ବଢୁଥିବାବେଳେ ଏହାକୁ ଏକାଠି କରିବା ପାଇଁ ପ୍ରୋତ୍ସାହନର ଅଭାବ ରହିଛି। ଡିଜିଟାଲ ଦୁନିଆ ବା ସାମାଜିକ ଗଣମାଧ୍ୟମରେ ଟିପ ଅଗରେ ମିଳୁଥିବା ମନୋରଞ୍ଜନ କେବେ ବି ବହିର ବିକଳ୍ପ ହୋଇପାରିବନାହିଁ। ଗୋଟିଏ ବହିର ସବୁଠୁ ବଡ଼ ଶକ୍ତିହେଲା ଏହା ଆମର କଳ୍ପନା ଶକ୍ତିକୁ ବିସ୍ତାର କରେ ଓ ଡେଣାଦିଏ। ବହିର ଚାହିଦା ଏତେ ସହଜରେ ଲୋପ ପାଇବନାହିଁ।

## ଜାନକୀବଲ୍ଲଭ ସ୍ମୃତି ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ପୁରସ୍କୃତ



ଭୁବନେଶ୍ୱର, ୨୨।୪(ସମିସ): ରାଜ୍ୟସ୍ତରୀୟ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ରାଜ୍ୟପାଳ ପ୍ରଜ୍ଞାପୁରୁଷ ଜାନକୀ ବଲ୍ଲଭଙ୍କ ଉପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ହେଲ୍ମେଟର ସାଧାରଣ ସମ୍ପାଦିକା, ସମାଜସେବୀ ନିବେଦିତା ଭଞ୍ଜଙ୍କ ସଂଯୋଜନାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୩ଟି ପର୍ଯ୍ୟାୟରେ ବକ୍ତୃତା, ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପୂଜ୍ୟ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କହିଲେ ଯେ ନୂତନ ପିଢି ଓଡ଼ିଶାର ମହାପୁରୁଷ ମାନଙ୍କୁ ଭଲ ପାଉଥିବା ବେଳେ, ଜାନକୀ ବାବୁ ଦେଶଭକ୍ତି ଓ ଶ୍ରୀଜଗନ୍ନାଥଙ୍କ ପ୍ରତି ସମର୍ପଣ ଭାବ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ସୁଦୃଢ କରିବାରେ ତାଙ୍କ ସଂକଳ୍ପ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି କମିଟିର ସାଧାରଣ ସମ୍ପାଦକ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ହିନ୍ଦୁସ୍ତାନୀ ସେବା ଦଳର ଅଧ୍ୟକ୍ଷ ବଳରାମ ସିଂ ଭାଦୁରିଆ, ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଶିକ୍ଷାବିତ୍ ଡ. ବଦ୍ରୀନାଥ ପଟ୍ଟନାୟକ, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ଯୋଗୀନାଥ ବାହୁବଳେନ୍ଦ୍ର ଓ ରଜନୀ କୁମାର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ଲୋକଭବନରେ ଚାରାରୋପଣ କଲେ ରାଜ୍ୟପାଳ



ଭୁବନେଶ୍ୱର, ୨୨।୪(ସମିସ): ପୃଥିବୀ ଦିବସ ପାଳନ ଅବସରରେ ଲୋକଭବନରେ ମାନ୍ୟବର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଚାରା ରୋପଣ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ବାର୍ତ୍ତା ଦେଇ କହିଛନ୍ତି ଯେ, ଏପରି ଅର୍ଥପୂର୍ଣ୍ଣ କାର୍ଯ୍ୟ ପ୍ରକୃତିର ପୋଷଣ ଏବଂ ସୁରକ୍ଷା ପାଇଁ ସମ୍ମିଳିତ ଦାୟିତ୍ୱକୁ ପ୍ରତିଫଳିତ କରେ। ପ୍ରତ୍ୟେକ ଚାରା ଏକ ସବୁଜ ଏବଂ ସୁସ୍ଥ ଭବିଷ୍ୟତର ପ୍ରତିଶ୍ରୁତି ବହନ କରେ। ପରିବେଶ ସୁରକ୍ଷା ଏବଂ ଆଗାମୀ ପିଢ଼ି ପାଇଁ ସ୍ଥାୟୀ ଅଭିବୃଦ୍ଧି ସୁନିଶ୍ଚିତ କରିବା ପାଇଁ ସାମୂହିକ ପ୍ରୟାସର ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ କହିଛନ୍ତି। ପୃଥିବୀ ଦିବସ ପାଳନ ଅବସରରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଡ଼ ରୂପା ରୋଶନ ସାହୁଙ୍କ ସମେତ ଲୋକଭବନର ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଚାରା ରୋପଣ କରିଥିଲେ।

## ଇପିଏଫ୍ ପେନସନର୍ସ ସଙ୍ଘର କୋର କମିଟି ବୈଠକ

**ପେନସନ୍ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ନିଷ୍ପତ୍ତି**

ଭୁବନେଶ୍ୱର, ୨୨।୪(ସମିସ): ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍‌ର କୋର କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ସର୍ବନିମ୍ନ ଇପିଏଫ୍ ପେନସନ ୯ ହଜାରକୁ ବୃଦ୍ଧି କରିବା ସହ ମହଙ୍ଗା ଭତ୍ତା ପ୍ରଦାନ ଓ ନିଃଶୁଳ୍କ ଚିକିତ୍ସା ସୁବିଧା ପ୍ରଦାନ କରିବାରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏପରିକି ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ମୁତାବକ ବର୍ଦ୍ଧିତ ପେନସନ ପ୍ରଦାନରେ ବିଭିନ୍ନ ଆଳ ଦେଖାଇ ଇପିଏଫ୍ ଅଧିକାରୀମାନେ ଅନେକ ହିତାଧିକାରୀଙ୍କୁ ବଞ୍ଚିତ କରୁଛନ୍ତି। ଏହାକୁ ବୈଠକରେ ନିନ୍ଦା କରିବା ସହ ତ୍ୱରିତ ସମସ୍ତ



ଦାବି ପୂରଣ ସହ ସ୍ୱଚ୍ଛତାର ସହ ପେନସନ୍ ପ୍ରଦାନ କରିବାକୁ ଦାବି କରିଛନ୍ତି। ଇଂ ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କୁହାଯାଇଛି ଯେ, ଦୀର୍ଘ ୧୨ ବର୍ଷ ଧରି ସର୍ବନିମ୍ନ ପେନସନ ବୃଦ୍ଧି କରାନଯିବା ବିଡମ୍ବନାର ବିଷୟ। ଏହାକୁ ଅନ୍ୟାୟ ଭାବେ ଦର୍ଶାଇବା ସହ ସଂଘର ରାଜ୍ୟ ଓ ଜିଲ୍ଲା କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ହିତାଧିକାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଭବିଷ୍ୟନିଧି ସଂଗଠନର ରାଜ୍ୟ ମୁଖ୍ୟଙ୍କ ସହ ଏକ ପ୍ରତିନିଧିମଣ୍ଡଳୀ ଆଲୋଚନା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। ଦାବି ପୂରଣ ନ ହେଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ମଧ୍ୟ ଆଲୋଚନା ହୋଇଛି। ଏହି ବୈଠକରେ କେନ୍ଦ୍ରୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ଉପଦେଷ୍ଟା ନଟବର ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ବିକ୍ରମ ଛୋଟରାୟ, ସରୋଜକାନ୍ତ ମଲ୍ଲିକ, କୃଷ୍ଣଚନ୍ଦ୍ର ସାହୁ, ଧୀରେନ୍ଦ୍ର ପ୍ରତାପ, ପ୍ରକାଶ କୁମାର ପଟ୍ଟନାୟକ, ଗୀତାଞ୍ଜଳି ପାତ୍ର ଓ ଉର୍ବଶୀ ମିଶ୍ର, ଅଲେଖ ଚରଣ ରାଉତ, ଲୋକନାଥ ସାମନ୍ତରାୟ ଓ ବେଣୁଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## 'ସାଂସ୍ରିଷ୍ଟି'ର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, ୨୨।୪(ସମିସ): ଜେଣ୍ଡର ରିସୋର୍ସ ସେଣ୍ଟର ଏବଂ ନାଗରିକ ସଂଗଠନ 'ସାଂସ୍ରିଷ୍ଟି'ର ୨୧ତମ ପ୍ରତିଷ୍ଠା ଦିବସ ବୁଦ୍ଧମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହାର ପ୍ରତିଷ୍ଠାତା ସଦସ୍ୟ ଡ. ଅମ୍ରିତା ପଟେଲଙ୍କ ସ୍ମୃତିରେ ଅମ୍ରିତା ସ୍ମାରକୀ ବକ୍ତୃତା ପ୍ରଖ୍ୟାତ ସମାଜବିଜ୍ଞାନୀ କଳ୍ପନା କନ୍ନବୀରନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ, ନ୍ୟାସନାଲ ଆଲାଏନ୍ସ ଅଫ୍ ଓମେନ୍ସ ଅର୍ଗାନାଇଜେସନ୍ ସଚିବ ପ୍ରମିଳା ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର କଳ୍ପନା କନ୍ନବୀରନ୍ ଯୋଗଦେଇ ସମ୍ବିଧାନ ଅନୁଯାୟୀ ମହିଳା ସମାନତା ବିଷୟରେ ବିତର୍କ କିପରି ବିକଶିତ ହୋଇଛି ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାପତି ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ସଚିବ ଡ. ଲେନିନ୍ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସଦସ୍ୟ ବୈଭବ ପଟେଲ ଅନୁଷ୍ଠାନର କାର୍ଯ୍ୟକଳାପ ବିଷୟରେ ଅବଗତ କରିଥିଲେ। ଶେଷରେ ସ୍ୱପ୍ନା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆଶା ହଂସ, ବିଶାଖା ଭଞ୍ଜ, ମଧୁମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଖେଳାଳିଙ୍କ ଚମକ



ଭୁବନେଶ୍ୱର, ୨୨।୪ (ସମିସ): ମଧ୍ୟପ୍ରଦେଶର ଗ୍ୱାଲିୟରରେ ଶେଷ ହୋଇଥିବା ୫ମ ଅସ୍ମିତା ଜୁନିଅର ମହିଳା ହକି ଲିଗ୍‌ରେ ଓଡ଼ିଶା ଚାମ୍ପିଅନ ହୋଇଛନ୍ତି। ଉତ୍କଣ୍ଠାପୂର୍ଣ୍ଣ ଫାଇନାଲରେ ଓଡ଼ିଶା ଦଳ ସୁଟ୍ ଆଉଟ୍‌ରେ ୨-୧ (୧-୧) ଗୋଲରେ ଘରୋଇ ମଧ୍ୟପ୍ରଦେଶକୁ ହରାଇ ଟାଇଟଲ୍ ଜିତିଥିଲା। ରାଜ୍ୟ ଜୁନିଅର ମହିଳା ଦଳର ଏହି ସଫଳତାରେ ଓଡ଼ିଶା ନାଭାଲ ଟାଟା ହକି ହାଇପରଫମାନ୍ସ ସେଣ୍ଟର (ଏଚ୍‌ପିସି) ର ଖେଳାଳି ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ନାଭାଲା ଟାଟା ହକି ଏଚ୍‌ପିସିର ପବିତ୍ରା ହୋତମ ଚମତ୍କାର ଗୋଲ୍‌ରକ୍ଷଣ କରି ସୁଟଆଉଟରେ ୪ଟି ଗୋଲ୍ ଅଟକାଇ ଦେଇଥିଲେ। ପବିତ୍ରାଙ୍କ ବ୍ୟତୀତ ଏଚ୍‌ପିସିର ଜାହ୍ନବୀ ବଡ଼ା, ଅମିଷା ଏକ୍କା, ଡଲି ବୋଇ ଓ ଅହଲ୍ୟା ଲାକ୍ରା ଚାମ୍ପିଅନ ଦଳର ସଦସ୍ୟା ରହିଥିଲେ। ସେହିଭଳି ଏହି ସଫଳତାରେ ବିଏସଏଫ୍‌ରୁ ପ୍ରତିନିଧିତ୍ୱ କରୁଥିବା ଟାଟା ହକି ଏଚ୍‌ପିସିର ଦୁଇ ପୁରାତନ ପ୍ରଶିକ୍ଷାର୍ଥୀ ପ୍ରେମଶିଳା ବାଗେ ଓ ଅମିଶା କୁଲ୍ଲୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ଏହି ବିଜୟ ପୁଣିଥରେ ପ୍ରତିପାଦିତ କରିଛି ଯେ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଶ୍ରେଷ୍ଠ ହକି ପ୍ରତିଭା ଗଢ଼ିବାରେ ଏବଂ ରାଜ୍ୟରେ ମହିଳା ହକିର ଭବିଷ୍ୟତକୁ ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି।

## କିମ୍ସରେ ବିରଳ ମେରୁଦଣ୍ଡ ଅସ୍ତ୍ରୋପଚାର



ଭୁବନେଶ୍ୱର, ୨୨।୪(ସମିସ): କିମ୍ସ ହସ୍ପିଟାଲର ଡାକ୍ତରଙ୍କ ଅକ୍ଳାନ୍ତ ପରିଶ୍ରମ ପାଇଁ ନୂଆ ଜୀବନ ପାଇଛନ୍ତି ତ୍ରିଶୁଳିଆ ଅଞ୍ଚଳର ସୁଜିତ ନାୟକ। ସୁଜିତଙ୍କଠାରେ ହୋଇଥିବା ବିରଳ ଓ ଜଟିଳ ମେରୁଦଣ୍ଡ ଅସ୍ତ୍ରୋପଚାର ସଫଳ ହୋଇଛି। ସୂଚନାଅନୁସାରେ, କଟକ ଜିଲ୍ଲା ତ୍ରିଶୁଳିଆ ଅଞ୍ଚଳର ସୁଜିତ ନାୟକ ପୂର୍ବରୁ ଆଙ୍କିଲୋଜିଂ ସ୍ପଣ୍ଡିଲାଇଟିସ୍ ନାମକ ଜଟିଳ ରୋଗରେ ପୀଡ଼ିତ ଥିଲେ। ପରେ ଏକ ଦୁର୍ଘଟଣାରେ ତାଙ୍କର ବେକ ଓ ପିଠି ହାଡ ମଧ୍ୟରେ ଗୁରୁତର ଆଘାତ ଲାଗିଥିଲା। ଫଳରେ ତାଙ୍କ ମୁଣ୍ଡ ସବୁବେଳେ ନଇଁଲା ଭଳି ଅବସ୍ଥାରେ ରହୁଥିଲା। କିମ୍ସ ହସ୍ପିଟାଲରେ ବରିଷ୍ଠ ସ୍ପାଇନ୍ ସର୍ଜନ ଡ. ଜିତେନ୍ଦ୍ର କୁମାର ରାଉତ ପରୀକ୍ଷା ନିରୀକ୍ଷା ପରେ ଅସ୍ତ୍ରୋପଚାର କରିଥିଲେ। ଅସ୍ତ୍ରୋପଚାର ପରେ ସୁଜିତ ନାୟକ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ଏହି ସଫଳତାରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇଛନ୍ତି।

## ସ୍ୱସ୍ତିକା ସମନ୍ୱିତାଙ୍କୁ ସିସିଆର୍‌ଟି କନିଷ୍ଠ ଜାତୀୟ ପ୍ରତିଭା ବୃତ୍ତି



ଭୁବନେଶ୍ୱର, ୨୨।୪(ସମିସ): ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀରଙ୍କ ପ୍ରତିଷ୍ଠିତ ଶାସ୍ତ୍ରୀୟ ନୃତ୍ୟାନୁଷ୍ଠାନ 'ନୃତ୍ୟାୟନ' ର ଛାତ୍ରୀ ସ୍ୱସ୍ତିକା ସମନ୍ୱିତା ଓଡ଼ିଶୀ ନୃତ୍ୟରେ କେନ୍ଦ୍ର ସରକାରଙ୍କ ମର୍ଯ୍ୟାଦାଜନକ ସିସିଆର୍‌ଟି କନିଷ୍ଠ ଜାତୀୟ ପ୍ରତିଭା ବୃତ୍ତି ଲାଭ କରିଛନ୍ତି। ଭୁବନେଶ୍ୱରରେ ରହୁଥିବା ଶ୍ୱେତଲିନା ପ୍ରଧାନ ଏବଂ ଖଗେଶ୍ୱର ଜୟପୁରିଆଙ୍କ ଏକମାତ୍ର କନ୍ୟା ସ୍ୱସ୍ତିକା ପିଲାଦିନରୁ ଓଡିଶୀ ନୃତ୍ୟ ଶିକ୍ଷାଲାଭ କରି ଆସୁଛନ୍ତି। ସ୍ୱସ୍ତିକା ନୃତ୍ୟାୟନର ଓଡିଶୀ ନୃତ୍ୟ ଶିକ୍ଷକ ମନୋଜ କୁମାର ପ୍ରଧାନଙ୍କ ନିଟକରୁ ଶିକ୍ଷାଦାନ କରିଛନ୍ତି।

## ସିପିଆଇ (ଏମଏଲ୍) ର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, ୨୨।୪(ସମିସ): ସିପିଆଇ (ଏମଏଲ୍) ଲିବରେସନ ରାଜ୍ୟ କମିଟି ତରଫରୁ ୫୮ ତମ ପାର୍ଟି ପ୍ରତିଷ୍ଠା ଦିବସ ଅଶୋକ ନଗର ସ୍ଥିତ ନାଗଭୁଷଣଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ରେଡ ଚାରୁମଜୁମଦାର ଓ କ. ଲେଲିନ୍‌ଙ୍କ ତୈଳ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ ସ୍ମୃତିଚାରଣ କରାଯାଇଥିଲା। ସିପିଆଇ (ଏମଏଲ) ଲିବରେସନ ରାଜ୍ୟ କମିଟି ସଦସ୍ୟ ମହେନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, କେନ୍ଦ୍ରୀୟ କମିଟି ସଦସ୍ୟ ଓ ପ୍ରାକ୍ତନ ବିଧାୟକ ରାଧାକାନ୍ତ ସେଠୀ, ରାଜ୍ୟକମିଟି ସଦସ୍ୟ ବଂଶୀଧର ପରିଡ଼ା, ସଞ୍ଜୀବ ସ୍ୱାଇଁ, କିଶାନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ସରକାର ଆଦିବାସୀଙ୍କ ଦୁଃଖ ଓ ଦୁର୍ଦ୍ଦଶା ଭୁଲି ବଡ଼ ବଡ଼ କମ୍ପାନୀ ମାନଙ୍କୁ ଜମି ଅଧିକାର ଦେବା ସହ ଆଦିବାସୀ, ଦଳିତ ଓ ଗରିବ ଲୋକ ମାନଙ୍କ ଦଖଲ ଥିବା ଘର ଉପରେ ବୁଲଡଜର ଚଳାଇ ଘର ଭାଙ୍ଗୁଛନ୍ତି, ଯାହା ଏକ ନିନ୍ଦନୀୟ ଓ ଦୁଃଖଦ ଘଟଣା ବୋଲି ସଭାରେ ମତପ୍ରକାଶ ପାଇଛି।

**ଓଇଏସ୍ ଏବଂ ଓୟୁଟିଆର୍ ଦ୍ୱାରା ଧରିତ୍ରୀ ଦିବସ**

# ନବୀକରଣୀୟ ଶକ୍ତି ହେଉଛି ପ୍ରମୁଖ ଜଳବାୟୁ ସମାଧାନ

ଭୁବନେଶ୍ୱର, ୨୨।୪(ସମିସ): ବର୍ତ୍ତମାନ ମାନବଜାତି ବିଶ୍ୱ ଉଷ୍ମତା ଏବଂ ଜଳବାୟୁ ପରିବର୍ତ୍ତନ, ସମସ୍ତ ପ୍ରକାରର ପ୍ରଦୂଷଣ ଏବଂ ବର୍ଜ୍ୟବସ୍ତୁ ନିଷ୍କାସନ, ଏବଂ ପ୍ରାକୃତିକ ପରିସଂସ୍ଥାର ଅବନତି ଏବଂ ଜୈବବିବିଧତାର ଅବକ୍ଷୟ ଗ୍ରହଗତ ଆହ୍ୱାନର ସମ୍ମୁଖୀନ ହେଉଛି। 'ଆମର ଶକ୍ତି, ଆମ ଗ୍ରହ' ବିଷୟବସ୍ତୁ ଉପରେ ବୁଧବାର ଓଡ଼ିଶା ପରିବେଶ ସମିତି ଏବଂ ଓଡ଼ିଶା ପ୍ରଯୁକ୍ତିବିଦ୍ୟା ଏବଂ ଗବେଷଣା ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଓୟୁଟିଆର୍ ସମ୍ମିଳନୀ କକ୍ଷରେ ଆୟୋଜିତ ଧରିତ୍ରୀ ଦିବସ ପାଳନ ଅବସରରେ ଅତିଥିମାନେ ଏପରି ମତ ପ୍ରକାଶ କରିଥିଲେ। ଓୟୁଟିଆର୍ କୁଳପତି ପ୍ରଫେସର ବିଭୁତି ଭୂଷଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସାର୍ ମିନିମେଟ୍‌ର ସିଇଓ ତଥା ଏମଡି ଇଂ ଶଶୀ ଶେଖର ମହାନ୍ତି ଏବଂ ସମ୍ମାନିତ ଅତିଥି ରୂପେ ଜିନ୍ଦଲ ପାୱାର୍‌ର ଏମଡି ଇଂ ପ୍ରଦୀପ କୁମାର ମିଶ୍ର ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବେ ଆଇଆଇଟି ଭୁବନେଶ୍ୱରର ବିଦ୍ୟୁତ୍ ଇଂଜିନିୟରିଂ ବିଭାଗର ପ୍ରଫେସର ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ। ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଏବଂ କାର୍ଯ୍ୟକ୍ରମର ସଂଯୋଜକ ଇଂ ଅଶୋକ କୁମାର ବେହେରା ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ଓଇଏସ୍‌ର ପଡ଼କାଷ୍ଟକୁ ଉନ୍ମୋଚିତ କରିଥିଲେ। ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ପରିଚାଳନା କରିଥିଲେ। ପୂର୍ବତନ ଓଇଆର୍‌ସି ସଦସ୍ୟ ଇଂ ବିମଳ ମିଶ୍ରଙ୍କ ଅଧ୍ୟକ୍ଷତାରେ 'ଓଡ଼ିଶାରେ ଶକ୍ତି ପରିସ୍ଥିତି' ବିଷୟବସ୍ତୁ ଉପରେ ଆଲୋଚନା କାର୍ଯ୍ୟକ୍ରମରେ ଆଲୋଚକମାନେ ଥିଲେ ଜିଓଷ୍ଟ୍ରାଟା କନ୍ସଲଟାଣ୍ଟର ନିର୍ଦ୍ଦେଶକ ଇଂ ବଟକେଶ୍ୱର ପଣ୍ଡା,




ପାୱାରଟେକ୍‌ର ସିନିୟର କନସଲଟାଣ୍ଟ ଇଂ ବିଭୁ ସ୍ୱାଇଁ, ଏବଂ ହିଣ୍ଡାଲକୋ ପାୱାର ପ୍ରୋଜେକ୍ଟସ୍‌ର ଇଂ ସୁଶାନ୍ତ କୁମାର ଗୁରୁ। 'ଜଳବାୟୁ ବ୍ୟତିରେକ ନବୀକରଣୀୟ' ବିଷୟବସ୍ତୁ ଉପରେ ଅନୁଷ୍ଠିତ ଆଲୋଚନା କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ ପରିଚାଳନା କରିଥିଲେ। ଏହି ଆଲୋଚନାରେ ସମ୍ ହସ୍ପିଟାଲର ପ୍ରଫେସର ଡା. ଇ. ଭେଙ୍କଟ ରାଓ, ଜିଅନ ଶକ୍ତି ନିୟନ୍ତ୍ରଣର ପ୍ରତିଷ୍ଠାତା ଇଂ ପ୍ରଦିପ୍ତ କୁମାର ପାଣିଗ୍ରାହୀ, ଏନ୍‌ପିସିର ଆଞ୍ଚଳିକ ନିର୍ଦ୍ଦେଶକ ଅଭିଜିତ ନାୟକ, ଓୟୁଟିଆର୍‌ର ପ୍ରଫେସର ସୁଧାଂସୁ ଶେଖର ସାହୁ ଏବଂ ପ୍ରଫେସର ମୀରା ବିଶ୍ୱବନ୍ଧ୍ୟ ଆଲୋଚକ ଭାବରେ ଯୋଗଦାନ କରିଥିଲେ। ଉଦ୍‌ଯାପନୀ ଅଧିବେଶନର ମୁଖ୍ୟ ଅତିଥି ଭାବେ ମେସର୍ସ ଟିପି ମହାନ୍ତିର ଏମ୍‌ଡ଼ି ତାରିଣୀ ପ୍ରସାଦ ମହାନ୍ତି ଉପସ୍ଥିତ ରହିଥିଲେ। ପ୍ରଫେସର ରଞ୍ଜନ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ, ଡ. ବିଶ୍ୱଜିତ ସାମନ୍ତରାୟ ଏବଂ ଡ. ସୁରଭି ଜୈନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାସ୍ଥଳୀରେ ଇଭି କାର୍ ଏବଂ ବାଇକ୍ ତଥା ସୌର ଉପକରଣର ଏକ ପ୍ରଦର୍ଶନୀ ମଧ୍ୟ ଆୟୋଜନ କରାଯାଇଥିଲା।

## ଇନ୍ଦିରା ଗାନ୍ଧୀ ପାର୍କରେ ବିଶ୍ୱ ଧରିତ୍ରୀ ଦିବସ




ବିଶ୍ୱ ଧରିତ୍ରୀ ଦିବସ ଅବସରରେ 'ଗାନ୍ଧୀବାଦୀ ଚିନ୍ତାଧାରା' ସଂଗଠନ ପକ୍ଷରୁ ଇନ୍ଦିରା ଗାନ୍ଧୀ ପାର୍କରେ ଏକ ନିଆରା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରାଧ୍ୟାପିକା ଡ଼ ନମିତା ପଟ୍ଟନାୟକଙ୍କ ସଂଯୋଜନାରେ ଚଳିତ ବର୍ଷର ବିଷୟବସ୍ତୁ 'ଆମର ଶକ୍ତି, ଆମର ପୃଥିବୀ' ଉପରେ ଆଧାରିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରିବେଶବିତ୍ ଜୟନ୍ତ କୁମାର ଜେନା ଯୋଗଦେଇ ଗାନ୍ଧୀଜୀଙ୍କ ସରଳ ଜୀବନଶୈଳୀ ଓ ପ୍ରକୃତି ସହ ସମନ୍ୱୟ ରଖିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ଅଶୋକ କୁମାର ଗୌଡ଼ଙ୍କ ସମେତ ସତ୍ୟବ୍ରତ ଧୂପାଳ, ଏଜି ଆମ୍ବୁଲାନ୍ସ ଡିଭିଜନର ସହକାରୀ ଆୟୁକ୍ତ ପୁରୁଷୋତ୍ତମ ବଳ, ଯୋଗଗୁରୁ ପ୍ରଦ୍ୟୋତ ନାୟକ, ସ୍ଥପତି ଜିତୁ କର, ସାମାଜିକ କର୍ମୀ ରଣା ପ୍ରତାପ ପାତ୍ର ପ୍ରମୁଖ ଉପସ୍ଥିତ ରହି ନିଜର ମତ ରଖିଥିଲେ। ଇଂ. ସ୍ମୃତିରଞ୍ଜନ ବଳ ଆସନ୍ତା ଜୁନ ୫ ତାରିଖ ପରିବେଶ ଦିବସରେ ନିଜ ବିଦ୍ୟାଳୟରେ ସଚେତନତା ଅଭିଯାନ ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲେ। ମୀନକେତନ ଜେନା, ଶ୍ରୀମତୀ ମିନତୀ, ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ସାମିଲ ହୋଇଥିବା ବେଳେ ସିନି ମହାନ୍ତି ଧନ୍ୟବାଦ ଦେଇଥିଲେ।

ସକାଳ THE SAKALA



# ସମ୍ବଲପୁରରେ ଅଗ୍ନିବର୍ଷା ଜାରି | ୨୭ ଯାଏ ବଢ଼ିଲା ବିଦ୍ୟାଳୟ ଛୁଟି

**ସମ୍ବଲପୁର, ୨୨।୪ (ସମିସ)**

ସମ୍ବଲପୁର ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଗତ ୧୨ ତାରିଖରୁ ପାରଦ ୪୦ ଡିଗ୍ରୀ ତଳକୁ ଖସୁନାହିଁ। ଆଜି ବୁଧବାର ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୩.୩ ଡିଗ୍ରୀ ରହିଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୫.୦ ଡିଗ୍ରୀ ରହିଛି। ସକାଳ ୮ଟାରୁ ଖରା ତାତିରେ ଲୋକେ ସିଝୁଛନ୍ତି। ସନ୍ଧ୍ୟା ନଇଁବା ପରେ ମଧ୍ୟ ତାତିଲା ପବନ ବହୁଛି। ଏହାସହ ରାତି ସମୟରେ ମଧ୍ୟ ଉଷ୍ମରାତି ହେଉଛି। ଖରା ତାତି ସାଙ୍ଗକୁ ତାତିଲା ପବନ ଏବଂ ଅସହ୍ୟ ଗୁଳୁଗୁଳି ହେଉଛି। ଲୋ-ଭୋଲ୍ଟେଜ୍ ଯୋଗୁଁ ପଙ୍ଖା, କୁଲର୍ ଆଦି କାମ କରୁନାହିଁ। କେବଳ ଦିନବେଳା ନୁହେଁ, ସନ୍ଧ୍ୟା ଓ ରାତି ସମୟରେ ମଧ୍ୟ ଲୋକେ ଘର ଭିତରେ ରହିପାରୁନାହାନ୍ତି। ଗ୍ରୀଷ୍ମପ୍ରବାହକୁ ନେଇ ମଣିଷ ଓ ଜୀବଜନ୍ତୁ ସମସ୍ତେ କଲବଲ ହେଉଛନ୍ତି। ପାଣିପାଗ ବିଭାଗ ପକ୍ଷରୁ ସମ୍ବଲପୁର ସମେତ ବିଭିନ୍ନ ଜିଲ୍ଲାକୁ ପ୍ରବଳ ଗ୍ରୀଷ୍ମପ୍ରବାହ ସତର୍କତା ଜାରି କରିଛି। ସମ୍ବଲପୁର ଜିଲ୍ଲାପାଳ ଗତ ୨୦ ତାରିଖରୁ ୩ ଦିନ ପାଇଁ ବିଦ୍ୟାଳୟ ଗୁଡ଼ିକ ବନ୍ଦ ଘୋଷଣା କରିଥିବାବେଳେ ଆଜି ତାହାକୁ ୨୭ ତାରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରାଯାଇଛି। ଏନେଇ ଜିଲ୍ଲା ଶିକ୍ଷାଧିକାରୀ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗ୍ରୀଷ୍ମପ୍ରବାହ କାରଣରୁ ବଲାଙ୍ଗୀର, ସୁବର୍ଣ୍ଣପୁର, କଳାହାଣ୍ଡି ଆଦି ରାଜ୍ୟର ପ୍ରାୟ ୧୫ଟି ଜିଲ୍ଲାରେ ବିଦ୍ୟାଳୟ ଗୁଡ଼ିକ ସାମୟିକ ଭାବେ ବନ୍ଦ କରିଦିଆଯାଇଛି।

ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୩୧୬୮ / ତା. ୨୨.୦୪.୨୦୨୬ ଅନୁଯାୟୀ, ସମ୍ବଲପୁର ଜିଲ୍ଲାରେ ପ୍ରବଳ ଗରମ ସହିତ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଏବଂ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବଂ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି, ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଡାଏଟ୍, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ଜବାହର ନବୋଦୟ ବିଦ୍ୟାଳୟ ସମେତ ସମସ୍ତ ସରକାରୀ, ସରକାରୀ ସାହାଯ୍ୟପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟଗୁଡ଼ିକର ବନ୍ଦ ନିର୍ଦ୍ଦେଶ ୨୭ ତାରିଖ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ସମୟରେ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ କର୍ମଚାରୀ ଉପରୋକ୍ତ ସମୟ ମଧ୍ୟରେ ସେମାନଙ୍କ ନିଜ ନିଜ ବିଦ୍ୟାଳୟରେ ଉପସ୍ଥିତ ରହିବେ ଏବଂ ଅନ୍ୟାନ୍ୟ ସମ୍ବନ୍ଧିତ କାର୍ଯ୍ୟ କରିବେ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।

ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ସମ୍ବଲପୁରରେ ତାପମାତ୍ରା ଗତ କିଛିଦିନ ହେବ ୪୦ ଡିଗ୍ରୀ ଉପରେ ରହୁଛି, ତେଣୁ ୨୭ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଛି। ପରବର୍ତ୍ତୀ ସମୟରେ ସ୍ଥିତିକୁ ଦେଖି ଆମେ ନିଷ୍ପତ୍ତି ନିଆଯିବ। ଜନସାଧାରଣଙ୍କ ପାଇଁ ବିଭିନ୍ନ ସ୍ଥାନରେ ପିଇବା ପାଣି ବ୍ୟବସ୍ଥା କରାଯାଇଛି। ଖରା ସମୟରେ ବାହାରକୁ ନଯିବା ପାଇଁ ସଚେତନ କରାଯାଉଛି। ସ୍କୁଲ, କଲେଜ, ଅଙ୍ଗନବାଡ଼ି କେନ୍ଦ୍ରର ସମୟରେ ପରିବର୍ତ୍ତନ କିମ୍ବା ବନ୍ଦ କରାଯାଇଛି। ପିଏଚ୍‌ସିଠାରୁ ଆରମ୍ଭ କରି ଭିମସାର ପର୍ଯ୍ୟନ୍ତ ଅଂଶୁଘାତ ୱାର୍ଡ ବ୍ୟବସ୍ଥା କରାଯାଇଛି। ଶ୍ରମିକ ମାନଙ୍କ କାର୍ଯ୍ୟ ସମୟ ମଧ୍ୟ ବଦଳାଯାଇଛି। ଏହାସହ ବାହାରେ ରହିବା ସମୟରେ ଅତ୍ୟଧିକ ପାଣି ପିଅନ୍ତୁ, ଓଆର୍‌ଏସ୍ ଆଦି ପିଅନ୍ତୁ ଏବଂ ଯଦି ଜରୁରୀ କାମ ନାହିଁ ତେବେ ୧୨ଟାରୁ ୩ଟା ପର୍ଯ୍ୟନ୍ତ ବାହାରକୁ ନ ବାହାରିବାକୁ ଜିଲ୍ଲାପାଳ ଶ୍ରୀ ବୋନ୍ଦର ଅନୁରୋଧ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଗତ ୧୮ ତାରିଖ ସମ୍ବଲପୁର ଜିଲ୍ଲା ଝାଙ୍କରପାଲି ଗ୍ରାମ ପଞ୍ଚାୟତ ରସିଆପାଲି ଗ୍ରାମର ବିଶ୍ୱଜିତ ସାହୁ (୪୪)ଙ୍କ ଅଂଶୁଘାତ ଯୋଗୁଁ ମୃତ୍ୟୁ ହୋଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ରାଜସ୍ୱ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ତଦନ୍ତ ଏବଂ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।





**ସମ୍ବଲପୁରର ତାପମାତ୍ରା**

| ତାରିଖ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ଏପ୍ରିଲ ୧୧ | ୩୮.୪ | ୨୨.୦ |
| ଏପ୍ରିଲ ୧୨ | ୪୦.୧ | ୨୧.୨ |
| ଏପ୍ରିଲ ୧୩ | ୪୦.୪ | ୨୪.୩ |
| ଏପ୍ରିଲ ୧୪ | ୪୧.୫ | ୨୫.୦ |
| ଏପ୍ରିଲ ୧୫ | ୪୧.୦ | ୨୫.୦ |
| ଏପ୍ରିଲ ୧୬ | ୪୨.୨ | ୨୬.୭ |
| ଏପ୍ରିଲ ୧୭ | ୪୧.୨ | ୨୭.୮ |
| ଏପ୍ରିଲ ୧୮ | ୪୧.୬ | ୨୮.୭ |
| ଏପ୍ରିଲ ୧୯ | ୪୨.୦ | ୨୮.୨ |
| ଏପ୍ରିଲ ୨୦ | ୪୦.୨ | ୨୪.୬ |
| ଏପ୍ରିଲ ୨୧ | ୪୨.୫ | ୨୭.୮ |
| ଏପ୍ରିଲ ୨୨ | ୪୩.୩ | ୨୫.୦ |

**ବୁଧବାର ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୩.୩ ଡିଗ୍ରୀ**

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ରେଢ଼ାଖୋଲ, ୨୨।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଚାରମାଳ ପଞ୍ଚାୟତସ୍ଥିତ ବିଦ୍ୟୁତ୍ ବିଭାଗ ଗ୍ରୀଡର ଅପର ପାର୍ଶ୍ୱର ଜଙ୍ଗଲରୁ ବୁଧବାର ଅଜଣା ବ୍ୟକ୍ତିର ମୃତଦେହ ଉଦ୍ଧାର କରାଯାଇଛି। ମୃତ ବ୍ୟକ୍ତି ଜଣଙ୍କ କିଛି ଦିନ ହେବ ଚାରମାଳ ଅଞ୍ଚଳରେ ମାନସିକ ଭାରସାମ୍ୟ ହରାଇ ବୁଲୁଥିଲେ। ଆନୁମାନିକ ଯାହା ଜଣାପଡୁଛି ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅଂଶୁଘାତରେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଏଥିରେ ସ୍ଥାନୀୟ ଲୋକେ ଦେଖି ଚାରମାଳ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ଡାକ୍ତରଖାନାକୁ ପଠାଇଥିବା ଜଣାପଡ଼ିଛି।

## ଭିମସାର ଏସ୍‌ଏନ୍‌ସିୟୁରେ ସର୍ଟ୍‌ସର୍କିଟ୍

**ସମ୍ବଲପୁର, ୨୨।୪ (ସମିସ) :** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର)ରେ ଆଜି ଏକ ବଡ଼ ଅଘଟଣରୁ ସମସ୍ତେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏସ୍‌ଏନ୍‌ସିୟୁରେ ଥିବା ଏକ ଏସି ବାହାରର ଅତ୍ୟଧିକ ତାପମାତ୍ରା ଯୋଗୁଁ ସର୍ଟ୍‌ସର୍କିଟ୍ ହୋଇଥିଲା। ଉପସ୍ଥିତ ଭିମସାର କର୍ମଚାରୀମାନେ ତୁରନ୍ତ ଏହି ଏସିର ସଂଯୋଗ ବିଚ୍ଛିନ୍ନ କରିଥିଲେ। ଆଜି ସମ୍ବଲପୁରର ତାପମାତ୍ରା ଚଳିତବର୍ଷର ସର୍ବାଧିକ ୪୩.୩ ଡିଗ୍ରୀ ରହିଥିଲା। ଏପରି ସମୟରେ ଏଭଳି ଅଘଟଣକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ କରାଯାଇଛି। ଭିମସାର ନିର୍ଦ୍ଦେଶକ ଡା. ଲାଲମୋହନ ନାୟକ କହିଛନ୍ତି ଯେ, ସର୍ଟ୍‌ସର୍କିଟ୍ ଯୋଗୁଁ ଏସିର ସ୍ୱିଚ୍‌ବୋର୍ଡରେ ସ୍ପାର୍କ ହୋଇଥିଲା। ତୁରନ୍ତ ଏହାର ସଂଯୋଗ ବିଚ୍ଛିନ୍ନ କରାଯାଇଛି।

## ପୋଲରୁ ଖସିପଡ଼ିଲେ ବାଇକ୍ ଚାଳକ

**ସମ୍ବଲପୁର, ୨୨।୪ (ସମିସ) :** ଆଜି ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ବେଳେ ମାଲତୀ ଗୁଣ୍ଡେରପୁର ପୋଲରୁ ଜଣେ ବାଇକ୍ ଚାଳକ ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିଥିବା ସୂଚନା ମିଳିଛି। ବାଇକ୍ ଚାଳକ ଜଣକ ସମ୍ବଲପୁର ପଟୁ ଗୁଣ୍ଡେରପୁର ପଟକୁ ଯାଉଥିଲେ। ସେ ତଳେ ଖସିପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ସଦର ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ। ଏହି ପୋଲର ବାଡ଼ ଉଚ୍ଚତା କମ୍ ଥିବାରୁ ସେ ତଳକୁ ଖସି ପଡ଼ିଥିବାବେଳେ ବାଇକ୍‌ଟି ଉପରେ ଝୁଲି ରହିଥିଲା। ଉଲ୍ଲେଖଯୋଗ୍ୟ ଯେ, ଏହି ପୋଲ କଡ଼ରେ ଉଚ୍ଚତା ବିଶିଷ୍ଟ ନୂତନ ପୋଲ ତିଆରି କରାଯାଉଛି ଏଣୁ ପୁରୁଣା ପୋଲ ପ୍ରତି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି।

## ୨୮ କେଜି ଗଞ୍ଜେଇ ଜବତ, ୨ ଗିରଫ



**ରେଢ଼ାଖୋଲ, ୨୨।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ବୁଧବାର ଦିନ ଚଢାଉ କରି ବେଆଇନ ଚୋରା ଚାଲାଣ ଗଞ୍ଜେଇ ଜବତ କରିବା ସହ ଦୁଇ ଜଣ ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦମ୍ପତିମାନେ ବିହାର ରାଜ୍ୟର ବାସିନ୍ଦା ଅଭିଷେକ ଯାଦବ ଏବଂ ତାଙ୍କ ପତ୍ନୀ ସଇଦ ଖାତୁନ୍। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ଅବକାରୀ ବିଭାଗ ଇନ୍ସପେକ୍ଟର ଦୃବଦଳ ବିଶ୍ୱାଳଙ୍କ ନେତୃତ୍ୱରେ କର୍ମଚାରୀମାନେ କଦଳିଗଡ଼ ପଞ୍ଚାୟତ ଅଧୀନ କନ୍ଧରା ଗ୍ରାମ ଛକ ନିକଟରେ ପେଟ୍ରୋଲିଂ କରୁଥିବା ବେଳେ ଉକ୍ତ ଦମ୍ପତି ଅଭିଯୁକ୍ତଙ୍କୁ ସନ୍ଦେହ କରି ଯାଞ୍ଚ କରିଥିଲେ। ଏଥିରେ ଅଭିଯୁକ୍ତଙ୍କ ପାଖରୁ ୨ଟି ବସ୍ତାରେ ୨୮ କେଜି ବେଆଇନ ଗଞ୍ଜେଇ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏଥିରେ ଗଞ୍ଜେଇ ବେଆଇନ ଭାବେ ଫୁଲବାଣୀ ଅଞ୍ଚଳରୁ ଗଞ୍ଜେଇ ବିହାର ରାଜ୍ୟକୁ ଚାଲାଣ କରାଯାଉଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ କରି ଉକ୍ତ ଦୁଇ ଅଭିଯୁକ୍ତ ଦମ୍ପତିଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ସୂଚନା ଦେଇଛନ୍ତି।

## ରେଳ ହସ୍ପିଟାଲରେ ପୋଷଣ ସଚେତନତା

**ସମ୍ବଲପୁର, ୨୨।୪ (ସମିସ) :** ଅଷ୍ଟମ ପୋଷଣ ପକ୍ଷ-୨୦୨୬ ପାଳନର ଏକ ଅଂଶସ୍ୱରୂପ, ସମ୍ବଲପୁରର ଡିଭିଜନାଲ ରେଳ ହସ୍ପିଟାଲରେ 'ମା ଏବଂ ଶିଶୁ ପୁଷ୍ଟିସାର' ବିଷୟବସ୍ତୁ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡାକ୍ତର ଟି.ଏସ. ଜି. ଅର୍ଜୁନ, ଏଡିଏମଓ (ପେଡ଼ିଆଟ୍ରିକ୍ସ), ସମ୍ବଲପୁରଙ୍କ ଦ୍ୱାରା ସଚେତନତା ଆଲୋଚନା କରାଯାଇଥିଲା, ସେ ଶୈଶବର ପ୍ରାରମ୍ଭିକ ଦିନଗୁଡ଼ିକରେ ଉପଯୁକ୍ତ ପୁଷ୍ଟିସାରର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସନ୍ତୁଳିତ ପୁଷ୍ଟିସାର ସୁସ୍ଥ ଶାରୀରିକ ବିକାଶ ସହିତ ପିଲାମାନଙ୍କର ମାନସିକ, ମନସ୍ତାତ୍ତ୍ୱିକ ଏବଂ ସାମାଜିକ ବିକାଶ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି କହିଥିଲେ। ପିଲାମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୋଟ ୪୭ ଜଣ ହିତାଧିକାରୀ ଯୋଗ ଦେଇଥିଲେ।



## ମହିଳା କଲେଜରେ ମାନସିକ ନିର୍ଯାତନା ପ୍ରସଙ୍ଗ | ପୁନଃ ତଦନ୍ତ ଦାବିକଲେ ଛାତ୍ରୀ

**ସମ୍ବଲପୁର, ୨୨।୪ (ସମିସ) :** ସମ୍ବଲପୁର ମହିଳା ମହାବିଦ୍ୟାଳୟରେ ଛାତ୍ରୀଙ୍କୁ ଅଶାଳୀନ ମନ୍ତବ୍ୟ ଦେବା ଏବଂ ସମ୍ପୃକ୍ତ ଛାତ୍ରୀଙ୍କ ସମ୍ମାନ ପ୍ରତି ଆଞ୍ଚ ଆସିବା ଅଭିଯୋଗ ହୋଇଥିଲା। ଏନେଇ ସମ୍ବଲପୁରର ସବୁ ମହଲରେ ଉଦ୍‌ବେଗ ପ୍ରକାଶ ପାଇବାସହ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା। ଏହାପରେ ନିୟମାନୁଯାୟୀ ଅନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରାଯାଇଥିଲା। ତେବେ, ଏହି ଘଟଣାକୁ ମାସଟିଏ ବିତିଯାଇଥିଲେ ହେଁ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏନେଇ ଆଜି ଅଭିଯୋଗକାରୀ ଛାତ୍ରୀମାନେ ସମ୍ବଲପୁର ଜିଲ୍ଲାପାଳ ଓ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କୁ ସ୍ୱାଧୀନ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିରପେକ୍ଷ ତଦନ୍ତ ଏବଂ ଅଶ୍ଳୀଳ ମନ୍ତବ୍ୟ ପ୍ରଦାନକାରୀ ଅଧ୍ୟାପକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି। ଉଭୟ ଜିଲ୍ଲାପାଳ ଓ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଛାତ୍ରୀ ମାନଙ୍କୁ ଅତିଶୀଘ୍ର ନ୍ୟାୟ ମିଳିବ ଓ ଅଭିଯୁକ୍ତଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ପ୍ରକାଶ।

ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ୧୯ ତାରିଖରେ ପାଞ୍ଚ ଜଣ ଛାତ୍ରୀ ସେମାନଙ୍କୁ ସମ୍ପୃକ୍ତ ଇଂରାଜୀ ବିଭାଗ ଅଧ୍ୟାପକ ଅଶ୍ଳୀଳ ଟିପ୍ପଣୀ କରି ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ କରିଥିଲେ। ଏହାର ଦୁଇଦିନ ପୂର୍ବରୁ ହୋଇଥିବା ସେମିନାର ସମୟରେ ଏବଂ ଶ୍ରେଣୀ କକ୍ଷରେ ମଧ୍ୟ ଉକ୍ତ ଅଧ୍ୟାପକ ଅଶ୍ଳୀଳ ଟିପ୍ପଣୀ ଦେଉଥିବା ଅଭିଯୋଗ ହୋଇଥିଲା। ଏପରିକି ଇଂରାଜୀ ବିଭାଗର ଜଣେ ଅଧ୍ୟାପିକା ମଧ୍ୟ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଅଧ୍ୟକ୍ଷଙ୍କୁ ଅଭିଯୋଗ କରିଛନ୍ତି। ଉକ୍ତ ଅଧ୍ୟାପକ ଜଣକ ଗତ ପ୍ରାୟ ୩ ବର୍ଷ ହେଲା ଏହି ମହାବିଦ୍ୟାଳୟରେ ଅଧ୍ୟାପନା କରୁଛନ୍ତି। ସମ୍ପୃକ୍ତ ଅଧ୍ୟାପକ ଜଣକ ଜଣେ ଅଭ୍ୟାସଗତ ଦୁର୍ବ୍ୟବହାରକାରୀ ବୋଲି ଅଭିଯୋଗ ହୋଇଛି। ସମାନ ଅଭିଯୋଗ ହେବାପରେ ତାଙ୍କୁ ସୁନ୍ଦରଗଡ଼ କଲେଜରୁ ବଦଳି କରାଯାଇଥିଲା। ତେବେ, ଏଭଳି ଜଣେ ଅଧ୍ୟାପକଙ୍କୁ ଗୋଟିଏ ମହିଳା ମହାବିଦ୍ୟାଳୟକୁ କିଭଳି ବଦଳି କରାଗଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମହାବିଦ୍ୟାଳୟ ପକ୍ଷରୁ ଅଭିଯୋଗ ପାଇବାପରେ ତାହାକୁ ୪ଟି କମିଟି - ଇଣ୍ଟରନାଲ୍ କମ୍ପ୍ଲେନ୍ କମିଟି, ଆଣ୍ଟି ସେକ୍ସୁଆଲ ହାରାସମେଣ୍ଟ କମିଟି, ଷ୍ଟୁଡେଣ୍ଟ ଗ୍ରୀଭେନ୍ସ ରିଡ୍ରେସାଲ୍ ସେଲ୍‌ଫ ଏବଂ ଷ୍ଟୁଡେଣ୍ଟ ଗ୍ରୀଭେନ୍ସ ରିଡ୍ରେସାଲ୍ କମିଟିକୁ ପଠାଯାଇଥିଲା ଏବଂ କମିଟି ତା'ର ରିପୋର୍ଟ ଦେବାପରେ ସରକାରଙ୍କୁ ପଠାଯାଇଥିବା କଲେଜ କର୍ତ୍ତୃପକ୍ଷ କହୁଛନ୍ତି। ତେବେ, ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ଏବଂ ଅଭିଯୋଗକାରୀ ଛାତ୍ରୀମାନେ ଏକ ଭୟର ବାତାବରଣ ମଧ୍ୟରେ ରହୁଥିବା ଜଣାପଡ଼ିଛି। ଛାତ୍ରୀମାନ ଆଜି ଅଭିଯୋଗ ସମୟରେ ଆଇସିସି ରିପୋର୍ଟରେ ସେମାନଙ୍କ ମତାମତ ଏବଂ ଅଭିଯୋଗକୁ ସଠିକ୍ ଭାବେ ସ୍ଥାନିତ ନ କରିବା ଏବଂ ଅଧ୍ୟାପକଙ୍କ ଅଶ୍ଳୀଳ ଟିପ୍ପଣୀ ଗୁଡ଼ିକ ରିପୋର୍ଟ ହୋଇ ନଥିବା କହିଛନ୍ତି। ଅନ୍ୟପକ୍ଷରେ, ଘଟଣା ସମୟରେ ଯେଉଁ ଛାତ୍ରୀମାନେ ଉପସ୍ଥିତ ନଥିଲେ ଏବଂ ଯେଉଁମାନେ ଆମ ଅନ୍ୟ ବନ୍ଧୁମାନଙ୍କଠାରୁ ଜାଣିଲୁ ବୋଲି କହୁଛନ୍ତି, ତାହାକୁ ସ୍ଥାନିତ କରାଯାଇଥିବା ଅଭିଯୋଗ ହୋଇଛି। ଏହି ରିପୋର୍ଟ ଏକପାଖିଆ ହେବାସହ ସମସ୍ତ ଆଇସିସି କମିଟି ସଭ୍ୟ ମାନଙ୍କ ଏଥିରେ ସହମତି ନଥିବା ସୂଚନା ମିଳିଛି।

ଏହି ପରିପ୍ରେକ୍ଷୀରେ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଜିଲ୍ଲାପାଳଙ୍କଠାରେ ନିରପେକ୍ଷ ଭାବରେ ସ୍ୱାଧୀନ କର୍ତ୍ତୃପକ୍ଷଙ୍କ ଦ୍ୱାରା ପୁନଃ ତଦନ୍ତ, ଏଥିରେ ସମସ୍ତ ତଥ୍ୟ ଓ ପ୍ରମାଣ ଅନ୍ତର୍ଭୁକ୍ତ କରିବା, ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ପୂର୍ବ ଅଭିଯୋଗ ଯେପରିକି, ସୁନ୍ଦରଗଡ଼ରୁ ଅଭିଯୋଗ ପରେ ବଦଳି, ଦୁଇବର୍ଷ ପୂର୍ବେ ମହିଳା ମହାବିଦ୍ୟାଳୟରେ ଅଭିଯୋଗ ଆଦିକୁ ତଦନ୍ତରେ ସାମିଲ କରିବା ଏବଂ ଛାତ୍ରୀ ମାନଙ୍କୁ ଏକ ସୁରକ୍ଷିତ ଓ ଭୟ-ଶୂନ୍ୟ ବାତାବରଣ ପ୍ରଦାନ କରିବାକୁ ଦାବି କରିଛନ୍ତି।

## ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ଟ୍ରଫି ଆରମ୍ଭ




**ସମ୍ବଲପୁର, ୨୨।୪ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ଟ୍ରଫି ୨୦୨୬ ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ଆଜି ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ସନତ ନାଏକ, ଉପକୁଳସଚିବ ଡକ୍ଟର ଚନ୍ଦନ ସାହୁ, ବିତ୍ତ ନିୟନ୍ତ୍ରକ ଜଗନ୍ନାଥ ରାଉତ ମଧ୍ୟ ଉପସ୍ଥିତ ଥିଲେ। ଆଜି ବାଳକ ଏବଂ ବାଳିକା ବର୍ଗରେ ୧୬ ବର୍ଷରୁ କମ ବୟସର କ୍ରୀଡ଼ାବିତ୍ ମାନଙ୍କ ସକାଶେ ଭଲିବଲ ପ୍ରତିଯୋଗିତା ହୋଇଥିଲା। ସମ୍ବଲପୁର ଜିଲ୍ଲାର ବିଭିନ୍ନ ବ୍ଲକରୁ ମୋଟ ୮ଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବାଳକ ବର୍ଗରେ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରମାଣପୁର ବିଜେତା ଏବଂ ରେଙ୍ଗାଲି ବ୍ଲକ ଉପବିଜେତା ହୋଇଥିଲା। ସେହିପରି ବାଳିକା ବର୍ଗରେ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଟିକିଲିପଡ଼ା (ଜମନକିରା) ଟାଇଟଲ ଜିତିଥିଲା ଏବଂ ସେଣ୍ଟ ଆର୍ନୋଲ୍ଡ ସ୍କୁଲ, ସମ୍ବଲପୁର ଉପବିଜେତା ସ୍ଥାନ ପାଇଥିଲା। ୨୦୩୬ ଅଲିମ୍ପିକ୍ସ ପାଇଁ ଖେଳାଳିମାନଙ୍କୁ ପ୍ରସ୍ତୁତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବିଜେତା ଏବଂ ମନୋନୀତ ଖେଳାଳିମାନେ ଓଡ଼ିଶା ସରକାରଙ୍କଠାରୁ ତାଲିମ ପାଇବେ। ଅପରାହ୍ନରେ କୁଳପତି ବିଜେତା ଏବଂ ଉପବିଜେତା ମାନଙ୍କୁ ଟ୍ରଫି ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ, ଜନସମ୍ପର୍କ ଅଧିକାରୀ ଡକ୍ଟର ଅତୁଲ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, ଆଥଲେଟିକ୍ ସମ୍ପାଦକ ବିକାଶ ମିଶ୍ର, କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ, ଜିଏମ୍‌ୟୁ କ୍ରୀଡ଼ା ଅଧିକାରୀ ଲିଙ୍ଗରାଜ ବେହେରା ଏବଂ ଦିବ୍ୟାନୀ ଶୁକ୍ଳା ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

**ସମ୍ବଲପୁର, ୨୨।୪ (ସମିସ) :** ବୀର ସୁରେନ୍ଦ୍ର ସାଏ ଷ୍ଟାଡିଅମରେ ଜିଲ୍ଲାସ୍ତରୀୟ ୧୪ ବର୍ଷରୁ କମ୍ ଅନ୍ତଃ କ୍ଲବ ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜିର ମ୍ୟାଚ୍‌ରେ ହୀରାକୁଦ ଆଥଲେଟିକ ଏସୋସିଏସନ ଏବଂ ବ୍ଲୁ ଡାଇମଣ୍ଡ ବିଜୟୀ ହୋଇଛନ୍ତି। ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଓ ଜିଲ୍ଲା କ୍ରୀଡ଼ା ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଆଜି ପୂର୍ବାହ୍ନରେ ବାଳକ ବିଭାଗରେ ହୀରାକୁଦ ଆଥଲେଟିକ ଏସୋସିଏସନ ୨-୧ ଗୋଲରେ ଏମସିସି ଫୁଟବଲ କ୍ଲବକୁ ପରାସ୍ତ କରିଥିଲା। ଅପରାହ୍ନରେ ଆୟୋଜିତ ଦ୍ୱିତୀୟ ମ୍ୟାଚ୍‌ରେ ବ୍ଲୁ-ଡାଇମଣ୍ଡ କ୍ଲବ ୫-୦ ଗୋଲରେ ଅଫତାବ କ୍ଲବକୁ ପରାସ୍ତ କରିଥିଲା। ମ୍ୟାଚ ଗୁଡିକୁ ରେଫରୀ ଭାବେ ପରେଶ ପ୍ରଧାନ, ଭାରତୀ ଓରାମ, ସୁନିତା ଓରାମ, ଅଜୟ ମାଝୀ ଓ ବିଜୟ ଓରାମ ପରିଚାଳନା କରିଥିଲେ। ଅତିଥି ଭାବରେ ବରିଷ୍ଠ ଖେଳାଳି ଅକ୍ଷୟ ପ୍ରଧାନ, ସୁରେନ୍ଦ୍ର ନାୟକ, ପ୍ରେମ ରଞ୍ଜନ ପ୍ରଧାନ, ସମାଜସେବୀ ରାମଦାସ ପଣ୍ଡା, ବିଜେପିର ବରିଷ୍ଠ ନେତା ସୂର୍ଯ୍ୟ ପାଣିଗ୍ରାହୀ, ଜିଲ୍ଲା ଓକିଲ ସଂଘ ସମ୍ପାଦକ ପ୍ରବୀଣ ସିଂଦେଓ, ରାଜେଶ ସେଠ, ସଞ୍ଜୀବ ସେଠ, ଜଗନ୍ନାଥ ଜେନା, ପ୍ରଦୀପ ପଣ୍ଡା, ମହମ୍ମଦ ସରିଫ, ନିରଞ୍ଜନ ମେହେର ଓ ଲକ୍ଷ୍ମଣ ନାଥ ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା କ୍ରୀଡ଼ା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫର, ସୁବାଷ ଚନ୍ଦ୍ର ରାଉତ, ପଦ୍ମନାଭ ନାୟକ, ମହମ୍ମଦ ଜିନ୍ଦା ଓ ମହମ୍ମଦ ବରକତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବଙ୍କ ଭିତ୍ତିଭୂମି ସମୀକ୍ଷା





**ସମ୍ବଲପୁର, ୨୨।୪ (ସମିସ)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶିକ୍ଷା ସଚିବ ଦୁର୍ଗା ପ୍ରସାଦ ମହାପାତ୍ର ଦୁଇଦିନିଆ ସମ୍ବଲପୁର ଜିଲ୍ଲା ପରିଦର୍ଶନରେ ଆସି ଜିଲ୍ଲାରେ ଗୁଣାତ୍ମକ ଶିକ୍ଷାଦାନ, ଶୈକ୍ଷିକ ଭିତ୍ତିଭୂମି, ସମଗ୍ର ଶିକ୍ଷା ଅନ୍ତର୍ଭୁକ୍ତ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା, ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନର ଅଗ୍ରଗତି ତଥା ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ନିମନ୍ତେ ସୁବିଧା ସୁଯୋଗର ବ୍ୟବସ୍ଥା ସମ୍ପର୍କରେ ପ୍ରତ୍ୟକ୍ଷ ନିରୀକ୍ଷଣ ଓ ସମୀକ୍ଷା କରିଥିଲେ। ଅତିରିକ୍ତ ଶିକ୍ଷା ସଚିବ ଶ୍ରୀ ମହାପାତ୍ର ମୁଦିପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ନବନିର୍ମିତ ଶ୍ରେଣୀଗୃହ, ସ୍କୁଲ ପାଠାଗାର, ଭାଷା ଓ ସଂଖ୍ୟା ଜ୍ଞାନର ସ୍ୱତନ୍ତ୍ର ଶ୍ରେଣୀକକ୍ଷ ବୁଲି ଦେଖିବାସହ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିଶୁ ସେବିକାଙ୍କ ସହିତ ଆଲୋଚନା କରିଥିଲେ।

ଜିଲ୍ଲା ସମ୍ବଳ କେନ୍ଦ୍ରରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ସୁବିଧାର ବ୍ୟବସ୍ଥା ଦେଖିବା ସହିତ ଛାତ୍ରଛାତ୍ରୀଙ୍କ ନିମନ୍ତେ କାର୍ଯ୍ୟକାରୀ ହେଉଥିବା କଲ୍ୟାଣକାରୀ ଯୋଜନାର ସମୀକ୍ଷା କରିଥିଲେ। ଏହି ଅବସରରେ ଶ୍ରୀ ମହାପାତ୍ର ବୁଢ଼ାରଜା ହାଇସ୍କୁଲ ଓ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲକୁ ଯାଇ ଗଣିତ ଓ ବିଜ୍ଞାନ ପ୍ରୟୋଗଶାଳା, ବୃତ୍ତିଗତ ଶିକ୍ଷା ଲାଗି ଲ୍ୟାବ୍, ବୋଇଂ ସୁକନ୍ୟା ଅତ୍ୟାଧୁନିକ ଲ୍ୟାବ୍‌ର ପରିଦର୍ଶନ କରିଥିଲେ ଏବଂ ଶିକ୍ଷକ, ପ୍ରଶିକ୍ଷକଙ୍କ ସହ ଆଲୋଚନା କରି ଲ୍ୟାବ୍ ଉପଯୋଗ କରି ଯେପରି ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ହୀରାକୁଦର ମହମ୍ମଦପୁରସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ଛାତ୍ରୀନିବାସକୁ ଯାଇ ସରକାର ଦ୍ୱାରା ପ୍ରଦତ୍ତ ସମସ୍ତ ସୁବିଧା ସୁଯୋଗ ସହାୟତା ପାଇବା ସହ ମନିଟରିଂ ବ୍ୟବସ୍ଥାର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଅତିରିକ୍ତ ଶିକ୍ଷା ସଚିବ କ୍ଷେତ୍ର ପରିଦର୍ଶନ ପରେ ଏକ ବୈଠକରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଅନ୍ୟ ଅଧିକାରୀଙ୍କ ସହ ଜିଲ୍ଲାରେ ସାମଗ୍ରିକ ଶିକ୍ଷାର ଉନ୍ନତି ବିଷୟରେ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ, ଧନକଉଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କରନ ଶର୍ମା, ବୈଷୟିକ ପରାମର୍ଶଦାତା ସୂର୍ଯ୍ୟକାନ୍ତ ବିଶ୍ୱାଳ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମନରେଗା ଶ୍ରମିକଙ୍କୁ ମିଳୁନି ମଜୁରୀ




ବରଗଡ଼, ୨୨।୪(ସମିସ)

ବରଗଡ଼ ଜିଲ୍ଲା ବରଗଡ଼ ବ୍ଲକ କୁରୁଆଁ ପଞ୍ଚାୟତରେ କାମ କରିଥିବା ମନରେଗା ଶ୍ରମିକଙ୍କୁ କାମ କରିବାର ଛଅ ମାସ ପରେ ମଧ୍ୟ ମଜୁରୀ ମିଳିପାରିନାହିଁ। ସରକାରଙ୍କ ଏକ ପ୍ରମୁଖ ଯୋଜନା ମନରେଗା ଯୋଜନା। ଯେଉ ଯୋଜନାର ଲାଭ ସିଧା ସିଧା ଗ୍ରାମୀଣ ଅଞ୍ଚଳର ଶ୍ରମିକଙ୍କୁ ମିଳେ। ବର୍ତ୍ତମାନ ବରଗଡ଼ ଜିଲ୍ଲାର ବରଗଡ଼ ବ୍ଲକ ସମେତ ଜିଲ୍ଲାର ଅନ୍ୟାନ ବ୍ଲକମାନଙ୍କରେ କାମ କରିଥିବା ଶ୍ରମିକଙ୍କୁ ତାଙ୍କର ମଜୁରୀ ଉଚିତ ସମୟ ସିମାରେ ସରକାର ଦେବାରେ ବିଫଳ ହୋଇଛନ୍ତି ଅଭିଯୋଗ ଅନୁସାରେ ବରଗଡ଼ ବ୍ଲକ କୁରୁଆଁ ପଞ୍ଚାୟତର ଶ୍ରମିକ ମାନେ କାମ କରିବାର ଛଅ ମାସରୁ ଉର୍ଦ୍ଧ୍ୱ ସମୟ ପରେ ମଧ୍ୟ ତାଙ୍କର ମଜୁରୀ ପାଇ ପାରିନାହାନ୍ତି ଏବଂ ଏହା କେବଳ ଗୋଟିଏ ବ୍ଲକର ଖବର ନୁହେଁ ଜିଲ୍ଲାର ସବୁ ବ୍ଲକରେ ସମାନ ପରିସ୍ଥିତି। ବିଡ଼ିଓମାନଙ୍କୁ ଜଣାଇଲେ ବିଡ଼ିଓଙ୍କ ଉତ୍ତର କିଛି ମିଳୁନି। ଏହା କେନ୍ଦ୍ରୀୟ ଯୋଜନା ଯାହା ଯେତେବେଳ ସରକାର ପାଣ୍ଠିରେ ରାଶି ଦେବେ ତେବେ ଯାଇ ଶ୍ରମିକଙ୍କ ଖାତାକୁ ପଇସା ଯିବ ବୋଲି କହୁଛନ୍ତି। ବର୍ତ୍ତମାନ କେନ୍ଦ୍ର ଏବଂ ରାଜ୍ୟରେ ଉଭୟ ବିଜେପି ସରକାର ଚଳିତ ବର୍ଷ କେନ୍ଦ୍ର ସରକାର ମନରେଗାରେ ମଜୁରୀ ବାବଦରେ ୧୭, ୭୪୪ କୋଟି ଟଙ୍କା ଜାରି କରିଥିଲେ କିନ୍ତୁ ଏହିଁ ଟଙ୍କା ବର୍ତ୍ତମାନ କୁଆଡେ ଗଲା ଉଚିତ ସମୟରେ ଶ୍ରମିକଙ୍କୁ ତାଙ୍କର ମଜୁରୀ ମିଳିପାରୁନାହିଁ ଛଅ ଛଅ ମାସ ସମୟ ଲାଗୁଛି। ଯଦି ସମସ୍ୟାର ସମାଧାନ ବା ଶ୍ରମିକଙ୍କ ମଜୁରୀ ଦୁଇ ସପ୍ତାହ ମଧ୍ୟରେ ନ ମିଳୁଛି ତେବେ ଆଗାମୀ ଦିନରେ କୁରୁଆଁ ପଞ୍ଚାୟତରେ ମନରେଗାରେ କାମ କରିଥିବା ଶ୍ରମିକମାନେ ବିଡ଼ିଓ ଙ୍କ ଅଫିସ ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି।

## ବରଗଡ଼ରେ ଗ୍ରୀଷ୍ମ ପ୍ରବାହ

# ଆଉ ୩ ଦିନ ପାଇଁ ଶିକ୍ଷାନୁଷ୍ଠାନ ବନ୍ଦ

**ବରଗଡ଼/ପାଇକମାଳ, ୨୨।୪ (ସମିସ):** ଜିଲ୍ଲାରେ ଦିନକୁ ଦିନ ବଢ଼ୁଥିବା ଗ୍ରୀଷ୍ମ ଲହରୀକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟ ଆଦିତ୍ୟ ଗୋୟଲଙ୍କ ଆଦେଶ ଅନୁଯାୟୀ, ଭାରତୀୟ ଆବହା ଅନୁସନ୍ଧାନ ବିଭାଗ, ଭୁବନେଶ୍ୱରର ତାଜା ପାଣିପାଗ ସୂଚନା ଓ ହିଟ୍‌ୱେଭ୍ ସତର୍କତାକୁ ଆଧାର କରି ଜିଲ୍ଲାର ସମସ୍ତ ଆଙ୍ଗନବାଡ଼ି କେନ୍ଦ୍ର, ସ୍କୁଲ, କଲେଜ ଓ ପ୍ରାଯୁକ୍ତିକ ଶିକ୍ଷାନୁଷ୍ଠାନକୁ ତିନି ଦିନ ପାଇଁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଜାରି ହୋଇଛି।ଏହି ଆଦେଶ ଅନୁଯାୟୀ, ୨୩ ଏପ୍ରିଲ ଠାରୁ ୨୫ ଏପ୍ରିଲ ଶନିବାର ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ତେବେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷାମାନଙ୍କୁ ଏହି ବନ୍ଦରୁ ଅପରିବର୍ତ୍ତିତ ରଖାଯାଇଛି ବୋଲି ଆଦେଶରେ ସ୍ପଷ୍ଟ କରାଯାଇଛି। ପ୍ରଶାସନ କହିଛି ଯେ, ଅସହ୍ୟ ତାପମାତ୍ରା ଓ ଗୁଳୁଗୁଳି ପରିସ୍ଥିତିରେ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡୁଥିବାରୁ ଏହି ପଦକ୍ଷେପ ନିଆଯାଇଛି। ଏହା ସହିତ ସମ୍ପର୍କିତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଓ ସଚେତନତା ବୃଦ୍ଧି ପାଇଁ ନିର୍ଦ୍ଦେଶ ଦିଆଯାଇଛି।ଏହି ଆଦେଶର ପ୍ରତି ଉପଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତି କାନ୍ତ ସାହୁ, ସମସ୍ତ ବିଡିଓ, ବିଦ୍ୟାଳୟ ପ୍ରଧାନ ଓ ସମ୍ପର୍କିତ ବିଭାଗମାନଙ୍କୁ ପଠାଯାଇଛି। ତଦୁପରି, ଆବଶ୍ୟକ ସୂଚନା ପାଇଁ ଡିଆଇପିଆରଓ, ଆର୍ଡିସି (ଉତ୍ତର ଡିଭିଜନ), ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ମଧ୍ୟ ଅବଗତ କରାଯାଇଛି। ଜନସାଧାରଣଙ୍କୁ ତୀବ୍ର ଗ୍ରୀଷ୍ମରୁ ସତର୍କ ରହିବାକୁ, ଅତ୍ୟାବଶ୍ୟକ ଛାଡ଼ି ବାହାରକୁ ନ ଯିବାକୁ ଓ ପ୍ରଚୁର ପାଣି ପିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ସଂସ୍କୃତକୁ ବାଧ୍ୟତାମୂଳକ କରାଯାଉ

**ବରଗଡ଼, ୨୨।୪(ସମିସ):** ସଂସ୍କୃତ ଭାଷା ହେଉଛି ଭାରତୀୟ ସଂସ୍କୃତିର ମୂଳ ଆଧାର। ଏହି ଭାଷା ପ୍ରତିଟି ଭାରତୀୟ ଜାଣିବା ଉଚିତ୍। ବରଗଡ଼ ବ୍ଲକ ଡାଙ୍ଗଠାରେ ସଂସ୍କୃତ ସୁରକ୍ଷା ମଞ୍ଚର ଏକ ବୈଠକରେ ଏହି ମତ ପ୍ରକାଶ ପାଇଛି। ଏହି ବୈଠକରେ ରାଜ୍ୟ ସଂସ୍କୃତ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ପଣ୍ଡିତ ଗୋପବନ୍ଧୁ ପୁରୋହିତ, ବରଗଡ଼ ଜିଲ୍ଲା ସଂସ୍କୃତ ଶିକ୍ଷକ ସଂଘର ସମ୍ପାଦକ ଅଗସ୍ତି ପ୍ରଧାନ, ଉପ ସଭାପତି ଦୟା ସାଗର ସାହୁ, ବରିଷ୍ଠ ସଦସ୍ୟ ବୃନ୍ଦାବନ ଠେଠୁଆର, କିରଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସଂସ୍କୃତ ଭାଷାର ସ୍ଥିତି ସମୀକ୍ଷା କରି ଅତିଥିଗଣ ଗଭୀର କ୍ଷୋଭ ପ୍ରକାଶ କରିଥିଲେ। ଉଚ୍ଚ ବିଦ୍ୟାଳୟସ୍ତରରେ ନୈତିକ ମୂଲ୍ୟବୋଧ ବୃଦ୍ଧି ଓ ଛାତ୍ରଛାତ୍ରୀଙ୍କ ମାନସିକ ଚାପମୁକ୍ତ ପାଇଁ ସଂସ୍କୃତ ଭାଷା ଶିକ୍ଷାଦାନର ନିହାତି ଆବଶ୍ୟକତା ରହିଛି; କିନ୍ତୁ ହାଇସ୍କୁଲସ୍ତରରେ ସଂସ୍କୃତ ଭାଷା ଇଚ୍ଛାଧୀନ ବିଷୟ ଭାବେ ରହିଛି। ସଂସ୍କୃତ ଭାଷା ସୁରକ୍ଷା ବିନା ଭାରତୀୟ ସଂସ୍କୃତି ମଧ୍ୟ ଅସମ୍ପୂର୍ଣ୍ଣ। ହାଇସ୍କୁଲ ଶିକ୍ଷା ବ୍ୟବସ୍ଥାରେ ସଂସ୍କୃତ ଭାଷାକୁ ବାଧ୍ୟତାମୂଳକ କରିବା ପାଇଁ ସରକାରୀସ୍ତରରେ ପଦକ୍ଷେପ ଗ୍ରହଣ କରାଯିବା ସକାଶେ ରାଜ୍ୟ ସରକାରଙ୍କୁ ମଞ୍ଚ ପକ୍ଷରୁ ଦାବି ଉପସ୍ଥାପନ କରାଯିବା ପାଇଁ ନିଷ୍ପତ୍ତି ଗୃହୀତ ହୋଇଛି। ଏହା ଦ୍ୱାରା ଭାରତୀୟ ସଂସ୍କୃତି ସୁରକ୍ଷିତ ରହି ପାରିବ ବୋଲି ମଞ୍ଚ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ମଞ୍ଚର ଆବାହକ କପିଳେଶ୍ୱର ବାଗ ସଂଯୋଜନା କରିଥିଲେ।

# ଭାର୍ଗବୀ ଆଚାର୍ଯ୍ୟଙ୍କ ପରଲୋକ

**ସୋହେଲା, ୨୨।୪(ସମିସ):** ସୋହେଲା ନିକଟସ୍ଥ ଗର୍ଭଣା ଗ୍ରାମର ଭାର୍ଗବୀ ଆଚାର୍ଯ୍ୟଙ୍କ ୯୪ ବର୍ଷ ବୟସରେ ମଙ୍ଗଳବାର ଦେହାନ୍ତ ହୋଇଯାଇଛି। ତାଙ୍କର କନିଷ୍ଠ ପୁତ୍ର ଜଣାଶୁଣା ବ୍ୟଙ୍ଗ କବି ତଥା ବରିଷ୍ଠ ଆଇନଜୀବୀ ନୀତିଶ ଚନ୍ଦ୍ର ଆଚାର୍ଯ୍ୟଙ୍କ ମାତା ଭାର୍ଗବୀ ଦେବୀ ଗତକିଛି ଦିନ ହେବ ଅସୁସ୍ଥ ଥିଲେ। ମଙ୍ଗଳବାର ରାତି ପ୍ରାୟ ୯ଟା ୩୦ମିନିଟ ସମୟରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁ ଶଯ୍ୟା ପାଖରେ ଜ୍ୟେଷ୍ଠ ପୁତ୍ର ବରିଷ୍ଠ ଆଇନଜୀବୀ ରତିଶ ଚନ୍ଦ୍ର ଆଚାର୍ଯ୍ୟ, ଝିଅ, ବୋହୂ, ଙ୍ଗାଇଁ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ତାଙ୍କର ମୃତ୍ୟୁ ଖବର ପାଇଁ ବରିଷ୍ଠ ଆଇନଜୀବୀ ଦ୍ୟୁତିଶ ଆଚାର୍ଯ୍ୟ, ବିଜେଡି ନେତା ସୁଶାନ୍ତ ମିଶ୍ର, ସମାଜସେବୀ ତଥା ନିଷ୍ଠା ପରିବାର ଅଶ୍ୱିନୀ ତ୍ରିପାଠୀ, ସଂକଳ୍ପ ପରିବାରରୁ ବିକାଶ ଅଗ୍ରୱାଲ, ଦିଲୀପ ସାହୁ, ଗିରିଜା ଶଙ୍କର ଆଚାର୍ଯ୍ୟଙ୍କ ସମେତ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ତାଙ୍କ ମର ଶରୀରକୁ ଗ୍ରାମର



ସ୍ମଶାନକୁ ନିଆ ଯାଇଥିଲା ସେଠାରେ ପୁଅ ନୀତିଶ ଆଚାର୍ଯ୍ୟ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ, ବରିଷ୍ଠ ବିଜେଡି ନେତା ସୁବ୍ରତ ସିଂ ପୂର୍ବତନ ମନ୍ତ୍ରୀ ପ୍ରକାଶ ଦେବତା, କଂଗ୍ରେସ ନେତା ପ୍ରଦୀପ ଦେବତା, ନିସ୍ୱନ ଦାଶ, ଆଜାଦ ଗୌରବ ପତି, ବାବୁଲୁ ଦେବତା, ବିଜେପି ନେତା ମହମ୍ମଦ ଇମରାନ ଭୋପଲା, ସାମ୍ବାଦିକ ସତ୍ୟଜିତ ପଧାନ, ଅଭିମନ୍ୟୁ ସାହିତ୍ୟ ସଂସଦ ତରଫରୁ ସମ୍ପାଦକ ସୁଶାନ୍ତ ମିଶ୍ର ଏବଂ ଅଶୋକ ପୂଜାହାରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକଟ କରିଛନ୍ତି।

## ଜାମପାଲି ଛକରେ ଜଳଛତ୍ର

# ପଥିକଙ୍କ ତୃଷ୍ଣା ମେଣ୍ଟାଉଛନ୍ତି ବୃଦ୍ଧ ଦମ୍ପତି



**ମେଲଛାମୁଣ୍ଡା, ୨୨।୪(ସମିସ):** ପ୍ରଚଣ୍ଡ ଖରା ଓ ଝାଞ୍ଜି ପବନ ଭିତରେ 'ଅମୃତ' ବାଣ୍ଟୁଛନ୍ତି ମେଲଛାମୁଣ୍ଡା ଥାନା ସାଲେପାଲି ପଞ୍ଚାୟତ ଜାମପାଲି ଗ୍ରାମର ଦିପ୍ତୀ ବରିହା ଦମ୍ପତି। ଜାମପାଲି ଛକରେ ଦମ୍ପତିଙ୍କ ମାନବିକତା ସମସ୍ତଙ୍କ ପାଇଁ ଉଦାହରଣ ସାଜିଛି। ପ୍ରଖର ଖରା ଓ ଝାଞ୍ଜି ପବନର ପ୍ରଭାବରେ ଯେତେବେଳେ ରାସ୍ତାଘାଟ ନିଛାଟିଆ ହୋଇପଡୁଛି, ସେତେବେଳେ ସୋହେଲା-ପଦ୍ମପୁର ବିଜୁ ଏକ୍ସପ୍ରେସ ୱେ କଡ଼ରେ ଥିବା ଜାମପାଲି ଛକ ନିଆରା ପୁଣ୍ୟକ୍ଷେତ୍ର ପାଲଟିଛି। ଗତ ସାତବର୍ଷ ଧରି ଏଠାରେ ଜାମପାଲି ଗ୍ରାମର ୬୧ ବର୍ଷୀୟ ଦିପ୍ତୀ ବରିହା ନିଜ ପତ୍ନୀଙ୍କ ସହ ମିଶି ଯେଉଁ 'ଜଳଛତ୍ର'ସେବା ଜାରି ରଖିଛନ୍ତି। ତାହା ବାଟୋଇଙ୍କ ପାଇଁ ସତରେ ଅମୃତ ସଦୃଶ ହୋଇଛି। ଜଳଛତ୍ର ଆଖପାଖ ଅଞ୍ଚଳରେ ପାଣିର ଅଭାବ ଏକ ବଡ଼ ସମସ୍ୟା। ମାତ୍ର ଏହାକୁ ବାଧା ନମାନି, ଦିପ୍ତୀ ନିଜ ପତ୍ନୀଙ୍କ ସହିତ ପ୍ରତିଦିନ ଏକ କିଲୋମିଟର ଦୂରରୁ ପାଣି ବୋହି ଆଣି ପଥିକଙ୍କ ତୃଷ୍ଣା ମେଣ୍ଟାଇ ଆସୁଛନ୍ତି। ବାଟୋଇଙ୍କୁ ଥଣ୍ଡା ପାଣି ଯୋଗାଇବା ପାଇଁ ସେ ଆପଣାଇଛନ୍ତି ନିଆରା ପଦ୍ଧତି। ଦିପ୍ତୀ ସାଧାରଣତଃ ମାଠିଆ କିମ୍ବା ପ୍ଲାଷ୍ଟିକ ଡ୍ରମ ବ୍ୟବହାର ନକରି, ଶହ ଶହ ପାଣି ବୋତଲକୁ ସୁନ୍ଦର ଭାବରେ ଅଖାରେ ଗୁଡ଼ାଇ ସୁଦୃଶ୍ୟ ଜାମୁଡାଳି ତଳେ ଝୁଲାଇ ରଖିଛନ୍ତି। ଏହି କାର୍ଯ୍ୟରେ ଦିପ୍ତୀଙ୍କୁ ତାଙ୍କ ପତ୍ନୀ ପୂର୍ଣ୍ଣ ସମର୍ଥନ କରଉଛନ୍ତି।ବାଟୋଇଙ୍କ ତୃପ୍ତ ମୁହଁର ହସ ହିଁ ସେମାନଙ୍କ ପାଇଁ ସର୍ବଶ୍ରେଷ୍ଠ ଉପହାର ବୋଲି ଦିପ୍ତୀ କହିଛନ୍ତି।

# ବିକାଶ ଇଂଜିନିୟରିଂ କଲେଜ୍‌ରେ ବିଦାୟକାଳୀନ ସମ୍ବର୍ଦ୍ଧନା



**ବରଗଡ଼, ୨୨।୪(ସମିସ):** ବରଗଡ଼ସ୍ଥିତ ବିକାଶ ହାୟର ଏଜୁକେସ୍ନାଲ ଇନ୍‌ଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜୀରେ ବିଟେକ୍ ଓ ଇଂଟିଗ୍ରେଟେଡ୍ ଏମଏସ୍‌ସିର ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ 'ମେମୋରେବିଲିଆ' ବିଦାୟସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିକାଶ ହାୟର ଏଜୁକେସ୍ନାଲ୍ ଇନ୍‌ଷ୍ଟିଚ୍ୟୁସନ୍ସର ଚେୟାରମ୍ୟାନ୍ ଡି. ନାଗେଶ୍ୱର ରାଓ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଦାୟୀ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ କଠିନ ପରିଶ୍ରମ, ନିଷ୍ଠା ଓ କାର୍ଯ୍ୟକୁଶଳତା ମାଧ୍ୟମରେ ଏକ ସଫଳ ଯନ୍ତ୍ରୀ ଓ ଉଦ୍ୟୋଗୀ ହେବା ପାଇଁ ପରାମର୍ଶ ଦେଇଥିଲେ। ବିକାଶ ହାୟର ଏଜୁକେସ୍ନାଲ୍ ଇନ୍‌ଷ୍ଟିଚ୍ୟୁସନ୍ସର ଚିଫ୍ ଏଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ଙ୍ଗ ଅଜୟ କୁମାର ମହାପାତ୍ର ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜୀର ଅଧ୍ୟକ୍ଷ ଡ. ପୁର୍ଣ୍ଣେନ୍ଦୁ ମିଶ୍ର ଛାତ୍ରଛାତ୍ରୀଙ୍କ ଦକ୍ଷତା ମାଧ୍ୟମରେ ଉତ୍କର୍ଷ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଯୋଗଦାନ ପାଇଁ ଆହ୍ୱାନ ଦେଇଥିଲେ। ବିକାଶ ପୋଲିଟେକ୍ନିକ୍‌ର ଅଧ୍ୟକ୍ଷ ଡ. ଦିଲିପ ଖମାରୀ ସାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିକାଶ ହାୟର ଏଜୁକେସ୍ନାଲ ଇନ୍‌ଷ୍ଟିଚ୍ୟୁସନ୍ସର ସିନିୟର ଏଡ୍‌ଭାଇଜର, ସମସ୍ତ ଅଧ୍ୟକ୍ଷ, ଅଧ୍ୟକ୍ଷା, ଡାନ୍ (ଷ୍ଟୁଡେଣ୍ଟ ଏଫେୟାର୍) ଓ ଉପାଧ୍ୟକ୍ଷ ଉପସ୍ଥିତ ରହି ବିଦାୟୀ ଛାତ୍ରଛାତ୍ରୀଙ୍କ ସଫଳ ଭବିଷ୍ୟତ କାମନା କରିଥିଲେ। ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ତୃତୀୟ ବର୍ଷର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶେଷ ବର୍ଷର ୧୧ଜଣ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବର୍ଗରେ ଉତ୍କର୍ଷତା ପାଇଁ ଅତିଥିମାନଙ୍କଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଭୁକ୍ତା ସାପ୍ତାହିକ ବଜାରରେ ବଢୁଛି ଚୋରି

# ଚିନ୍ତାରେ ବ୍ୟବସାୟୀ ଓ ଜନସାଧାରଣ

**ଅମ୍ବାଭୋନା ୨୨। ୪(ସମିସ):** ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକ ଭୁକ୍ତା ବୁଧବାର ସାପ୍ତାହିକ ବଜାରରେ ଦିନକୁ ଦିନ ପକେଟମାର ଓ ମୋବାଇଲ ଚୋରିବଢୁଥିବାରୁ ସ୍ଥାନୀୟ ଜନସାଧାରଣ ଓ ବ୍ୟବସାୟୀଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ସୃଷ୍ଟି ହେଉଛି।ଏହି ବଜାରକୁ ବରଗଡ଼ ଜିଲ୍ଲା ସହ ଏକାଧିକ ପଡୋଶୀ ରାଜ୍ୟ ଛତିଶଗଡ଼ରୁ ମଧ ବହୁ ସଂଖ୍ୟକ ବ୍ୟବସାୟୀ ଓ ଗ୍ରାହକ ଆସୁଥିବାରୁ ବଜାର ସଦା ଜନଗହଳିପୂର୍ଣ୍ଣ ରହୁଛି।ଭିଡ଼ରେ ସୁଯୋଗ ନେଇ ଅସାମାଜିକ ବ୍ୟକ୍ତିମାନେ ଚତୁରତାର ସହିତ ମୋବାଇଲ ଓ ଟଙ୍କା ଚୋରି କରୁଥିବା ଅଭିଯୋଗ ହେଉଛି।ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପ୍ରତ୍ୟେକ ବୁଧବାର ବଜାର ଦିନରେ ପ୍ରାୟ ୧୦ରୁ ୧୫ଟି ପର୍ଯ୍ୟନ୍ତ ଚୋରି ଘଟଣା ଘଟୁଛି।ବ୍ୟବସାୟୀମାନେ ମଙ୍ଗଳବାର ରାତିରୁ ଆସି ବଜାରରେ ରହୁଥିବା ବେଳେ ସେମାନଙ୍କ ସୁରକ୍ଷା ଓ ବଜାର ସମୟରେ ଜନସାଧାରଣଙ୍କ ସୁରକ୍ଷାକୁ ନେଇ ଗଭୀର ପ୍ରଶ୍ନ ଉଠୁଛି।ଏହା ସହିତ ଅମ୍ବାଭୋନା ଥାନାରେ ଲିଖିତ ଅଭିଯୋଗ ହେଉଥିଲେ ମଧ ପୁଲିସ ପକ୍ଷରୁ କୌଣସି ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁନଥିବାରୁ ଜନସାଧାରଣଙ୍କ ମଧ୍ୟରେ ପୁଲିସ ଉପରେ ଆସ୍ଥା କମିଯାଉଛି।ଅନ୍ୟପଟେ, ବଜାର ନିୟନ୍ତ୍ରଣ କମିଟି ବ୍ୟବସାୟୀଙ୍କ ଠାରୁ ରୋୟାଲଟି ଆଦାୟ କରୁଥିବା ସତ୍ତ୍ୱେ ସୁରକ୍ଷା ବ୍ୟବସ୍ଥାରେ କୌଣସି ପ୍ରଭାବଶାଳୀ ପଦକ୍ଷେପ ନେଉନଥିବା ଅଭିଯୋଗ ମଧ ଉଠୁଛି। ଯଦି ଏପରି ଚୋରି ଘଟଣା ଜାରି ରହେ, ତେବେ ଭୁକ୍ତା ସାପ୍ତାହିକ ବଜାରର ମର୍ଯ୍ୟାଦା ଓ ବ୍ୟବସାୟ ଉପରେ କୁପ୍ରଭାବ ପଡ଼ିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।ସେହିପରିସ୍ଥିତିରେ, ସ୍ଥାନୀୟ ଲୋକମାନେ ବରଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନା ଓ ବଜାର ନିୟନ୍ତ୍ରଣ କମିଟିଙ୍କୁ ଶୀଘ୍ର ଦୃଷ୍ଟି ଦେଇ ବ୍ୟାପକ ପୁଲିସ ମୁତୟନ, ସିସିଟିଭି ସୁବିଧା ଓ କଠୋର ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି।।

# ମେ ୯ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ବରଗଡ଼, ୨୨।୪(ସମିସ):** ବରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲାର ବରଗଡ଼, ପଦ୍ମପୁର, ସୋହେଲା, ବରପାଲି, ଭେଡେନ, ଅତାବିରା ଓ ବିଜେପୁର ଅଦାଲତ ପରିସରରେ ଆସନ୍ତା ମେ ମାସ ୯ ତାରିଖ (ଶନିବାର) ଦିନ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତକୁ ଜାତୀୟ ଆଇନ ସେବା ପ୍ରାଧୁକରଣ, ଦିଲ୍ଲୀ ଓ ରାଜ୍ୟ ଆଇନ ସେବା ପ୍ରାଧୁକରଣ, କଟକ ଙ୍କ ନିର୍ଦ୍ଦେଶାନୁସାରେ ଆୟୋଜନ କାରାଯାଉଛି। ଏଥିରେ ଦାଖଲ ହୋଇଥିବା ଓ ପ୍ରି-ଲିଟିଗେସନ ମାମଲାଗୁଡିକୁ ସମ୍ମତିଭିତିକ ଭାବରେ ସମାଧାନ କରାଯିବ। ଏହି ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧିନ ମକଦମା ଯଥା ଫୌଜଦାରୀ ( ସାଲିସ ଯୋଗ୍ୟ), ଚେକ ବାଉନସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ବିବାଦ, ଲୋକ ସେବା ସମ୍ବନ୍ଧୀୟ ମାମଲା, ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ପାରିବାରିକ ବିବାଦ, ଜମି ଅଧିଗ୍ରହଣ, ଚାକିର ସମ୍ବନ୍ଧୀୟ (ପେନସନ), ରାଜସ୍ୱ ମାମଲା, ମୋଟର ଯାନ ଅଧିନିୟମ ମାମଲା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲାର ବିଚାର ହେବ। ଲୋକ ଅଦାଲତରେ ମଦଦ୍ଦମା ଅବା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼ିବ ନାହିଁ। ଲୋକ ଅଦାଲତଙ୍କକ ରାୟ ବୈଧ ଓ ଚୂଡାନ୍ତ। ଦୀର୍ଘଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହା ଏକ ସୁଯୋଗ। ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧୁକରଣ, ବରଗଡ଼ ବା ତାଲୁକ ଆଇନସେବା କାର୍ଯ୍ୟାଳୟ ପଦ୍ମପୁର, ସୋହେଲା, ବରପାଲି ଓ ଭେଡେନ ସହିତ ଯୋଗାଯୋଗ କରିବାକକୁ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ଅନୁରୋଧ କରିଛନ୍ତି।

## ଉପାନ୍ତ ଅଞ୍ଚଳରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

# ଅମ୍ବାଭୋନା ଡାକ୍ତରଖାନାରେ ଡାକ୍ତର ଅଭାବ

**ଅମ୍ବାଭୋନା ୨୨। ୪(ସମିସ):** ଅମ୍ବାଭୋନା ଡାକ୍ତରଖାନାରେ ଦୀର୍ଘଦିନ ଧରି ଡାକ୍ତର ଅଭାବ ଯୋଗୁଁ ସ୍ଥାନୀୟ ଲୋକଙ୍କ ସମସ୍ୟା କହିଲେ ନ ସରେ। ଏହାକୁ ନେଇ ଯୁବ କଂଗ୍ରେସ ନେତା ତଥା ସମାଜସେବୀ ସଞ୍ଜୟ ବର୍ଗତି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଅମ୍ବାଭୋନା ପଞ୍ଚାୟତ ଅଧୀନରେ ଥିବା ସନ୍ଥରା, ମୁଣ୍ଡକଟି, ବାଞ୍ଜିପାଲି, ବୁଗବୁଗି, ବୁଢିପାଲି, କୁଠାରପାଲି, ସମ୍ବଲପୁରୀ ଓ ଅମ୍ବାଭୋନା ସହିତ ଅନେକ ଗ୍ରାମର ଲୋକମାନେ ଏହି ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଡାକ୍ତର ଅଭାବ ଯୋଗୁଁ ସାଧାରଣ ଚିକିତ୍ସା ସୁବିଧା ମଧ ଠିକ ଭାବେ ମିଳୁନାହିଁ। ଡାକ୍ତରଖାନାରେ କେବଳ ନାମମାତ୍ର କର୍ମଚାରୀ ଥିବାରୁ, ସାମାନ୍ୟ ଜ୍ୱର କିମ୍ବା



ଅନ୍ୟାନ୍ୟ ରୋଗ ହେଲେ ମଧ ରୋଗୀମାନଙ୍କୁ ଭୁକ୍ତା ମୁଖ୍ୟ ଡାକ୍ତରଖାନାକୁ ଯିବାକୁ ପଡୁଛି ବୋଲି ଅଭିଯୋଗ ହୋଇଛି।ଏହାସହ ଆପତ୍କାଳୀନ ସମୟରେ ମଧ ଯଥେଷ୍ଟ ଚିକିତ୍ସା ସୁବିଧା ମିଳୁନଥିବାରୁ ଲୋକମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସଞ୍ଜୟ ବର୍ଗତି ତାଙ୍କ ଅଭିଯୋଗରେ ଅମ୍ବାଭୋନା ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି ସହିତ ୨୪ ଘଣ୍ଟିଆ ଚିକିତ୍ସା ସେବା ଯୋଗାଇବା ପାଇଁ ଦାବୀ କରିଛନ୍ତି। ଯଦି ଶୀଘ୍ର ସମସ୍ୟାର ସମାଧାନ ନହୁଏ, ତେବେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଆମ୍ବେଦକର ଜୟନ୍ତୀ

**ଅମ୍ବାଭୋନା, ୨୨।୪(ସମିସ):** ଆମ୍ବାଭୋନା ବ୍ଲକ ଘୁଘୁରାପାଲିର ଡ. ବି.ଆର୍. ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟ ତରଫରୁ ବାବାସାହେବ ଡ. ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଛି। କେଶରୀ ଚୌହାନ ଏଥିରେ ସଭାପତିତ୍ୱ କରିଥିଲେ। ଜିଲ୍ଲା ଅଡିଟ୍ ଅଧିକାରୀ ଫଣୀନ୍ଦ୍ର ତାଣ୍ଡି, ବଳରାମ ଦରଦମେଘ, ଦିଲ୍ଲୀପ ରଣବୀଡ଼ା, ଭାସ୍କର ଗର୍ଡ଼ିଆ, ପ୍ରଦୀପ ଦୀପ, ଜୁହାରି ସିଂହ, ମୋତିଲାଲ ଦେହେରି, ସାଲେକ୍ ରାମ କଳିହାରି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରକାଶ ଦେହେରୀ, ମଣି ଦେହେରୀ, ଶିକ୍ଷୟିତ୍ରୀ ଡଲି ମଲ୍ଲିକ, ଦୀପ୍ତି ରଣବୀର, ବୃନ୍ଦାବତୀ ଛତର, ମାଧବୀ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। ଟେକଚାନ୍ଦ ଦେହେରୀ ମଞ୍ଚ ପରିଚାଳନା କରିଥିଲେ।

## ସିଏମ୍ ଟ୍ରଫି ଜୁନିଅର୍ ଫୁଟବଲ୍ ପ୍ରତିଯୋଗିତା

# ବାଳକରେ ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ୍, ବାଳିକାରେ କଦଳୀପାଲି ଚାମ୍ପିଅନ୍




ବରଗଡ଼, ୨୨।୪(ସମିସ)

ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତଥା ଫୁଟବଲ୍ ଆସୋସିଏସନ୍ ଅଫ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ତଥା ବରଗଡ଼ ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ସ୍ଥାନୀୟ ଲେଂଗୁ ମିଶ୍ର ମିନି ଷ୍ଟାଡିୟମରେ ଆୟୋଜିତ ସିଏମ୍ ଟ୍ରଫି ଜୁନିୟର ଫୁଟବଲର ଦ୍ୱିତୀୟ ସଂସ୍କରଣର ବୁଧବାର ଅନୁଷ୍ଠିତ ବାଳକ ବିଭାଗର ଫାଇନାଲ ମ୍ୟାଚ୍ ବରଗଡ଼ ୟୁନାଇଟେଡ କ୍ଲବ୍ ଓ ଖରମୁଣ୍ଡା ଫୁଟବଲ୍ କ୍ଲବ୍ ମଧ୍ୟରେ ହୋଇଥିଲା। ଉଭୟ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ୧-୧ ଗୋଲରେ ଅମୀମାଂସିତ ରହିଥିଲା, ଫଳରେ ଟ୍ରାଇବ୍ରେକର ସାହାଯ୍ୟ ନିଆଯାଇଥିଲା। ଏଥିରେ ୟୁନାଇଟେଡ ସ୍ପୋର୍ଟସ କ୍ଲବ ଦଳ ୫-୪ ଗୋଲରେ ବିଜୟୀ ହୋଇଥିଲା। ଫାଇନାଲ ଖେଳକୁ ଫାଓର ମାନ୍ୟତା ପ୍ରାପ୍ତ ରେଫରି ପିଙ୍କି ହଂସ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ରାଜେନ୍ଦ୍ର ଭୁଏ ଓ ଝସକେତନ ପ୍ରଧାନ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ଉମାକାନ୍ତ ସାହୁ। ଜିଲ୍ଲା କ୍ରୀଡା ସଂସଦ ଉପ ସଭାପତି ଯୁଗଳ ପ୍ରସାଦ ସିଂଙ୍କ ସଭାପତିତ୍ୱ ଓ ସଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବରଗଡ଼ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଜେତା, ଉପ ବିଜେତା ଓ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାର ବାଳକ ବିଭାଗରେ ୟୁନାଇଟେଡ କ୍ଲବ୍ ଓ ଉପ ବିଜେତା ଖରମୁଣ୍ଡା ଫୁଟବଲ୍ କ୍ଲବ୍ ଓ ବାଳିକା ବିଭାଗରେ କଦଳୀ ପାଲି ଫୁଟବଲ୍ କ୍ଲବ୍ ବିଜେତା ଓ କନବାର ଫୁଟବଲ୍ କ୍ଲବ୍ ଉପବିଜେତା ଭାବରେ ଟ୍ରଫି ସହ ପୁରସ୍କୃତ ହୋଇଥିଲେ। ସେହିପରି ବାଳକ ବିଭାଗରେ ଅନିରୁଦ୍ଧ ପ୍ରଧାନ ଓ ବାଳିକା ବିଭାଗରେ ସ୍ନେହା ଚିର୍କିଆ ଶ୍ରେଷ୍ଠ ଖେଳାଳୀ ଭାବରେ, ବାଳିକା ବିଭାଗରେ ଶ୍ରେଷ୍ଠ ପ୍ରତିଭାବାନ ଖେଳାଳୀ ଭାବରେ ଖୁସି ସେଟ୍ ଓ ବାଳକ ବିଭାଗରେ ଆରବ କୁମ୍ଭାର ଏବଂ ପ୍ରତୀକ ବିଶ୍ୱାଳ, ଫାଇନାଲ ର ଶ୍ରେଷ୍ଠ ଖେଳାଳୀ ଭାବରେ ଭବେଶ ଦୀପ, ଶ୍ରେଷ୍ଠ ରକ୍ଷଣ ଭାଗ ଖେଳାଳି ଭାବରେ ଦେବ ସାହୁ, ଶ୍ରେଷ୍ଠ ସ୍କୋରର ଭାବରେ ତୋଫାନ ନନ୍ଦ ପୁରସ୍କୃତ ହୋଇଥିଲେ। ଆଜିର ଫାଇନାଲ ଖେଳରେ ଅନ୍ୟ ମାନଙ୍କ ମଧ୍ୟରେ ଫାଓ ଉପ ସଭାପତି ରବି ପଣ୍ଡା, ଜିଲ୍ଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର, ଜିଲ୍ଲା କ୍ରୀଡା ଅଧିକାରୀ ଅଭୟ ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଥିଲେ।ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସାଧାରଣ ସମ୍ପାଦକ ଅରୁଣ କୁମାର ମହାନ୍ତି ଓ ପ୍ରଭାତାଦିତ୍ୟ ମିଶ୍ର, କୋଷାଧକ୍ଷ ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର, ଫୁଟବଲ୍ ସମ୍ପାଦକ ସେକ ସବଦର, ଆଉଟଡୋରଗେମ୍ସ ସମ୍ପାଦକ ସୁରେଶ ଦାଶ, ଆଜୀବନ ସଦସ୍ୟ ସୁବ୍ରତ ଚାଟାର୍ଜୀ, ଜ୍ଞାନ ରଞ୍ଜନ ପୂଜାରୀ, ବିକାଶ ବିଶ୍ୱାଳ, କାଳିଆ ପ୍ରଧାନ, ପ୍ରଶାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରରେ ଦୌଡ଼କୁଦ ପ୍ରତିଯୋଗିତା

# ସୌରୀ ନାରାୟଣ ବାରିକ ପ୍ରଥମ

**ଝାରବନ୍ଧ, ୨୨।୪(ସମିସ):** ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅମଠି ପଞ୍ଚାୟତର ଟୁହୁଙ୍ଗିଦାଦର ଗ୍ରାମର ଯୁବ ଧାବକ ସୌରୀ ନାରାୟଣ ବାରିକ ଜିଲ୍ଲା ପାଇଁ ଗୌରବ ଅର୍ଜନ କରିଛନ୍ତି। ଗତ ୧୫ ତାରିଖରେ ରାଉରକେଲାର ବିର୍ଷା ମୁଣ୍ଡା ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ସେ ୪୦୦ ମିଟର ଦୌଡ଼ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ।ସେ ଏହି ଦୂରତାକୁ ୪୧-୩୮ ସେକେଣ୍ଡରେ ଅତିକ୍ରମ କରିଥିଲେ। ଏହି ବିଜୟ ପାଇଁ ସେ ଟ୍ରଫି ସହ ଏକ ବାଇକ୍ ପୁରସ୍କାର ସ୍ୱରୂପ ଅର୍ଜନ କରିଛନ୍ତି। ସୌରୀଙ୍କ ସଫଳତାରେ ଗ୍ରାମବାସୀ ଏବଂ ଝାରବନ୍ଧ ଅଞ୍ଚଳରେ ଖୁସିର ଲହରୀ ଦେଖାଦେଇଛି।ସେ ଆଗାମୀ ଦିନରେ ଜଣେ କୁଶଳ ଧାବକ ହୋଇ ରାଜ୍ୟ ଓ ଜାତୀୟସ୍ତରରେ ନିଜ ପ୍ରତିଭା ପ୍ରଦର୍ଶନ କରିବାର ଆଶା ବ୍ୟକ୍ତ କରିଛନ୍ତି। ଭଲ କୋଚିଂ ସୁଯୋଗ ମିଳିଲେ ନିଶ୍ଚିତ ଭାବେ ଆହୁରି ଉନ୍ନତି କରିପାରିବେ ବୋଲି କହିଛନ୍ତି। ସୌରୀଙ୍କ ସଫଳତା ପାଇଁ ପରେ ବୈତାଳି କ୍ଲଷ୍ଟରର ସିଆରସିସି ଦିବସ କୁମାର ସାହୁ, ଗମ୍ଭୀର ବାଗ ଓ ଅନ୍ୟାନ୍ୟ ସ୍ଥାନୀୟ ବ୍ୟକ୍ତି ବିଶେଷ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

